RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ◆ISSUE-346 ◆BHUBANESWAR ◆WEDNESDAY ◆12 JUNE 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୪୬ ◆ଭୁବନେଶ୍ୱର ◆ବୁଧବାର ◆୧୨ ଜୁନ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦



ବୋପାନ୍ନାଙ୍କୁ ପ୍ୟାରିସ ଅଲିମ୍ପିକ୍ସ ଯୋଗ୍ୟତା

▶କ୍ରୀଡ଼ା ପୃଷ୍ଠାରେ...

**ମୁଖ୍ୟମନ୍ତ୍ରୀ ନାମରେ ବାଜିଲା ମୋହର**

# ମୋହନ ମାଝୀ ସର୍ବସମ୍ମତ

## ଅଭିଜ୍ଞ କନକ, ନବାଗତ ପ୍ରଭାତୀ ଉପମୁଖ୍ୟମନ୍ତ୍ରୀ



■ **ଭୁବନେଶ୍ୱର, ୧୧।୬ (ସମିସ):** ବହୁ କଳ୍ପନାଜଳ୍ପନା ପରେ ଚୂଡ଼ାନ୍ତ ହୋଇଛି ବିଜେପିର ମୁଖ୍ୟମନ୍ତ୍ରୀଙ୍କ ନାମ। କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ ହେବେ ଓଡ଼ିଶାରେ ବିଜେପିର ପ୍ରଥମ ଓ ରାଜ୍ୟର ପଞ୍ଚଦଶ ମୁଖ୍ୟମନ୍ତ୍ରୀ। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଧାୟକ ଦଳ ବୈଠକ ପରେ କେନ୍ଦ୍ର ପ୍ରତିରକ୍ଷାମନ୍ତ୍ରୀ ତଥା ଦଳୀୟ ପର୍ଯ୍ୟବେକ୍ଷକ ରାଜନାଥ ସିଂହ ମୁଖ୍ୟମନ୍ତ୍ରୀ ପଦ ନିମନ୍ତେ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପଦ ନିମନ୍ତେ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ନାମରେ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିବା ଘୋଷଣା କରିଛନ୍ତି।

ଶ୍ରୀ ମାଝୀ କେନ୍ଦୁଝର ଆସନରୁ ଚଳିତ ଥରକୁ ମିଶାଇ ମୋଟ ୪ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ବିରୋଧୀ ଦଳ ମୁଖ୍ୟ ସଚେତକ, ମେଣ୍ଟ ସରକାରରେ ସରକାରୀ ଦଳ ଉପମୁଖ୍ୟ ସଚେତକ ଏବଂ ପିଏସି କମିଟି ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବାର ଅନୁଭବ ତାଙ୍କର ରହିଛି। ସେହିପରି କନକ ବର୍ଦ୍ଧନ ସିଂହଦେଓ ମୋଟ ୬ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ମେଣ୍ଟ ସରକାରରେ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ବିଧାନସଭାରେ ବିଜେପି ବିଧାୟକ ଦଳ ନେତା ସହ ବିଜେପି ରାଜ୍ୟ ସଭାପତି ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ଅପରପକ୍ଷେ ପ୍ରଭାତୀ ପରିଡ଼ା ପ୍ରଥମଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ସେ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ ଭାବରେ କାର୍ଯ୍ୟ କରିଛନ୍ତି।

ମଙ୍ଗଳବାର ବିଜେପିର ▶ପୃଷ୍ଠା-୯

**ବିଧାୟକ ଦଳ ବୈଠକ ପରେ ନାମ ଘୋଷଣା କଲେ ରାଜନାଥ**

**ଆଜି ସକାଳ ସୁଦ୍ଧା ଚୂଡ଼ାନ୍ତ ହେବ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳର ରୂପରେଖ**

## ସରପଞ୍ଚରୁ ସିଏମ୍

ଶିଶୁମନ୍ଦିରର ଗୁରୁଜୀରୁ ସରପଞ୍ଚ ଓ ଏବେ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବାକୁ ଯାଉଛନ୍ତି କେନ୍ଦୁଝରର ବରିଷ୍ଠ ବିଜେପି ନେତା ମୋହନ ଚରଣ ମାଝୀ। କେନ୍ଦୁଝର ଜିଲ୍ଲା ସଦର ଥାନା ଅନ୍ତର୍ଗତ ରାଇକଳା ଗ୍ରାମରେ ୧୯୭୨ ମସିହାରେ ଜନ୍ମ ଗ୍ରହଣ କରିଥିବା ମୋହନ ସ୍ନାତକୋତ୍ତର ପରେ ଆଇନରେ ସ୍ନାତକ ଶିକ୍ଷା ଲାଭ କରିଛନ୍ତି। କିଛି ସମୟ ପାଇଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷାଦାନ କରିବା ପରେ ସେ ରାଜନୈତିକ ଜୀବନରେ ପ୍ରବେଶ କରିଥିଲେ। ପ୍ରଥମେ ସମିତି ସଭ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ ଏବଂ ପରେ ୧୯୯୭ ମସିହାରେ ସରପଞ୍ଚ ଭାବରେ ନିର୍ବାଚିତ ହୋଇଥିଲେ। ୨୦୦୦ ମସିହା ପର୍ଯ୍ୟନ୍ତ ସେ ସରପଞ୍ଚ ଭାବେ ନିଜ ଅଞ୍ଚଳ ପାଇଁ କାର୍ଯ୍ୟ କରିଥିଲେ। ୨୦୦୦ ମସିହା ବିଧାନସଭା ନିର୍ବାଚନରେ କେନ୍ଦୁଝର ଆସନରୁ ବିଜେପି ପ୍ରାର୍ଥୀ ଭାବରେ ସେ ପ୍ରତିଦ୍ୱନ୍ଦ୍ୱିତା କରି କଂଗ୍ରେସର ଜଗଦୀଶ ନାଏକଙ୍କୁ ପ୍ରାୟ ୨୨୧୬୩ଟି ଭୋଟରେ ପରାଜିତ କରି ନିର୍ବାଚିତ ହୋଇଥିଲେ। ଏହାପରେ ୨୦୦୪ ମସିହାରେ ଲଗାତାର ଦ୍ୱିତୀୟ ଥର କେନ୍ଦୁଝରରୁ ବିଧାୟକ ହୋଇଥିଲେ। ଏହି ନିର୍ବାଚନରେ ସେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମାଧବ ସର୍ଦ୍ଦାରଙ୍କୁ ପ୍ରାୟ ୧୧ହଜାରରୁ ଊର୍ଦ୍ଧ୍ୱ ଭୋଟରେ ପରାସ୍ତ ▶ପୃଷ୍ଠା-୯

# ସରକାର ଗଠନ ପାଇଁ ରାଜ୍ୟପାଳଙ୍କ ନିକଟରେ ଦାବି



■ **ଭୁବନେଶ୍ୱର, ୧୧।୬ (ସମିସ):** ବିଜେପି ବିଧାୟକ ଦଳ ନେତା ଭାବେ ନିର୍ବାଚିତ ହୋଇଥିବା ମୋହନ ଚରଣ ମାଝୀ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟି ସରକାର ଗଠନ ପାଇଁ ଦାବି କରିଛନ୍ତି। ଏହି ଅବସରରେ ସେ ତାଙ୍କ ପ୍ରତି ବିଜେପିର ସମସ୍ତ ୭୮ ଜଣ ଓ ୩ ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ରହିଥିବା ଅବଗତ କରିଛନ୍ତି। ୩ ସ୍ୱାଧୀନ ବିଧାୟକ ବିଜେପିକୁ ସମର୍ଥନ କରୁଥିବା ଗୋଟିଏ ପତ୍ର ମଧ୍ୟ ସେ ରାଜ୍ୟପାଳଙ୍କୁ ପ୍ରଦାନ କରିଛନ୍ତି। ସମର୍ଥନ ପତ୍ର ପ୍ରାପ୍ତ ହେବା ପରେ ରାଜ୍ୟପାଳ ବିଜେପିକୁ ସରକାର ଗଠନ କରିବାକୁ ଆମନ୍ତ୍ରଣ କରିଛନ୍ତି। ଆସନ୍ତାକାଲି ଅପରାହ୍ନ ୫ଟାରେ ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ମାଝୀ ମନ୍ତ୍ରିମଣ୍ଡଳ ▶ପୃଷ୍ଠା-୯

# ଶପଥ ସମାରୋହକୁ ନବୀନଙ୍କୁ ନିମନ୍ତ୍ରଣ

## ଯୋଗଦେବେ ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ବହୁ ରାଜ୍ୟ ମୁଖ୍ୟମନ୍ତ୍ରୀ



■ **ଭୁବନେଶ୍ୱର, ୧୧।୬ (ସମିସ):** ବୁଧବାର ଜନତା ମଇଦାନ ଠାରେ ଅନୁଷ୍ଠିତ ହେବାକୁ ଥିବା ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ ଜଣାଇଛି ବିଜେପି। ଆଜି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବିଧାୟକ ସୁରେଶ ପୁଜାରୀ, ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ସଭାପତି ସମୀର ମହାନ୍ତି ପ୍ରମୁଖ ନବୀନ ନିବାସରେ ଶ୍ରୀ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି। ବିଜେପିର ନିମନ୍ତ୍ରଣ ଗ୍ରହଣ କରିବା ସହିତ କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ସହମତି ଜଣାଇଛନ୍ତି ନବୀନ। ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା, ବହୁ କେନ୍ଦ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଯୋଗ ଦେବେ ବୋଲି ସୂଚନା ମିଳିଛି। ▶ପୃଷ୍ଠା-୯






# ଦେଶ ବିଦେଶ



### ୟେମେନ ଉପକୂଳରେ ଡଙ୍ଗା ବୁଡ଼ିଲା

## ୪୯ ମୃତ; ୧୪୦ ନିଖୋଜ

ସନା, ୧୧।୬ (ଏଜେନ୍ସି): ପ୍ରବାସୀଙ୍କୁ ନେଇ ଯାଉଥିବା ଏକ ଡଙ୍ଗା ୟେମେନ ଉପକୂଳରେ ବୁଡ଼ି ଯାଇଛି । ଏହି ଦୁର୍ଘଟଣାରେ ୪୯ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ୩୧ ମହିଳା ଏବଂ ୬ ଶିଶୁ ସାମିଲ ଅଛନ୍ତି । ୧୪୦ ଜଣ ମଧ୍ୟ ନିଖୋଜ ଅଛନ୍ତି । ମିଳିତ ଜାତିସଂଘ (ୟୁଏନ୍)ର ଅନ୍ତର୍ଜାତୀୟ ପ୍ରବାସୀ ସଂଗଠନ (ଆଇଓଏମ) ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି । ଆଇଓଏମ ପକ୍ଷରୁ କୁହାଯାଇଛି ଯେ ଏହି ଡଙ୍ଗା ଆଦେନ ଉପକୂଳରୁ ୩୨୦ କିମି ଦୂର ସୋମାଲିଆର ଉତ୍ତର ଉପକୂଳରୁ ୨୬୦ ସୋମାଲିଆ ଏବଂ ଇଥିଓପିଆ ନାଗରିକଙ୍କୁ ଧରି ବାହାରି ଥିଲା । ମାତ୍ର ଏହା ୟେମେନର ଦକ୍ଷିଣ ଉପକୂଳରେ ବୁଡ଼ି ଯାଇଥିଲା । ଏ ପର୍ଯ୍ୟନ୍ତ ୭୧ ଜଣଙ୍କୁ ଉଦ୍ଧାର କରାଯାଇଛି । ଉପସାଗରୀୟ ଦେଶକୁ କାମ ପାଇଁ ଯିବା ନିମନ୍ତେ ଲୋକେ ଏହି ବିପଜ୍ଜନକ ମାର୍ଗ ଆପଣାଇଥାନ୍ତି । ଏହା ପୂର୍ବରୁ ଗତ ମାସରେ ଆଇଓଏମ ପକ୍ଷରୁ କୁହାଯାଇଥିଲା ଯେ ୟେମେନରେ ଗୃହଯୁଦ୍ଧ ସତ୍ତ୍ୱେ ୨୦୨୧ରୁ ୨୦୨୩ ମଧ୍ୟରେ ପ୍ରବାସୀଙ୍କ ସଂଖ୍ୟା ତିନି ଗୁଣ ବୃଦ୍ଧି ପାଇଛି । ଏହା ୨୭ ହଜାରରୁ ୯୦ ହଜାରରେ ପହଞ୍ଚି ଯାଇଛି । ଏବେ ୟେମେନରେ ପ୍ରାୟ ୩ ଲକ୍ଷ ୯୦ ହଜାର ପ୍ରବାସୀ ରହୁଛନ୍ତି ।

### ମାଲାୱିରେ ବିମାନ ଦୁର୍ଘଟଣା

## ଉପ-ରାଷ୍ଟ୍ରପତିଙ୍କ ସମେତ ୧୦ ମୃତ

ଲିଲଙ୍ଗୱେ, ୧୧।୬ (ଏଜେନ୍ସି): ମାଲାୱିରେ ବଡ଼ ବିମାନ ଦୁର୍ଘଟଣା ଘଟିଛି । ଖରାପ ପାଣିପାଗ ଯୋଗୁଁ ଉପ-ରାଷ୍ଟ୍ରପତିଙ୍କ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜଙ୍ଗଲରେ ଖସି ପଡ଼ିଛି । ଏଥିରେ ଉପ-ରାଷ୍ଟ୍ରପତି ସାଉଲସ ଚିଲିମି (୫୧) ଙ୍କ ସହିତ ୧୦ ଜଣଙ୍କ



ମୃତ୍ୟୁ ହୋଇଛି । ମାଲାୱି ରାଷ୍ଟ୍ରପତି ଲାଜାରସ ଚକୱେରା ମଙ୍ଗଳବାର ଏହି ସୂଚନା ଦେଇଛନ୍ତି । ଜଙ୍ଗଲରୁ ବିମାନର ଅବଶେଷ ମିଳିଛି । ଏହା ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି । ସୂଚନା ଅନୁଯାୟୀ ଉପ-ରାଷ୍ଟ୍ରପତିଙ୍କ ସହିତ ୯ ଜଣ ବ୍ୟକ୍ତି ସୋମବାର ସକାଳ ୯ଟା୧୨ରେ ସେନାର ଏକ ବିମାନରେ ମଜୁଜୁ ସହରକୁ ଯାତ୍ରା କରିଥିଲେ । ମାତ୍ର ଖରାପ ପାଣିପାଗ ଯୋଗୁଁ ବିମାନଟି ଅବତରଣ କରିପାରି ନ ଥିଲା । ତେଣୁ ଏହାକୁ ରାଜଧାନୀ ଲିଲଙ୍ଗୱେକୁ ଫେରି ଆସିବା ପାଇଁ କୁହାଯାଇଥିଲା । ଏହା ପରେ ବିମାନ ଅଚାନକ ରାଡାରରୁ ଗାଏବ ହୋଇଯାଇଥିଲା । ଯୋଗାଯୋଗ କରିବାକୁ ପ୍ରୟାସ କରାଯାଇଥିଲେ ମଧ୍ୟ ତାହା ସଫଳ ହୋଇ ନ ଥିଲା । ତୁରନ୍ତ ସନ୍ଧାନ ଏବଂ ଉଦ୍ଧାରକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହା ପୂର୍ବରୁ କିଛି ଦିନ ତଳେ ଇରାନ ରାଷ୍ଟ୍ରପତି ଇବ୍ରାହିମ ରଇସଙ୍କ ବିମାନ ନିଖୋଜ ହୋଇ ଯାଇଥିଲା । ପରେ ଏହା ଦୁର୍ଘଟଣାର ଶିକାର ହୋଇଥିବା ଜଣା ପଡ଼ିଥିଲା । ଏଥିରେ ରଇସଙ୍କ ମୃତ୍ୟୁ ହୋଇଥିଲା ।

### ବିମାନ ବନ୍ଦରରେ ଧରାପଡ଼ିଲେ ଦୁଇ ମହିଳା

## ଅନ୍ତଃବସ୍ତ୍ରରେ ଲୁଚାଇଥିଲେ ୩୦ କିଲୋ ସୁନା

ମୁମ୍ବାଇ, ୧୧।୬ (ଏଜେନ୍ସି): ମୁମ୍ବାଇ ବିମାନ ବନ୍ଦରରେ ବିଦେଶରୁ ଭାରତ ଆସିଥିବା ଦୁଇ ଜଣ ମହିଳାଙ୍କ ଠାରୁ ବିପୁଳ ପରିମାଣର ସୁନା ଜବତ କରାଯାଇଛି । ଆଫ୍ରିକାରୁ ଆସିଥିବା ଏହି ଦୁଇ ମହିଳା ମୁମ୍ବାଇ ଅନ୍ତର୍ଜାତୀୟ




ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କ ଗତିବିଧିକୁ ନେଇ ବହିଃଶୁଳ୍କ ଅଧିକାରୀଙ୍କ ସନ୍ଦେହ ବଢିଥିଲା । ପରେ ପରେ ସେମାନଙ୍କ ତଲାସୀ ନିଆଯାଇଥିଲା ବେଳେ ଉଭୟ ମହିଳାଙ୍କ ଅନ୍ତଃବସ୍ତ୍ର ଏବଂ ଲଗେଜରୁ ୩୨.୭୯ କିଲୋଗ୍ରାମର ସୁନା ଜବତ କରାଯାଇଥିଲା । ଜବତ ସୁନାର ମୂଲ୍ୟ ପ୍ରାୟ ୧୯.୧୫ କୋଟି ଟଙ୍କା ହେବ ବୋଲି ଜଣେ ଅଧିକାରୀ କହିଛନ୍ତି । ଉଭୟଙ୍କୁ ଗିରଫ କରାଯିବା ସହିତ ବିଭାଗୀୟ ଅଧିକାରୀମାନେ ତଦନ୍ତ ଜାରି ରଖିଛନ୍ତି ।

### ଜୁନ୍ ୨୪ରୁ ଲୋକସଭାର ୮ ଦିନିଆ ସ୍ୱତନ୍ତ୍ର ଅଧିବେଶନ

# ବାଚସ୍ପତି ନିର୍ବାଚନ ସହ ସାଂସଦ ନେବେ ଶପଥ

ନୂଆଦିଲ୍ଲୀ,୧୧।୬(ଏଜେନ୍ସି):

ଆସନ୍ତା ୨୪ ତାରିଖରୁ ଲୋକସଭାର ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବ । ପ୍ରାୟ ୮ ଦିନ ଧରି ଚାଲିବାକୁ ଥିବା ଏହି ଅଧିବେଶନରେ ନବ ନିର୍ବାଚିତ ସାଂସଦଙ୍କ ଶପଥ ଗ୍ରହଣ ସହିତ ଲୋକସଭା ବାଚସ୍ପତିଙ୍କୁ ମଧ୍ୟ ନିର୍ବାଚିତ କରାଯିବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି । ଜୁନ୍



୨୪ ଓ ୨୫ ଦୁଇ ଦିନ ଧରି ସାଂସଦମାନେ ଶପଥ ନେବା ପରେ ଜୁନ୍ ୨୬ରେ ବାଚସ୍ପତି ନିର୍ବାଚନ ହେବ ବୋଲି ସୂଚନା ମିଳିଛି । ଏହି ଅଧିବେଶନର ମୁଖ୍ୟ ଲକ୍ଷ୍ୟ ବାଚସ୍ପତି ନିର୍ବାଚନ ପାଇଁ ଉଦ୍ଦିଷ୍ଟ ରହିଥିବା ବେଳେ ଏନଡିଏ ମେଣ୍ଟର ନେତାମାନଙ୍କ ସର୍ବସମ୍ମତିକ୍ରମେ ନୂଆ ବାଚସ୍ପତିଙ୍କ ନାମ ପ୍ରସ୍ତାବ ଅଣାଯାଇ ତାଙ୍କୁ ନିର୍ବାଚିତ କରାଯିବ ।

ରବିବାର ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ଗତକାଲି କେନ୍ଦ୍ର ମନ୍ତ୍ରିମଣ୍ଡଳର ବିଭାଗୀୟ ଦାୟିତ୍ୱ ବଣ୍ଟନ କରାଯାଇଛି । ୩୦ ଜଣଙ୍କୁ କ୍ୟାବିନେଟ ପାହ୍ୟା ଏବଂ ୫ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ ଦାୟିତ୍ୱ) ସହିତ ଅନ୍ୟ ୩୬ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ ଭାବେ ବିଭିନ୍ନ ବିଭାଗର ଦାୟିତ୍ୱ ଦିଆଯାଇଛି । ତେବେ ବାଚସ୍ପତି ପଦକୁ ନେଇ ଏବେ ମଧ୍ୟ ଏନଡିଏ ମେଣ୍ଟର ବିଭିନ୍ନ ଦଳ ମଧ୍ୟରେ ବୁଝାମଣା ହୋଇପାରି ନଥିବା କୁହାଯାଉଛି । ଏନଡିଏ ମେଣ୍ଟର ଦୁଇ ପ୍ରମୁଖ ଅଂଶୀଦାର ଟିଡିପି ଏବଂ ଜେଡିୟୁ ବାଚସ୍ପତି ପଦବୀ ପାଇଁ ଦାବି କରୁଥିବା ବେଳେ ବିଜେପି ଏହାକୁ ଅନ୍ୟ କୌଣସି ଦଳ ହାତରେ ଦେବାକୁ ଚାହୁଁନାହିଁ । ଏହାମଧ୍ୟରେ ବାଚସ୍ପତି ପଦବୀ ପାଇଁ ବହୁ ନେତାଙ୍କ ନାମ ଚର୍ଚ୍ଚାରେ ରହିଥିଲେ ହେଁ ଆନ୍ଧ୍ର ପ୍ରଦେଶର ଜଣେ ଟାଣୁଆ ବିଜେପି ନେତ୍ରୀ ଭାବେ ଜଣାଶୁଣା ଦଗ୍ଗୁବତୀ ପୁରନ୍ଦେଶ୍ୱରୀଙ୍କ ନାମ ସବୁଠୁ ଆଗରେ ରହିଛି । ପୁରନ୍ଦେଶ୍ୱରୀଙ୍କୁ ବାଚସ୍ପତି କରାଇ ବିଜେପି 'ଡବଲ ଗେମ୍' ଖେଳିବାକୁ ମସୁଧା ଚଳାଇଥିବା ରାଜନୀତିକ ମହଲରେ ଆଲୋଚନା ଚାଲିଛି । ପୁରନ୍ଦେଶ୍ୱରୀ ହେଉଛନ୍ତି ଟିଡିପି ପ୍ରତିଷ୍ଠାତା ଏନଟି ରାମାରାଓଙ୍କ ଦ୍ୱିତୀୟ କନ୍ୟା । ସେ ପୂର୍ବରୁ କଂଗ୍ରେସ ଟିକଟରେ ତିନି ଥର ସାଂସଦ ଭାବେ ନିର୍ବାଚିତ ହୋଇଥିଲା ବେଳେ ମନମୋହନ ସିଂ ସରକାର ସମୟରେ କେନ୍ଦ୍ରରେ ମନ୍ତ୍ରୀ ରହିଆସିଛନ୍ତି ।

ତେବେ ୨୦୧୪ରେ ସେ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେବା ସହିତ ଚଳିତ ନିର୍ବାଚନରେ ରାଜମହେନ୍ଦ୍ରୀ ଲୋକସଭା ଆସନରୁ ବିଜୟୀ ହୋଇଛନ୍ତି । ତାଙ୍କର ଦୃଢ ରାଜନୈତିକ ଦକ୍ଷତା ସହିତ ୫ଟି ଭାଷାରେ ମଧ୍ୟ ଦକ୍ଷତା ରହିଛି ।

## କେନ୍ଦ୍ର ମନ୍ତ୍ରିମଣ୍ଡଳର ୯୯% ମନ୍ତ୍ରୀ କୋଟିପତି

### ଜଣକ ହାରାହାରି ସମ୍ପତ୍ତି ମୂଲ୍ୟ ୧୦୭ କୋଟିରୁ ଅଧିକ









ମୋଦୀ ସରକାରଙ୍କ ତୃତୀୟ ପାଳି ସରକାରରେ ଯେଉଁମାନେ ମନ୍ତ୍ରୀ ଭାବେ ସାମିଲ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ୯୯ ପ୍ରତିଶତ କୋଟିପତି । ହାରାହାରି ଭାବେ ଜଣେ ମନ୍ତ୍ରୀଙ୍କ ସମ୍ପତ୍ତି ମୂଲ୍ୟ ୧୦୮ କୋଟି ଟଙ୍କା ରହିଥିବା ବେଳେ ୬ ମନ୍ତ୍ରୀଙ୍କ ସମ୍ପତ୍ତି ମୂଲ୍ୟ ୧୦୦ କୋଟିରୁ ଅଧିକ ବୋଲି ଏ ସମ୍ପର୍କରେ କରାଯାଇଥିବା ଏକ ବିଶେଷ ଅନୁଧ୍ୟାନ ସୂତ୍ରରୁ ଜଣାପଡ଼ିଛି । 'ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମସ(ଏଡିଆର୍)' ପକ୍ଷରୁ କରାଯାଇଥିବା ଏହି ଅନୁଧ୍ୟାନ ଅନୁସାରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ୭୧ ମନ୍ତ୍ରୀଙ୍କ ମଧ୍ୟରୁ ୭୦ ଜଣ କୋଟିପତି । ଯେଉଁମାନଙ୍କ ବ୍ୟକ୍ତିଗତ ହାରାହାରି ସମ୍ପତ୍ତି ମୂଲ୍ୟ ୧୦୭.୯୪ କୋଟି ଟଙ୍କା । ତେବେ ସବୁ ମନ୍ତ୍ରୀଙ୍କ ମଧ୍ୟରେ ଗ୍ରାମାଞ୍ଚଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଡ. ଚନ୍ଦ୍ରଶେଖର ପେମସାନି ସମ୍ପତ୍ତି ଦୃଷ୍ଟିରୁ ସବୁଠୁ ଆଗରେ ରହିଛନ୍ତି । ତାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୫୭୦୫ କୋଟି ଟଙ୍କା ରହିଛି । ତାଙ୍କ ପଛକୁ ରହିଛନ୍ତି ଟେଲି ଯୋଗାଯୋଗ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ । ତାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୪୨୪.୭୫ କୋଟି ଟଙ୍କା ରହିଥିଲା ବେଳେ ତୃତୀୟ ସ୍ଥାନରେ ଇସ୍ପାତ ମନ୍ତ୍ରୀ ଏଚ ଡି କୁମାରସ୍ୱାମୀଙ୍କ ସ୍ଥାନ ରହିଛି । କୁମାରସ୍ୱାମୀଙ୍କ ସମ୍ପତ୍ତି ମୂଲ୍ୟ ୨୧୭ କୋଟି ରହିଛି । ସେହିପରି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମ୍ପତ୍ତି ମୂଲ୍ୟ ୧୪୪ କୋଟି ଏବଂ ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରୀ ରାଓ ଇନ୍ଦରଜିତ ସିଂଙ୍କ ସମ୍ପତ୍ତି ମୂଲ୍ୟ ୧୨୧ କୋଟି ଟଙ୍କା ରହିଥିବା କୁହାଯାଇଛି ।

## ଦକ୍ଷିଣ କୋରିଆରେ ଅନୁପ୍ରବେଶ କଲା ଉତ୍ତର କୋରିଆ ସେନା

ସିଓଲ, ୧୧।୬ (ଏଜେନ୍ସି): ଉତ୍ତର କୋରିଆ ଏବଂ ଦକ୍ଷିଣ କୋରିଆ ସୀମାରେ ଉତ୍ତେଜନା ବୃଦ୍ଧି ପାଇଛି । ଉତ୍ତର କୋରିଆର ପ୍ରାୟ ୨୦-୩୦ ସୈନିକ ଦକ୍ଷିଣ କୋରିଆ ସୀମାର ୫୦ ମିଟର ଭିତରକୁ ଅନୁପ୍ରବେଶ କରିଛନ୍ତି । ନିଷ୍କ୍ରିୟ ଜୋନ୍‌ରେ ପ୍ରବେଶକୁ ନେଇ ଦକ୍ଷିଣ କୋରିଆ ସେନା ପଡ଼ୋଶୀ ଦେଶର ଯବାନଙ୍କୁ ଚେତାବନୀ ଦେଇଛି ଏବଂ ଗୁଳି ମାଡ଼ କରିଛି । ଦ. କୋରିଆ ଗଣମାଧ୍ୟମ ପକ୍ଷରୁ ଏହି ସୂଚନା ଦିଆଯାଇଛି । ରବିବାର ଏହି ଘଟଣା ଘଟିଥିବାବେଳେ ମଙ୍ଗଳବାର ଏହା ସାମ୍ନାକୁ ଆସିଛି । ଗୁଳିମାଡ଼ ପରେ ଉ. କୋରିଆ ସୈନିକ ନିଜ ଦେଶକୁ ଫେରି ଯାଇଛନ୍ତି । ଦ. କୋରିଆର ଜଏଣ୍ଟ ଚିଫ୍ ଅଫ୍ ଷ୍ଟାଫ କହିଛନ୍ତି ଯେ ପଡ଼ୋଶୀ ଦେଶର ସୈନିକଙ୍କ ପାଖରେ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ସାମଗ୍ରୀ ଥିଲା । ଆଉ କିଛି ଅସ୍ତ୍ରଶସ୍ତ୍ର ଧରି ଦେଶର ସୀମା ଭିତରକୁ ପ୍ରବେଶ କରିଥିଲେ । ଅନ୍ୟପକ୍ଷରେ ଉ.କୋରିଆ ପକ୍ଷରୁ ଏ ନେଇ କୌଣସି ମନ୍ତବ୍ୟ ଆସିନାହିଁ । ଯବାନ ଅଜାଣତରେ ସୀମା ଭିତରକୁ ପ୍ରବେଶ କରିଥିବା କୁହାଯାଉଛି । ସୂଚନାଯୋଗ୍ୟ ଯେ ଦୁଇ ଦେଶର ସୀମାରେ ବିଶ୍ୱରେ ସବୁଠୁ ଅଧିକ ଅସ୍ତ୍ରଶସ୍ତ୍ର ମୁତୟନ କରାଯାଇଛି । ସୀମା ଏବଂ ଏହାର ଆଖପାଖରେ ପ୍ରାୟ ୨୦ ଲକ୍ଷ ମାଇନ୍ସ ବିଛା ଯାଇଛି ।


## ବିଜେପିକୁ ଆରଏସଏସ୍ ପ୍ରମୁଖ ଭାଗବତଙ୍କ ସମାଲୋଚନା

ନାଗପୁର,୧୧।୬(ଏଜେନ୍ସି): ଏଥର ନିର୍ବାଚନ ପ୍ରଚାର ବେଳେ ବିଜେପି ଏବଂ ବିରୋଧୀ ଦଳଗୁଡିକ ପକ୍ଷରୁ ଯେଉଁଭଳି ଆଭିମୁଖ୍ୟ ଗ୍ରହଣ କରାଯାଇଥିଲା ତାହାକୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆରଏସଏସ) ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି । ବିଶେଷକରି ନିର୍ବାଚନ ପ୍ରଚାର ବେଳେ ରାଜନେତାମାନେ ଧର୍ମ ଏବଂ ସଂପ୍ରଦାୟକୁ ନେଇ ସଭା ସମିତିରେ ଯେଉଁଭଳି ଭାଷଣବାଜି କରିଥିଲେ ତାହା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ଆରଏସଏସ୍ ପକ୍ଷରୁ କୁହାଯାଇଛି । ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଆରଏସଏସ୍ ମୁଖପତ୍ର 'ଅର୍ଗାନାଇଜର'ରେ ଏକ ଅଗ୍ରଲେଖରେ ବିଜେପିକୁ ସମାଲୋଚନା କରାଯାଇଥିଲା ବେଳେ ସଂଘ ପ୍ରମୁଖ ମୋହନ ଭାଗବତ ମଧ୍ୟ ଦଳ ପ୍ରତି ଭିନ୍ନ ମନୋଭାବ ପ୍ରଦର୍ଶନ କରିଛନ୍ତି । ସେ କହିଛନ୍ତି ଯେ, ନିର୍ବାଚନ ଏକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ହୋଇପାରେ , କିନ୍ତୁ ଯୁଦ୍ଧ ନୁହେଁ । ହେଲେ ନିର୍ବାଚନ ପ୍ରଚାର ବେଳେ ଉଭୟ ଶାସକ ବିଜେପି ଏବଂ ବିରୋଧୀ ଦଳ ଧାର୍ମିକ ବିଦ୍ୱେଷ ଭିତ୍ତିରେ ପ୍ରଚାର ଅଭିଯାନ କରିଥିଲେ । ଏହାଦ୍ୱାରା ସମାଜରେ ବିଦ୍ୱେଷ ବଢିବା ସହିତ ଏହାର ପ୍ରଭାବ ଖରାପ ପରିସ୍ଥିତି ସୃଷ୍ଟି ହେବ । ମଣିପୁରରେ ସାମାଜିକ ବ୍ୟବସ୍ଥା ଠାରୁ ଆରମ୍ଭ କରି ଆଇନ ଶୃଙ୍ଖଳା ବିପର୍ଯ୍ୟୟ ହୋଇପଡ଼ିଥିଲା ବେଳେ ରାଜନୈତିକ ଦଳ ଏଥିପାଇଁ ଗୁରୁତ୍ୱ ଦେବା ଜରୁରୀ ବୋଲି ମୋହନ କହିଛନ୍ତି ।

### ■ ଚନ୍ଦ୍ରବାବୁ ନାଇଡୁ ଏନଡିଏ ବିଧାୟକ ଦଳ ନେତା ନିର୍ବାଚିତ

## ମୁଖ୍ୟମନ୍ତ୍ରୀ ଭାବେ ଆଜି ନେବେ ଶପଥ

ହାଇଦରାବାଦ,୧୧।୬(ଏଜେନ୍ସି): ତେଲଗୁ ଦେଶମ ପାର୍ଟି (ଟିଡିପି) ସୁପ୍ରିମୋ ଚନ୍ଦ୍ରବାବୁ ନାଇଡୁଙ୍କୁ ଏନଡିଏ ମେଣ୍ଟର ନବ ନିର୍ବାଚିତ ବିଧାୟକମାନେ ମଙ୍ଗଳବାର ବିଧାୟକ ଦଳ ନେତା ନିର୍ବାଚିତ କରିଛନ୍ତି । ସେହି ଅନୁସାରେ ୭୪ ବର୍ଷୀୟ ଚନ୍ଦ୍ରବାବୁ ନାଇଡୁ ବୁଧବାର(ଜୁନ ୧୨) ମଧ୍ୟାହ୍ନରେ





ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି । ଏନଡିଏ ମେଣ୍ଟରେ ସାମିଲ ଥିବା ତେଲୁଗୁ ଦେଶମ ପାର୍ଟି(ଟିଡିପି), ବିଜେପି ଏବଂ ଜନସେନା ଆଦି ପାର୍ଟିର ନିର୍ବାଚିତ ବିଧାୟକମାନଙ୍କୁ ନେଇ ମଙ୍ଗଳବାର ବିଜୟୱାଡାରେ ବିଧାୟକ ଦଳ ବୈଠକ ବସିଥିଲା । ଏଥିରେ ନେତା ଭାବେ ଚନ୍ଦ୍ରବାବୁଙ୍କ ନାମ ପ୍ରସ୍ତାବ ରଖାଯାଇଥିଲା । ଏହାକୁ ମେଣ୍ଟର ଦଳର ନିର୍ବାଚିତ ବିଧାୟକମାନେ ସମର୍ଥନ କରିଥିଲେ । ଏହାପରେ ଶ୍ରୀ ନାଇଡୁ ରାଜ୍ୟପାଳ ଏସ ଅବଦୁଲ ନଜିରଙ୍କୁ ଭେଟି ସରକାର ଗଠନ ପାଇଁ ଦାବି ଜଣାଇଥିଲେ । ଆସନ୍ତାକାଲି ଦିନ ୧୧.୩୦ ମିନିଟ୍‌ରେ ବିଜୟୱାଡା ବିମାନ ବନ୍ଦର ନିକଟରେ ରହିଥିବା କେଶରପାଲି ଆଇଟି ପାର୍କରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ଚନ୍ଦ୍ରବାବୁ ନାଇଡୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବହୁ କେନ୍ଦ୍ରୀୟ ସ୍ତରର ନେତା ଯୋଗ ଦେବେ । ଉଲ୍ଲେଖଯୋଗ୍ୟ ଯେ, ଚଳିତଥର ଅଭିନେତା ପବନ କଲ୍ୟାଣଙ୍କ ଜନସେନା ପାର୍ଟି, ବିଜେପି ଓ ଟିଡିପି ମେଣ୍ଟ କରି ନିର୍ବାଚନ ଲଢିଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀ ଜଗନ ରେଡ୍ଡିଙ୍କ ୱାଇଏସଆର କଂଗ୍ରେସ ଏକାକୀ ନିର୍ବାଚନ ଲଢିଥିଲା । ନିର୍ବାଚନରେ ଏନଡିଏ ମେଣ୍ଟ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ବେଳେ ଟିଡିପି ଏକାକୀ ମଧ୍ୟ ବହୁମତରେ ବିଜୟୀ ହୋଇଥିଲା । ଆନ୍ଧ୍ର ପ୍ରଦେଶର ମୋଟ ୧୭୫ ବିଧାନସଭା ଆସନ ମଧ୍ୟରୁ ଟିଡିପି ଏକାକୀ ୧୩୫ ଆସନ ହାସଲ କରିଛି । ଫଳରେ ଚନ୍ଦ୍ରବାବୁ ନାଇଡୁ କିଛି ବର୍ଷର ବ୍ୟବଧାନରେ ପୁଣି ଆନ୍ଧ୍ର ପ୍ରଦେଶର ନେତୃତ୍ୱ ନେବା ନିଶ୍ଚିତ ହୋଇଛି ।

### ହତ୍ୟା ଅଭିଯୋଗ

## ଅଭିନେତା ଦମ୍ପତି ଗିରଫ

ବେଙ୍ଗାଲୁରୁ, ୧୧।୬ (ଏଜେନ୍ସି): କନ୍ନଡ଼ ଅଭିନେତା ଦର୍ଶନ ଥୁଗୁଦୀପା (୪୭) ଏବଂ ତାଙ୍କ ପତ୍ନୀ ପବିତ୍ରା ଗୌଡ଼ାଙ୍କୁ ମଙ୍ଗଳବାର ଗିରଫ କରାଯାଇଛି । ଏକ ଫାର୍ମାସୀ କମ୍ପାନୀରେ କାମ କରୁଥିବା ଜଣେ ବ୍ୟକ୍ତିଙ୍କ ହତ୍ୟା ମାମଲାରେ ବେଙ୍ଗାଲୁରୁ ପୁଲିସ ଅଭିନେତା ଦମ୍ପତିଙ୍କୁ ଗିରଫ କରିଛି । ଉଭୟଙ୍କୁ ଜେରା ପାଇଁ ମହୀଶୂର ଫାର୍ମହାଉସରୁ ଗିରଫ କରି ବେଙ୍ଗାଲୁରୁ ନିଆଯାଇଛି । ପତିପତ୍ନୀଙ୍କ ବ୍ୟତୀତ ପୁଲିସ ଆଉ ୧୦ ଜଣଙ୍କୁ ମଧ୍ୟ ହେପାଜତକୁ ନେଇଛି । ସୂଚନା ଅନୁଯାୟୀ ଆପାଲୋ ଫାର୍ମାସୀର ଚିତ୍ରଦୁର୍ଗ ଶାଖାରେ କାମ କରୁଥିବା ପୀଡ଼ିତ



ରେଣୁକା ସ୍ୱାମୀ (୩୩)ଙ୍କ ମୃତଦେହ ବେଙ୍ଗାଲୁରୁର ସୁମନହାଲି ପୋଲ ନିକଟରୁ ମିଳିଥିଲା । ଏଠାରେ କୁକୁର ମୃତଦେହକୁ ଭିଡୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ । ଦର୍ଶନଙ୍କ ପତ୍ନୀଙ୍କୁ ରେଣୁକା ଖରାପ ବାର୍ତ୍ତା ପଠାଉଥିଲେ ବୋଲି କୁହାଯାଉଛି । ଏହା ପୂର୍ବରୁ ସୋମବାର ପୁଲିସ ତିନି ଜଣଙ୍କୁ ପଚରାଉଚୁରା କରିଥିଲା । ଏମାନେ ଦର୍ଶନଙ୍କ କଥାରେ ରେଣୁକାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ । ପୁଅ ନିଖୋଜ ହେବାକୁ ନେଇ ରେଣୁକାଙ୍କ ମାଆ ଗତ ୯ ତାରିଖରେ ଦର୍ଶନଙ୍କ ବିରୋଧରେ ଏତଲା ଦେଇଥିଲେ ।

### ■ ଚୀନ୍-ପାକିସ୍ତାନ ମଧ୍ୟରେ ଗୋପନୀୟ ଚୁକ୍ତି

## କାଶ୍ମୀର ସୀମାରେ ଭାରତ ପାଇଁ ବିପଦ ବଢ଼ିଲା

ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି): ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ନିକଟରେ ପାଞ୍ଚ ଦିନିଆ ଚୀନ୍ ଗସ୍ତରୁ ଫେରିଛନ୍ତି । ତାଙ୍କର ଏହି ଗସ୍ତକୁ ନେଇ ସମଗ୍ର ପାକିସ୍ତାନରେ ଚର୍ଚ୍ଚା ହେଉଛି । ଏହି ଗସ୍ତ ପାଇଁ ପାକିସ୍ତାନର ଗୁରୁତ୍ୱପୂର୍ଣ୍ଣ ବଜେଟ୍ ଅଧିବେଶନକୁ ସ୍ଥଗିତ କରିବାକୁ ପଡ଼ିଥିଲା । କାରଣ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ୍) ଠାରୁ ଆର୍ଥିକ ସହାୟତା ପାଇବା ନିମନ୍ତେ ଏହା ଅତ୍ୟନ୍ତ ଜରୁରୀ ଥିଲା । ଏହି ଗସ୍ତରେ ଚୀନ୍ ସହ ଅନେକ ପ୍ରସଙ୍ଗରେ ସହମତି ପ୍ରକାଶ ପାଇଛି । ୩୨ ଚୁକ୍ତି ସ୍ୱାକ୍ଷର ହୋଇଛି ବୋଲି ପାକିସ୍ତାନ ସରକାରଙ୍କ ପକ୍ଷରୁ କୁହାଯାଇଛି । ମାତ୍ର ଅଧିକାଂଶ ଚୁକ୍ତିକୁ ଗୋପନ ରଖାଯାଇଛି । ଏହାର ଭାରତ ସୁରକ୍ଷା ପାଇଁ ବିପଦ ସାବ୍ୟସ୍ତ ହୋଇପାରେ ବୋଲି କୁହାଯାଉଛି । ଏହି ଚୁକ୍ତିକୁ ନେଇ ଉଭୟ ଦେଶ ଚୁପ୍ ରହିଛନ୍ତି । ରିପୋର୍ଟ ଅନୁଯାୟୀ ପାକିସ୍ତାନ ଟେଲିଭିଜନ କର୍ପୋରେସନ ଏବଂ ଚୀନ୍ ମିଡିଆ ଗ୍ରୁପ୍ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି । ଏହା ଦ୍ୱାରା ପାକିସ୍ତାନରେ ଚୀନ୍ କମ୍ପାନୀଙ୍କ ଦଖଲ ବଢ଼ିବ । ସେହିପରି ଭାରତୀୟ ସୀମାକୁ ଲାଗିଥିବା ଅଞ୍ଚଳରେ ଏକ୍ସପ୍ରେସ-ୱେ ବନାଇବା ପାଇଁ ମଧ୍ୟ ଚୁକ୍ତି ହୋଇଛି । ଏହା ଅଧିନରେ ବାବୁସରରେ ଏକ ସୁଡ଼ଙ୍ଗ ନିର୍ମାଣ କରାଯିବ । ଏହା ସବୁ ଋତୁରେ ପିଓକେ ଏବଂ ଗିଲଗିଟ-ବାଲଟିସ୍ତାନକୁ ଯୋଡ଼ିବ ।

### ଅରୁଣାଚଳ ପରିପ୍ରେକ୍ଷୀରେ ଚୀନ୍‌କୁ ଜବାବ

## ତିବ୍ବତର ୩୦ ସ୍ଥାନର ନାମ ବଦଳାଇବ ଭାରତ

ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି):

ଲୋକସଭା ନିର୍ବାଚନରେ ଏନ୍‌ଡିଏର ବିଜୟ ପରେ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର କାର୍ଯ୍ୟଭାର ସମ୍ଭାଳିଛନ୍ତି । ସରକାରଙ୍କ





ତୃତୀୟ ପାଳି ଆରମ୍ଭରୁ ଭାରତ ଚୀନ୍ ବିରୋଧରେ ବଡ଼ ପଦକ୍ଷେପ ନେଇଛି । ରିପୋର୍ଟ ଅନୁଯାୟୀ ଚୀନ୍ ବିରୋଧରେ ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଇ ଭାରତ ତିବ୍ବତର ୩୦ରୁ ଅଧିକ ସ୍ଥାନର ନାମ ବଦଳାଇବାକୁ ଯାଉଛି । ଖୁବଶୀଘ୍ର ଭାରତୀୟ ସେନା ନୂଆ ସ୍ଥାନର ନାମ ସହିତ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି)ର ନୂଆ ମାନଚିତ୍ର ଜାରି କରିବ । ଏହା ପୂର୍ବରୁ ଏପ୍ରିଲରେ ଚୀନ୍ ଅରୁଣାଚଳ ପ୍ରଦେଶର ୩୦ ସ୍ଥାନର ନାମ ବଦଳାଇ ଦେଇଥିଲା । ଏହି କ୍ଷେତ୍ରକୁ ବେଜିଂର ନିଜର ବୋଲି ଦାବି କରିଆସୁଛି । ଡ୍ରାଗନର ଏହି କାର୍ଯ୍ୟକୁ ଜବାବ ଦେବା ପାଇଁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି । ତିବ୍ବତ ଅଞ୍ଚଳର ନାମ ବଦଳାଇବା ପାଇଁ ଅନେକ ଗବେଷଣା କରାଯାଇଥିଲା । ଭାରତୀୟ ଭାଷାରେ ପୁରୁଣା ନାମକୁ ଆଧାର କରି ଏହି ସ୍ଥାନଗୁଡ଼ିକର ନାମ ରଖାଯାଇଛି । ଭାରତୀୟ ସେନାର ଇନଫରମେସନ ୱାରଫେୟର ଡିଭିଜନକୁ ଅଞ୍ଚଳର ନାମ ପରିବର୍ତ୍ତନର ଦାୟିତ୍ୱ ଦିଆଯାଇଥିଲା । ଏହି ଡିଭିଜନ ଚୀନ୍ ଜାରି କରିଥିବା ନାମକୁ ଖାରଜ କରି ଆସୁଥିଲା । ତିବ୍ବତର ନୂଆ ନାମ ତାଲିକାକୁ ଖୁବଶୀଘ୍ର ଜାରି କରାଯିବ ବୋଲି ସୂଚନା ମିଳିଛି ।

ରିପୋର୍ଟ ଅନୁଯାୟୀ ଗତ କିଛି ସପ୍ତାହ ହେଲା ଭାରତୀୟ ସେନା ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନକୁ ଗସ୍ତ କରିଥିଲା । ଏହି ସବୁ ସ୍ଥାନକୁ ଚୀନ୍ ନିଜର ବୋଲି ଦାବି କରି ଆସୁଛି । ଏହି ଗସ୍ତ ସମୟରେ ସାମ୍ବାଦିକଙ୍କ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରାଯାଇଥିଲା । ସେମାନେ ଚୀନ୍ ଦାବିକୁ ଖାରଜ କରି ନିଜକୁ ଭାରତୀୟ ନାଗରିକ କହିଥିଲେ ।

### ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟ


## ପ୍ରିୟଙ୍କା ବାରାଣସୀରୁ ଲଢ଼ିଥିଲେ ମୋଦୀ ହାରିଥାନ୍ତେ

ରାଏବରେଲି, ୧୧।୬ (ଏଜେନ୍ସି):



ଲୋକସଭା ନିର୍ବାଚନରେ ବିଜୟୀ ହେବାର ଠିକ୍ ସପ୍ତାହେ ପରେ କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଏବଂ ଆମେଥି ସାଂସଦ କିଶୋରୀଲାଲ ଶର୍ମା ମଙ୍ଗଳବାର ପ୍ରଥମ ଥର ପାଇଁ ରାଏବରେଲିରେ ପହଞ୍ଚିଛନ୍ତି । ସମସ୍ତେ ଭୁଇମାଉ ଗେଷ୍ଟ ହାଉସ ପରିସରରେ ସଭାକରି ଭୋଟରଙ୍କୁ ସମର୍ଥନ ପାଇଁ କୃତଜ୍ଞତା ଜଣାଇଛନ୍ତି । ଏଠାରେ ରାହୁଲ କହିଛନ୍ତି ଯେ ମୋଦୀ ଏବଂ ଶାହା ଦେଶର ମୂଳଦୁଆ ସହ ଖେଳୁଛନ୍ତି । ଏଥିପାଇଁ ଦେଶ ଏକାଠି ହେବା ଜରୁରୀ । ଦେଶର ପ୍ରଧାନମନ୍ତ୍ରୀ ହିଂସାର ରାଜନୀତି କରୁଥିବା ପ୍ରଥମ ଥର ଦେଖିବାକୁ ମିଳିଛି । ସେ ଲୋକଙ୍କ ମଧ୍ୟରେ ଘୃଣାର ପ୍ରଚାରପ୍ରସାର କରୁଛନ୍ତି । ତିନି ବ୍ୟବସାୟୀଙ୍କୁ ଲାଭ ଦେଉଛନ୍ତି । ଏହି ନିର୍ବାଚନରେ ବିଜେପି ଅଯୋଧ୍ୟାରୁ ହାରିଗଲା ବୋଲି ସମସ୍ତେ ଦେଖିଲେ । ଅଯୋଧ୍ୟାରେ ମନ୍ଦିର ନିର୍ମାଣ କରାଗଲା, ମାତ୍ର ଉଦ୍‌ଘାଟନରେ ଜଣେ ବି ଗରିବ ସାମିଲ ହୋଇ ନ ଥିଲେ । ରାଷ୍ଟ୍ରପତିଙ୍କୁ ଏଠାକୁ ଆସିବାକୁ ଦେଇ ନ ଥିଲେ । କେବଳ ଅଯୋଧ୍ୟା ନୁହେଁ, ପ୍ରଧାନମନ୍ତ୍ରୀ ବାରାଣସୀରୁ ହାରୁ ହାରୁ ବର୍ତ୍ତି ଯାଇଥିଲେ । ଯଦି ଭଉଣୀ ପ୍ରିୟଙ୍କା ମୋ କଥା ମାନି ବାରାଣସୀରୁ ନିର୍ବାଚନ ଲଢ଼ିଥାନ୍ତେ ତେବେ ପ୍ରଧାନମନ୍ତ୍ରୀ ୨ରୁ ୩ ଲକ୍ଷ ଭୋଟରେ ହାରି ଯାଇଥାନ୍ତେ । ପ୍ରଥମେ ତ ମୋଦୀ କଂଗ୍ରେସ ପ୍ରାର୍ଥୀ ଅଜୟ ରାଏଙ୍କଠାରୁ ପଛରେ ପଡ଼ିଥିଲେ, ପରେ ତାଙ୍କ ଭୋଟ ସଂଖ୍ୟା ବଢ଼ି ମାତ୍ର ୧ଲକ୍ଷ ୬୦ହଜାର ଭୋଟରେ ନିର୍ବାଚିତ ହୋଇଥିଲେ । ଏଥର ବାରାଣସୀରେ ମୋଦୀଙ୍କ ପ୍ରଦର୍ଶନ ସବୁଠାରୁ ଅଧିକ ନିକୃଷ୍ଟ ଥିଲା ବୋଲି ରାହୁଲ ମନ୍ତବ୍ୟ ଦେଇଛନ୍ତି । ସମାଜବାଦୀ ପାର୍ଟିର ନେତା ଓ କର୍ମୀଗଣଙ୍କୁ ରାହୁଲ ସେମାନଙ୍କ ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି । ଏହି କୃତଜ୍ଞତା ଜ୍ଞାପନ କାର୍ଯ୍ୟକ୍ରମ ଆମେଥିରେ ହେବାର ଥିଲା, କିନ୍ତୁ ପ୍ରଚଣ୍ଡ ଖରା ଓ ଗ୍ରୀଷ୍ମ ପ୍ରବାହ କାରଣରୁ ଆମେଥି କାର୍ଯ୍ୟକ୍ରମକୁ ରାଏବରେଲୀ ଘୁଞ୍ଚାଯାଇଥିଲା ।

ଏହି ଅବସରରେ ପ୍ରିୟଙ୍କା କହିଥିଲେ ଯେ ନିର୍ବାଚନ ଲଢ଼ିବାକୁ ଆସିବା ସମୟରେ ଏବେ ୩୦୦ ଘଣ୍ଟା ଅଛି ବୋଲି କୁହାଯାଇଥିଲା । ଆପଣ ୨ ଘଣ୍ଟା ଲେଖାଏଁ ଶୋଇ ପଡ଼ନ୍ତୁ । ବାକି ସମୟରେ କାମ କରିବା । ଅବଧରୁ ଜିତି କଂଗ୍ରେସ ସାରା ଦେଶକୁ ଏକ ବାର୍ତ୍ତା ଦେଇଛି ।





RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 41 ISSUE-346 BHUBANESWAR WEDNESDAY 12 JUNE 2024 PAGE-16 ₹ 6.00

ବର୍ଷ-୪୧ ସଂଖ୍ୟା-୩୪୬ ଭୁବନେଶ୍ୱର ବୁଧବାର ୧୨ ଜୁନ ୨୦୨୪ ପୃଷ୍ଠା-୧୬ ଟ.୬.୦୦




ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା ପରେ ରାଜ ଭବନରେ ରାଜ୍ୟ ବିଜେପି ନେତାଙ୍କ ସହ ଓଡ଼ିଶାର ୩ କେନ୍ଦ୍ରମନ୍ତ୍ରୀ ଓ ୨ ପର୍ଯ୍ୟବେକ୍ଷକ


ରାଜଭବନରେ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିସନର ଅନୁ ଗର୍ଗ, ପୁଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ

■ ନୂଆ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ ସମାରୋହ

# ମହାପ୍ରଭୁଙ୍କୁ ନିମନ୍ତ୍ରଣ

**ପୁରୀ, ୧୧।୬ (ସମିସ):** ଓଡ଼ିଆଙ୍କ ପ୍ରତିଟି ଶୁଭ କାର୍ଯ୍ୟରେ ପ୍ରଥମେ ଲୋଡ଼ା ପଡ଼ନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ସେ ହେଉଛନ୍ତି କୋଟି ଓଡ଼ିଆଙ୍କ ମଉଡ଼ମଣି। ମହାପ୍ରଭୁ ହେଉଛନ୍ତି ଓଡ଼ିଆଙ୍କ ଇଷ୍ଟ, ଜ୍ୟେଷ୍ଠ ଓ ଶ୍ରେଷ୍ଠ। ବୁଧବାର ଜନତା ମଇଦାନରେ ଅନୁଷ୍ଠିତ ହେବ ଓଡ଼ିଶାର ନୂତନ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦର ଶପଥ ଗ୍ରହଣ ସମାରୋହ। ତେଣୁ ମହାପ୍ରଭୁଙ୍କୁ ଏହି ଶପଥ ଗ୍ରହଣ ସମାରୋହକୁ ନିମନ୍ତ୍ରଣ କରାଯାଇଛି। ଏଥିରେ ଯୋଗଦେବା ପାଇଁ ମହାପ୍ରଭୁଙ୍କୁ ଓଡ଼ିଶା ସରକାରଙ୍କ ତରଫରୁ ଦିଆଯାଇଛି ନିମନ୍ତ୍ରଣପତ୍ର।

ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ା, ଚିଲିକା ବିଧାୟକ ପୃଥ୍ୱୀରାଜ୍ ହରିଚନ୍ଦନ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଇରାସିଶ ଆଚାର୍ଯ୍ୟ ପ୍ରମୁଖ ପୁରୀ ଆସି ମହାପ୍ରଭୁଙ୍କୁ ଶପଥ ଗ୍ରହଣ ଉତ୍ସବକୁ ନିମନ୍ତ୍ରଣ କରିଛନ୍ତି। ସିଂହଦ୍ୱାରଠାରେ ସେମାନେ ପହଞ୍ଚିବା ପରେ ସେବାୟତଙ୍କ ପକ୍ଷରୁ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା।



ପିତ୍ତଳ ଥାଳିରେ ମହାପ୍ରଭୁଙ୍କ ପାଇଁ ନୈବେଦ୍ୟ, ଶ୍ରୀଫଳ, ନିମନ୍ତ୍ରଣ ପତ୍ର, ଗୁଆ, ଲଡ଼ୁ ମହାପ୍ରସାଦ ଆଦି ନେଇ ଅର୍ପଣ କରାଯାଇଥିଲା। ଓଡ଼ିଆ ପରମ୍ପରା ଆଧାରରେ ପ୍ରତ୍ୟେକ ଶୁଭକାର୍ଯ୍ୟ ପୂର୍ବରୁ ପ୍ରଥମ ନିମନ୍ତ୍ରଣ ପତ୍ର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥାଏ। ଏଣୁ ଏହି ପରମ୍ପରା ଓ ସଂସ୍କୃତି ଆଧାରରେ ମହାପ୍ରଭୁଙ୍କୁ ନିମନ୍ତ୍ରଣ ରକ୍ଷା କରି ସମାରୋହରେ ଉପସ୍ଥିତ ରହିବା ସହ ନୂତନ ମନ୍ତ୍ରୀ ମଣ୍ଡଳକୁ ଆଶୀର୍ବାଦ କରିବା ପାଇଁ ପ୍ରାର୍ଥନା କରିଛନ୍ତି ନୂତନ ଓଡ଼ିଶା ସରକାର। ଏ ସରକାର ହେବ ମୋ ଅର୍ଥାତ୍ ଲୋକମାନଙ୍କ ସରକାର ବୋଲି କହିଛନ୍ତି ବିଧାୟକ ଶ୍ରୀ ହରିଚନ୍ଦନ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ଓ ରତ୍ନଭଣ୍ଡାର ଖୋଲି ଗଣତି ମଣତି ଦିଗରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

# ଓଡ଼ିଶାରେ ବି ରାଜସ୍ଥାନ ଓ ଛତିଶଗଡ଼ ଢାଞ୍ଚା

## ଜଣେ ମୁଖ୍ୟମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୧।୬ (ସମିସ):** ପ୍ରଥମଥର ଓଡ଼ିଶାରେ ଏକାକୀ ସରକାର ଗଠନ କରିବାକୁ ଯାଉଥିବା ଭାରତୀୟ ଜନତା ପାର୍ଟି ମନ୍ତ୍ରିମଣ୍ଡଳ ଗଠନରେ ଛତିଶଗଡ଼ ଓ ରାଜସ୍ଥାନ ଢାଞ୍ଚା ଆପଣାଇଛି। ଗତବର୍ଷ ଉଭୟ ରାଜ୍ୟରେ ବିଜେପି ମୁଖ୍ୟମନ୍ତ୍ରୀ ପଦରେ ଅନାଲୋଚିତ ରାଜନେତାଙ୍କୁ ଅବସ୍ଥାପିତ କରିବା ପରି ଓଡ଼ିଶାରେ ମଧ୍ୟ ଅନୁରୂପ ପଦ୍ଧତି ଅବଲମ୍ବନ କରିଛି। ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରିବା ପରମ୍ପରାରେ ଅନୁସରଣ କରିବା ପରିବର୍ତ୍ତେ ନିର୍ବାଚନ ପରେ ମୁଖ୍ୟମନ୍ତ୍ରୀଙ୍କ ମନୋନୟନ ବା ବିଧାୟକ ଦଳ ନେତା ନିର୍ବାଚନ କରିବା ଉପରେ ଦଳ ଗୁରୁତ୍ୱ ଦେଇଛି। ଚଳିତ ନିର୍ବାଚନରେ ବିଜେପିରୁ ନିର୍ବାଚିତ ବିଧାୟକଙ୍କ ମଧ୍ୟରୁ ତିନି-ଚତୁର୍ଥାଂଶ ପ୍ରଥମଥର ନିର୍ବାଚିତ ହୋଇଛନ୍ତି। ଏହି କ୍ରମରେ ଦଳର ଯେଉଁ କିଛି ଅଭିଜ୍ଞ ବା ପୂର୍ବରୁ ନିର୍ବାଚିତ ହୋଇଥିବା ବିଧାୟକ ଅଛନ୍ତି, ସେମାନଙ୍କ ନାମକୁ ନେଇ ସ୍ୱାଭାବିକ ଚର୍ଚ୍ଚା ହେଉଥିଲା। ଅନ୍ୟପକ୍ଷରେ ନିର୍ବାଚନରେ ପରାଜିତ ହୋଇଥିବା ରାଜ୍ୟ ସଭାପତି ମନମୋହନ ସାମଲ, ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ପଶ୍ଚିମ ଓଡ଼ିଶାର ଟାଣୁଆ ନେତା ସୁରେଶ ପୂଜାରୀଙ୍କ ନାମ ମଧ୍ୟ ଚର୍ଚ୍ଚା ପରିଧିକୁ ଆସିଥିଲା। ମାତ୍ର ସଂଘ ପରିବାରର ପୃଷ୍ଠଭୂମି ଓ ପୂର୍ବରୁ ଦୁଇଟି ବିଧାନସଭାରେ ଦଳର ଉପମୁଖ୍ୟ ଓ ମୁଖ୍ୟ ସଚେତକ ରହିଥିବା ମୋହନଙ୍କ ଉପରେ ଆସ୍ଥା ସ୍ଥାପନ କରିଥିଲେ ବିଜେପି ଶୀର୍ଷ ନେତୃତ୍ୱ। ଯେମିତି ଢାଞ୍ଚାରେ ରାଜସ୍ଥାନ ଓ ଛତିଶଗଡ଼ରେ ବିଜେପି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ନିଯୁକ୍ତି କରିଥିଲା, ଓଡ଼ିଶାରେ ଅନୁରୂପ ଢାଞ୍ଚା ଆପଣେଇଛି।

ଆଜି ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଧାୟକ ଦଳର ବୈଠକରେ କେନ୍ଦୁଝରର ବିଧାୟକ ମୋହନ ମାଝୀଙ୍କ ନାମ ମୁଖ୍ୟମନ୍ତ୍ରୀ ଭାବେ ଘୋଷଣା କରାଯାଇଛି। ଏଥିସହ ପାଟଣାଗଡ଼ ବିଧାୟକ କେ.ଭି ସିଂହଦେଓ ଓ ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡା ଉପ-ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ ହେବେ ବୋଲି ଦଳ ନିଷ୍ପତ୍ତି ନେଇଛି। ପ୍ରଥମ ଥର ପାଇଁ ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ପାଇଁ ଶାସନ ଭାର ସମ୍ଭାଳିବା ବଡ଼ ଚ୍ୟାଲେଞ୍ଜ ହେବ। ତେଣୁ ମୁଖ୍ୟମନ୍ତ୍ରୀଙ୍କ ସହ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ରଖାଯାଇଛି। ଦୀର୍ଘ ୨୫ ବର୍ଷ ପରେ ଓଡ଼ିଶାରେ ପୁଣି ଉପମୁଖ୍ୟମନ୍ତ୍ରୀ ପଦ ସୃଷ୍ଟି ହୋଇଛି। ଜାନକୀ ପଟ୍ଟନାୟକଙ୍କ ସରକାରରେ ବସନ୍ତ ବିଶ୍ୱାଳ ଓ ହେମାନନ୍ଦ ବିଶ୍ୱାଳ ଉପମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ।

ନେତା ନିର୍ବାଚନ ସମୟରେ ଭାରତୀୟ ଜନତା ପାର୍ଟି ସବୁବେଳେ ସରପ୍ରାଇଜ୍ କାର୍ଡ ଖେଳି ସମସ୍ତଙ୍କୁ ଚକିତ କରିବାର ଉଦାହରଣ ରହିଛି। ଓଡ଼ିଶାରେ ଏଥର ମଧ୍ୟ ସେମିତି ହୋଇଛି। ଛତିଶଗଡ଼ ପରି ଓଡ଼ିଶାରେ ମଧ୍ୟ ଆଦିବାସୀ ଚେହେରାଙ୍କୁ ଫୋକସ୍ କରି ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦଳ ନିଷ୍ପତ୍ତି ନେଇଛି। କେନ୍ଦୁଝର ସଦର ବିଧାୟକ ମୋହନ ମାଝୀ ରାଜ୍ୟ ବିଜେପିର ଟାଣୁଆ ଆଦିବାସୀ ନେତା। ପୂର୍ବରୁ ବିଧାନସଭାରେ ବିରୋଧୀ ଦଳ ମୁଖ୍ୟ ସଚେତକ ରହିଥିଲେ ମୋହନ ମାଝୀ। ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଭଜନ ଲାଲ ଶର୍ମା ସଂଘ ପୃଷ୍ଠଭୂମିରୁ ଆସିଥିବା ନେତା ଓ ପୂର୍ବରୁ ସେ ଶିକ୍ଷକତା କରୁଥିଲେ। ମୋହନ ମଧ୍ୟ ସଂଘ ପୃଷ୍ଠଭୂମିରୁ ଆସିଛନ୍ତି ଓ ଜୀବନର ପ୍ରାରମ୍ଭିକ ସମୟରେ ସେ ଶିଶୁମନ୍ଦିରରେ ଶିକ୍ଷକ ଭାବରେ କାର୍ଯ୍ୟ କରିଛନ୍ତି। ପରେ ସେ ସରପଞ୍ଚରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ ଏବଂ ଏବେ ମୁଖ୍ୟମନ୍ତ୍ରୀ ଭାବରେ ଆସନ୍ତାକାଲି ଶପଥ ନେବେ। ବିଜେପି ରାଜ୍ୟରେ ପ୍ରଥମଥର ସରକାର କରିବାକୁ ଯାଉଥିବା ବେଳେ ଜଣେ ମହିଳାଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ଦେଇ ସମସ୍ତଙ୍କୁ ଚକିତ କରିଛି। ରାଜସ୍ଥାନରେ ଦିୟା କୁମାରୀ ଡେପୁଟି ସିଏମ୍ ହୋଇଛନ୍ତି। ସେହି ଫର୍ମୁଲାରେ ଓଡ଼ିଶାରେ ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯାଇଛି। ଅନ୍ୟପକ୍ଷରେ ପଶ୍ଚିମ ଓଡ଼ିଶାର ଟାଣୁଆ ଚେହେରା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂହଦେଓ ଉପମୁଖ୍ୟମନ୍ତ୍ରୀ ରୂପେ ମନୋନୀତ ହୋଇଛନ୍ତି। ପୂର୍ବରୁ କେ.ଭି ସିଂହଦେଓ ବିଜେଡି ବିଜେପି ମେଣ୍ଟ ସରକାରରେ ମନ୍ତ୍ରୀ ରହିଥିଲେ।

**ଶୀତଳଷଷ୍ଠୀ ଯାତ୍ରା; ଦୁଲୁକିଲା ସମ୍ବଲପୁର**

# ଦେବଦମ୍ପତିଙ୍କ ନଗର ପରିକ୍ରମା

**ସମ୍ବଲପୁର, ୧୧।୬ (ସମିସ):** ଆଜି ସକାଳେ ବିବାହ ଶେଷ ପରେ ନବବିବାହିତ ଦେବଦମ୍ପତି ବିଳମ୍ବିତ ରାତିରେ ନଗର ପରିକ୍ରମା କରିଛନ୍ତି। ଦେବଦମ୍ପତିଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିବା ପାଇଁ ସମ୍ବଲପୁର ଜନସମୁଦ୍ର ପାଲଟିଥିଲା। ଦେବଦେବ ମହାଦେବ ଓ ଜଗତ୍‌ଜନନୀ ମାତା ପାର୍ବତୀ ସୁନା-ରୁପା ଅଳଙ୍କାର ଏବଂ ନାନା କିସମର ପୁଷ୍ପରେ ସଜ୍ଜିତ ହୋଇ ରଥରେ ନଗର ପରିକ୍ରମା କରିଥିଲେ। ଆସନ୍ତାକାଲି ସପ୍ତମୀ ତିଥି ଅପରାହ୍ଣରେ ଶୁଭ ଲଗ୍ନରେ ଶ୍ରଦ୍ଧାଳୁଙ୍କୁ ଯୁଗଳ ଦର୍ଶନ ଦେବା ପରେ ଦେବଦମ୍ପତି ପାର୍ଶ୍ୱ ଦେବଦେବୀଙ୍କ ସହ ରୀତିନୀତି ମଧ୍ୟରେ ମନ୍ଦିର ବିଜେ କରିବେ।




ଶିବ ଓ ଶକ୍ତିଙ୍କ ମିଳନରେ ଧରାପୃଷ୍ଠ ଶାନ୍ତ, ସ୍ନିଗ୍ଧ ଓ ଶୀତଳ ହୁଏ ବୋଲି ଭକ୍ତମାନଙ୍କ ବିଶ୍ୱାସ ରହିଛି। ଶହଶହ ବର୍ଷର ସମ୍ବଲପୁର ଇତିହାସରେ ଆଧ୍ୟାତ୍ମିକ ଓ ସଂସ୍କୃତିର ମିଳନରେ ଗାମ୍ଭୀର୍ଯ୍ୟ ସହ ଉଦ୍‌ବେଳିତ ବାତାବରଣ ଏଥର ମଧ୍ୟ ଶୀତଳଷଷ୍ଠୀକୁ ସରସ ସୁନ୍ଦର କରିଛି। ସୂଚନାଯୋଗ୍ୟ ଯେ ମଙ୍ଗଳବାର ବ୍ରାହ୍ମ ମୁହୂର୍ତ୍ତରେ ବିବାହ ଲୌକିକ ▶ପୃଷ୍ଠା-୯

# ୩୦ ପର୍ଯ୍ୟନ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ

**ଭୁବନେଶ୍ୱର, ୧୧।୬ (ସମିସ):** ରାଜ୍ୟର ସରକାରୀ ଅଧିକାରୀମାନଙ୍କ ଛୁଟି ୩୦ ତାରିଖ ପର୍ଯ୍ୟନ୍ତ ବାତିଲ କରାଯାଇଛି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟରେ ଆସନ୍ତାକାଲି ନୂତନ ସରକାର ଗଠନ ହେବ। ନୂତନ ଭାବେ ମନ୍ତ୍ରୀମାନେ ଶପଥ ନେବା ସହ କାର୍ଯ୍ୟଭାର ଗ୍ରହଣ କରିବେ। ଏହି ସମୟରେ ବିଭିନ୍ନ ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ତତ୍କାଳ ପହଞ୍ଚିବାକୁ ହେବ। ଏଣୁ ମୁଖ୍ୟାଳୟ ନଛାଡ଼ିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ମଙ୍ଗଳବାର ସମସ୍ତ ବିଭାଗ, ବିଭାଗୀୟ ସଚିବ ଓ ଜିଲ୍ଲାପାଳମାନଙ୍କୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ସରକାରୀ କାର୍ଯ୍ୟଦିବସ ସମେତ ଛୁଟି ଦିନରେ ମଧ୍ୟ ମୁଖ୍ୟାଳୟ ନ ଛାଡ଼ିବାକୁ ସାଧାରଣ ପ୍ରଶାସନ ନିର୍ଦ୍ଦେଶ ଦେଇଛି। କେବଳ ସ୍ୱାସ୍ଥ୍ୟ ସମସ୍ୟା ଭିନ୍ନ ଅନ୍ୟ କୌଣସି କାରଣରେ ଛୁଟି ମିଳିବ ନାହିଁ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଛି।

# 'ନିଟ୍-ୟୁଜି ପରୀକ୍ଷାର ପବିତ୍ରତା ନଷ୍ଟ ହୋଇଛି'

## ଏନଟିଏକୁ ସୁପ୍ରିମକୋର୍ଟଙ୍କ ଜବାବ ତଲବ

**ନୂଆଦିଲ୍ଲୀ, ୧୧।୬ (ଏଜେନ୍ସି):** ଚଳିତ ବର୍ଷ ଡାକ୍ତରୀ ପାଠ୍ୟକ୍ରମକୁ ନେଇ କରାଯାଇଥିବା ନିଟ୍-ୟୁଜି ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ ଆସିବା ପରେ ବିଭିନ୍ନ ମହଲରେ ବିବାଦ ତେଜିଛି। ଏହି ପ୍ରସଙ୍ଗ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଥିବା ବେଳେ ଚଳିତ ବର୍ଷର ପରୀକ୍ଷାକୁ ରଦ୍ଦ କରି ସାନି ପରୀକ୍ଷା କରିବାକୁ ସର୍ବୋଚ୍ଚ ନ୍ୟାୟାଳୟରେ ବହୁ ପିଟିସନ ଦାଏର କରାଯାଇଛି। ଏପରିକି ନିଟ୍ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଡାକ୍ତରୀ ପାଠ୍ୟକ୍ରମ ପାଇଁ ନାମଲେଖା ପ୍ରକ୍ରିୟାକୁ ବନ୍ଦ କରିବାକୁ ମଧ୍ୟ ଦାବି କରାଯାଇଛି। ତେବେ ଏହି ପ୍ରସଙ୍ଗରେ ଜଷ୍ଟିସ୍ ବିକ୍ରମ ନାଥ ଏବଂ ଜଷ୍ଟିସ୍ ଆସାନୁଦ୍ଦିନ ଅମାନୁଲ୍ଲାଙ୍କ ଦ୍ୱାରା ଗଠିତ ଅବସରକାଳୀନ ଖଣ୍ଡପୀଠ ମଙ୍ଗଳବାର ଶୁଣାଣି କରି ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି(ଏନଟିଏ)କୁ ଜବାବ ତଲବ କରିଛନ୍ତି। ନିଟ୍ ପରୀକ୍ଷା ଆୟୋଜନକୁ ନେଇ ବର୍ତ୍ତମାନ ଯେଉଁଳି ଅଭିଯୋଗ ସାମ୍ନାକୁ ଆସିଛି ତଦ୍ୱାରା ଏହି ପରୀକ୍ଷାର ପବିତ୍ରତା ନଷ୍ଟ ହୋଇଛି ବୋଲି



ସଂପୃକ୍ତ ଖଣ୍ଡପୀଠ କହିଥିଲା ବେଳେ ଏହାର ତୁରନ୍ତ ଜବାବ ରଖାଯିବା ଉଚିତ ବୋଲି ଏନଟିଏକୁ କହିଛନ୍ତି। ତେବେ ଏମବିବିଏସ୍ ଏବଂ ବିଡିଏସ୍ ସମେତ ଅନ୍ୟାନ୍ୟ ଡାକ୍ତରୀ ପାଠ୍ୟକ୍ରମଗୁଡ଼ିକରେ ନାମଲେଖା ପାଇଁ କାଉନସେଲିଂ ପ୍ରକ୍ରିୟାକୁ ବନ୍ଦ କରିବାକୁ ଯେଉଁ ଆବେଦନ ହୋଇଛି ତାହାକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଏହି ପ୍ରସଙ୍ଗରେ ଆସନ୍ତା ଜୁଲାଇ ମାସ ୮ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଏମବିବିଏସ୍, ▶ପୃଷ୍ଠା-୯




## ଗଡ଼ାଚାଲିଛି ତିନିରଥ...

# ସବୁ ଚକ, ଅଖ ଡେରା ସରିଲା



**ପୁରୀ, ୧୧ା୬ (ସମିସ):** ଆଉ ୨୫ ଦିନ ପରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏଥିପାଇଁ ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ରଥ ନିର୍ମାଣ। ଚଳିତ ବର୍ଷ ରଥ କାମ ବେଶ୍ ଆଗୁଆ ରହିଛି। ବିଧି ଅନୁଯାୟୀ, ଶ୍ରୀକ୍ଷେତ୍ର ଭଉଁରି ଅବସରରେ ତିନିରଥର ୬ ନାହାକା ଚକରେ ଅଖ ସଂଯୋଗ କରି ଡେରା ଯାଇଥିଲା। ମଙ୍ଗଳବାର ତିନି ରଥର ଆଉ ୧୮ ଅଖରେ ୩୬ ଚକ ସଂଯୋଗ କରି ଡେରାଯାଇଛି। ଅର୍ଥାତ୍ ତିନିରଥର ମୋଟ ୪୨ଟି ଚକରେ ୨୧ଟି ଅଖ ସଂଯୋଗ ସରିଛି। ଏଥିରେ ନନ୍ଦିଘୋଷ ରଥର ୧୬ଚକ ୮ ଅଖ, ତାଳଧ୍ୱଜ ରଥର ୧୪ ଚକ ୭ ଅଖ ଏବଂ ଦେବଦଳନ ରଥର ୧୨ ଚକ ୬ ଅଖ ରହିଛି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଭୋଇ ସେବକ ଏବଂ ମହାରଣା ସେବକ ମିଳିତ ଭାବେ ଏହି କାର୍ଯ୍ୟ ସମ୍ପାଦନ କରିଛନ୍ତି। ପ୍ରଥମେ ତାଳଧ୍ୱଜ ପରେ ନନ୍ଦିଘୋଷ ଏବଂ ଶେଷରେ ଦେବଦଳନ ରଥର ଚକ ଅଖ ସଂଯୋଗ କରାଯାଇଥିଲା। ଅନ୍ୟାନ୍ୟ କାମ ମଧ୍ୟରେ ତିନି ରଥର ଦୁଇଟି ଲେଖାଏଁ ଗରଗରାର ଚଉପଟ କାର୍ଯ୍ୟ ଶେଷ ହୋଇ ଏହାର ଉଭୟ ବିନ୍ଧ କରାଯାଉଛି। ସେହିପରି କୋଣ ଗୁଜରେ ସିଂହ ବିରଳ ରୂପ ଖୋଦେଇ ପରେ ପଲିସି କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ତିନି ରଥର ରୂପକାର ସେବକମାନେ ବେଦୀ ଓ ସିଂହାସନ ମୁହାଁଟିରେ ପୂର୍ଣ୍ଣ କୁମ୍ଭ, କୁମ୍ଭ ଦୁଇପାର୍ଶ୍ୱରେ ମତ୍ସ୍ୟ, ମୟୂର ଏବଂ ଡାଳିଲତା ଚିତ୍ର ଅଙ୍କନ କରିବା ପରେ ଖୋଦେଇ ଚାଲିଛି। କରତି ସେବକମାନେ ଦର୍ପଦଳନ ରଥର ପୋଲ ଗୟଳ ଚିରଟ ଆରମ୍ଭ କରିଛନ୍ତି। ଦୋଳବେଦୀ ପରିସରରେ କମାର ସେବକମାନେ ତିନିରଥର ପୋଟଳ ନଦା କଣ୍ଟା, ଜୋଖା କଣ୍ଟା ତିଆରି କରୁଛନ୍ତି।

## ଅର୍ପଣ ଚାଉଳକୁ ନେଇ ଉତ୍ତେଜନା

# ମିଲ୍‌କୁ ଯାଉଥିଲା, ଅଟକାଇଲେ ସ୍ୱେଚ୍ଛାସେବୀ

**ପୁରୀ, ୧୧ା୬ (ସମିସ):** ଅର୍ପଣ ଚାଉଳକୁ ନେଇ ବିଭିନ୍ନ ସମୟରେ ବିବାଦ ମୁଣ୍ଡ ଟେକିଛି। କେତେବେଳେ ଏହାକୁ ଭକ୍ତଙ୍କ ଭାବାବେଗ ସହ ଯୋଡ଼ି ଦିଆଯାଇଛି ତ ପୁଣି କେତେବେଳେ ଅର୍ପଣ ଚାଉଳକୁ ରାଜନୈତିକ ପ୍ରସଙ୍ଗ କରାଯାଇଛି। ବିଧାନସଭାରେ ବି ଏହାକୁ ନେଇ ହୋଇଛି ହୋ-ହଲ୍ଲା। ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ଓଡ଼ିଶାର ପୁରପଲ୍ଲୀରୁ ସଂଗୃହୀତ ଏହି ଚାଉଳକୁ ନେଇ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଛି। ଶ୍ରୀଗୁଣ୍ଡିଚା ମନ୍ଦିରରୁ ଏକ ଗାଡ଼ିରେ ଅର୍ପଣ ଚାଉଳ ଗୋପାଳପୁରସ୍ଥିତ ରାଇସ୍ ମିଲ୍‌କୁ ଯାଉଥିଲା। ହେଲେ ଚାଳକ ପାଖରେ କିଛି ଲିଖିତ ଅନୁମତି ନଥିବାରୁ ଏହାକୁ ବାଟରେ ଅଟକାଇଥିଲେ କିଛି ସ୍ୱେଚ୍ଛାସେବୀ। ଏହାକୁ ନେଇ ବେଶ୍ କିଛି ସମୟ ହୋ-ହଲ୍ଲା ହୋଇଥିଲା। ଶେଷରେ ଅଧାବାଟରୁ ଚାଉଳ ପୁଣି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଫେରିଥିଲା।

ଗତ ଜାନୁୟାରୀ ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହୋଇଥିଲା। ଏହି ଉତ୍ସବରେ ସବୁ ଲୋକେ ପୁରୀ ଆସିବା ସମ୍ଭବ ନ ଥିବାରୁ ପ୍ରତି ପରିବାରରୁ ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରାଯିବା ଲାଗି ହୋଇଥିଲା ନିଷ୍ପତ୍ତି। ସେହି ଅନୁସାରେ, ଗତ ଜାନୁୟାରୀ ୬ ତାରିଖରେ ଓଡ଼ିଶାର ପୁରପଲ୍ଲୀରେ ଗଡ଼ିଥିଲା ଅର୍ପଣ ରଥ। ପ୍ରତିଟି ପରିବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ ଅରୁଆ ଚାଉଳ, ଗୁଆ, ନଡ଼ିଆ ଓ ଟଙ୍କା। ଜାନୁୟାରୀ ୨୫ ତାରିଖରୁ ବିଭିନ୍ନ ଜିଲ୍ଲାରୁ ଅର୍ପଣ ରଥରେ ସଂଗୃହୀତ ଚାଉଳ, ଗୁଆ, ନଡ଼ିଆ ଇତ୍ୟାଦି ପୁରୀ ଅଣାଯାଇ ଗୁଣ୍ଡିଚା ମନ୍ଦିର ପରିସରରେ ରଖାଯାଇଥିଲା ଏବଂ ଟଙ୍କା ଶ୍ରୀମନ୍ଦିର ଡୋନେସନ୍ ସେଲ୍‌ରେ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଭକ୍ତଙ୍କଠାରୁ ସଂଗୃହୀତ ଅର୍ପଣ ଚାଉଳ କ'ଣ ହେବ ବୋଲି ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଥିଲା। ଏହାପରେ ନିଷ୍ପତ୍ତିକ୍ରମେ ଉକ୍ତ ଚାଉଳରେ ମହାପ୍ରସାଦ ପ୍ରସ୍ତୁତ କରି ଭକ୍ତଙ୍କୁ ବାଣ୍ଟିବାକୁ ସ୍ଥିର ହୋଇଥିଲା। ସୁଆର ମହାସୁଆର ନିଯୋଗ ମଧ୍ୟ ଉକ୍ତ ଚାଉଳରେ କାନିକା ଓ ଖେଚୁଡ଼ି ପ୍ରସ୍ତୁତ କରି ଭକ୍ତଙ୍କୁ ବାଣ୍ଟିବା ନିମନ୍ତେ ରାଜି ହୋଇଥିଲା। ପ୍ରତ୍ୟେକ ଦିନ ଶ୍ରଦ୍ଧାଳୁଙ୍କୁ କାନିକା ଓ ଖେଚୁଡ଼ି ବଣ୍ଟନ କରାଯାଉଥିଲା। ହଠାତ୍ ଗତ ୬ ତାରିଖରୁ ଅର୍ପଣ ଚାଉଳରେ ପ୍ରସ୍ତୁତ ଖେଚୁଡ଼ି ଓ କାନିକା ବଣ୍ଟନ ବନ୍ଦ କରି ଦିଆଯାଇଥିଲା। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୁଆର ମହାସୁଆର ନିଯୋଗକୁ ବନ୍ଦ ପାଇଁ କୁହାଯାଇଥିଲା ନିଯୋଗ ପକ୍ଷରୁ ସୂଚନା ଦିଆଯାଇଥିଲା।

### ପୁଣି ଗୁଣ୍ଡିଚା ମନ୍ଦିରକୁ ଫେରିଲା

ତେବେ ଏଭଳି ସ୍ଥିତିରେ ଗୁଣ୍ଡିଚା ମନ୍ଦିରରେ ଆହୁରି ପ୍ରାୟ ୭୦୦ରୁ ୮୦୦ ପ୍ୟାକେଟ୍ ଚାଉଳ ରହିଛି। ଆଗକୁ ରଥଯାତ୍ରା ଥିବାରୁ ଗୁଣ୍ଡିଚା ମନ୍ଦିରରୁ ଏହି ଚାଉଳ ଖାଲି କରାଯିବାକୁ ନିଷ୍ପତ୍ତି ହୋଇଥିଲା। ତେଣୁ ଶ୍ରୀମନ୍ଦିର କୋଇଲି ବୈକୁଣ୍ଠ ପରିସର ଲୁଣ ଘରକୁ ମରାମତି କରି ସେଠାରେ ରଖିବା ଲାଗି ମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ନିଷ୍ପତ୍ତି ନେଇଥିଲେ। ଏହାରି ଭିତରେ ନିର୍ବାଚନ ଆଚରଣ ବିଧି ଲାଗୁ ହେବାରୁ କୋଇଲି ବୈକୁଣ୍ଠ ପରିସର ଲୁଣ ଘର ମରାମତି ହୋଇପାରି ନ ଥିଲା। ଏପଟେ ଗୁଣ୍ଡିଚା ମନ୍ଦିରରେ ଥିବା ଚାଉଳ ଧୀରେଧୀରେ ଖରାପ ହେବାକୁ ଯାଉଥିବା ବେଳେ ହଠାତ୍ କାନିକା, ଖେଚୁଡ଼ି ବନ୍ଦ କରିଦିଆଯାଇଛି।

ଏଭଳି ସ୍ଥିତିରେ ମଙ୍ଗଳବାର ଏକ ଗାଡ଼ିରେ ୫୦ ପ୍ୟାକେଟ୍ (ପ୍ରାୟ ୨୫ କୁଇଣ୍ଟାଲ) ଚାଉଳ ଗୁଣ୍ଡିଚା ମନ୍ଦିରରୁ ଗୋପାଳପୁରସ୍ଥିତ ରାଇସ୍ ମିଲ୍‌କୁ ଯାଉଥିଲା। ଏହାକୁ କିଛି ସ୍ୱେଚ୍ଛାସେବୀ ଦେଖିଥିଲେ। ଏହି ଚାଉଳ ଶ୍ରୀମନ୍ଦିରକୁ ନ ଯାଇ ଗୋପାଳପୁର ଆଡ଼କୁ ଯିବା ଦେଖି ସେମାନଙ୍କର ସନ୍ଦେହ ହୋଇଥିଲା। ସେମାନେ ବାଟରେ ଗାଡ଼ିକୁ ଅଟକାଇ ଚାଳକଙ୍କୁ ପଚାରାଉଚରା କରିଥିଲେ। ଏହି ଚାଉଳ ରାଇସ୍ ମିଲ୍‌କୁ ପଲିସି ପାଇଁ ଯାଉଥିବା ଚାଳକ କହିଥିଲେ। ହେଲେ କିଏ ଅନୁମତି ଦେଇଛି, ଲିଖିତ କିଛି ଅନୁମତି ଅଛି କି ବୋଲି ସ୍ୱେଚ୍ଛାସେବୀ ପ୍ରଶ୍ନ କରିବାରୁ ସେ ଉତ୍ତର ଦେଇପାରିନଥିଲେ। ସ୍ୱେଚ୍ଛାସେବୀମାନେ ହୋ-ହଲ୍ଲା କରିବାରୁ ଚାଳକ ପୁନଶ୍ଚ ଚାଉଳ ଗୁଣ୍ଡିଚା ମନ୍ଦିରକୁ ଫେରାଇ ଆଣିଥିଲେ।

# ଟାଙ୍ଗିଆରେ ହାଣି ମା'କୁ ହତ୍ୟା

**ଦେବଗଡ଼,୧୧ା୬(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅଧୀନ କତ୍ରାପାଲିରେ ସୋମବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଘରୋଇ କଳିକୁ କେନ୍ଦ୍ର କରି ପୁଅ ଏକ ଟାଙ୍ଗିଆରେ ମା'କୁ ହାଣି ହତ୍ୟା କରିଛି। ମୃତ ମହିଳାଜଣକ ହେଲେ, କୁନ୍ତଳା କିଶାନ (୫୦)। ଅଭିଯୁକ୍ତ ପୁଅ ସୁରେଶ କିଶାନ (୨୨)କୁ ପୁଲିସ ଅଟକ ରଖିଛି। ଏହାସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଘଟଣା ସମ୍ପର୍କରେ ବଡ଼ପୁଅ ନରେଶ ଗ୍ରାମବାସୀଙ୍କୁ ଜଣାଇବା ପରେ ରିଆମାଳ ଥାନା ପୁଲିସ ଖବର

### ଅଭିଯୁକ୍ତ ପୁଅ ଅଟକ

ପାଇ ଗାଁରେ ପହଞ୍ଚିଥିଲା। ନରେଶଙ୍କ ଏତଲା ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ ତଦନ୍ତ ଜାରି ରଖିଛି।



# କରଞ୍ଜିଆ ଉପକାରାଗାରରୁ କଏଦୀ ଫେରାର୍

**କରଞ୍ଜିଆ, ୧୧ା୬ (ସମିସ):** କରଞ୍ଜିଆ ଉପକାରାଗାରରେ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା ଜଣେ କଏଦୀ ମଙ୍ଗଳବାର ସକାଳେ ଫେରାର ହେଇଯାଇଛି। ସୂଚନା ଅନୁଯାୟୀ, ଗତ ୨୦୧୬ ମସିହାରେ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସାନ ମହୁଲଡିହା ଗ୍ରାମରେ ଏକ ହତ୍ୟା ମାମଲାରେ ଲକ୍ଷ୍ମଣ ମହାନ୍ତଙ୍କୁ ବାରିପଦା ସେସନ୍ସ ଜଜ୍ ଆଜୀବନ କାରାଦଣ୍ଡରେ ଦୋଷୀ ସାବ୍ୟସ୍ତ କରିଥିଲେ। ସେ କରଞ୍ଜିଆ ଉପକାରାଗାରରେ ଆଜୀବନ କଏଦୀ ଭାବେ ଦଣ୍ଡ ଭୋଗୁଥିଲା। ଆଜି ସେ କୌଶଳକ୍ରମେ ଜେଲରୁ ଫେରାର ହେଇଯାଇଛି। ଏନେଇ କରଞ୍ଜିଆ ସବ୍-ଜେଲର୍ ସୌମ୍ୟରଞ୍ଜନ ନାଏକ କରଞ୍ଜିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି। ସୁଧାଂଶୁ ଶେଖର ସେଠୀ ତଦନ୍ତ ଦାୟିତ୍ୱ ନେଇଛନ୍ତି।

# ଅଧା ବାଟରେ ବଗି ଛାଡ଼ି ଚାଲିଗଲା ଇଞ୍ଜିନ୍

**ବସ୍ତା,୧୧ା୬(ସମିସ):** ବଗି ଛାଡ଼ି ଚାଲିଗଲା ଇଞ୍ଜିନ୍। ଦକ୍ଷିଣ-ପୂର୍ବ ରେଳପଥର ଅମର୍ଦ୍ଦାରୋଡ୍ ରେଳଷ୍ଟେସନ୍ ନିକଟରେ ଏହି ଘଟଣା ଘଟିଛି। ଭାକ୍ୟୁମ ପାଇପ୍ ଅଚଳ ହେବାରୁ ଇଞ୍ଜିନଠାରୁ ବଗି ଅଲଗା ହୋଇଯାଇଥିଲା। ତେବେ ବିଶେଷଜ୍ଞ ଟିମ୍‌ର ତଦାରଖ ପରେ ପାଖାପାଖି ଏକ ଘଣ୍ଟା ପରେ ଟ୍ରେନ୍‌ରେ ବଗି ପୁଣିଥରେ ଯୋଡ଼ାଯାଇଥିଲା।

ସୂଚନା ଅନୁସାରେ, ଆଜି ଦିନ ୧୨.୪୫ରେ ସାନ୍ତ୍ରାଗାଛିରୁ ଭଦ୍ରକ ଅଭିମୁଖେ ଯାଉଥିବା ମାଲବାହୀ ଟ୍ରେନ୍ ଅମର୍ଦ୍ଦାରୋଡ୍ ରେଳଷ୍ଟେସନ ଅତିକ୍ରମ ପରେ ଗାଡ଼ିର ଭାକ୍ୟୁମ ପାଇପ ଅଚଳ ହୋଇଯାଇଥିଲା। ଫଳରେ

### ଘଣ୍ଟାଏ ପରେ ଯୋଡ଼ିଲା ବିଶେଷଜ୍ଞ ଟିମ୍



ଟ୍ରେନ୍‌ର ଇଞ୍ଜିନଠାରୁ ବଗିଗୁଡ଼ିକ ଅଲଗା ଅଲଗା ହୋଇଯାଇଥିଲା। ଅମର୍ଦ୍ଦାରୋଡ ଗେଟ ଉପରେ କିଛି ବଗି ରହିଯାଇଥିବା ବେଳେ ସେଠାରୁ ପାଞ୍ଚ ଶହ ମିଟରରେ ଆଉ କିଛି ବଗି ରହିଥିଲା ଏବଂ ସେଠାରୁ ଆଉ କିଛି ଦୂରରେ ଇଞ୍ଜିନ ରହିଥିଲା। ଖବର ପାଇ ଷ୍ଟେସନ ମ୍ୟାନେଜର ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇବା ପରେ କିଛି ସମୟର ବ୍ୟବଧାନରେ ଘଟଣାସ୍ଥଳରେ ରେଳ ବିଭାଗର ବିଶେଷଜ୍ଞ ଟିମ୍ ପହଞ୍ଚି ଘଟଣାର ତଦାରଖ କରିଥିଲେ। ପରେ ଟ୍ରେନ୍‌ର ବଗିଗୁଡ଼ିକ ଇଞ୍ଜିନ୍ ସହ ସଂଯୋଗ କରାଯାଇ ଗନ୍ତବ୍ୟ ସ୍ଥଳକୁ ପଠାଯାଇଥିଲା। ତେବେ ପ୍ରବଳ ଗରମ ଯୋଗୁଁ ଅମର୍ଦ୍ଦାରୋଡ ରେଳ ଫାଟକ ପାରି ହେବାକୁ ଶହଶହ ଲୋକେ ଛଟପଟ ହେଉଥିବା ବେଳେ ପାଖାପାଖି ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିଳମ୍ବରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

## ■ ବିବାହ ପାଇଁ ରାଜି ହେଲାନି ବୋଲି...

# ଜଙ୍ଗଲରେ ପ୍ରେମିକାକୁ ତଣ୍ଟି ଚିପି ହତ୍ୟା

- ଥାନାରେ ଅଭିଯୁକ୍ତ ପ୍ରେମିକର ଆତ୍ମସମର୍ପଣ
- ନ୍ୟାୟ ଦାବିରେ ଥାନା ଘେରିଲେ ଉତ୍ତ୍ୟକ୍ତ ଲୋକ
- ୨ ଘଣ୍ଟା ଅଚଳ ହେଲା ରାୟଗଡ଼ା-ଭବାନୀପାଟଣା ରାସ୍ତାରେ ଯାତାୟାତ








**ବିଷମକଟକ, ୧୧ା୬ (ସମିସ):** ବିବାହ କରିବାକୁ ମନା କରିଦେବାରୁ ପ୍ରେମିକାକୁ ଜଙ୍ଗଲରେ ତଣ୍ଟି ଚିପି ହତ୍ୟା। ରାୟଗଡ଼ା ଜିଲ୍ଲା ବିଷମ କଟକ ସଦର ଥାନା ଅଞ୍ଚଳରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ଯୁବତୀ ହେଲେ, ସଦର ଥାନା ଅନ୍ତର୍ଗତ ବ୍ଲକ୍ କଲୋନୀରେ ରହୁଥିବା ନିତୁ ନାଉରୀ। ନିତୁଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତ ପ୍ରେମିକ ମାନୁଆଲ ଶବର ଥାନାରେ ଆତ୍ମସମର୍ପଣ କରିଛି। ତା' ଘର ଗୁଣୁପୁର ଥାନା ଅନ୍ତର୍ଗତ ମାରାଠିଗୁଡ଼ା ଗ୍ରାମରେ। ଖବର ପାଇ ବିଷମକଟକ ଏସ୍‌ଡିପିଓ ସନ୍ତୋଷିନୀ ଆରାମ, ବିଷମକଟକ ଥାନାଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସହ ପୁଲିସର ଏକ ଟିମ୍ ଘଟଣାସ୍ଥଳରୁ ନିତୁଙ୍କ ଶବ ଜବତ କରି ବ୍ୟବଚ୍ଛେଦ କରାଇଛି। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରାୟଗଡ଼ାରୁ ଏକ ସାଇଣ୍ଟିଫିକ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି।

ଅପରପକ୍ଷେ, ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ନିତୁଙ୍କ ପରିବାର ଓ ସ୍ଥାନୀୟ ଲୋକ ବିଷମକଟକ ଥାନା ସମ୍ମୁଖରେ ନିତୁଙ୍କ ଶବ ରଖି ଦୁଇଘଣ୍ଟା ଧରି ରାସ୍ତାରୋକ କରିଥିଲେ। ଖାଲି ସେତିକି ନୁହେଁ, ଉଚିତ ନ୍ୟାୟ ଦାବିରେ ଉତ୍ତ୍ୟକ୍ତ ଲୋକେ ନିଆଁ ଜାଳି ଥାନା ଘେରାଉ କରିଥିଲେ। ଫଳରେ ରାୟଗଡ଼ା-ଭବାନୀପାଟଣା ୩୨୬ନମ୍ବର ରାଜ୍ୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ବିଷମ କଟକ ଥାନାଧିକାରୀ ଶ୍ରୀ ପାଢ଼ୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ସୂଚନାନୁଯାୟୀ, ନିତୁ ଓ ମାନୁଆଲଙ୍କ ମଧ୍ୟରେ ଦୀର୍ଘ ବର୍ଷ ହେବ ପ୍ରେମ ସମ୍ପର୍କ ଥିଲା। ଦୁହେଁ ଗୋଟିଏ ସ୍କୁଲରେ ପଢ଼ିବା ବେଳଠୁ ସେମାନଙ୍କ ମଧ୍ୟରେ ସଂପର୍କ ଗଢ଼ି ଉଠିଥିଲା। ତେବେ କିଛି ଦିନ ତଳେ ନିତୁଙ୍କୁ ବିବାହ କରିବାକୁ ମାନୁଆଲ ପ୍ରସ୍ତାବ ଦେଇଥିଲେ। କିନ୍ତୁ ନିତୁଙ୍କ ପରିବାର ଏଥିରେ ରାଜି ହୋଇନଥିଲେ। ଘର ଲୋକଙ୍କ କଥା ମାନି ନିତୁ ବି ବିବାହ କରିବାକୁ ମନା କରିଦେଇଥିଲେ। ଏହାକୁ ମାନୁଆଲ ଗ୍ରହଣ କରିପାରିନଥିଲେ। ସେ ପ୍ରତିଶୋଧ ପରାୟଣ ହୋଇ ନିତୁଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଯୋଜନାନୁଯାୟୀ, ନିତୁ କୌଣସି କାମରେ ରାମନାଗୁଡ଼ା ଯାଇଥିବା ବେଳେ ମାନୁଆଲ ତାଙ୍କୁ ବାଇକ୍‌ରେ ବସେଇ ବିଷମକଟକ ଅଭିମୁଖେ ନେଇ ଯାଇଥିଲା। ବିଷମକଟକ ପହଞ୍ଚିବା ପୂର୍ବରୁ କିରିବିରି ଛକ ନିକଟ ଏକ ଜଙ୍ଗଲକୁ ନେଇ ସେଠାରେ ଓଢ଼ଣୀ ସାହାଯ୍ୟରେ ନିତୁଙ୍କ ତଣ୍ଟି ଚିପି ହତ୍ୟା କରିଥିଲା। ତେବେ ହତ୍ୟାକାଣ୍ଡ ଘଟାଇବା ପରେ ସେ ଥାନାରେ ଆତ୍ମସମର୍ପଣ କରିଥିଲା।

# ଆମ୍ବ କରିଛି ଆତ୍ମନିର୍ଭର

- ଜିଲ୍ଲା ପାଇଁ ପ୍ରେରଣାର ଉତ୍ସ 'ବାସ୍କିତୋଳା'
- ଚଳିତବର୍ଷ ୫୬, ୯୭୬ ମେଟ୍ରିକ୍ ଟନ୍ ଉତ୍ପାଦନ

**ବାରିପଦା, ୧୧ା୬(ମନୋଜ ପଣ୍ଡା):**





ଭଲ ଖବର

ଦେଶବିଦେଶରେ ଚାହିଦା ବୃଦ୍ଧି ପାଇଥିବା ମୟୂରଭଞ୍ଜ ଜିଲ୍ଲାର ଆମ୍ବ ଚଳିତ ବର୍ଷ ଉତ୍ପାଦନ ଗତବର୍ଷ ତୁଳନାରେ ବୃଦ୍ଧି ପାଇଛି। ଉନ୍ନତ ଗୁଣବତ୍ତା ଯୋଗୁଁ ରପ୍ତାନୀ ତାଲିକାରେ ନାମ କମାଇଥିବା ଜିଲ୍ଲାର ଆମ୍ବ ଚାଷୀ ତଥା ବ୍ୟବସାୟୀଙ୍କ ପାଇଁ ୨୦୨୪ ବର୍ଷ ଖୁସି ଆଣିଦେଇଛି। ଆମ୍ରପଲ୍ଲୀ, ନେଙ୍ଗଡ଼ା, ଦୋସେରୀ ସୁନ୍ଦରୀ ଓ ଗୋପାଳଭୋଗ ଆମ୍ବ ପାଇଁ ମୟୂରଭଞ୍ଜ ଜିଲ୍ଲା ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି। ଏତଦ୍‌ବ୍ୟତୀତ କାଲାପାହାଡ଼, ସପେଟା, ନାସ୍ତା, ମଲ୍ଲିକା, ଲାଟ ସୁନ୍ଦରୀ, କାଳୀବମ୍ବେ, ବାଇଗଣ ପଲେଇ, ହାତୀଝୁଲ ଓ ଚଉଶା ପରି ବହୁ କିସମର ଆମ୍ବ ଜିଲ୍ଲା ଉଦ୍ୟାନ କୃଷି ବିଭାଗ ଜରିଆରେ ଚାଷ କରାଯିବା ପରେ ଉତ୍ପାଦିତ ଆମ୍ବ ରାଜଧାନୀ ଭୁବନେଶ୍ୱର ସହ ବୋକାରୋ, ରାଞ୍ଚି, ଟାଟା, କାନପୁର, ଲକ୍ଷ୍ନୌ ଓ ନୂଆଦିଲ୍ଲୀକୁ ରପ୍ତାନୀ ହେଉଛି। ଦିଲ୍ଲୀରୁ ଏହି ଆମ୍ବ ବିଦେଶକୁ ମଧ୍ୟ ରପ୍ତାନୀ ହୋଇଥାଏ। ଜିଲ୍ଲାର ଚାଷୀ ନିଜ ଗଛ ଅନୁସାରେ ଜଣକା ୨୦ ହଜାରରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏହି ଆମ୍ବ ଋତୁରେ ଆୟ କରିଥାନ୍ତି।

ଜିଲ୍ଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ୨୦୨୩ ମସିହାରେ ୧୬ ହଜାର ହେକ୍ଟର ଆମ୍ବ ଚାଷ ଜମିରୁ ୧୩ ହଜାର ୨୩୦ ହେକ୍ଟର ଜମିରେ ଜମିରେ ଆମ୍ବଚାଷ ହୋଇଥିବା ବେଳେ ୫୬ ହଜାର ୭୫୬.୭ ମେଟ୍ରିକ ଟନ ଉତ୍ପାଦିତ ହୋଇଥିଲା। ଏହି ତୁଳନାରେ ଚଳିତ ବର୍ଷ ୧୬ ହଜାର ୫୩୫ ହେକ୍ଟର ଜମିରୁ ୧୩ ହଜାର ୩୧୦ହେକ୍ଟର ଜମିରେ ଆମ୍ବଚାଷ ହୋଇଥିବା ବେଳେ ୫୬ ହଜାର ୯୭୬ ମେଟ୍ରିକ୍ ଟନ୍ ଆମ୍ବ ଉତ୍ପାଦିତ ହୋଇଛି।

ବାଙ୍ଗିରିପୋଷି ବ୍ଲକ ବ୍ରାହ୍ମଣଗାଁ ପଞ୍ଚାୟତର ବାସ୍କିତୋଳା ଗ୍ରାମ ଜିଲ୍ଲାର ଆମ୍ବଚାଷ ପାଇଁ ପ୍ରେରଣାର ଉତ୍ସ ପାଲିଟିଛି। ଏଠାକାର ଆମ୍ବ ଚାଷୀ ବର୍ତ୍ତମାନ ଆମ୍ବ ଚାଷ କରି ଆତ୍ମନିର୍ଭଶୀଳ। ୧୯୯୩ ମସିହାରେ ଜିଲ୍ଲା ପଞ୍ଚାୟତିରାଜ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଉଦ୍ୟାନ ବିଭାଗ, ଆଇଟିଡିଏ, ଜୀବିକାମିଶନ ଓ ଏମଏନ୍‌ଆରଇଜିଏ ମାଧ୍ୟମରେ ଚାଷୀଙ୍କୁ ବୈଷୟିକ ସହାୟତା, ପରାମର୍ଶ ତଥା କର୍ମନିଯୁକ୍ତି ପ୍ରଦାନ କରାଯାଇ ୫୪ଜଣ ଚାଷୀଙ୍କ ସମୁଦାୟ ୨୫ ହେକ୍ଟର ଜମିରେ ୨୨ ଶହ ଆମ୍ବ ଗଛ ବାସ୍କିତୋଳାଠାରେ ଲାଗିଥିଲା। ଏକ ଉତ୍ପାଦନ ସମିତି ଗଠନ ପୂର୍ବକ ପ୍ରଥମେ ଡିଆରଡିଏ ପକ୍ଷରୁ ୧ ଲକ୍ଷ ୮ ହଜାର ଟଙ୍କା ସହାୟତା ପାଇଥିଲେ। ଆଇଟିଡିଏ ପକ୍ଷରୁ ଆମ୍ବଚାଷୀଙ୍କୁ ବାହାର ରାଜ୍ୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ଚାଷୀ ଉପଯୁକ୍ତ ମୂଲ୍ୟ ପାଇବା ଦିଗରେ ଡିଆରଡିଏ ଓ ଉଦ୍ୟାନ ବିଭାଗ ଚାଷୀଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ତଦନୁଯାୟୀ, ବଉଳ ଧରିବାଠାରୁ ଫଳ ପାଚିବା ପର୍ଯ୍ୟନ୍ତ ଚାଷୀ ଯତ୍ନ ନେଇ ବିକ୍ରି କରୁଛନ୍ତି। ବାସ୍କିତୋଳାରେ ମଧ୍ୟ ଏ ବର୍ଷ ଆମ୍ବ ଭଲ ଫଳିଥିବାରୁ ସମସ୍ତେ ଲାଭ ଆଶା ରଖିଛନ୍ତି।

ବାସ୍କିତୋଳା ଦଶେରୀ ଉତ୍ପାଦକ ଗ୍ରୁପ୍ ପ୍ରତ୍ୟେକ ବର୍ଷ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଟନ୍ ଆମ୍ବ ଉତ୍ପାଦନ କରିଥାଏ। ଉତ୍ପାଦିତ ଆମ୍ବ ଓରମାସ ମାଧ୍ୟମରେ ବଜାରକୁ ଯୋଗାଇ ଦିଆଯାଇଥାଏ। ଚାଷୀ କେମିତି ଅଧିକ ଅମଳ କରିବେ ଓ ଅଧିକ ଲାଭବାନ ହେବେ; ସେନେଇ ମୟୂରଭଞ୍ଜ ଜିଲାର ବାଙ୍ଗିରପୋଷି ସମେତ, ସାରସକଣା, କୁଳିଅଣା, ଶୁଳିଆପଦା, ଖୁଣ୍ଟା, ବେତନଟୀ, ମୋରଡା, ଉଦଳା, କୁସୁମୀ ଓ ଯଶିପୁରକୁ ମିଶାଇ ମୋଟ ୧୦ଟି ବ୍ଲକର ୧୬ଟି ଉତ୍ପାଦକ ସଂଘ ରହିଛି। ଏହି ୧୦ଟି ବ୍ଲକରେ ମୋଟ ୬୦୦ ସଦସ୍ୟ ଓ ଆମ୍ବ ଚାଷୀଙ୍କୁ ନେଇ ମୟୂରଭଞ୍ଜ ଫଳ, ପନିପରିବା, କୃଷି ଉତ୍ପାଦକ କମ୍ପାନୀ ଗଠନ କରାଯାଇଛି। ଆମ୍ବ ଚାଷ ମାଧ୍ୟମରେ ପ୍ରତ୍ୟେକ ଦିନ ଅନେକ ପୁରୁଷ ଓ ମହିଳା କର୍ମ ନିଯୁକ୍ତି ପାଉଛନ୍ତି। ଆମ୍ବ ତୋଳିବାଠାରୁ ପ୍ୟାକିଂ ଓ ଗ୍ରେଡିଂ କାର୍ଯ୍ୟ ସେମାନେ କରିଥା'ନ୍ତି। ତେବେ ଚଳିତ ବର୍ଷ ଉତ୍ପାଦନ ଅଧିକ ହୋଇଥିବାରୁ ସମସ୍ତେ ଖୁସି ଅଛନ୍ତି। ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସହର ଓ ବଜାରରେ ବର୍ତ୍ତମାନ ଆମ୍ବର ମୂଲ୍ୟ ସର୍ବନିମ୍ନ ୧୦୦ ଟଙ୍କାରୁ ଆରମ୍ଭ କରି ସର୍ବୋଚ୍ଚ ୧୫୦ଟଙ୍କା ରହିଥିବାରୁ ଚାଷୀମାନେ ଭଲ ରୋଜଗାର ପାଉଛନ୍ତି।

ମୟୂରଭଞ୍ଜ ଓରମାସ ପ୍ରତ୍ୟୁସର ଗ୍ରୁପର ସିଇଓ ଶୁଭକାନ୍ତ ଜେନାଙ୍କ କହିବାନୁସାରେ, ଦିଲ୍ଲୀ ମଦର ଡାଏରୀ ମଧ୍ୟ ଏହି ବାସ୍କିତୋଳା ଚାଷୀଙ୍କଠାରୁ ନିୟମିତ ଆମ୍ବ କିଣୁଛି। ଓରମାସ ପକ୍ଷରୁ ସମସ୍ତ ବ୍ୟାବସାୟିକ ସୁବିଧା ସୁଯୋଗ ଯୋଗାଇ ଦିଆଯାଇ ଚଳିତବର୍ଷ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରହିଛି। ସ୍ଥାନୀୟ ଲୋକଙ୍କ ପାଇଁ ବାଙ୍ଗିରିପୋଷି ଓ ବାରିପଦାରେ ଖୋଲାଯାଇଥିବା 'ଗାଁ ଆମ୍ବ ପସରା' ଷ୍ଟଲରେ ରଜ ଯୋଗୁଁ ପ୍ରବଳ ଭିଡ଼ ହେଉଛି। ବିଭିନ୍ନ ବିକ୍ରୟ ଯୋଜନା ଜରିଆରେ ଉତ୍ପାଦିତ ଆମ୍ବ ବିକ୍ରି ପାଇଁ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ଆମ୍ବଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇବା ଭଳି ଜିଲ୍ଲା ପ୍ରଶାସନର ପ୍ରଚେଷ୍ଟାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ରାଜ୍ୟର ସମସ୍ତ ଚାଷୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

# କଂଗ୍ରେସରୁ ଆକବର ଖାନ ନିଲମ୍ବିତ

**ବଲାଙ୍ଗିର, ୧୧ା୬ (ସମିସ):** ବଲାଙ୍ଗିର ଜିଲ୍ଲା କଂଗ୍ରେସର ଯୁବନେତା ତଥା ପିସିସି ସମ୍ପାଦକ ଆକବର ଖାନ୍‌ଙ୍କୁ ଦଳରୁ ୬ ବର୍ଷ ପାଇଁ ନିଲମ୍ବିତ କରାଯାଇଛି। ଦଳୀୟ ଶୃଙ୍ଖଳାଭଙ୍ଗ ଅଭିଯୋଗରେ ପିସିସି ସଭାପତିଙ୍କ ନିର୍ଦ୍ଦେଶରେ ଶୃଙ୍ଖଳା କମିଟି ଏହି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ସୂଚନାନୁଯାୟୀ, ଗତ ୮ ତାରିଖରେ ଆକବର ଏକ ସାମ୍ବାଦିକ ସମ୍ମିଳନୀରେ ଚଳିତ ନିର୍ବାଚନରେ କଂଗ୍ରେସର ଶୋଚନୀୟ ପ୍ରଦର୍ଶନ ଉପରେ ମୁହଁ ଖୋଲିଥିଲେ। ଉଭୟ ଜିଲ୍ଲା ଓ ରାଜ୍ୟରେ କଂଗ୍ରେସର ଏହି ପ୍ରଦର୍ଶନ ପାଇଁ ସେ ଜିଲ୍ଲାର ଦୁଇ ବରିଷ୍ଠ ନେତା ନରସିଂହ ମିଶ୍ର ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଦାୟୀ କରିଥିଲେ। ଏପରିକି ପ୍ରାର୍ଥୀ ଚୟନରେ ଅନିୟମିତତା ହୋଇଥିବା ନେଇ ମଧ୍ୟ ସଂଗିନ୍ ଅଭିଯୋଗ ଆଣିଥିଲେ। ତାଙ୍କର ଏହି ସାମ୍ବାଦିକ ସମ୍ମିଳନୀ ପାଇଁ



ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା କୁହାଯାଉଛି। ପସିସି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଆକବରଙ୍କୁ ଦଳର ଶୃଙ୍ଖଳା କମିଟି ଆକବରଙ୍କୁ ନିଲମ୍ବିତ କରିଥିବା ଏକ ଚିଠିରୁ ସ୍ପଷ୍ଟ ହୋଇଛି। ବରିଷ୍ଠ ନେତା ସନ୍ତୋଷ ସିଂ ସାଲୁଜା ଚିଠି ମାଧ୍ୟମରେ ଆକବରଙ୍କୁ ଏହି ସୂଚନା ଦେଇଛନ୍ତି।

ଅପରପକ୍ଷେ, ଏ ସଂପର୍କରେ ଆକବର ପ୍ରତିକ୍ରିୟା ରଖି କହିଛନ୍ତି ଯେ ଏୟା ହେବ ବୋଲି ମୁଁ ଆଗରୁ ଜାଣିଥିଲି ଏବଂ ସେଥିପାଇଁ ମୁଁ ପ୍ରସ୍ତୁତ ଅଛି। କଂଗ୍ରେସ ଦଳ ପାଇଁ ମୁଁ ସବୁବେଳେ ସଂଗ୍ରାମ କରି ଆସିଛି। ରାହୁଲ ଗାନ୍ଧୀଙ୍କୁ ଦେଖି ରାଜନୀତି ଆରମ୍ଭ କରିଥିଲି। ତେଣୁ ନିଲମ୍ବନ ପରେ ମଧ୍ୟ ସେ କଂଗ୍ରେସ ପାଇଁ କାମ କରିବେ ବୋଲି ଆକବର୍ କହିଛନ୍ତି। ତେବେ ଆକବରଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନକୁ ତାଙ୍କ ସମର୍ଥକମାନେ ସାମାଜିକ ଗଣମାଧ୍ୟମରେ ଘୋର୍ ନିନ୍ଦା କରିଛନ୍ତି।

# ରାଜ୍ୟବାସୀଙ୍କୁ ଧନ୍ୟବାଦ; ମୋଦୀଙ୍କୁ କୃତଜ୍ଞତା: ମୋହନ

**ଭୁବନେଶ୍ୱର,୧୧।୬(ସମିସ):** ସର୍ବପ୍ରଥମେ ମୁଁ ଓଡ଼ିଶାର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭକ୍ତିପୂତ ପ୍ରଣାମ ଜଣାଉଛି। ମହାପ୍ରଭୁଙ୍କ ଆଶୀର୍ବାଦରୁ ଏବଂ ସାଢ଼େ ଚାରିକୋଟି ଓଡ଼ିଆଙ୍କ ସମର୍ଥନରୁ ରାଜ୍ୟରେ ପରିବର୍ତ୍ତନ ସମ୍ଭବପର ହୋଇଛି। ସାଢ଼େ ୪ କୋଟି ଓଡ଼ିଆ ସତ୍ତା ପରିବର୍ତ୍ତନ କରିବା ପାଇଁ ସଙ୍କେତ ପ୍ରଦାନ କରିଥିଲେ। ସେଥିପାଇଁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ଏହାସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କରୁଛି ବୋଲି କହିଛନ୍ତି ଭାବି ମୁଖ୍ୟମନ୍ତ୍ରୀ ମୋହନ ମାଝୀ।



ବିଧାୟକ ଦଳ ନେତା ନିର୍ବାଚିତ ହେବା ପରେ ଶ୍ରୀ ମାଝୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ଯେ ରାଜ୍ୟରେ ଏଥର ସରକାର ପରିବର୍ତ୍ତନ ହେବ ଏବଂ ବିଜେପି ସରକାର ଗଠନ କରିବ। ସାରା ଦେଶରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟରେ ପରିଣତ କରିବା ପାଇଁ ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ବେଳେ ଏହାକୁ ଓଡ଼ିଶାବାସୀ ପୂରଣ କରିଛନ୍ତି। ଦୁଇ ପର୍ଯ୍ୟବେକ୍ଷକ ସରକାର ପ୍ରତିଷ୍ଠା ଦିଗରେ ସମସ୍ତ କାର୍ଯ୍ୟର ସଫଳ ରୂପାୟନ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଉଛି। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନେତୃତ୍ୱରେ ରାଜ୍ୟରେ ସରକାର ପରିବର୍ତ୍ତନ ହେବା ସମ୍ଭବ ହୋଇପାରିଛି। ସେଥିପାଇଁ ତାଙ୍କୁ ଧନ୍ୟବାଦ ଜଣାଉଛି। ରାଜ୍ୟବାସୀଙ୍କ ସମସ୍ତ ଆଶା, ଆକାଂକ୍ଷା ପୂରଣ କରାଯିବ। ସେହିପରି ରାଜ୍ୟରେ ପ୍ରଧାନମନ୍ତ୍ରୀ 'ମୋଦୀ ଗ୍ୟାରେଣ୍ଟି' କଥା କହି ଆସୁଥିବା ବେଳେ ତାହାକୁ ରାଜ୍ୟରେ ପୂର୍ଣ୍ଣମାତ୍ରାରେ ଗ୍ୟାରେଣ୍ଟିର ସହ ପୂରଣ କରାଯିବ ବୋଲି ସେ କହିଛନ୍ତି।

# ଅଭିଜ୍ଞ କନକବର୍ଦ୍ଧନ ଉପମୁଖ୍ୟମନ୍ତ୍ରୀ



ପଶ୍ଚିମ ଓଡ଼ିଶାର ବିଜେପିର ଜଣାଶୁଣା ଚେହେରା କନକ ବର୍ଦ୍ଧନ ସିଂହଦେଓଙ୍କୁ ବିଜେପି ଉପ-ମୁଖ୍ୟମନ୍ତ୍ରୀ କରିଛି। ପାଟଣାଗଡ଼ ବିଧାନସଭାରୁ ବିଧାୟକ ଭାବେ ଚଳିତ ଥର ସେ ନିର୍ବାଚିତ ହୋଇଛନ୍ତି। ଅଭିଜ୍ଞତା ଦୃଷ୍ଟିରୁ କେଭି ସିଂହଦେଓ ରାଜ୍ୟ ବିଜେପି ନେତାଙ୍କ ମଧ୍ୟରେ ସବୁଠୁ ଆଗରେ। ସେ ୬ ଥର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ମେଣ୍ଟ ସରକାରରେ କ୍ୟାବିନେଟ୍ ମନ୍ତ୍ରୀ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଶିଳ୍ପ ଓ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଏବଂ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ନଗର ଉନ୍ନୟନ ମନ୍ତ୍ରୀ ଥିଲେ। ୧୯୯୫ ମସିହାରେ ପ୍ରଥମ ଥର ପାଇଁ ସେ ପାଟଣାଗଡ଼ ବିଧାନସଭା ଆସନରୁ ନିର୍ବାଚିତ ହୋଇଥିଲେ। ଏହା ସହିତ ୨୦୦୦, ୨୦୦୪, ୨୦୦୯, ୨୦୧୪ରେ ସେ ଲଗାତାର ନିର୍ବାଚନ ଜିତି ଆସୁଥିଲେ। ବିଜେଡି-ବିଜେପି ମେଣ୍ଟ ସମୟରେ ଓ ଭାଙ୍ଗିବା ପରେ ମଧ୍ୟ ପାଟଣାଗଡ଼ ଆସନ ତାଙ୍କ ପାଇଁ ଗଡ଼ ହେଇ ରହିଥିଲା। ହେଲେ ୨୦୧୯ ନିର୍ବାଚନରେ ତାଙ୍କୁ ପରାଜୟ ଦେଖିବାକୁ ମିଳିଥିଲା। ବିଜେଡି ପ୍ରାର୍ଥୀଙ୍କ ନିକଟରୁ ସେ ପ୍ରଥମଥର ପାଇଁ ପରାଜିତ ହୋଇଥିଲେ। ଏହାପରେ ପୁଣି ୨୦୨୪ ସାଧାରଣ ନିର୍ବାଚନରେ ସେ ବିଧାୟକ ଭାବେ ନିର୍ବାଚିତ ହେଇଛନ୍ତି। ରାଜ୍ୟର ଉପ-ମୁଖ୍ୟମନ୍ତ୍ରୀ ଭାବେ ବିଜେପି ବିଧାୟକ ଦଳ ବୈଠକରେ ତାଙ୍କୁ ନିର୍ବାଚିତ କରାଯାଇଛି।

# ପ୍ରଥମଥର ବିଧାୟିକାରୁ ଉପମୁଖ୍ୟମନ୍ତ୍ରୀ




ରାଜ୍ୟ ବିଜେପିର ବରିଷ୍ଠ ନେତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ମିଳିଛି ଉପ-ମୁଖ୍ୟମନ୍ତ୍ରୀ ପଦ। ସେ ରାଜ୍ୟ ବିଜେପି ମହିଳା ମୋର୍ଚ୍ଚାର ପୂର୍ବତନ ସଭାନେତ୍ରୀ ଥିଲେ। ଦୀର୍ଘ ଦିନ ଧରି ବିଜେପିର ସଂଗଠନ ସହ ଜଡ଼ିତ ଥିବାବେଳେ ପୂର୍ବରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ନିମାପଡ଼ା ବିଧାନସଭା ଆସନରୁ ସେ ପ୍ରଥମ ଥର ପାଇଁ ବିଧାୟିକା ଭାବେ ନିର୍ବାଚିତ ହୋଇଛନ୍ତି। ନିମାପଡ଼ା ବିଧାନସଭା କ୍ଷେତ୍ରରୁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରଭାତୀ ପେଷାରେ ଜଣେ ଓକିଲ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆଇନ ଡିଗ୍ରୀ ହାସଲ ପରେ ସେ ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିଲେ। ସେ ୨୦୦୯ ମସିହାରେ ରାଜନୀତିରେ ପାଦ ଥାପିଥିଲେ। ନିମାପଡ଼ା ନିର୍ବାଚନ କ୍ଷେତ୍ରରୁ ସ୍ୱାଧୀନ ବଧାୟକ ପ୍ରାର୍ଥୀ ଭାବେ ଲଢ଼ି ପରାଜିତ ହୋଇଥିଲେ। ଏହାପରେ ୨୦୧୪ ଓ ୨୦୧୯ରେ ବିଜେପିରୁ ପ୍ରାର୍ଥୀ ହୋଇଥିଲେ ମଧ୍ୟ ପରାଜିତ ହୋଇଥିଲେ। ୨୦୨୪ ରେ ପୁଣି ବିଜେପି ଟିକେଟ୍‌ରେ ଲଢ଼ିବା ସହ ବିଜୟୀ ହୋଇଛନ୍ତି।

# ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଲାଗି କଡ଼ା ସୁରକ୍ଷା

**ଭୁବନେଶ୍ୱର,୧୧।୬(ସମିସ):** ଆସନ୍ତାକାଲି ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେହିପରି କେନ୍ଦ୍ର ଗୃହମନ୍ତ୍ରୀ, ବହୁ କେନ୍ଦ୍ରମନ୍ତ୍ରୀ, ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ଭିଭିଆଇପି ଏହି କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ମିଳିଛି।

- ୬୭ ପ୍ଲାଟୁନ ସଶସ୍ତ୍ର ପୁଲିସ ଫୋର୍ସ ମୁତୟନ
- ସିସିଟିଭି ନଜରରେ ବନ୍ଦୀ ଜନତା ମଇଦାନ
- ଆଇଜି ପ୍ରବୀଣ କୁମାରଙ୍କୁ ସୁରକ୍ଷା ଦାୟିତ୍ୱ



ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିମାନବନ୍ଦର, ରାଜଭବନ ଓ ସଭାସ୍ଥଳର ସୁରକ୍ଷା ସହ ଟ୍ରାଫିକ ନିୟନ୍ତ୍ରଣ କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ନିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟି ରଖି ବ୍ଲୁ ବୁକ୍ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାଜଧାନୀରେ ହାଇଆଲର୍ଟ ଜାରି କରିବା ସହ ସୁରକ୍ଷା ଦାୟିତ୍ୱରେ ୬୭ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏଥିସହ ଡିସିପି ଓ ଏସ୍‌ପି ପାହ୍ୟାର ୧୩ ଜଣ, ୧୮ ଜଣ ଅତିରିକ୍ତ ଡିସିପି, ଏସିପି/ଡିଏସ୍‌ପି ୫୮ଜଣ, ୯୪ ଇନ୍ସପେକ୍ଟର୍, ଏଏସ୍‌ଆଇ/ଏସ୍‌ଆଇ ୩୧୨ଜଣ, ୨୫୮ଜଣ ହାବିଲଦାର, ୯୪ଜଣ କନଷ୍ଟେବଲ, ୧୩ଜଣ ହୋମଗାର୍ଡ. ୧୧୧ଜଣ ମହିଳା ପୁଲିସ, ୩ଟି ୟୁନିଟ୍ ସ୍ପେଶାଲ ଟ୍ରାକ୍ଟିକାଲ, ଓଡ୍ରାଫ୍ ଟିମ୍, ଅଗ୍ନିଶମ ବିଭାଗ, ଡଗ୍ ସ୍କ୍ୱାଡ୍, ବମ୍ ସ୍କ୍ୱାଡ୍ ମୁତୟନ କରାଯିବ ବୋଲି ପୁଲିସ କମିସନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ଜନତା ମଇଦାନ ସୁରକ୍ଷା ତଦାରଖ ଦାୟିତ୍ୱରେ ଆଇଜି ପ୍ରବୀଣ କୁମାର ରହିବେ। ଅନୁରୂପ ଭାବେ ଡିଆଇଜି ସାର୍ଥକ ଷଡ଼ଙ୍ଗୀ ଏୟାରପୋର୍ଟ ଓ ଟ୍ରାଫିକ୍ ଦାୟିତ୍ୱରେ ଡିଆଇଜି ଉମାଶଙ୍କର ଦାଶ ରହିଛନ୍ତି।

ପ୍ରଧାନମନ୍ତ୍ରୀ ଆସିବା ପୂର୍ବରୁ ଏୟାରପୋର୍ଟରୁ ରାଜଭବନ, ସେଠାରୁ ଜନତା ମଇଦାନର ସଭାସ୍ଥଳ ପର୍ଯ୍ୟନ୍ତ କାରକେଡ୍ ରିହର୍ସାଲ କରାଯାଇଛି। ଏୟାରପୋର୍ଟ, ରାଜଭବନ ଓ ଜନତା ମଇଦାନକୁ ନୋ-ଫ୍ଲାଇଂଜୋନ୍ କରାଯାଇଛି। ଡ୍ରୋନ୍ ଉଡ଼ାଇବା ଉପରେ ବି କଟକଣା ଜାରି ହୋଇଛି। ଏଥିସହ ଉପରୋକ୍ତ ୩ଟି ସ୍ଥାନକୁ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ୨୪ ଘଣ୍ଟା ଧରି ପ୍ରତିଟି ଗତିବିଧି ଉପରେ ନଜର ରଖାଯାଇଛି। ଜନତା ମଇଦାନକୁ ସମ୍ପୂର୍ଣ୍ଣ ସିସିଟିଭି ନଜରରେ ରଖାଯାଇ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରାଯାଉଛି। ଏଥିସହ ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଉଚ୍ଚ ଅଟ୍ଟାଳିକାକୁ ଯାଞ୍ଚ କରାଯିବା ସହ ଭିଭିଆଇପି ରହୁଥିବା ହୋଟେଲ୍‌ଗୁଡ଼ିକରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସହରରେ ପ୍ରବେଶ ଓ ପ୍ରସ୍ଥାନ ପଥରେ ଯାଞ୍ଚକୁ ବଢ଼ାଇ ଦିଆଯିବା ସହ ସହରରେ ଥିବା ହୋଟେଲ୍, ଢ଼ାବାଗୁଡ଼ିକୁ ତନ୍ନତନ୍ନ କରି ଯାଞ୍ଚ କରାଯାଉଛି। ଆସନ୍ତାକାଲି ଦିନ ୨ଟା ୧୦ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ପହଞ୍ଚିବେ। ସେଠାରୁ ସିଧା ରାଜଭବନ ଯାଇ ସେଠାରେ ବିଶ୍ରାମ କରିବେ। ପରେ ରାଜଭବନରୁ ବାହାରି ଅପରାହ୍ଣ ୪ଟା ୪୫ମିନିଟ୍‌ରେ ଜନତା ମଇଦାନରେ ପହଞ୍ଚିବେ। ସେଠାରେ ଘଣ୍ଟାଏ ରହିବା ପରେ ସନ୍ଧ୍ୟା ୫ଟା ୫୫ମିନିଟ୍‌ରେ ପ୍ରଧାନମନ୍ତ୍ରୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଛି।

# ବର୍ଷକୁ ଦୁଇଥର ନାମଲେଖା ପାଇଁ ଉଚ୍ଚଶିକ୍ଷାନୁଷ୍ଠାନକୁ ଅନୁମତି

ଭୁବନେଶ୍ୱର, ୧୧।୬ (ସମିସ): ଏଣିକି ବିଶ୍ୱବିଦ୍ୟାଳୟ ଓ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ବର୍ଷକୁ ଦୁଇଥର ନାମ ଲେଖାଇ ପାରିବେ। ବର୍ଷକୁ ଗୋଟିଏ ପରିବର୍ତ୍ତେ ୨ଟି ଶିକ୍ଷା ଅଧିବେଶନ ହେବ। ଏଥିପାଇଁ ଜୁଲାଇ-ଅଗଷ୍ଟ ଏବଂ

- ପ୍ରଥମ ପର୍ଯ୍ୟାୟରେ ବଞ୍ଚିତ ଛାତ୍ରଛାତ୍ରୀ ଉପକୃତ ହେବେ
- ବିଶ୍ୱସ୍ତରୀୟ ପ୍ରତିଯୋଗୀତାରେ ଦେଶ ହେବ ସାମିଲ
- ଦୁଇଥର ମିଳିପାରେ କ୍ୟାମ୍ପସ୍ ନିଯୁକ୍ତି ସୁଯୋଗ

ଜାନୁଆରୀ-ଫେବ୍ରୁଆରୀ ମାସରେ ନାମଲେଖା କରାଯିବ। ଚଳିତ ୨୦୨୪-୨୫ ଶିକ୍ଷାବର୍ଷରୁ ଶିକ୍ଷାନୁଷ୍ଠାନଗୁଡ଼ିକ ଏହାକୁ ଲାଗୁ କରିପାରିବେ ବୋଲି କହିଛନ୍ତି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ମୁଖ୍ୟ ଜଗଦେଶ କୁମାର।

ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ବର୍ଷକୁ ଦୁଇଥର ନାମଲେଖା ହେଲେ ବହୁ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ। ଯଦି କେହି ନାମଲେଖାରୁ ବଞ୍ଚିତ ହେଇଥିବେ, ତାଙ୍କୁ ଆଉ ବର୍ଷେ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ସେହି ଶିକ୍ଷାବର୍ଷରେ ହିଁ ସେ ନାମ ଲେଖାଇ ପାରିବ। ରେଜଲ୍ଟ ପ୍ରକାଶ ହୋଇନଥିଲେ, ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ବ୍ୟକ୍ତିଗତ କାରଣରୁ କୌଣସି ଛାତ୍ରଛାତ୍ରୀ ପ୍ରଥମ ପର୍ଯ୍ୟାୟରେ ନାମ ଲେଖାଇ ପାରିନଥିଲେ ସେମାନେ ଦ୍ୱିତୀୟ ପର୍ଯ୍ୟାୟରେ ନାମ ଲେଖାଇପାରିବ। ସେହିପରି ବର୍ଷକୁ ଦୁଇଥର ନାମଲେଖା ହେଲେ କମ୍ପାନୀଗୁଡ଼ିକ ମଧ୍ୟ ବର୍ଷକୁ ଦୁଇଥର କ୍ୟାମ୍ପସ ନିଯୁକ୍ତି ପାଇଁ ଆଗଭର ହୋଇପାରନ୍ତି ବୋଲି ଶ୍ରୀ କୁମାର ମତବ୍ୟକ୍ତ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ବିଶ୍ୱବ୍ୟାପୀ ବିଶ୍ୱବିଦ୍ୟାଳୟଗୁଡ଼ିକ ବର୍ଷକୁ ଦୁଇଥର ନାମଲେଖା ପ୍ରକ୍ରିୟା ଅନୁସରଣ କରୁଛନ୍ତି। ଦେଶରେ ଏହା କାର୍ଯ୍ୟକାରୀ ହେଲେ ଅନ୍ତର୍ଜାତୀୟ ସହଯୋଗ ସହ ଛାତ୍ର ବିନିମୟକୁ ମଧ୍ୟ ଆମ ଶିକ୍ଷାନୁଷ୍ଠାନଗୁଡ଼ିକ ବଢ଼ାଇ ପାରିବେ। ଫଳରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସାମିଲ ହୋଇ ସମସ୍କନ୍ଧ ହୋଇପାରିବା ବୋଲି ସେ କହିଛନ୍ତି। ତେବେ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ବର୍ଷକୁ ଦୁଇଥର ନାମଲେଖା ବାଧ୍ୟତାମୂଳକ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ୟୁଜିସି ବର୍ଷକୁ ଦୁଇଥର ନାମଲେଖା ପାଇଁ ଅନୁମତି ଦେଇଛି। ଯେଉଁ ଉଚ୍ଚଶିକ୍ଷାନୁଷ୍ଠାନ ସେମାନଙ୍କର ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି କରିବାକୁ ବା କୌଣସି ନୂଆ ପାଠ୍ୟକ୍ରମ ସାମିଲ କରିବା ପାଇଁ ଚାହୁଥିବେ, ସେମାନେ ଏହାର ସୁଯୋଗ ନେଇପାରିବେ ବୋଲି ସେ ସୂଚନା ଦେଇଛନ୍ତି।

# ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ

**ବଡ଼ମ୍ବା, ୧୧।୬ (ସମିସ):** କଟକ ବଡ଼ମ୍ବା ଥାନା ଅଧୀନ ସାନବାରସିଂହ ପଞ୍ଚାୟତ ଖଳିମାଟି ଗାଁରେ ଦନ୍ତା ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଆଜି ସକାଳ ୭ଟାରେ ଖଳିମାଟି ଗ୍ରାମର ଗୟାଧର ଦେହୁରୀ (୭୦) ଘର ଛପର ପାଇଁ ପାଖ ଜଙ୍ଗଲକୁ ଲଇ ସଂଗ୍ରହ କରିବାକୁ ଯାଇଥିଲେ। ଏହି ସମୟରେ ସେ ଏକ ଦନ୍ତାହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତାଟି ଗୟାଧରଙ୍କୁ ଆକ୍ରମଣ କରିଥିଲା। ଅପରପକ୍ଷେ, ଗୟାଧରଙ୍କ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକ ସ୍ଥାନୀୟ ବାସିନ୍ଦାଙ୍କ ସହ ଜଙ୍ଗଲ ଭିତରକୁ ଯାଇଥିଲେ। ଖୋଜାଖୋଜି କରିବା ପରେ ଜଙ୍ଗଲ ମଧ୍ୟରୁ କ୍ଷତବିକ୍ଷତ ଅବସ୍ଥାରେ ମୃତଦେହ ଠାବ କରିଥିଲେ। ତାଙ୍କ ମୃତଶରୀର ନିକଟରେ ହାତୀ ପାଦଚିହ୍ନ ପଡ଼ିଥିବା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ଆଠଗଡ଼ ବନାଞ୍ଚଳ ଅଧିକାରୀ ପ୍ରଭାତ ରାଉତ, ବଡ଼ମ୍ବା ସଦର ବନାଞ୍ଚଳ ଫରେଷ୍ଟର କୃଷ୍ଣଚନ୍ଦ୍ର ସ୍ୱାଇଁ ପହଞ୍ଚି ମୃତଦେହକୁ ବଡ଼ମ୍ବା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଶ୍ରୀ ଦେହୁରୀଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ହାତୀ ଆକ୍ରମଣରେ ପ୍ରାଣ ହରାଇଥିବା ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଛଅ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ବନବିଭାଗ ତରଫରୁ ସୂଚନା ଦିଆଯାଇଛି। ଆସନ୍ତାକାଲି ତାଙ୍କ ପରିବାରକୁ ୬୦ହଜାର ଟଙ୍କା ଅନ୍ତିମ ସଂସ୍କାର ନିମନ୍ତେ ପ୍ରଦାନ କରାଯିବା ବୋଲି ବଡ଼ମ୍ବା ଫରେଷ୍ଟର ସୂଚନା ଦେଇଛନ୍ତି।

# ରେଳଧାରଣାରୁ ବୃଦ୍ଧ ଦମ୍ପତିଙ୍କ ଶବ ଜବତ

**ତୁରେକେଲା, ୧୧।୬(ସମିସ):** ମଙ୍ଗଳବାର ବଲାଙ୍ଗିର ଜିଲ୍ଲା ତୁରେକେଲା ଷ୍ଟେସନ୍ ନିକଟ ତୁରେକେଲାରୁ ଲାଠୋର ଯିବା ରେଳଲାଇନ୍ ଟ୍ରାକ୍‌ରୁ ଏକ ବୃଦ୍ଧ ଦମ୍ପତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଦମ୍ପତି ହେଲେ, ଲାଠୋର ଥାନା ଅନ୍ତର୍ଗତ ଜଳପାଙ୍କେର ଗ୍ରାମର ମକାରୁ ରଣା ଓ ତାଙ୍କ ସ୍ତ୍ରୀ ହୀରା ରଣା। ଉଭୟଙ୍କ ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ତେବେ ଏହି ରଣା ଦମ୍ପତିଙ୍କ ମୃତ୍ୟୁକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସେମାନେ ଆତ୍ମହତ୍ୟା କରିଛନ୍ତି ନା କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଛି; ସେନେଇ ଆଲୋଚନା ହେଉଛି। କଣ୍ଟାବାଞ୍ଜି ଜିଆରପି ଓ ଆରପିଏଫ ଦମ୍ପତିଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

**ଆତ୍ମହତ୍ୟା ନା ଯୋଜନାବଦ୍ଧ ହତ୍ୟା; ବଢୁଛି ସନ୍ଦେହ**

ପରିବାରଲୋକଙ୍କ କହିବା କଥା, ଦୀର୍ଘଦିନ ହେଲା ମକାରୁଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିଲା। ହୀରା ମଧ୍ୟ ଠିକ୍ ଭାବେ ଦେଖି ପାରୁନଥିଲେ। କିନ୍ତୁ ୨ପୁଅଙ୍କ ପରିବାରକୁ ନେଇ ସେମାନେ ହସଖୁସିରେ ରହୁଥିଲେ। ତେବେ ଦୁହେଁ କେମିତି ରେଳ ଲାଇନ୍‌କୁ ଆସିଲେ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗାଁରୁ ତୁରେକେଲା ରେଳଷ୍ଟେସନ୍ ମୁଖ୍ୟ ରାସ୍ତା ଦେଇ ଆସିବାକୁ ହେଲେ ପ୍ରାୟ ୧୫କିମିରୁ ଉର୍ଦ୍ଧ୍ୱ ଦୂରତା ରହିଛି। ଘଞ୍ଚ ଜଙ୍ଗଲ ଦେଇ ଆସିଥିବା ରେଳଲାଇନ ଟ୍ରାକ୍‌କୁ ବୃଦ୍ଧ ଦମ୍ପତି ଆସିବା ଏକପ୍ରକାର ଅସମ୍ଭବ। ତେଣୁ ଏହାକୁ ନେଇ ଭିନ୍ନ ଭିନ୍ନ ଆଲୋଚନା ହେଉଛି। ଅପରପକ୍ଷେ ଯଦି ବି ବୃଦ୍ଧ ଦମ୍ପତି ଆତ୍ମହତ୍ୟା କରିଛନ୍ତି, ତେବେ ତା' ପଛରେ କାରଣ କ'ଣ; ତାହା ବି ଏଯାବତ୍ ଜଣାପଡ଼ିନାହିଁ। ତେଣୁ ପୁଲିସ୍ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

# ଦାୟିତ୍ୱ ନେଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ

**ଭୁବନେଶ୍ୱର, ୧୧।୬(ସମିସ):** କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ରେଳ ଭବନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ରେଳବାଇ ବୋର୍ଡର ଅଧ୍ୟକ୍ଷ ତଥା ସିଇଓ ଜୟ ବର୍ମା ସିହ୍ନାଙ୍କ ସମେତ ରେଳବାଇର ବରିଷ୍ଠ ଅଧିକାରୀମାନେ ତାଙ୍କୁ ରେଳ ଭବନରେ ସ୍ୱାଗତ କରିଥିଲେ। ଦପ୍ତରର କର୍ମଚାରୀ ଏବଂ ରେଳବାଇର ଅନ୍ୟ ଅଧିକାରୀମାନେ ମଧ୍ୟ ମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ବୈଷ୍ଣବ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱାରା ଧାର୍ଯ୍ୟ ଦୀର୍ଘମିଆଦି ପରିକଳ୍ପନାକୁ ସାକାର କରିବା ପାଇଁ ତାଙ୍କର ଅତୁଟ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ।



ରେଳବାଇ ସହ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଏକ ସ୍ୱତନ୍ତ୍ର ଭାବନା ସମ୍ପର୍କ ରହିଛି ଏବଂ ଭାରତୀୟ ରେଳପଥ ଯେପରି ସାଧାରଣ ଲୋକଙ୍କ ପାଇଁ ସୁଲଭ ଏବଂ ସୁବିଧାଜନକ ପରିବହନ ମାଧ୍ୟମ ହୋଇ ରହିବ, ତାହା ସୁନିଶ୍ଚିତ କରିବା ପାଇଁ ସେ ମୋତେ ତାଙ୍କର ପରିବର୍ତ୍ତନମୂଳକ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ପାଇଁ ଦାୟିତ୍ୱ ଦେଇଛନ୍ତି ବୋଲି ସେ କହିଥିଲେ।

# ଭୁବନେଶ୍ୱର-ହାଇଦ୍ରାବାଦ ମଧ୍ୟରେ ଉଡ଼ିବ ଇଣ୍ଡିଗୋ

**ଭୁବନେଶ୍ୱର, ୧୧।୬ (ସମିସ):** ଅଗଷ୍ଟ ୩୦ରୁ ଇଣ୍ଡିଗୋ ବିମାନ ଭୁବନେଶ୍ୱର ଓ ପଶ୍ଚିମବଙ୍ଗର ଦୁର୍ଗାପୁର ମଧ୍ୟରେ ଚଳାଚଳ ଆରମ୍ଭ କରିବ। ଉଭୟ ସହର ମଧ୍ୟରେ ଦୈନିକ ବିମାନ ସେବା ଜାରି ରହିବ। ବିମାନ ଯାତ୍ରା ଅବଧି ୧ ଘଣ୍ଟା ୪୦ ମିନିଟ୍ ରହିବ। ଭୁବନେଶ୍ୱରରୁ ଦୁର୍ଗାପୁର ଯିବା ପାଇଁ କୋଲକାତା ବିମାନବନ୍ଦର ଯିବା ଜରୁରୀ ଥିଲା। ସେଥିପାଇଁ ୫ ଘଣ୍ଟା ସମୟ ଲାଗୁଥିଲା ଏବଂ ଯାତ୍ରୀମାନେ ଅଧିକ ଅର୍ଥ ବ୍ୟୟ କରିବାକୁ ବାଧ ହେଉଥିଲେ। ଅପରପକ୍ଷେ, ରାଉରକେଲାରୁ ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦକୁ ବିମାନସେବା ଆରମ୍ଭ ପାଇଁ ଇଣ୍ଡିଗୋ ଇଚ୍ଛୁକ ଥିବା ଜଣାପଡ଼ିଛି। ସେହିପରି ଆଲିଆନ୍ସ ଏୟାର ରାଉରକେଲାରୁ ଭାୟା ରାୟପୁର ବେଙ୍ଗାଲୁରୁ ଓ ହାଇଦ୍ରାବାଦକୁ ବିମାନ ସେବା ଆରମ୍ଭ ପାଇଁ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି।



# ଶୁଭେଚ୍ଛା ଜଣାଇଲେ ପ୍ରଣବ ପ୍ରକାଶ

**ଭୁବନେଶ୍ୱର, ୧୧।୬(ସମିସ):** ଓଡ଼ିଶାର ଭାବି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ। ଏଥିସହ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ପ୍ରଭାତୀ ପରିଡ଼ାଙ୍କୁ ମଧ୍ୟ ଶ୍ରୀ ଦାସ ଅଭିନନ୍ଦନ ଜଣାଇଛନ୍ତି। ଟ୍ୱିଟ୍ କରି ଶ୍ରୀ ଦାସ କହିଛନ୍ତି ଯେ ଓଡ଼ିଶାବାସୀଙ୍କ ଆଶା, ଆକାଂକ୍ଷା ପୂରଣ କରିବାରେ ନୂଆ ନେତୃତ୍ୱ କାର୍ଯ୍ୟ କରିବ ବୋଲି ମୋର ଆଶା।

## ଲୋକକଥା



ଓଡ଼ିଆ ପୁଅଟେ ମୁଖ୍ୟମନ୍ତ୍ରୀ ହେଲେ
ରାଇଜ ଉଠିବ ହସି,
ପ୍ରଚାର ବେଳରେ ବଡ଼ ପାଟି କରି
ମୋଦୀ କହିଥିଲେ ଆସି।
ବାଛିଲେ ସେ ଅଙ୍କ କଷି,
ଶିକ୍ଷକଙ୍କ ହାତେ ଶାସନର ମଙ୍ଗ
ମୋହନ ଫୁଙ୍କିବେ ବଂଶୀ ॥

# ଦୁର୍ଘଟଣାରେ ଗଲା ୬ ଜୀବନ

## କେନ୍ଦୁଝର: ୨୪ ଘଣ୍ଟାରେ ୪ ମୃତ

କେନ୍ଦୁଝର/ତୁରୁମୁଙ୍ଗା, ୧୧।୬ (ସମିସ): ଗତ ୨୪ ଘଣ୍ଟାରେ କେନ୍ଦୁଝର ଜିଲ୍ଲାରେ ସଡ଼କ ଦୁର୍ଘଟଣା ୪ ଜଣଙ୍କ ଜୀବନ ନେଇଛି। ଅଜଣା ଗାଡ଼ି ଧକ୍କାରେ କେନ୍ଦୁଝର ସହରରେ ୨ଜଣ, ତୁରୁମୁଙ୍ଗା ଥାନା ଅଞ୍ଚଳରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପାଟଣା ଥାନା ଅଞ୍ଚଳରେ ଟ୍ରାକ୍ଟର ଓଲଟି ଜଣଙ୍କର ମୃତ୍ୟୁ ହୋଇଛି।

କେନ୍ଦୁଝର ସହର ନିକଟ ମଣ୍ଡୁଆଠାରେ ସୋମବାର ବିଳମ୍ବିତ ରାତ୍ରିରେ ଏକ ଅଜଣା ଗାଡ଼ି ଧକ୍କାରେ ୨ଜଣ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ଟାଉନ ଥାନା ଅଞ୍ଚଳ ରାଧିକାଦେଇପୁରର ବିନୋଦ ନାଏକ ଓ ଜନାର୍ଦ୍ଦନପୁର ଶାସନର ସ୍ୱାଧୀନ ନାଏକ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଉଭୟଙ୍କର ମୃତ୍ୟୁ ହୋଇଯାଇଥିଲା। ମଙ୍ଗଳବାର ଟାଉନ୍ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ସେହିପରି ତୁରୁମୁଙ୍ଗା ଥାନା ଅନ୍ତର୍ଗତ ବାଉଁଶୁଳି-ଉଖୁଣ୍ଡା ରାସ୍ତାର ଭଅଁରପୁର ପୋଲ ଉପରେ ସୋମବାର ବିଳମ୍ବିତ ରାତିରେ ଅଜଣା ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ତେଲକୋଇ ଥାନା ଶଙ୍କରପୁର ଗ୍ରାମର ନେତ୍ରାନନ୍ଦ ମହାନ୍ତ (୪୨)। ସେ ତେଲକୋଇରୁ ଚାଲି ଚାଲି ଆସି ବାରିଆ ଥାନା ଟୁଙ୍କୁଡିହା ଗ୍ରାମକୁ ତାଙ୍କ ଶଳା ଡମ୍ବରୁ ଧରଙ୍କ ଘରକୁ ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଖବର ପାଇ ଘଟଣାସ୍ଥଳରେ ତୁରୁମୁଙ୍ଗା ଥାନା ପୁଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଏସ୍‌ଆଇ ତାପସ କୁମାର ଦାସ ମେଡିକାଲରେ ଶବ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସେହିପରି ପାଟଣା ଥାନା ଗୋଜିଟାଙ୍ଗିରି ନିକଟରେ ମଙ୍ଗଳବାର ଅପରାହ୍ଣରେ ଟ୍ରାକ୍ଟର ଓଲଟି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ବାଲିତୋଟା ଗ୍ରାମର ଚକ୍ରଧର ନାଏକ (୩୪)। ଦୁର୍ଘଟଣା ପରେ ଶ୍ରମିକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଶ୍ରମିକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସାହାରପଡ଼ା ଫାଣ୍ଡି ପୁଲିସ କରଞ୍ଜିଆ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଏନେଇ ପାଟଣା ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଛି।

## ପୋଲକୁ ଧକ୍କା ଦେଲା କାର୍; ୨ ମୃତ

**ବସ୍ତା ବ୍ଲକ, ୧୧।୬(ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୬୦ ନମ୍ବର୍ ଜାତୀୟ ରାଜପଥର ପୁନସିତା ନିକଟରେ ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ସୋମବାର ବିଳମ୍ବିତ ରାତିରେ ଏକ କାର୍‌ରେ ଚାରିଜଣ ବ୍ୟକ୍ତି ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ପୁନସିତା ନିକଟରେ ପୋଲକୁ କାରଟି ଧକ୍କା ଦେଇଥିଲା। ଫଳରେ କାରରେ ଥିବା ଚାରିଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକ ଗୁରୁତରଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନା ନେଇଥିବା ବେଳେ ସେଠାରେ ଡାକ୍ତର ସହଦେବଖୁଣ୍ଟା ଥାନା ଭାସ୍କରଗଞ୍ଜ ଅଞ୍ଚଳର ସୁକାନ୍ତି ପଣ୍ଡା(୫୫) ଓ ଟାଉନ୍ ଥାନା ଗୋପାଳଗଞ୍ଜ ଅଞ୍ଚଳର ରବୀନ୍ଦ୍ର ବାରିକ୍(୭୨)ଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇଜଣଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ଉଭୟଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିବା ସହିତ ଘଟଣାର ତଦନ୍ତ ଚଳାଇଥିବା ଜଣାଯାଇଛି। ବସ୍ତା ପୁଲିସ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବଜ୍ରପାତରେ ଚାଷୀ ମୃତ

**ଧରାକୋଟ/ବେଲଗୁଣ୍ଠା, ୧୧।୬(ସମିସ):** ମଙ୍ଗଳବାର ଅପରାହ୍ଣରେ ଚାଷ ଜମିକୁ ଖତ ପକାଇବାକୁ ଯାଇଥିବା ବେଳେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗାଙ୍ଗପୁର ଥାନା ତଥା ଧରାକୋଟ ବ୍ଲକ କଳାସୁତା ଗ୍ରାମର ପାଣ୍ଡବ ପ୍ରଧାନ(୫୨)। ସେ ମଙ୍ଗଳବାର ଅପରାହ୍ଣରେ ଚାଷ ଜମି ଲଣ୍ଡାଜୁଆଳି ପାହାଡ଼ ନିକଟ ବିଲକୁ ଖତ ପକାଇବାକୁ ଯାଇଥିଲେ। ସେ ଚାଷ ଜମିରେ ଛିଡ଼ା ହୋଇଥିବା ବେଳେ ଅଚାନକ ବଜ୍ରପାତ ହୋଇଥିଲା। ଏଥିରେ ପାଣ୍ଡବ ବିଲରେ ଟଳି ପଡ଼ିଥିଲେ। ପରିବାରଲୋକେ ତାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଙ୍ଗପୁର ପୁଲିସ ନଂ୧୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବୁଧବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

# ଡଃ ପ୍ରଭାସ ଆଚାର୍ଯ୍ୟ 'ସମାଜ'ର ନୂତନ ସମ୍ପାଦକ



**ଭୁବନେଶ୍ୱର, ୧୧।୬ (ସମିସ):** ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିଷ୍ଠିତ ସର୍ବ ପୁରାତନ ଦୈନିକ ସମ୍ବାଦପତ୍ର 'ସମାଜ'ର ନୂତନ ସମ୍ପାଦକ ଭାବେ ଡଃ ପ୍ରଭାସ ଆଚାର୍ଯ୍ୟ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜ କୁମାର ଚୋପ୍ରାଙ୍କ ଉପସ୍ଥିତିରେ 'ସମାଜ'ର ପୂର୍ବତନ ସମ୍ପାଦକ ଡଃ ପ୍ରମୋଦ କୁମାର ମହାପାତ୍ରଙ୍କ ଠାରୁ ଡଃ ଆଚାର୍ଯ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉତ୍ସବରେ ସମାଜର ମୁଖ୍ୟ ପରିଚାଳକ ଶିବରାମ ମିଶ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଡଃ ଆଚାର୍ଯ୍ୟ ଉତ୍କଳମଣିଙ୍କ ଆଦର୍ଶକୁ ପାଥେୟ କରି ଏହି ପୁରାତନ ସମ୍ବାଦପତ୍ରର ପାଠକୀୟ ବିଶ୍ୱସନୀୟତା ବଜାୟ ରଖିବା ଦିଗରେ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ଡଃ ଆଚାର୍ଯ୍ୟ ଗଣମାଧ୍ୟମ ଜଗତର ଜଣେ ପରିଚିତ ବ୍ୟକ୍ତିତ୍ୱ। ସମ୍ପ୍ରତି ସେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟସମ୍ପାଦକ ସହ 'ସମାଜ'ର ମୁଦ୍ରାକାର ଓ ପ୍ରକାଶକ ଅଛନ୍ତି।

■ ଋଣ ପରିଶୋଧ ପରେ ମଧ୍ୟ ଏଲଆଇସି ବଣ୍ଡ ଫେରସ୍ତ କରାନଯିବା ପ୍ରସଙ୍ଗ

# ଗ୍ରାହକଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଖାଉଟି କମିସନଙ୍କ ନିର୍ଦ୍ଦେଶ

**କଟକ, ୧୧।୬(ସମିସ):** ଜନୈକ ବ୍ୟକ୍ତି ଋଣ ପରିଶୋଧ କରିସାରିଥିଲେ ମଧ୍ୟ ତାଙ୍କୁ ତାଙ୍କର ଏଲଆଇସି ବଣ୍ଡ ବ୍ୟାଙ୍କ ଫେରସ୍ତ ନକରିବା ପ୍ରସଙ୍ଗରେ ଦାୟର ମାମଲାକୁ କଟକ ଜିଲ୍ଲା ଖାଉଟି ବିବାଦ ସମାଧାନ ଆୟୋଗ(କମିସନ) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଉପଯୁକ୍ତ ସେବା ପ୍ରଦାନରେ ବ୍ୟାଙ୍କ ଅବହେଳା କରିଥିବାରୁ ସମ୍ପୃକ୍ତ ଗ୍ରାହକଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଓ ୩୦ହଜାର ଟଙ୍କା ମକଦ୍ଦମା ପରିଚାଳନା ବାବଦ ଖର୍ଚ୍ଚ ପ୍ରଦାନ ପାଇଁ କମିସନ ନିର୍ଦ୍ଦେଶ ଦେଇଛନ୍ତି। ଏକ ଜାତୀୟକରଣ ବ୍ୟାଙ୍କର ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଶାଖା ପରିଚାଳକଙ୍କ ସମେତ ମୁମ୍ବାଇସ୍ଥିତ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ଓ ଭୁବନେଶ୍ୱରସ୍ଥିତ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକଙ୍କୁ ଖାଉଟି ବିବାଦ ସମାଧାନ କମିସନ ଏପରି ନିର୍ଦ୍ଦେଶ ଦେଇଛନ୍ତି। ୩୦ ଦିନ ମଧ୍ୟରେ ଏହି ରାୟ କାର୍ଯ୍ୟକାରୀ କରାଯିବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ରାମଚନ୍ଦ୍ର ଦାଶଙ୍କ ଆବେଦନର ଶୁଣାଣି କରି କମିସନ ସଭାପତି ଦେବାଶିଷ ନାୟକ ଓ ସଦସ୍ୟ ଶିବାନନ୍ଦ ମହାନ୍ତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ସମ୍ପୃକ୍ତ ବ୍ୟାଙ୍କ ଶାଖାରୁ ଆବେଦନକାରୀ ନିଜ ଜମିର ପଟ୍ଟା (ଆରଓଆର) ଓ ଏକ ଏଲଆଇସି ବଣ୍ଡ ଜମା ରଖି ଏକ ଗୃହ ଋଣ ନେଇଥିଲେ। ସେ ସମ୍ପୂର୍ଣ୍ଣ ଋଣ ପରିଶୋଧ କଲା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଆରଓଆର ଫେରାଇଥିଲେ ମଧ୍ୟ ଏଲଆଇସି ବଣ୍ଡ ଦେଇ ନଥିଲେ। ବାରମ୍ବାର ଅନୁରୋଧ ପରେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ କିଛି ପଦକ୍ଷେପ ନେଇନଥିଲେ। ଫଳରେ ବାଧ୍ୟ ହୋଇ ଆବେଦନକାରୀ ୨୦୨୩ରେ ଖାଉଟି କମିସନରେ ମାମଲା ରୁଜୁ କରିଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଦୀପ୍ତିରାଣୀ ମହାନ୍ତି ମାମଲା ପରିଚାଳନା କରୁଥିବା ବେଳେ ପଦ୍ମଲୋଚନ ରାଉତ ସହାୟତା କରୁଥିଲେ।



# ପ୍ରତ୍ୟେକ ଚାଷୀ ଜଣେ ଜଣେ ବୈଜ୍ଞାନିକ

**ତାମିଲନାଡୁରେ ଜନ୍ମିତ ଡ. ସୁଲତାନ ଅହମ୍ମଦ ଇସ୍ମାଇଲ ପରିବେଶ ବିଜ୍ଞାନ କ୍ଷେତ୍ରରେ ଏକ ସମ୍ମାନସ୍ପଦ ଉଚ୍ଚାରଣ। ବର୍ତ୍ତମାନ ସେ ତାମିଲନାଡୁ ସରକାରଙ୍କର ରାଜ୍ୟ ଯୋଜନା କମିଟିର ସଦସ୍ୟ ଭାବେ କାର୍ଯ୍ୟରତ। ବିଶେଷକରି ସେ ତାମିଲନାଡୁର ଜୈବିକ ଚାଷନୀତି, ଜମି ବ୍ୟବହାର ନୀତି, ଜଳ ପରିଚାଳନା ନୀତି, ବର୍ଜ୍ୟ ପରିଚାଳନା ନୀତି ସହ ଶିକ୍ଷାନୀତି ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ପେସାରେ ସେ ଜଣେ ପ୍ରାଣୀବିଜ୍ଞାନୀ ଅଧ୍ୟାପକ। କିନ୍ତୁ ନିଶା ପରିବେଶ ସମ୍ବନ୍ଧୀୟ ସମସ୍ୟା ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିବା। ସାରା ଭାରତବର୍ଷରେ ସେ ପରିବେଶକୁ ନେଇ ଲକ୍ଷାଧିକ ଲୋକଙ୍କୁ ସଚେତନ କରିବାରେ ସକ୍ଷମ ହୋଇପାରିଛନ୍ତି। ବିଶେଷକରି କୃଷକ ଓ କୃଷି କ୍ଷେତ୍ରକୁ ମଜଭୁତ୍ କରିବା ତାଙ୍କର ମୂଳ ଲକ୍ଷ୍ୟ। ତାଙ୍କ କହିବାନୁସାରେ, ପ୍ରତ୍ୟେକ କୃଷକ ଜଣେ ଜଣେ ବୈଜ୍ଞାନିକ। ତେଣୁ ତାଙ୍କୁ ଆମେ କୌଣସି ଜ୍ଞାନ ଦେବା ପୂର୍ବରୁ ତାଙ୍କ ଜ୍ଞାନ ଓ ଅଭିଜ୍ଞତାକୁ ସମ୍ମାନ ଜଣାଇବା ଆବଶ୍ୟକ। ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଭୁବନେଶ୍ୱର ଆସିଥିବା ଡ. ଇସ୍ମାଇଲଙ୍କ ସହ 'ସକାଳ' ପ୍ରତିନିଧି ଦେବାଶିଷ ପଣ୍ଡାଙ୍କ ସହ ସ୍ୱଳ୍ପ ଆଳାପ...**

**ପ୍ର: ବର୍ତ୍ତମାନର ଜଳବାୟୁରେ ଏକ ବିରାଟ ପରିବର୍ତ୍ତନ ଦେଖାଦେଉଥିବା ବେଳେ ସ୍ୱାସ୍ଥ୍ୟକର ଫସଲ ଉତ୍ପାଦନ ପାଇଁ ପାରମ୍ପରିକ ପଦ୍ଧତି ତଥା ହଳ-ଲଙ୍ଗଳର ଉପଯୋଗ ଆବଶ୍ୟକ କି?**

**ଉ:** ବର୍ତ୍ତମାନ ସମୟରେ ଆମେ ବ୍ୟବହାର କରୁଥିବା ଯେକୌଣସି ଅତ୍ୟାଧୁନିକ ଜ୍ଞାନକୌଶଳ କୃଷକକୁ ସବୁବେଳେ ସହଯୋଗ କରିବା ଆବଶ୍ୟକ। କିନ୍ତୁ ପୂରା ଦେଶରେ ଏହାର ବିପରୀତ ଦେଖିବାକୁ ମିଳୁଛି। ସେହିଭଳି ଆମ ଭାରତୀୟ ଜଳବାୟୁ ସମ୍ପୂର୍ଣ୍ଣ ଭିନ୍ନ। ବିଦେଶର ଜଳବାୟୁ ସହ ଆମେ ତୁଳନା କରି ସେଠାରେ ବ୍ୟବହାର ହେଉଥିବା ଜ୍ଞାନକୌଶଳକୁ ଆଖି ବନ୍ଦ କରି ଆପଣାଇବା ଅନୁଚିତ। ତେଣୁ କୃଷକମାନେ ସେଠିକାର ଜ୍ଞାନକୌଶଳକୁ ଅନୁଶୀଳନ କରି ନିଜକୁ ସୁହାଇଲା ଭଳି ତାକୁ ବ୍ୟବହାର କରିବା ଆବଶ୍ୟକ। ତେବେ ଯାଇ କୃଷକମାନଙ୍କର ଲାଭ ହୋଇପାରିବ। ନଚେତ ଆମେ ତାଙ୍କ ବ୍ୟବହାର୍ଯ୍ୟ ବସ୍ତୁକୁ ସିଧାସଳଖ ଆଣି ବ୍ୟବହାର କଲେ, ତାଙ୍କ ବିଶେଷଜ୍ଞ ତଥା ପରାମର୍ଶଦାତାଙ୍କର ଆବଶ୍ୟକତା ପଡ଼ିବ। ଏମିତି ହେଲେ, ଆମ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ ବହୁତ ବଢ଼ିଯିବ। ଯାହା ଚାଷୀକୁ କ୍ଷତି ପହଞ୍ଚାଇବ।

ଭାରତରେ କୃଷି ଏକ ଏମିତି ବେଉସା, ଯେଉଁଥିରେ ଉତ୍ପାଦିତ ଦ୍ରବ୍ୟର ମୂଲ୍ୟ କୃଷକ ସ୍ଥିର କରିନଥାଏ, ବରଂ ତାହା ବଜାର ଚାହିଦା ଦ୍ୱାରା ସ୍ଥିର ହୋଇଥାଏ। ତେଣୁ କୃଷକଟିଏ କୃଷି କାର୍ଯ୍ୟ କରିବାକୁ ପଛଘୁଞ୍ଚା ଦେଉଛି। ଯେତେବେଳେ କୃଷକ ନିଜ ଉତ୍ପାଦିତ ଦ୍ରବ୍ୟର ଦାମ୍ ନିଜେ ସ୍ଥିର କରିପାରିବ, ସେତେବେଳେ ଏହି ବୃତ୍ତିର ଚାହିଦା ବୃଦ୍ଧି ପାଇବ ଓ ସମସ୍ତେ ଏହାକୁ ଆପଣାଇବାକୁ ବାଧ୍ୟ ହେବେ। କୃଷକର ବିକାଶ ହେଲେ ସମଗ୍ର ଦେଶର ବିକାଶ ହେବ। ସବୁ ବୃତ୍ତି ତଥା ପେସାରେ ଆର୍ଥିକ ବିକାଶ ସମୟ ସହ ତାଳ ଦେଇ ହେଉଥିବା ବେଳେ କୃଷି ଓ କୃଷକର ଆର୍ଥିକ ବିକାଶ ଆଶାନୁରୂପ ଭାବେ ହୋଇପାରୁନି। ଫଳରେ ଚାଷ କରିବାକୁ ଲୋକମାନେ ପଛଘୁଞ୍ଚା ଦେଉଛନ୍ତି। ତେଣୁ ଏ କ୍ଷେତ୍ରରେ ଦୃଷ୍ଟି ଦେବା ଆବଶ୍ୟକ। ତେବେ ଯାଇ ଭବିଷ୍ୟତରେ ଉପୁଜିବାକୁ ଥିବା ଖାଦ୍ୟାଭାବକୁ ଆମେ ରୋକିପାରିବା। ଏଥିସହ ବାହାରୁ ଆମଦାନୀ କରି ଖାଇବାର ମାନସିକତାକୁ ଭାରତୀୟମାନେ ବଦଳାଇବା ଆବଶ୍ୟକ।

**ପ୍ର: ଘରୁ ବାହାରୁଥିବା ବର୍ଜ୍ୟକୁ ଆମେ କିପରି ଓ କେଉଁ ପଦ୍ଧତି ଆପଣାଇ ଜୈବିକ ସାରରେ ପରିବର୍ତ୍ତନ କରିପାରିବା?**

**ଉ:** ପ୍ରତ୍ୟେକ ବ୍ୟକ୍ତି ନିଜ ଘରୁ ବାହାରୁଥିବା ବର୍ଜ୍ୟକୁ ସାରରେ ପରିଣତ କରି ନିଜ ଜମିରେ ତଥା ଚାଷରେ ବ୍ୟବହାର କରିପାରିବେ। ଏହା ରସାୟନିକ ସାର ତୁଳନାରେ ବେଶ ଭଲ ଓ ସ୍ୱାସ୍ଥ୍ୟକର ଫସଲ ଉତ୍ପାଦନ କରିବାରେ ସହାୟକ ହେବ। ଆମ ପୂର୍ବଜମାନେ ବର୍ଷବର୍ଷ ଧରି ଏହାକୁ କରିଆସୁଥିଲେ। ଏ କ୍ଷେତ୍ରରେ ଆମେ ଧ୍ୟାନ ଦେବା ଆବଶ୍ୟକ ଯେ କାର୍ବନ ଏବଂ ନାଇଟ୍ରୋଜେନ୍‌ର ଭ୍ୟାଲୁ-ବାଲାନ୍ସ ହେବା ଆବଶ୍ୟକ। କାର୍ବନ ନାଇଟ୍ରୋଜେନ୍‌ର ତୁଳନାରେ ଅଧିକ ନ ରହିବା ଉପରେ ଦୃଷ୍ଟି ଦେବା ଜରୁରୀ। ନାଇଟ୍ରୋଜେନ୍‌ର ମାତ୍ରା ୩୦ ରହିଲେ, କାର୍ବନର ମାତ୍ରା ୨୫ରହିବା ଦରକାର। ଏହାକୁ ଆପଣାଇ ଆମେ କୌଣସି ବର୍ଜ୍ୟକୁ ବ୍ୟବହାର କରି ସାର ପ୍ରସ୍ତୁତ କରିପାରିବା। ଓଡ଼ିଶାରେ ବହୁତ ମାତ୍ରାରେ ନଡ଼ିଆ ଉତ୍ପାଦନ ହେଉଛି। ନଡ଼ିଆ ଷଢ଼େଇରେ ବହୁ ମାତ୍ରାରେ କାର୍ବନ ରହିଛି। ସେଠି ଆମେ ନାଇଟ୍ରୋଜେନ୍ ମିଶାଇବାର ଆବଶ୍ୟକତା ରହିଛି। ସେହିଭଳି ଓଡ଼ିଶାର ଉପକୂଳ ତଥା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଲୁଣି ମାଛ ବହୁତ ଉତ୍ପାଦିତ ହେଉଛି। ସେଥିରେ ବହୁ ମାତ୍ରାରେ ନାଇଟ୍ରୋଜେନ୍ ଭରି ରହିଛି। ସେଥିରେ ଆମେ କାର୍ବନର ମିଶ୍ରଣ କରି ତାକୁ ସାରର ରୂପ ଦେଇପାରିବା। ଏଥିରୁ ଉଭୟ ତରଳ ଓ କଠିନ ସାର ଉତ୍ପାଦନ ହୋଇପାରିବ। ଏହା କୃଷି ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କୁ ଶିଖାଇବାର ଆବଶ୍ୟକତା ରହିଛି।

**ପ୍ର: ଜିଆ ଖତର ବ୍ୟବହାରକୁ ଆମେ ବର୍ତ୍ତମାନ ସମୟର ଆହ୍ୱାନ ଭାବେ ଗ୍ରହଣ କରିପାରିବା କି?**

**ଉ:** ବଜାରରେ ମିଳୁଥିବା ଜିଆ ଖତର ଯାଞ୍ଚ ହେବା ଆବଶ୍ୟକ। କାରଣ କେତେକ କ୍ଷେତ୍ରରେ ଏଥିରେ ଅପମିଶ୍ରିତ ହେଉଥିବାର ଦେଖାଯାଉଛି। ଏହାସହ ପୌରାଞ୍ଚଳରେ ଉପଲବ୍ଧ ଥିବା ଏହି ଜିଆ ଖତ ସବୁ ପୌରାଞ୍ଚଳ ବର୍ଜ୍ୟକୁ ପ୍ରକ୍ରିୟାକରଣ କରି ପ୍ରସ୍ତୁତ କରାଯାଉଛି। ସହରାଞ୍ଚଳରେ ପ୍ରସ୍ତୁତ ହେଉଥିବା ଖତରେ ବିଭିନ୍ନ ପ୍ରକାର ବର୍ଜ୍ୟ ଦେଖିବାକୁ ମିଳେ। ଯେମିତିକି କାଚ ଭଳି ବିଭିନ୍ନ ହାନିକାରକ ପଦାର୍ଥ ମଧ୍ୟ ବ୍ୟବହାର ହେବା ଅମୂଳକ ନୁହେଁ। ତେଣୁ ଏହାକୁ ପୃଥକୀକରଣ କରି ଏଭଳି ଭାରୀଧାତୁ ବ୍ୟବହାର ରୋକିବା ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ। କାରଣ ଏହା ଫସଲ ଓ ମାଟିକୁ ଭୟଙ୍କର ଭାବେ କ୍ଷତି ପହଞ୍ଚାଇବ। ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ।

**ପ୍ର: ଆପଣଙ୍କ ଅନୁସାରେ, ଜୈବିକ ଚାଷ କେମିତି ଓ କେଉଁ ପଦ୍ଧତିରେ ହେବା ଆବଶ୍ୟକ?**

**ଉ:** ସାରା ଦୁନିଆରେ ଗୋଟିଏ ହିଁ ନାମ ଜୈବିକ ଚାଷ। ରସାୟନିକ କୃଷିର ସମ୍ପୂର୍ଣ୍ଣ ବିପରୀତ ହେଉଛି ଜୈବିକ ଚାଷ। ଆମ ଦେଶରେ କିଛି ଲୋକ ସ୍ୱତଃପ୍ରବୃତ୍ତ ଭାବେ ଏହାର ନେତୃତ୍ୱ ନେଇ ଏହାକୁ ଭିନ୍ନ ଭିନ୍ନ ନାଁ ଦେବାକୁ ପଛାଉ ନାହାନ୍ତି। ଯେମିତିକି ପାରମ୍ପରିକ ଚାଷ, ଜିଆଖତ ସମ୍ବନ୍ଧିତ ଚାଷ ଓ ଆହୁରି ଅନେକ ପ୍ରକାର ନାମ ଦେଉଛନ୍ତି। ତେଣୁ କୃଷକ ହିଁ ଜଣେ ବ୍ୟକ୍ତି, ଯିଏ ତା'ର ନିଜ ଚାଷର ନାମକରଣ ଓ ପଦ୍ଧତି ପ୍ରସ୍ତୁତ କରିବା ଆବଶ୍ୟକ। କୌଣସି ନେତୃତ୍ୱ ନେଉଥିବା ଲୋକର କଥାରେ ଭ୍ରମିତ ହୋଇ ତାକୁ ଆପଣାଇବା ଅନୁଚିତ। ଯାହାକୁ ଯେମିତି ଭଲ ଲାଗୁଛି, ଯିଏ ଯେଉଁ ପଦ୍ଧତିକୁ ଆପଣାଇ ମାଟିକୁ ସୁରକ୍ଷା ଦେବା ସହ ସ୍ୱାସ୍ଥ୍ୟକର ଫସଲ ଉତ୍ପାଦନ କରିପାରୁଛନ୍ତି, ସେମିତି କରନ୍ତୁ। ପ୍ରତିଟି ଚାଷୀ ଜଣେ ଜଣେ ବୈଜ୍ଞାନିକ। ମୁଁ ପୁସ୍ତକରୁ ଯାହା ଅଧ୍ୟୟନ କରିଥିଲି, ସେସବୁ ଭୁଲି ବର୍ତ୍ତମାନ ସମୟରେ ଯାହା ଶିଖିଛି, ସବୁ କୃଷକ ଭାଇ ଓ ଭଉଣୀମାନଙ୍କ ଅଭିଜ୍ଞତାର ହାସଲ କରିବାରେ ସକ୍ଷମ ହୋଇପାରିଛି। ଜଣେ ଗବେଷଣା କରି ହଠାତ୍ ଆସି ତାହା କୃଷି କ୍ଷେତ୍ରରେ ଉପଯୋଗ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଜଣଙ୍କ ଅଭିଜ୍ଞତାକୁ ଉପଯୋଗ କରି କାର୍ଯ୍ୟ କରିବା ବେଶି ଗୁରୁତ୍ୱପୂର୍ଣ୍ଣ।

**ପ୍ର: ବର୍ତ୍ତମାନର ପିଢ଼ି '୫-ଜି' ଭଳି ଅତ୍ୟାଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରୁଛି। ଆଗାମୀ ଦିନରେ ଏହା ବୃଦ୍ଧି ପାଇ '୬-ଜି' ଏବଂ ତା'ଠୁ ଅଧିକ ଆଗକୁ ବି ଯାଇପାରେ। ଏମିତି ହେଲେ ପରିବେଶ ଉପରେ ଏହାର କେମିତି ପ୍ରଭାବ ପଡ଼ିବ?**

**ଉ:** ଜ୍ଞାନକୌଶଳର ଯେତେ ଅଭିବୃଦ୍ଧି ହେଉଛି, ଏହାର କିଛି ନା କିଛି କୁ-ପ୍ରଭାବ ସମାଜ ଓ ପରିବେଶ ଉପରେ ପଡୁଛି। ସବୁ କୁ-ପ୍ରଭାବକୁ ମାପିବା ଆମ ପକ୍ଷେ ସମ୍ଭବ ନୁହେଁ। ଆମେ ଯେତେ ଆରାମକୁ ଆପଣାଉଛେ, ସମାନ ଭାବେ ଆମେ ସେତିକି ବିପଦକୁ ଡାକି ଆଣୁଛେ। ତେଣୁ ଏନେଇ ସମସ୍ତେ ସଚେତନ ହେବା ଆବଶ୍ୟକ। ଭବିଷ୍ୟତପିଢ଼ିକୁ ସୁସ୍ଥ ଜୀବନ ଦେବାକୁ ହେଲେ ଲୋକମାନେ ନିଜ ଜୀବନର ସନ୍ତୁଳନ ରଖିବା ଆବଶ୍ୟକ। ଆବଶ୍ୟକତାଠାରୁ ଅଧିକ କୌଣସି ବି ଜିନିଷ ବ୍ୟବହାର କରିବା ପୂର୍ବରୁ ସଚେତନ ହେବା ଆବଶ୍ୟକ। ଏହା ଆମକୁ କେତେ ଲାଭ ଓ କେତେ କ୍ଷତି ପହଞ୍ଚାଉଛି; ତାହାର ଅନୁଶୀଳ କରିବା ଦରକାର।

**ପ୍ର: ବର୍ତ୍ତମାନ ସମୟରେ ସବୁ ସହରର ଜନସଂଖ୍ୟା ହୁ' ହୁ' ହୋଇ ବଢ଼ିବାରେ ଲାଗିଛି। ଏହାକୁ ତାଳ ଦେଇ ଆବାସିକ ଗୃହ ବଢ଼ିବାରେ ଲାଗିଛି। ଘର ବୃଦ୍ଧି ପାଉଥିବା କାରଣରୁ ଚାଷ ଜମିର ମାତ୍ରାଧିକ ହ୍ରାସ ଦେଖିବାକୁ ମିଳୁଛି। ଭବିଷ୍ୟତରେ ଏହାକୁ କେମିତି ଆମେ ସାମ୍ନା କରିବା?**

**ଉ:** ଭାରତବର୍ଷର ପ୍ରତ୍ୟେକ ରାଜ୍ୟ ଭୂମି ସଂକ୍ରାନ୍ତୀୟ ଆଇନ ଉପରେ ଦୃଷ୍ଟି ଦେବା ଆବଶ୍ୟକ। ଭାରତରେ ଦୁଇ ପ୍ରକାରର ଜମି ରହିଛି; ଚାଷ ଜମି ଓ ଅଣଚାଷ ଜମି। ଏହାକୁ ଏବେ ତିନି ଭାଗରେ ବିଭକ୍ତ କରିବା ଆବଶ୍ୟକ। ଏହି ଦୁଇ ଭାଗକୁ ଛାଡ଼ି ଖାଲି ଜମିକୁ ବଞ୍ଚାଇ ରଖିବା ଆବଶ୍ୟକ। ଓଡ଼ିଶା, ଉତ୍ତରପ୍ରଦେଶ, ତାମିଲନାଡୁ ଆଦି ଅଞ୍ଚଳରେ ଏକାଧିକ ଖାଲି ଜମି ଥିଲା, ଯେଉଁଠି ଗାଈ ବଳଦମାନେ ଚଳପ୍ରଚଳ କରୁଥିଲେ। ଚରି ବୁଲି ଘାସ ଖାଉଥିଲେ। ଏହାକୁ ଗୋଚର ଜମି କୁହାଯାଉଥିଲା। କ୍ରମଶଃ ତାହା ହ୍ରାସ ପାଇବାରେ ଲାଗିଛି। ତେଣୁ ତା' ଉପରେ ସରକାର ଦୃଷ୍ଟି ଦେବା ଆବଶ୍ୟକ। ସେ ଜମି ହ୍ରାସ ପାଇଗଲେ, ଗୃହପାଳିତ ପଶୁମାନେ କେବଳ ଦାନା ଖାଇ ବଞ୍ଚିବା କଷ୍ଟକର ହୋଇଯିବ। ତେଣୁ ଗୋଚର ଜମି ସୁରକ୍ଷା, ଚାଷ ଜମିର ସୁରକ୍ଷା, ମାଟିର ସୁରକ୍ଷା କରିପାରିଲେ ସମୃଦ୍ଧ ତଥା ବିକଶିତ ଭାରତର ଲକ୍ଷ୍ୟ ପୂରଣ ହୋଇପାରିବ। ପ୍ରକୃତି ବିପକ୍ଷରେ ଯାଇ ବିକଶିତ ଭାରତର ସ୍ୱପ୍ନ ଦେଖିବା ସମ୍ଭବ ନୁହେଁ।

■ ଜମି ଦେବାକୁ କହି ୨୦ କୋଟି ଠକେଇ

# ସୁଶ୍ରୀ ହୋମ୍ ପ୍ରାଇଭେଟ୍ ବିଲ୍ଡର ସଂସ୍ଥାର ନିର୍ଦ୍ଦେଶକ ଗିରଫ

**ଭୁବନେଶ୍ୱର,୧୧।୬(ସମିସ):** ଜମି ଦେବାକୁ କହି ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ସୁଶ୍ରୀ ହୋମ୍ ପ୍ରାଇଭେଟ୍ ଲିମିଟେଡ୍ ବିଲ୍ଡର୍ ସଂସ୍ଥାର ନିର୍ଦ୍ଦେଶକ ଶିବବ୍ରତ ଦାଶଙ୍କୁ ଖାରବେଳନଗର ଥାନା ପୁଲିସ୍ ଗିରଫ କରିଛି। ଶିବବ୍ରତଙ୍କ ଘର ଭଦ୍ରକ ଜିଲ୍ଲା ଧାମନଗର ଅଞ୍ଚଳରେ।

- ଖୋର୍ଦ୍ଧା, ବାଙ୍କୁଆଳ ମୌଜାରେ ଏକାଧିକ ଲୋକଙ୍କୁ ଠକିଛି
- ଠକାମିର ଶିକାର ହୋଇଛନ୍ତି ପୁଲିସ, ଡାକ୍ତର

ସୂଚନାନୁଯାୟୀ, ବଡ଼ଗଡ଼ ଥାନା ଅନ୍ତର୍ଗତ ଝରଣା ସାହିରେ ରହୁଥିବା ଲିନାରାଣୀଙ୍କ ସହ ଗତ ୨୦୨୨ ଜାନୁୟାରୀରେ ଶିବବ୍ରତଙ୍କ ପରିଚୟ ହୋଇଥିଲା। ଦୁହିଁଙ୍କ ମଧ୍ୟରେ ପରିଚୟ ବଢ଼ିବା ପରେ ଶିବବ୍ରତ ତାଙ୍କୁ ବାଙ୍କୁଆଳ ମୌଜାରେ ଏକ ପ୍ଲଟ୍ ବିକ୍ରି କରିବାକୁ ପ୍ରସ୍ତାବ ଦେଇଥିଲେ। ୧୫୦୦ ବର୍ଗଫୁଟ୍ ଜମି ଲାଗି ୨୪ଲକ୍ଷ ୫୦ ହଜାର ଟଙ୍କାରେ ମୂଲଚାଲ ଛିଡ଼ିଥିଲା। ଲିନାରାଣୀ ସେହି ବର୍ଷ ପର୍ଯ୍ୟାୟକ୍ରମେ ଶିବବ୍ରତଙ୍କୁ ୧୮ ଲକ୍ଷ ଟଙ୍କା ଦେଇଥିଲେ। କିନ୍ତୁ ପରେ ଶିବବ୍ରତ ଆଉ ଧରାଛୁଆଁ ଦେଇ ନ ଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଲିନାରାଣୀ ଖାରବେଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ଜୟଦେବବିହାର ଅନ୍ତର୍ଗତ ପାଲହାଇଟ ନିକଟରେ ଚଢ଼ଉ କରି ଶିବବ୍ରତଙ୍କୁ କାବୁ କରିଛି ପୁଲିସ୍। ଖାଲି ଲିନାରାଣୀ ନୁହଁନ୍ତି, ତାଙ୍କ ଭଳି ବହୁ ଗ୍ରାହକଙ୍କୁ ଶିବବ୍ରତ ଜମି ଦେବାର ଲୋଭ ଦେଖାଇ ପାଖାପାଖି ୨୦ କୋଟି ଟଙ୍କା ଠକି ନେଇଛି। ବିଶେଷକରି ଖୋର୍ଦ୍ଧା, ବାଙ୍କୁଆଳ ମୌଜାରେ ଏକାଧିକ ଲୋକ ଠକେଇର ଶୀକାର ହୋଇଛନ୍ତି। ଏପରିକି ପୁଲିସ, ଡାକ୍ତର ବି ବାଦ୍ ପଡ଼ିନାହାନ୍ତି ଏନେଇ ତାଙ୍କ ନାଁରେ ଭୁବନେଶ୍ୱରର ବିଭିନ୍ନ ଥାନାରେ ଅଭିଯୋଗ ରହିଛି।

ନକଲି ସାର୍ଟିଫିକେଟ୍ ଦେଇ ଡାକ ବିଭାଗରେ ଚାକିରି ଆବେଦନ

# କୋରାପୁଟରୁ ଯୁବତୀ ଗିରଫ

**ଜୟପୁର, ୧୧।୬ (ସମିସ):** ନକଲି ମାଟ୍ରିକ୍ ସାର୍ଟିଫିକେଟ୍ ଦେଇ 'ଗ୍ରାମୀଣ ଡାକ ସେବକ'ର ବିଭିନ୍ନ ପଦରେ ଚାକିରି ଆବେଦନ ଘଟଣାରେ କ୍ରାଇମ୍‌ବ୍ରାଞ୍ଚ କୋରାପୁଟରୁ ଆଉ ଜଣଙ୍କୁ ଗିରଫ କରିଛି। ସେ ହେଲେ, କୋରାପୁଟ ସଦରଥାନା ବିଲାଙ୍ଗସିଲ ଗ୍ରାମର ଶୁଣ୍ଡି ସାହିର ବିବାହିତ ଯୁବତୀ ରିଙ୍କି ବିଷୋୟୀ (୨୫)। ଗତକାଲି ଜୟପୁରର ଚାନ୍ଦାଚରଣ ସାହୁଙ୍କୁ ଗିରଫ କରାଯାଇଥିଲା। ସୂଚନାଯୋଗ୍ୟ, କୋରାପୁଟ ଡିଭିଜନ୍ ଡାକବିଭାଗରେ ବିଭିନ୍ନ ଖାଲି ପଦ ପାଇଁ ସମୁଦାୟ ୩୨ ଜଣ ପ୍ରାର୍ଥୀ ଅନ୍‌ଲାଇନ ମାଧ୍ୟମରେ ସେମାନଙ୍କ ମାଟ୍ରିକ ମାର୍କଲିଷ୍ଟ ଓ ସାର୍ଟିଫିକେଟ ସହ ଆବେଦନ କରିଥିଲେ।

■ ସ୍କୁଲ ଘର ନିର୍ମାଣରେ ସରକାରୀ ଅର୍ଥ ଲୁଟ୍

# ଗ୍ରାମ ଶିକ୍ଷା କମିଟିର ପୂର୍ବତନ ସଭାପତିଙ୍କୁ ୨ବର୍ଷ ଜେଲ୍

**ଭୁବନେଶ୍ୱର, ୧୧।୬(ସମିସ):** ସରକାରୀ ଅର୍ଥ ହଡ଼ପ ମାମଲାରେ ଗଜପତି ଜିଲ୍ଲା ଆର.ଉଦୟଗିରି, ବାଗସିଂଘସାହି ପ୍ରାଥମିକ ବିଦ୍ୟାଳୟର ଗ୍ରାମ୍ୟ ଶିକ୍ଷା କମିଟର ପୂର୍ବତନ ସଭାପତିଙ୍କୁ ଜେଲ୍‌ଦଣ୍ଡ ହୋଇଛି। ଦୁର୍ନୀତି ମାମଲାର ଶୁଣାଣି କରି ବ୍ରହ୍ମପୁର ସ୍ପେଶାଲ ଭିଜିଲାନ୍ସ ପୂର୍ବତନ ସଭାପତି ଦୁଖା ମଣ୍ଡଳଙ୍କୁ ୨ବର୍ଷ ଜେଲ୍ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୩ମାସ ସଜା ଭୋଗିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବ୍ରହ୍ମପୁର ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ଏ.କେ ପ୍ରଧାନ ତଦନ୍ତ କରି ତାଙ୍କ ବିରୋଧରେ ଦୃଢ ପ୍ରମାଣ ଏବଂ ଚାର୍ଜସିଟ୍ ଦାଖଲ କରିବା ପରେ କୋର୍ଟ ଏହି ରାୟ ଦେଇଛନ୍ତି। ଗଜପତି ଜିଲ୍ଲାର ବାଗସିଂଘସାହିରେ ପ୍ରାଥମିକ ବିଦ୍ୟାଳୟର ଏକ ବିଲ୍ଡିଂ ନିର୍ମାଣ ସମୟରେ ସରକାରୀ ଅର୍ଥ ହେରଫେର୍ ହୋଇଥିଲା। ଏପରିକି ଉକ୍ତ ବିଲ୍ଡିଂ ମଧ୍ୟ ନିମ୍ନମାନର ନିର୍ମାଣ କରାଯାଇଥିଲା। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଭିଜିଲାନ୍ସ ମାମଲା ରୁଜୁ କରି ତଦନ୍ତ କରାଯାଇଥିଲା। ଗ୍ରାମ ଶିକ୍ଷା କମିଟର ପୂର୍ବତନ ସଭାପତି ଦୁଖା ମଣ୍ଡଳ ସରକାରୀ ଅର୍ଥ ହଡ଼ପ କରିଥିବା ପ୍ରମାଣ ମିଳିବା ପରେ ଦୁଖାଙ୍କୁ ଗିରଫ କରାଯାଇଥିଲା।

# ବିଶାଳ ଦେବଙ୍କୁ ଆଇଟି ବିଭାଗର ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର, ୧୧।୬ (ସମିସ):** ୧୯୯୬ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ବିଶାଳ ଦେବଙ୍କୁ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ପ୍ରମୁଖ ସଚିବ ନିଯୁକ୍ତ କରାଯାଇଛି। ଅର୍ଥ ବିଭାଗର ପ୍ରମୁଖ ସଚିବ ଥିବା ଶ୍ରୀ ଦେବ ଏବେ ଶକ୍ତି ବିଭାଗର ପ୍ରମୁଖ ସଚିବ ଏବଂ ଗ୍ରୀଡ୍‌କୋ ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରୁଛନ୍ତି। ଉପରୋକ୍ତ ଦାୟିତ୍ୱ ବ୍ୟତୀତ ସେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ମୋହନଙ୍କ ଖୁସି ଦେଖି ପାରିଲେନି ସହାୟକ

**ଭୁବନେଶ୍ୱର, ୧୧।୬(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଖୁସି ଦେଖିପାରିଲେନି ତାଙ୍କ ଘରୋଇ ସହାୟକ। ମୋହନ ମାଝୀ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ଆଖି ବୁଝିଛନ୍ତି ତାଙ୍କର ଘରୋଇ ସହାୟକ। ଦିନ ସାଢେ ୧୧ଟା ସମୟରେ ତାଙ୍କର ଘରୋଇ ସହାୟକ ଚନ୍ଦନ କୁମାର ମହାପାତ୍ର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ନୂଆପଲ୍ଲୀ ଥାନା ୟୁନିଟ୍-୮ରେ ତାଙ୍କ ବାଇକ୍‌କୁ ଏକ କାର ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ନୂଆପଲ୍ଲୀ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟିଥିବା ୨ଟି କାର୍ ଏବଂ ବାଇକ୍‌କୁ ଜବତ କରିଛି। ଏଥିସହ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ଦୁର୍ଘଟଣା ଘଟାଇଥିବା କାର ଡ୍ରାଇଭରଙ୍କୁ ପଚରାଉଚରା କରୁଛି। ମୃତ୍ୟୁ ଘଟିଥିବା ଚନ୍ଦନ କୁମାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପିଏ ବୋଲି କୁହାଯାଉଥିବା ବେଳେ ଏହାକୁ ଖଣ୍ଡନ କରିଛନ୍ତି ନୂଆପଲ୍ଲୀ ଥାନା

**ମୁଖ୍ୟମନ୍ତ୍ରୀ ଘୋଷଣା ପୂର୍ବରୁ ଦୁର୍ଘଟଣାରେ ଗଲା ଜୀବନ**

ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ। ସେ କହିଛନ୍ତି ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଚନ୍ଦନ କୁମାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ପିଏ ନୁହଁନ୍ତି। ସେ ତାଙ୍କର ଘରୋଇ ସହାୟକ ଭଳି କାମ କରନ୍ତି। ଏନେଇ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛୁ। କିଭଳି ଦୁର୍ଘଟଣା ଘଟିଲା ତାହାର କାରଣ ଖୋଜୁଛୁ ବୋଲି ଥାନା ଅଧିକାରୀ କହିଛନ୍ତି। ଅନ୍ୟପଟରେ ତାଙ୍କ ମୃତ୍ୟୁ ଖବର ପାଇବା ପରେ ମୋହନ ମାଝୀ କ୍ୟାପିଟାଲ ହସ୍ପିଟାଲ ଯାଇଥିବା ଜଣାପଡ଼ିଛି।

ତେବେ ମୃତକଙ୍କ ଭାଇ କହିଛନ୍ତି ଯେ, ଚନ୍ଦନ ସକାଳ ୧୧ଟା ସମୟରେ ଘରୁ ବିଧାୟକ ମୋହନ ମାଝୀଙ୍କ କ୍ୱାଟରରୁ ଅଫିସକୁ ଯାଉଥିଲେ। ସେ ତାଙ୍କ ବାଇକରେ ଗୋପବନ୍ଧୁ ଛକରୁ ଡେଲଟା ଛକ ଦେଇ ନୟାପଲ୍ଲୀ ଯାଉଥିଲେ। ସେହି ସମୟରେ ଦୁଇଟି କାର ପରସ୍ପର ଧକ୍କା ହୋଇଥିଲେ। ଏହି ସମୟରେ ଚନ୍ଦନ ମଧ୍ୟ ସେଠାରେ ଫସିଯାଇଥିଲେ। ଦୁଇ କାର ମାଡ଼ ହେବା ସମୟରେ ଚନ୍ଦନ ଯାଉଥିବା ବାଇକ୍‌କୁ ମଧ୍ୟ କାର ଧକ୍କା ଦେଇଥିଲା। ଫଳରେ ଚନ୍ଦନ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ତାଙ୍କର ମୁଣ୍ଡ ଓ ଗୋଡରେ ଗଭିର କ୍ଷତ ଲାଗିଥିଲା। ସେହି ଦୁର୍ଘଟଣା ଏତେ ଭୟାବହ ଥିଲା ଯେ, ଗାଡ଼ି ଗୁଡ଼ିକ ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଯାଇଥିଲା। ଚନ୍ଦନଙ୍କୁ ଗୁରୁତର ଆହତ ହେବାରୁ ତାଙ୍କୁ ପିସିଆର ଭ୍ୟାନ୍ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ ଚନ୍ଦନ ମହାପାତ୍ର ଦୁଇବର୍ଷ ତଳେ ବିବାହ କରିଥିବା ବେଳେ ତାଙ୍କର ଗୋଟିଏ ପୁଅ ମଧ୍ୟ ଅଛି। ସେପଟେ ପୁଲିସ ଗାଡିଟିକୁ ଜବତ ରଖି ଗାଡ଼ିର ମାଲିକଙ୍କୁ ପଚରା ଉଚରା କରୁଛି। ତେବେ ମାଲିକ ତାଙ୍କ ଗାଡ଼ି ଆଉ ଜଣଙ୍କୁ ଦେଇଥିବା ବେଳେ ସେହି ଚାଳକ ଏହି ଦୁର୍ଘଟଣା ଘଟାଇଥିବା ଜଣାପଡ଼ିଛି।

# ରେଭେନ୍ସା ବିଶ୍ୱବିଦ୍ୟାଳୟ: ସ୍ନାତକ ପାସ୍ ହାର ୮୧.୧୫ %

**କଟକ, ୧୧।୬(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷାଫଳ ମଙ୍ଗଳବାର ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟର ମୋଟ ୨୮ଟି ବିଭାଗ ୧୫୬୫ ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ପରୀକ୍ଷା ଦେଇଥିଲେ। ସେମାନଙ୍କ ଭିତରୁ ୧୨୭୦ଜଣ କୃତକାର୍ଯ୍ୟ ହୋଇଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟର ସ୍ନାତକ ପାସ୍ ହାର ରହିଛି ୮୧.୧୫ ପ୍ରତିଶତ। କଳାରେ ୪୯୫ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୯୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ୨୪୧ଜଣଙ୍କ ମଧ୍ୟରୁ ୧୬୯ଜଣ ଏବଂ ବାଣିଜ୍ୟରେ ୨୪୨ରୁ ୧୭୧ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ବିଭିନ୍ନ ପ୍ରଫେସନାଲ ପାଠ୍ୟକ୍ରମରେ ୫୮୭ଜଣ ପରୀକ୍ଷା ଦେଇ ୫୩୭ଜଣ ପାସ୍ କରିଛନ୍ତି। ରେଗୁଲାର ପାଠ୍ୟକ୍ରମରେ ସମରଜିତ ସାହୁ ଏବଂ ପ୍ରଫେସନାଲ ପାଠ୍ୟକ୍ରମରେ ନମିତା ସାହୁ ଶ୍ରେଷ୍ଠ ସ୍ନାତକ ବିବେଚିତ ହୋଇଛନ୍ତି।

ବିଭିନ୍ନ ବିଭାଗ ମଧ୍ୟରୁ ଉଦ୍ଭିଦ ବିଜ୍ଞାନରେ ଆୟୂଷ ରଞ୍ଜନ ସାହୁ, ରସାୟନ ବିଜ୍ଞାନରେ ଶୁଭଲକ୍ଷ୍ମୀ ସାହୁ, ବାଣିଜ୍ୟରେ ସୋନାଲି ସାହୁ, କମ୍ପ୍ୟୁଟର ବିଜ୍ଞାନରେ ଜିଜ୍ଞାସା ମହାନ୍ତି, ଅର୍ଥନୀତିରେ ମନସ୍ୱୀ ପରିଣିତା, ଶିକ୍ଷାରେ କିରଣ ମହାନ୍ତି, ଇଂରାଜୀରେ ପ୍ରୀତି ସେନାପତି ଓ ଦିଘାଂଶୁ ଭୋଇ, ଭୂଗୋଳରେ ଅନୁପ କୁମାର ସାହୁ, ଭୂତତ୍ତ୍ୱ ବିଜ୍ଞାନରେ ସମର୍‌ଜିତ ସାହୁ, ହିନ୍ଦୀରେ ଲଭଲି ବେହେରା, ଇତିହାସରେ ଶୁଭମ୍ ସାହୁ, ଗଣିତରେ ରଶ୍ମିରଞ୍ଜନ ସାହୁ, ଓଡ଼ିଆରେ କଳ୍ପନା ମହାରଣା, ଦର୍ଶନ ଶାସ୍ତ୍ରରେ ସେଫାଳିକା ଆନନ୍ଦ, ପଦାର୍ଥ ବିଜ୍ଞାନରେ ସତ୍ୟପ୍ରିୟ ବେହେରା, ରାଜନୀତି ବିଜ୍ଞାନରେ ମୃତ୍ୟୁଞ୍ଜୟ ଦାଶ, ମନସ୍ତତ୍ତ୍ୱ ବିଭାଗରେ ଜ୍ୟୋତିପ୍ରକାଶ ସ୍ୱାଇଁ, ସଂସ୍କୃତରେ ଶୁଭଲକ୍ଷ୍ମୀ ପଟ୍ଟନାୟକ, ସମାଜ ଶାସ୍ତ୍ରରେ ତିଥିରୂପା ବୋହିଦାର, ପ୍ରାଣୀ ବିଜ୍ଞାନରେ କ୍ରୀତିକ୍ରିଷ୍ଣା ପହି, ବିବିଏରେ ଅଭିବନ୍ଦିତା ପରିଜା, ଡିଏସଏମ୍ ନମିତା ସାହୁ, ଆଇଏସଟି ପ୍ରିୟମ୍ବଦା ସାହୁ, ଆଇଟିଏମ୍‌ରେ ପ୍ରିୟଦର୍ଶିନୀ ସାହୁ, ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ ରିଶୁ ଜୟସ୍ୱାଲ, ବିଏ ବିଏଡ୍‌ରେ ଶୁଭ୍ରାଂଶୁ ପାଢ଼ୀ ଏବଂ ବିଏସସି ବିଏଡ୍‌ରେ ଶ୍ରୀୟାଶୀ ମିଶ୍ର ବିଭାଗରେ ଶ୍ରେଷ୍ଠ ହୋଇଛନ୍ତି।



■ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍

## ଧୋକାବାଜ ପ୍ରେମିକ ଗିରଫ

ଭୁବନେଶ୍ୱର, ୧୧।୬(ସମିସ): ବିବାହିତ ମହିଳାଙ୍କ ଅଶ୍ଳୀଳ ଫଟୋ ଭାଇରାଲ୍ କରିବା ଅଭିଯୋଗରେ ଧୋକାବାଜ ପ୍ରେମିକକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଗତସିଂହପୁର ନାଉଗାଁର ସଞ୍ଜିତ ରାୟ ଓରଫ ଆକାଶ(୩୦)। ପୁଲିସର କହିବାନୁଯାୟୀ, ୨୦୧୯ ମସିହାରୁ ଆକାଶ ଭୁବନେଶ୍ୱରରେ ରହି ଇଲେକ୍ଟ୍ରିସିଆନ ଭାବେ କାର୍ଯ୍ୟ କରୁଥିଲା। ସେଇ ସମୟରେ ଭୁବନେଶ୍ୱରର ଏକ ଜୁଏଲାରୀ ଦୋକାନରେ କାର୍ଯ୍ୟ କରୁଥିବା ଜଣେ ଯୁବତୀଙ୍କ ସହ ତାଙ୍କର ସମ୍ପର୍କ ନିବିଡ଼ ହୋଇଥିଲା। ଆକାଶ ଯୁବତୀଙ୍କ ଅଜାଣତରେ କିଛି ଆପତ୍ତିଜନକ ଫଟୋ ଓ ଭିଡିଓ ଉତ୍ତୋଳନ କରି ନିଜ ମୋବାଇଲ୍ ଫୋନରେ ରଖିଥିଲେ। ପରେ ଯୁବତୀ ଯାଜପୁର ଜିଲ୍ଲାରେ ବିବାହ ହୋଇଯାଇଥିଲେ। ବିବାହ ହେବା ପରେ ଆକାଶଙ୍କ ଠାରୁ ସମ୍ପୃକ୍ତ ଯୁବତୀ ଦୂରେଇ ଯାଇଥିଲେ। କିଛିଦିନ ପରେ ଆକାଶ ସମ୍ପୃକ୍ତ ଯୁବତୀଙ୍କୁ ଦେଖାକରିବା ଲାଗି ବାରମ୍ବାର ଅନୁରୋଧ କରିଥିଲେ। କିନ୍ତୁ ଯୁବତୀ ଜଣକ ବିବାହ କରିସାରିଥିବାରୁ ତାଙ୍କ କଥାକୁ କର୍ଣ୍ଣପାତ କରି ନ ଥିଲେ। ଆକାଶ ପୀଡ଼ିତାଙ୍କ ଆପତ୍ତିଜନକ ଫଟୋ ତଥା ଭିଡିଓକୁ ତାଙ୍କ ଶାଶୂଘର ଲୋକ ଓ ତାଙ୍କ ଭଉଣୀଙ୍କ ନିକଟକୁ ପଠାଇ ଦେଇଥିଲା। ଏନେଇ ସମ୍ପୃକ୍ତ ପୀଡ଼ିତାଙ୍କ ପରିବାର ଲୋକେ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁକରି ଆକାଶକୁ ଗିରଫ କରିବା ସହ ମୋବାଇଲ୍ ଫୋନ୍ ଜବତ କରିଛି।

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ; ଯୁବକ ଗିରଫ

ଭୁବନେଶ୍ୱର, ୧୧।୬(ସମିସ): ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ପୁରୁଣା ଭୁବନେଶ୍ୱରରେ ରହୁଥିବା ନୟାଗଡ଼ର ପ୍ରଶାନ୍ତ କୁମାର ପଟ୍ଟନାୟକ (୪୨)। ପୁଲିସ କହିବା ଅନୁଯାୟୀ, ୯ ତାରିଖ ସନ୍ଧ୍ୟାରେ ଲକ୍ଷ୍ମୀସାଗର ଥାନା ଅଧୀନ ରିଫ୍ୟୁଜି କଲୋନୀରେ ନାବାଳିକା ଖେଳୁଥିଲେ। ସେଇ ସମୟରେ ପ୍ରଶାନ୍ତ ନାବାଳିକାକୁ ଚକୋଲେଟ୍ ଦେବାର ଲୋଭ ଦେଖାଇ ସାଙ୍ଗରେ ନେଇ ଯାଇଥିଲା। କିଛିଦୂର ଯିବାପରେ ନାବାଳିକା ଜଣକ କାନ୍ଦିବାରୁ ଜେଜେମା ଏବଂ ସାହିର କିଛି ଲୋକ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ପ୍ରଶାନ୍ତ ନିକଟରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ କଳ୍ପନା ଅଞ୍ଚଳରୁ ପ୍ରଶାନ୍ତକୁ କାବୁ କରିଥିଲା।

## ଶିଡ଼ିରୁ ପଡ଼ି ଲୁଟେରା ଜଖମ

ଭୁବନେଶ୍ୱର, ୧୧।୬(ସମିସ): ଘର ତାଲା ଭାଙ୍ଗି ଲୁଟୁଥିଲେ। ପଡ଼ୋଶୀ ଆସିବାରୁ ଖସି ପଳାଉଥିଲେ। କିନ୍ତୁ ଶିଡ଼ିରୁ ପଡ଼ି ଲୁଟେରା ଜଖମ ହୋଇଯାଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଲୁଟେରାକୁ କାବୁ କରାଯାଇଥିଲା। ତମାଣ୍ଡୋ ଥାନା ଅଞ୍ଚଳରେ ଘଟିଛି ଏଭଳି ଘଟଣା। ଘରୁ ଲୁଟ୍ ଅଭିଯୋଗରେ ସମ୍ପୃକ୍ତ ଲୁଟେରା ସହ ସହଯୋଗୀକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ଭରତପୁର ଫୁଲେଶ୍ୱରୀ ବସ୍ତିର ପ୍ରକାଶ ମଲ୍ଲିକ ଓ ଆକାଶ ବେହେରା। ସେମାନଙ୍କ ଠାରୁ ଗାଡ଼ି, ଲୁନା ସହ ଘର ଭାଙ୍ଗିବା ଲାଗି ସାମଗ୍ରୀ ଜବତ ହୋଇଛି।

ପୁଲିସର କହିବା ଅନୁଯାୟୀ, ତମାଣ୍ଡୋ ଥାନା ଅଧୀନ ବଡ ମହୁରା ଗାଁରେ ହେମନ୍ତ କୁମାର ମହାରଥୀଙ୍କ ନୂଆ କୋଠା ଘର ରହିଛି। ଘରେ କେହି ନ ଥିବା ସମୟରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଘର ତାଲା ଭାଙ୍ଗି ଲୁଟ୍ ଲାଗି ଉଦ୍ୟମ କରୁଥିଲେ। ତାଲା ଭାଙ୍ଗିବା କଥା ଶୁଣି ପଡ଼ୋଶୀମାନେ ଆସିଯିବାରୁ ୨ ଲୁଟେରା ଖସି ପଳାଉଥିଲେ। ଠିକ୍ ସେଇ ସମୟରେ ଅଭିଯୁକ୍ତ ଆକାଶ ଶିଡ଼ିରୁ ଖସି ପଡ଼ି ଗୁରୁତର ଆହତ ହୋଇଥିଲା। ପଡ଼ୋଶୀଙ୍କ ସହାୟତାରେ ପିସିଆର୍ ଲୁଟେରାକୁ ହସ୍ପିଟାଲରେ ଭର୍ତ୍ତି କରିଥିଲା। ପରେ ସହଯୋଗୀକୁ ମଧ୍ୟ ଉକ୍ତ ଘରୁ କାବୁ କରାଯାଇଥିଲା।

## ଆଜି ନୂଆ ମନ୍ତ୍ରିମଣ୍ଡଳର ଶପଥ ସମାରୋହ

# ୫ ଘଣ୍ଟା ଟ୍ରାଫିକ୍ କଟକଣା





ଭୁବନେଶ୍ୱର, ୧୧।୬(ସମିସ):

ଓଡ଼ିଶାରେ ନୂଆ ମୁଖ୍ୟମନ୍ତ୍ରୀ ଓ ନବ ନିର୍ବାଚିତ ମନ୍ତ୍ରିମଣ୍ଡଳ ଶପଥ ସମାରୋହ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭୁବନେଶ୍ୱର ଆସୁଛନ୍ତି। ଶପଥ ଗ୍ରହଣ ସମାରୋହରେ ଜନତା ମଇଦାନରେ ପ୍ରାୟ ୩୦ ହଜାର ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଏଥିନିମନ୍ତେ ବୁଧବାର ଅପରାହ୍ଣ ୨ଟାରୁ ରାତି ୭ଟା କିମ୍ବା ଶପଥ ଗ୍ରହଣ ସମାରୋହ ସରିବା ଯାଏ ଜୟଦେବ ବିହାରରୁ କଳିଙ୍ଗ ହସ୍ପିଟାଲ ଛକ ରାସ୍ତାର ଉଭୟ ପଟେ ଗାଡ଼ି ଚଳାଚଳ ଉପରେ ବାରଣ କରାଯାଇଛି। ଏହି ୫ ଘଣ୍ଟା ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଏହାକୁ ସଂଯୋଗ କରୁଥିବା ଗଳି ରାସ୍ତାଦେଇ କୌଣସି ପ୍ରକାରର ଯାନବାହନ ଯାତାୟତ କରିପାରିବ ନାହିଁ। ସେହିପରି ଏୟାରପୋର୍ଟରୁ ରାଜଭବନ ଓ ଜନତା ମଇଦାନ ପର୍ଯ୍ୟନ୍ତ ଟ୍ରାଫିକ୍ ବ୍ୟବସ୍ଥାକୁ କଡାକଡ଼ି କରାଯାଇଛି। ୪ଜଣ ହାବିଲଦାର, ୨୧ଜଣ କନଷ୍ଟେବଲ ସହ ଟ୍ରାଫିକ ଏଏସ୍ଆଇ, ଏସ୍ଆଇ, ଇନ୍ସପେକ୍ଟରଙ୍କ ଟ୍ରାଫିକ ନିୟନ୍ତ୍ରଣର

**ଜୟଦେବ ବିହାରରୁ କଳିଙ୍ଗ ହସ୍ପିଟାଲ୍ ଯାଏ ଗାଡ଼ିମଟର ବାରଣ**

**ଅପରାହ୍ଣ ୨ଟାରୁ ୭ଟା ଯାଏଁ ସାଧାରଣ ଲୋକଙ୍କ ଲାଗି ରାସ୍ତା ବନ୍ଦ**

ଦାୟିତ୍ୱ ଦିଆଯାଇଛି। ଅନୁଗୁଳ ଏସ୍ପି ତଥା ଡିଆଇଜି ଉମାଶଙ୍କର ଦାଶଙ୍କୁ ସମ୍ପୂର୍ଣ୍ଣ ଟ୍ରାଫିକର ତଦାରଖ ଦାୟିତ୍ୱ ଦିଆଯାଇଛି।

ଯେଉଁମାନେ କାର୍‌ରେ ଆସିବେ ଆଚାର୍ଯ୍ୟବିହାର ଛକରୁ ଆପୋଲ ହସ୍ପିଟାଲ ପର୍ଯ୍ୟନ୍ତ ଆସି ଦୂରଦର୍ଶନ ଗଳି ନିକଟରେ ଓହ୍ଲାଇବେ। ସେଠାରୁ ଚାଲି ଚାଲି ଜନତା ମଇଦାନକୁ ଆସିବେ। ଗାଡ଼ିଗୁଡ଼ିକ ସୈନିକ ସ୍କୁଲ ନିକଟରେ ୪ ଚକିଆ ଯାନର ପାର୍କିଂ ହୋଇଥିବା ସ୍ଥାନରେ ରହିବ। ସେହିପରି ଯେଉଁମାନେ ବସ୍‌ରେ ଆସିବେ ଆଚାର୍ଯ୍ୟବିହାର ଛକରୁ ୭ମ ବାଟାଲିଅନ୍ ଗେଟ୍ ପାଖରେ ଓହ୍ଲାଇବେ। ବାଟାଲିୟନ ଭିତରେ ପଶି ଚାଲି ଚାଲି ଜନତା ମଇଦାନକୁ ଆସିବେ। ଉତ୍କଳ ହସ୍ପିଟାଲ ୪ଥାକିଆ ରାସ୍ତାରେ ବସ୍‌ଗୁଡ଼ିକ ଲାଗି ପାର୍କିଂ ବ୍ୟବସ୍ଥା କରାଯାଇଛି। ସଭାକୁ ଆସିବାକୁ ଥିବା ସାଧାରଣ ଜନତା ଜନତା ମଇଦାନର ଗେଟ୍ ନମ୍ବର-୩ ଓ ୬ ଦେଇ ପ୍ରବେଶ କରିପାରିବେ। କେବଳ ଗାଡ଼ି ପାସ୍ ଥିବା ବ୍ୟକ୍ତି ସଭାସ୍ଥଳକୁ ଯାଇପାରିବେ। ସଭାସ୍ଥଳକୁ ଆସିଥିବାକୁ ଥିବା ଭିଭିଆଇପି ଓ ଅନ୍ୟ ନିମନ୍ତ୍ରଣ ଅତିଥିଙ୍କୁ ଆବଶ୍ୟକ ଅନୁଯାୟୀ ସୁରକ୍ଷା ଓ ଏସ୍କର୍ଟ ପ୍ରଦାନ କରାଯିବ ବୋଲି ପୁଲିସ କମିସନର୍ ସଞ୍ଜିବ ପଣ୍ଡା ସୂଚନା ଦେଇଛନ୍ତି।

**କେଉଁବାଟେ ଯିବେ**

- କଟକ ପଟୁ ଆସୁଥିବା ବସ୍‌ଗୁଡ଼ିକ ରସୁଲଗଡ଼ ରେଳବାଇ ଓଭରବ୍ରିଜ୍ ଠାରୁ ସର୍ଭିସ୍ ରୋଡ୍‌ରେ ଆସି ବାଣୀବିହାର ଛକ-ଆଚାର୍ଯ୍ୟ ବିହାର ଛକ-ଡାହାଣ ମୋଡ଼ ଦେଇ ଆପୋଲୋ ହସ୍ପିଟାଲ୍-ସୈନିକ ସ୍କୁଲ୍‌ରାସ୍ତା-ଓଏସ୍ଏପି ୭ମ ବାଟାଲିୟନ ପଡ଼ିଆ ଗେଟ୍ ପାଖରେ ସାଧାରଣ ଲୋକମାନଙ୍କୁ ଓହ୍ଲାଇଦେବା ପରେ ଗାଡ଼ିଗୁଡ଼ିକ ନାଲ୍‌କୋ ଛକ ଦେଇ କଳିଙ୍ଗ ହସ୍ପିଟାଲ୍ ରାସ୍ତାର ରେଳବାଇ କଲୋନୀ ଗୋଲେଇ ଛକ ଠାରୁ ଉତ୍କଳ ହସ୍ପିଟାଲ୍ ଏବଂ ହାଡ଼ିଆସୁଣୀ ଛକ ରାସ୍ତାରେ ଏକ ଲାଇନ୍‌ରେ ପାର୍କିଂ କରିପାରିବେ।
- ଖୋର୍ଦ୍ଧା ପଟୁ ଆସୁଥିବା ବସ୍‌ଗୁଡ଼ିକ ଜୟଦେବ ବିହାର ଫ୍ଲାଏଓଭର୍ ଅତିକ୍ରମ କଲାପରେ ସର୍ଭିସ୍‌ରୋଡ୍ ଦେଇ ଆଚାର୍ଯ୍ୟ ବିହାର ଛକର ବାମ ମୋଡ଼ ଦେଇ ଆପୋଲୋ ହସ୍ପିଟାଲ ସୈନିକ ସ୍କୁଲ୍ ରାସ୍ତା ୭ମ ବାଟାଲିୟନ ଗେଟ୍ ପାଖରେ ସାଧାରଣ ଲୋକମାନଙ୍କୁ ଓହ୍ଲାଇ ଦେବା ପରେ ଗାଡ଼ିଗୁଡ଼ିକ ନାଲ୍‌କୋ ଛକ-କଳିଙ୍ଗ ହସ୍ପିଟାଲ୍ ରାସ୍ତା ଦେଇ ରେଳବାଇ କଲୋନୀ ଗୋଲେଇ ଛକ ଠାରୁ ଉତ୍କଳ ହସ୍ପିଟାଲ୍ ଏବଂ ହାତିଆସୁଣୀ ଛକ ରାସ୍ତାରେ ଏକ ଲାଇନ୍‌ରେ ପାର୍କିଂ କରିପାରିବେ।
- ନନ୍ଦନକାନନ ପଟୁ ଆସୁଥିବା ବସ୍‌ଗୁଡ଼ିକ ଓମ୍‌ଫେଡ୍ ଛକ-ବାମ ମୋଡ଼ ଦେଇ ଏମ୍‌ସିଏଲ୍ ଅତିଥି ଭବନ ଡାହାଣ ମୋଡ଼ ଦେଇ ପ୍ରେସ୍ କଲୋନୀ ଛକ-ଡାହାଣ ମୋଡ଼ -୭ମ ବାଟାଲିୟନ ପଡ଼ିଆ ଗେଟ୍ ପାଖରେ ସାଧାରଣଲୋକଙ୍କୁ ଓହ୍ଲାଇ ଦେବା ପରେ ଗାଡ଼ିଗୁଡ଼ିକ ନାଲ୍‌କୋ ଛକ-କଳିଙ୍ଗ ହସ୍ପିଟାଲ୍ ରାସ୍ତାଦେଇ ରେଳବାଇ କଲୋନୀ ଗୋଲେଇ ଛକ ଠାରୁ ଉତ୍କଳ ହସ୍ପିଟାଲ୍ ଏବଂ ହାତିଆସୁଣୀ ଛକ ରାସ୍ତାରେ ଏକ ଲାଇନ୍‌ରେ ପାର୍କିଂ କରିପାରିବେ।
- କଟକ ପଟୁ ଅସୁଥିବା ଚାରିଚକିଆ ଯାନଗୁଡ଼ିକ ରସୁଲଗଡ଼ ରେଳବାଇ ଓଭର୍ ବ୍ରିଜ୍ ଠାରୁ ସର୍ଭିସ୍ ରୋଡ୍ ବାଣୀବିହାର ଛକ ଆଚାର୍ଯ୍ୟ ବିହାର ଛକ-ଡାହାଣ ମୋଡ଼ ଦେଇ ଆପୋଲୋ ହସ୍ପିଟାଲ ନିକଟରେ ସାଧାରଣ ଲୋକମାନଙ୍କୁ ଓହ୍ଲାଇଦେବା ପରେ ଗାଡ଼ିଗୁଡ଼ିକ ସୈନିକ ସ୍କୁଲ୍ କ୍ୟାମ୍ପସ୍ ଦୂରଦର୍ଶନ ଲେନ୍‌ରେ ପାର୍କିଂ କରିବେ।
- ଖୋର୍ଦ୍ଧା ପଟୁ ଆସୁଥିବା ଚାରିଚକିଆ ଯାନଗୁଡ଼ିକ ଜୟଦେବ ବିହାର ଫ୍ଲାଏଓଭର୍ ବ୍ରିଜ୍ ଅତିକ୍ରମ କଲାପରେ ସର୍ଭିସ୍ ରୋଡ୍ ଦେଇ ଆଚାର୍ଯ୍ୟ ବିହାର ଛକ ବାମ ମୋଡ଼-ଆପୋଲୋ ହସ୍ପିଟାଲ୍-ଦୂରଦର୍ଶନ ଲେନ୍‌ରେ ସାଧାରଣଲୋକମାନଙ୍କୁ ଓହ୍ଲାଇ ଦେବା ପରେ ଗାଡ଼ିଗୁଡ଼ିକ ସୈନିକ ସ୍କୁଲ୍ କ୍ୟାମ୍ପସ୍‌ରେ ପାର୍କିଂ କରିବେ।
- ନନ୍ଦନକାନନ ପଟୁ ଆସୁଥିବା ଚାରିଚକିଆ ଯାନଗୁଡ଼ିକ ନାଲ୍‌କୋ ଛକ-ବାମମୋଡ଼ ନେଇ ୭ମ ବାଟାଲିୟନ ଗେଟ୍ ନିକଟରେ ସାଧାରଣଲୋକମାନଙ୍କୁ ଓହ୍ଲାଇ ଦେବା ପରେ ଗାଡ଼ିଗୁଡ଼ିକ ପ୍ରେସ୍ କଲୋନୀ ଛକ ଓ ସୈନିକ ସ୍କୁଲ୍ କ୍ୟାମ୍ପସ୍‌ରେ ପାର୍କିଂ କରିବେ
- ସାଧାରରଣ ଲୋକ ୭ମ ବାଟାଲିୟନ ଗେଟ୍ ପାଖରେ ଓହ୍ଲାଇବା ପରେ ୭ମ ବାଟାଲିୟନର କ୍ୟାମ୍ପସ୍ ଭିତର ରାସ୍ତାଦେଇ ଇଗ୍ନୋ ଗେଟ୍‌ର ଡାହାଣ ମୋଡ଼ ନେଇ ସର୍ଭେ ଅଫ ଇଣ୍ଡିଆ ଅଫିସ୍ ପାଖେ ବାମମୋଡ଼ ନେଇ ଜନତା ମଇଦାନ ଗେଟ୍ ନମ୍ବର-୩ରେ ପ୍ରବେଶ କରିବେ।
- ସାଧାରଣ ଲୋକେ ଦୂରଦର୍ଶନ ଲେନ୍‌ରେ ଓହ୍ଲାଇବା ପରେ ୱାଇ ଜଙ୍କସନ୍ ବାମ ମୋଡ଼ ନେଇ ଆଇଆଇଟି ବିଲ୍ଡିଂ ନିକଟରେ ଡାହାଣ ମୋଡ଼ ନେବା ପରେ ୧୦୦ ମିଟର ଯିବା ପରେ ପୁଣି ବାମମୋଡ଼ ନେଇ ଜନତା ମଇଦାନର ନମ୍ବର-୬ରେ ପ୍ରବେଶ କରିବେ।

## ୩ ଦିନିଆ ରିମାଣ୍ଡରେ ଆସିଲା ଠକ ତୁଷାର

ଭୁବନେଶ୍ୱର, ୧୧।୬(ସମିସ): ଟଙ୍କାକୁ ଦୁଇଗୁଣା କରିଦେବାର ସ୍ୱପ୍ନ ଦେଖାଇ ୧୨୩ କୋଟି ଠକିଥିବା ହରିତ କୃଷି ନିଧି ସଂସ୍ଥାର ନିର୍ଦ୍ଦେଶକ ତୁଷାର ଭଞ୍ଜଙ୍କୁ ୩ ଦିନିଆ ରିମାଣ୍ଡରେ ଆଣିଛି ଇଓଡବ୍ଲ୍ୟୁ। ତୁଷାରଙ୍କୁ ୫ ଦିନ ରିମାଣ୍ଡରେ ଆଣିବା ପାଇଁ ଇଓଡବ୍ଲ୍ୟୁ ଆବେଦନ କରିଥିବା ବେଳେ କୋର୍ଟ ୩ ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ। ରିମାଣ୍ଡ ପରେ ତାଙ୍କୁ ଜେଲ୍‌ରୁ ଇଓଡବ୍ଲ୍ୟୁ କାର୍ଯ୍ୟାଳୟକୁ ଅଣାଯାଇ ପଚରାଉଚରା କରାଯାଉଛି। ତୁଷାର ଦଶମ ଫେଲ୍ ହୋଇଥିଲେ ମଧ୍ୟ ବିଚକ୍ଷଣ ବୁଦ୍ଧି ପାଇଁ ୧୨୩ କୋଟି ଟଙ୍କା ଠକି ନେଇଛନ୍ତି। ଏହି ଠକେଇ ରାକେଟ୍‌ରେ ଓଡ଼ିଶାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି। ତୁଷାର ଗିରଫ ହେବା ପରେ ଏହି ରାକେଟ୍‌ରେ ଥିବା ଅନ୍ୟ ସଦସ୍ୟଙ୍କ ନାମ ପଦାକୁ ଆସିଛି। ତେଣୁ ଇଓଡବ୍ଲ୍ୟୁ ଓଡ଼ିଶାରେ ଥିବା ଏଜେଣ୍ଟମାଙ୍କୁ ଗିରଫ କରିବା ପାଇଁ ଏକ ତାଲିକା କରୁଛି। ତୁଷାରଙ୍କୁ ପଚରାଉଚରା କରିବା ପରେ ଏହି ତାଲିକା କରାଯାଉଛି। ଯେଉଁ ତାଲିକା ଆଧାରରେ ସେମାନଙ୍କୁ ଗିରଫ ପାଇଁ ଇଓଡବ୍ଲ୍ୟୁ ବିଭିନ୍ନ ସ୍ଥାନରେ ଚଢ଼ଉ କରିବ। ଏଥିସହ ତୁଷାରଙ୍କ ଆକାଉଣ୍ଟକୁ କୋଟି କୋଟି ଟଙ୍କାର କାରବାର ହୋଇଛି। ଏକାଧିକ ଆକାଉଣ୍ଟକୁ ଏହି ଟଙ୍କା କାରବାର ହୋଇଛି ତେଣୁ ତଦନ୍ତକାରୀ ଟିମ୍ ଏହି ଆକାଉଣ୍ଟ ସମ୍ପର୍କରେ ଆର୍‌ବିଆଇକୁ ତଥ୍ୟ ମାଗିଛି। ତୁଷାର ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ, ତ୍ରିପୁରା, ମହାରାଷ୍ଟ୍ର ରାଜ୍ୟରୁ ଠକିଛନ୍ତି। ରିମାଣ୍ଡ ସମୟରେ ଏହି ସବୁ ରାଜ୍ୟର ପୁଲିସ ତୁଷାରଙ୍କୁ ପଚରାଉଚରା କରିବ ବୋଲି ସୂଚନା ମିଳିଛି। ତୁଷାରଙ୍କ ଘର ପଶ୍ଚିମବଙ୍ଗ ହୋଇଥିବା ବେଳେ ସେ ୬ଟି ରାଜ୍ୟରେ ଏଭଳି ଠକେଇ କରିଥିଲେ।

**ଓଡ଼ିଶାରେ ଥିବା ଏଜେଣ୍ଟଙ୍କ ତାଲିକା କରିବ ଇଓଡବ୍ଲ୍ୟୁ**

**ଅଧିକ ସୁଧଦେବା ଆଳରେ ୧୨୩ କୋଟି ଠକିଛନ୍ତି**

ଅଧିକ ସୁଧର ଲୋଭ ଦେଖାଇ ତୁଷାର ନିଜ କମ୍ପାନୀ ହରିତ କୃଷି ନିଧି ଏବଂ ଟ୍ରାନ୍‌ସଭିଜନ ଡ୍ରିମ୍ ମଲ୍‌ଟି ଟ୍ରେଡ୍‌ରେ ଟଙ୍କା ଲଗାଇବାକୁ କହିଥିଲେ। ଗ୍ରାହକ ଯୋଗାଡ଼ କରିବା ପାଇଁ ଅଧିକ କମିଶନୀ ଦେବାକୁ ମଧ୍ୟ କହିଥିଲେ। ଯେଉଁ ଏଜେଣ୍ଟ ୪ ଲକ୍ଷରୁ ଅଧିକ ଟଙ୍କା ବିନିଯୋଗ କରିବ, ତାକୁ ଦରମା ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏପରି ଭାବେ ସେ ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ, ତ୍ରିପୁରା, ମହାରାଷ୍ଟ୍ର ଏପରିକି ବାଂଲାଦେଶରୁ ୧୨୩ କୋଟିରୁ ଅଧିକ ଟଙ୍କା ସଂଗ୍ରହ କରି ଫେରାର ହୋଇ ଯାଇଥିଲେ। ଏହି ଟଙ୍କାକୁ ସେ ବାଂଲାଦେଶ, ଚୀନରେ ବିନିଯୋଗ କରିଥିବା ଜଣାପଡ଼ିଛି।

## ବାଇକ୍‌ରେ ଆସି ଝାମ୍ପିନେଲେ ଚେନ୍

ଭୁବନେଶ୍ୱର, ୧୧।୬(ସମିସ): ରାଜଧାନୀରେ ମାତିଛନ୍ତି ଚେନ୍ ଲୁଟେରା। ବାଇକ୍‌ରେ ଆସି ମହିଳାଙ୍କ ବେକରୁ ସୁନାଚେନ୍ ଲୁଟି ନେଇଛନ୍ତି। ଖାରବେଳନଗର ଥାନା ମଧୁସୂଦନ ନଗରରୁ ଜଣେ ମହିଳାଙ୍କ ବେକରୁ ସୁନାଚେନ୍ ଲୁଟ୍ ହୋଇଛି। ଏନେଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଛି। ସେହିପରି ନୂଆପଲ୍ଲୀ ଆଇଆର୍‌ସି ଭିଲେଜ ନିକଟରେ ଜଣେ ମହିଳାଙ୍କ ବେକରୁ ମଧ୍ୟ ସୁନାଚେନ୍ ଲୁଟ୍ ହୋଇଛି। ଲୁଟେରାମାନେ ସକାଳୁ ଲୁଟ ପାଇଁ ସୁଯୋଗ ପାଉଛନ୍ତି। ସକାଳୁ ପୁଲିସ ଥାନାକୁ ଆସିନଥିବା ବେଳେ ରାତିରେ ଡ୍ୟୁଟିରେ ଥିବା ପୁଲିସ ଘରକୁ ଫେରୁଥିବେ। ଏହି ସମୟରେ ପୁଲିସ ସକ୍ରିୟ ନ ଥିବାରୁ ଲୁଟେରା ବୁଲି ବୁଲି ସୁନାଚେନ ଲୁଟ୍ କରୁଛନ୍ତି। ମହିଳା ସକାଳୁ ଫୁଲ ତୋଳୁ ଥିବାରୁ ସେମାନଙ୍କୁ ବିଭିନ୍ନ ବାହାନା କରି ବେକରୁ ସୁନାଚେନ୍ ଲୁଟ୍ କରୁଛନ୍ତି।


**ପ୍ରଥମ ଶ୍ରାଦ୍ଧବାର୍ଷିକୀ**

ଆବିର୍ଭାବ: ୧୦.୦୮.୧୯୨୮



ତିରୋଧାନ: ୨୫.୦୫.୨୦୨୩

**୰ନାରାୟଣ ତ୍ରିପାଠୀ**

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗଦର୍ଶନ, ସହନଶୀଳତା ଆମ୍ଭମାନଙ୍କର ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।

ପୁଅ-ସୁଶାନ୍ତ ତ୍ରିପାଠୀ, ବୋହୁ-ଅଂଶୁ ତ୍ରିପାଠୀ,
ନାତିନାତୁଣୀ- ସୂର୍ଯ୍ୟକାନ୍ତ ଓ ଅଙ୍କିତା
ଏବଂ ଶୋକସନ୍ତପ୍ତ ତ୍ରିପାଠୀ ପରିବାରବର୍ଗ
C/1290, 1st Floor, CDA, Sector-VI, Cuttack-753014

ସୌଜନ୍ୟ- 30 Years Celebrating P&A advertising agency pvt. ltd. | PIXCELADS | hp Minerals | MO Fashion | WEALTHVITA IMF PRIVATE LIMITED


# ପହଁରା ଜାଣିନାହାନ୍ତି ରାଜଧାନୀର ଅର୍ଦ୍ଧାଧିକ ଲୋକ

ଭୁବନେଶ୍ୱର, ୧୧।୬(ସମିସ):




ପ୍ରତିଦିନ ପାଣିରେ ବୁଡ଼ି ଲୋକଙ୍କ ମୃତ୍ୟୁ ଘଟୁଥିବା ଖବର ଶୁଣିବାକୁ ମିଳେ। ସେ ହୋଲି ହେଉ କିମ୍ବା ବଣଭୋଜି ଏହି ସମୟରେ ଏଭଳି ଖବର ଅଧିକ ଆସିଥାଏ। ସନ୍ତରଣ ଶିକ୍ଷାର ଅଭାବ କାରଣରୁ ଅଧିକାଂଶ ମୃତ୍ୟୁ ହୋଇଥିବା କଥା ସାମାଜିକ ଗଣମାଧ୍ୟମରେ ପ୍ରକାଶ ହୁଏ। ଆଗରୁ ପିଲାଙ୍କୁ ସନ୍ତରଣ ବା ପହଁରା ଶିଖେଇବାକୁ ପଡ଼େ ନାହିଁ

### ସେବା ପ୍ରତିନିଧି ଦେଉଛନ୍ତି ମାଗଣା ସନ୍ତରଣ ପ୍ରଶିକ୍ଷଣ

ବିଭିନ୍ନ ଅଞ୍ଚଳରେ ବା ଗାଁ ମାନଙ୍କରେ ନେଇ, ପୋଖରୀ ଆଦିରେ ଲୋକ ନିଜେ ନିଜେ ଶିଖିଯାଇଥାନ୍ତି। ଉପକୂଳ ଅଞ୍ଚଳଗୁଡ଼ିକରେ ଅଧିକାଂଶ ସମୟରେ ନଦୀବଢ଼ି ଆସିଥାଏ। ତେଣୁ ଓଡ଼ିଶାରେ ସନ୍ତରଣ ଶିକ୍ଷା ସବୁଠୁ ଅଧିକ ଉପକୂଳ ଅଞ୍ଚଳବାସୀ ହିଁ ଜାଣିଥାନ୍ତି। ଉପକୂଳ ଅଞ୍ଚଳରେ ଏହି ସନ୍ତରଣ ଶିକ୍ଷା ଜାଣିଥିବା ବ୍ୟକ୍ତିଙ୍କ ସଂଖ୍ୟା ପାଖାପାଖି ୮୦ରୁ ୮୫ ପ୍ରତିଶତ ବୋଲି ସନ୍ତରଣ ଶିକ୍ଷା ପ୍ରଶିକ୍ଷକ ମତ ଦେଇଛନ୍ତି।

ସେହିପରି ରାଜଧାନୀରେ ଏହାର ସଂଖ୍ୟା ୫୦ ପ୍ରତିଶତରୁ କମ୍। କାରଣ ରାଜଧାନୀରେ ନଦୀ ନ ଥିବା ବେଳେ ଏବଂ ପୋଖରୀର ସଂଖ୍ୟା ମଧ୍ୟ କମ୍ ରହିଛି। ସବୁଠାରୁ ବଡ଼କଥା ହେଉଛି ଅଧିକାଂଶ ରାଜଧାନୀବାସୀ ଗାଧୁଆ ଘରେ ଗାଧୋଇଥାନ୍ତି। ଆଜିକାଲିର ସହରରେ ରହୁଥିବା ପିଲା ଅର୍ଥ ବ୍ୟୟ କରି ବିଭିନ୍ନ ବଡ଼ ବଡ଼ ହୋଟେଲରେ ଥିବା ସୁଇମିଂ ପୁଲ୍‌ରେ ପହଁରା ଶିଖିବାକୁ ଯାଉଛନ୍ତି। ଅର୍ଥର ସମସ୍ୟା ରହୁଥିବାରୁ ନିମ୍ନ ମଧ୍ୟବିତ ତଥା ମଧ୍ୟବତ ପରିବାର ପକ୍ଷେ ସୁଇମିଂ ପୁଲ୍‌ରେ ସନ୍ତରଣ ଶିକ୍ଷା ନେଇପାରୁ ନାହାନ୍ତି। ସନ୍ତରଣ ଶିକ୍ଷା ସମସ୍ତେ ଶିଖିବା ଉଚିତ କାରଣ ଏହା ଶରୀରର ଗୋଟେ ବ୍ୟାୟାମ ଭଳି କାମ କରେ ବୋଲି ଦୀର୍ଘ ୭ ବର୍ଷ ଧରି ମାଗଣାରେ ରାଜଧାନୀରେ ସନ୍ତରଣ ଶିକ୍ଷା ଦେଉଥିବା ସେବା ପ୍ରତିନିଧି ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପ୍ରଶିକ୍ଷକ ନିରମଣି ମିଶ୍ର କହିଛନ୍ତି। ସୁନ୍ଦରପଦା ପୋଖରୀରେ ସେ ପ୍ରତିବର୍ଷ ସ୍କୁଲ, କଲେଜ ଛୁଟି ପରର ସମୟରେ ଏହି ଶିକ୍ଷା ବିନା ମୂଲ୍ୟରେ ଦେଇଥାନ୍ତି। କାରଣ ଏହି ଶିକ୍ଷା ପ୍ରତ୍ୟେକ ବ୍ୟକ୍ତି ଶିଖିବା ଉଚିତ୍ କିନ୍ତୁ ରାଜଧାନୀରେ ଏତେ ଶିକ୍ଷିତ ବ୍ୟକ୍ତି ଥାଇ ମଧ୍ୟ ମାତ୍ର ୫୦ ପ୍ରତିଶତ ଲୋକ ପହଁରା ଜାଣିଛନ୍ତି। କର୍ମଜୀବୀଙ୍କ ପାଖରେ ସମୟର ଅଭାବ ଓ ଯେଉଁମାନଙ୍କ ପାଖରେ ପଇସା ନାହିଁ ସେମାନେ ମଧ୍ୟ ଶିଖି ପାରୁନାହାନ୍ତି ବୋଲି ନିଳମଣି କୁହନ୍ତି। ତେଣୁ ସେ ରାଜଧାନୀରେ ଏହି ଶିକ୍ଷା ମାଗଣାରେ ଦେଉଛନ୍ତି।

ଅନ୍ୟ ପୁଷ୍କରିଣୀ ଅପେକ୍ଷା ସୁନ୍ଦରପଦା ଅଧିକ ସ୍ୱଚ୍ଛ ଥିବାରୁ ଏଠାରେ ହିଁ ସେ ପ୍ରଶିକ୍ଷଣ ଦେଇଥାନ୍ତି। ବିଭିନ୍ନ ସ୍ଥାନରୁ ଗାଡ଼ି ଟ୍ୟୁବ୍ ସଂଗ୍ରହ କରି ସେଥିରେ ପ୍ରଥମେ ପ୍ରଶିକ୍ଷଣ ଦିଅନ୍ତି। ପାଖାପାଖି ୧୫ ରୁ ୨୦ଟି ଟ୍ୟୁବ୍ ତାଙ୍କ ପାଖରେ ରହିଛି। ଏହାପରେ ଜାରକିନ ସାହାଯ୍ୟରେ ପିଲାଙ୍କୁ ଶିକ୍ଷା ଦେଇଥାନ୍ତି। ଆଜି ପର୍ଯ୍ୟନ୍ତ ପାଖାପାଖି ୮ ଶହରୁ ଅଧିକ ଲୋକ ତାଙ୍କ ପାଖରୁ ସନ୍ତରଣ ଶିକ୍ଷା ଗ୍ରହଣ କରିସାରିଲେଣି ଯେଉଁଥିରେ ସବୁ ବର୍ଗର ଲୋକ ରହିଛନ୍ତି। ସରକାରଙ୍କ ତରଫରୁ ଏଥିପ୍ରତି କୌଣସି ବ୍ୟବସ୍ଥା କରିବା ସହ ଏହି ଶିକ୍ଷା ମାଗଣାରେ ରଖିଲେ ସାଧାରଣ ଲୋକ ଉପକୃତ ହୁଅନ୍ତେ ବୋଲି ସେ କହିଛନ୍ତି।



ସକାଳ
THE SAKALA

## ଓଡ଼ିଶା ଶାସନରେ ନୂତନ ଅଧ୍ୟାୟ

# ଅଭିନନ୍ଦନ ନୂତନ ମୁଖ୍ୟମନ୍ତ୍ରୀ!

ଆମର ସବୁ ପ୍ରତୀକ୍ଷାର ଅନ୍ତ ଘଟିଛି ଏବଂ ଓଡ଼ିଶାରେ ପ୍ରଥମ ବିଜେପି ସରକାରର ପ୍ରଥମ ମୁଖ୍ୟମନ୍ତ୍ରୀ ହେବାକୁ କେନ୍ଦୁଝର ସଦରର ବିଧାୟକ ମୋହନ ଚରଣ ମାଝୀ ଗତକାଲି ସନ୍ଧ୍ୟାରେ ବିଜେପି ବିଧାୟକ ଦଳର ନେତା ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି। ଏହା ସହିତ ଦଳ ପକ୍ଷରୁ ପଶ୍ଚିମ ଓଡ଼ିଶାର ପାଟନାଗଡ଼ର ପୁରୁଖା ରାଜନେତା ବିଧାୟକ କନକବର୍ଦ୍ଧନ ସିଂହଦେଓ ଓ ପୁରୀ ଜିଲ୍ଲା ନିମାପଡ଼ା ଆସନରୁ ପ୍ରଥମ କରି ବିଧାନସଭାକୁ ନିର୍ବାଚିତ ହୋଇଥିବା ପ୍ରଭାତି ପରିଡ଼ାଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବେ ମଧ୍ୟ ବିଧାୟକଦଳ ବାଛିଛି। ବିଧାୟକ ଦଳର ନେତା ନିର୍ବାଚିତ ହେବା ପରେ ଶ୍ରୀ ମାଝୀ ରାଜଭବନକୁ ଯାଇ ସରକାର ଗଠନପାଇଁ ରାଜ୍ୟପାଳଙ୍କ ନିକଟରେ ବୈଧାନିକ ଦାବି ଉପସ୍ଥାପନ କରିଛନ୍ତି। ଆଜି ସଂଧ୍ୟାରେ ନୂଆ ମୁଖ୍ୟମନ୍ତ୍ରୀ ଓ ନୂତନ ଉପମୁଖ୍ୟମନ୍ତ୍ରୀ ତଥା ମନ୍ତ୍ରୀ ପରିଷଦର ସଦସ୍ୟମାନେ ଶପଥ ଗ୍ରହଣ କରିବେ। ରାଜଧାନୀର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଥିବା ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଏହି ଶୁଭ ଅବସରରେ ନୂଆ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ତାଙ୍କ ଟିମ୍‌କୁ ଆମେ ଶୁଭେଚ୍ଛା ଜ୍ଞାପନ କରୁଛୁ।

ଓଡ଼ିଶାରେ ମୁଖ୍ୟମନ୍ତ୍ରୀ କିଏ ହେବ ସେ ନେଇ ଗତ କେତେଦିନ ଧରି ବେଶ କଳ୍ପନା ଜଳ୍ପନା ଲାଗି ରହିଥିଲା। ବିଜେପିର ରାଜ୍ୟ ଶାଖା ସଭାପତି ମନମୋହନ ସାମଲ ନିର୍ବାଚନରେ ହାରି ଯାଇଥିବାରୁ ନୂଆ ମୁଖ୍ୟମନ୍ତ୍ରୀ କିଏ ହେବ, ସେ ନେଇ ବିଭିନ୍ନ ନାମ ଚର୍ଚ୍ଚାରେ ଥିଲା। ତେବେ ବିଜେପି କେନ୍ଦ୍ରୀୟ କର୍ତ୍ତୃପକ୍ଷ ତାଙ୍କର ନିଜସ୍ୱ ପୂର୍ବ-ପରୀକ୍ଷିତ ଶୈଳୀରେ ନେତା ବାଛିଛନ୍ତି। ନିର୍ବାଚନ ପୂର୍ବରୁ ଦଳ କାହାରିକୁ ଭାବି ମୁଖ୍ୟମନ୍ତ୍ରୀ ଭାବେ ପ୍ରକଳ୍ପିତ ବା ଉପସ୍ଥାପିତ କରି ନଥିଲା। ଦଳର କେନ୍ଦ୍ରୀୟ ନେତୃତ୍ୱ ଆପଣା ବିଚାର ଓ ରାଜନୀତିକ ଦୂରଦୃଷ୍ଟି ରଖି ମୋହନ ମାଝିଙ୍କ ଭଳି ଅପେକ୍ଷାକୃତ ଜଣେ ଯୁବ ନେତାଙ୍କ ଉପରେ ଆସ୍ଥା ପ୍ରକଟ କରିବା ସହ ରାଜ୍ୟରେ ଜାତିଗତ ସମୀକରଣକୁ ମଧ୍ୟ ସମ୍ୟକ୍ ଅଗ୍ରାଧିକାର ଦେଇଛି। ମୋହନ ମାଝୀ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ହୋଇଥିବାବେଳେ ପ୍ରଭାତୀ ପରିଡ଼ା ଖଣ୍ଡାୟତ (ଓବିସି) ବର୍ଗର। ସେହିଭଳି ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତା କନକ ବର୍ଦ୍ଧନ ବଲାଙ୍ଗୀର ରାଜ ପରିବାରର ସଦସ୍ୟ। ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନାତି।

ଓଡ଼ିଶାରେ ଆଦିବାସୀଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ୨୩ ଶତାଂଶ। ମୋହନ ବାବୁଙ୍କ ପୂର୍ବରୁ ଦୁଇଜଣ ଆଦିବାସୀ ନେତା କଂଗ୍ରେସର ହେମାନନ୍ଦ ବିଶ୍ୱାଳ ଓ ଗିରିଧର ଗମାଙ୍ଗ ସ୍ୱଳ୍ପକାଳ ପାଇଁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ତେବେ ଏହି ବର୍ଗକୁ ରାଜ୍ୟ ଓ କେନ୍ଦ୍ରରେ ଯେଉଁ ଉଚିତ ପ୍ରତିନିଧିତ୍ୱ ମିଳିବା କଥା ତାହା ଏ ଯାଏ ମିଳିନଥିଲା। ଭାରତର ରାଷ୍ଟ୍ରପତି ଭାବେ ଓଡ଼ିଶାର ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁଙ୍କୁ ବିଜେପି ଏଥର ଗାଦିନସୀନ କରିଛି। ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ ଦ୍ୱିତୀୟବାର କେନ୍ଦ୍ରରେ ଆଦିବାସୀ ମନ୍ତ୍ରଣାଳୟର ଦାୟିତ୍ୱ ନେଇଛନ୍ତି। ଦେଶର ସିଏଜି ପଦରେ ପ୍ରଥମ ଆଦିବାସୀ ଭାବେ ଓଡ଼ିଶାର ଗିରିଶ ମୁର୍ମୁ ଅବସ୍ଥାପିତ ହୋଇଛନ୍ତି। ତେଣୁ ଆଦିବାସୀ ବହୁଳ ଓଡ଼ିଶାରେ ସେହି ସମ୍ପ୍ରଦାୟର ଜଣେ ମୁଖ୍ୟମନ୍ତ୍ରୀ ବାଛି ବିଜେପି 'ଆଦିବାସୀ କାର୍ଡ' ଖେଳିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ରାଜ୍ୟର ମୋଟ୍ ବିଧାନସଭା ଆସନ ୧୪୭ ରୁ ୩୩ଟି ଆଦିବାସୀ ଓ ୨୪ଟି ତଫସିଲଭୁକ୍ତ ଜାତିଙ୍କ ପାଇଁ ସଂରକ୍ଷିତ। ଏହାଛଡ଼ା ଏହି ଦୁଇ ସମ୍ପ୍ରଦାୟ ପାଇଁ ୨୧ ଲୋକସଭା ଆସନ ମଧ୍ୟରୁ ଯଥାକ୍ରମେ ପାଞ୍ଚଟି ଓ ତିନିଟି ଲୋକସଭା ଆସନ ମଧ୍ୟ ସଂରକ୍ଷିତ। ଏଥର ମୟୂରଭଞ୍ଜରୁ ସମସ୍ତ ନ'ଟି ଆସନ ସମେତ କେନ୍ଦୁଝର, ସୁନ୍ଦରଗଡ଼ ଓ ନବରଙ୍ଗପୁର ସଂରକ୍ଷିତ ସଂସଦୀୟ ଆସନରେ ବିଜେପିର ପ୍ରଦର୍ଶନ ବେଶ୍ ଉଲ୍ଲେଖନୀୟ ରହିଛି।

ମୋହନ ବାବୁ ଜଣେ ଯୋଗ୍ୟ, ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ଓ ଅଭିଜ୍ଞ ବିଜେପି ନେତା। ସେ କେନ୍ଦୁଝର ସଦର ଆସନରୁ ଚାରିଥର ବିଧାୟକ ହୋଇଥିବାବେଳେ ବିରୋଧୀଦଳର ଉପମୁଖ୍ୟ ସଚେତକ ଓ ବିଧାନସଭାର ବିଭିନ୍ନ କମିଟିର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ ତୁଲାଇଥିଲେ। ଜଣେ ଉତ୍ତମ ଓ ଅଭିଜ୍ଞ ବିଧାୟକ ଭାବେ ସେ ଜଣାଶୁଣା। ଏକ ସାମାନ୍ୟ ଆଦିବାସୀ ପରିବାରରେ ଜନ୍ମିତ ମୋହନ ମାଝୀ କଳାରେ ସ୍ନାତକ ଡିଗ୍ରୀ କରିବା ପରେ ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷକ ଜୀବନ ଆରମ୍ଭ କରିଥିଲେ। ତା'ପରେ ସେ ନିଜର ନିଷ୍ଠାପର ଅଧ୍ୟବସାୟ ଓ ସାଂଗଠନିକ ଦକ୍ଷତା ବଳରେ ଏକାଧିକବାର ବିଧାୟକ ନିର୍ବାଚିତ ହୋଇଛନ୍ତି। ଉତ୍ତର-ପଶ୍ଚିମ ଓଡ଼ିଶାରେ ତାଙ୍କର ଭଲ ପ୍ରଭାବ ରହିଛି। ଆହୁରି ମଧ୍ୟ ସେ ଓଡ଼ିଶାର ସବୁଠୁ ଅଧିକ ଖଣିଜ ସମ୍ପଦ ଭରପୁର ଜିଲ୍ଲା କେନ୍ଦୁଝରର ପୁଅ। ନୂଆ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ଏହି ଜିଲ୍ଲାର ବିଶେଷ ଭୂମିକା ଅନସ୍ୱୀକାର୍ଯ୍ୟ। ତାଙ୍କୁ ସାହାଯ୍ୟ କରିବାକୁ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ଓ ନୂଆ ସମତୁଲ ମନ୍ତ୍ରିସଭା ଅଛନ୍ତି। ତେଣୁ ବିକଶିତ ଓଡ଼ିଶାର କାହାଣୀକୁ ନବୀନ ପଟ୍ଟନାୟକ ଯେଉଁ ପର୍ଯ୍ୟାୟରେ ଆଣି ପହଞ୍ଚାଇ ଦେଇଛନ୍ତି, ସେଠାରୁ ଆଗକୁ ନେବାରେ ଯେ ମୋହନ ବାବୁ ସଫଳ ହେବେ, ଏହା ଆମର ବିଶ୍ୱାସ।

ଓଡ଼ିଶା ବିଜେପି ଏଥର ପ୍ରଥମ କରି କ୍ଷମତାକୁ ଆସିଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟର ସବୁ ରାଜନୀତିକ ଦଳର ପ୍ରମୁଖ ନେତାମାନଙ୍କୁ ଶପଥ ଗ୍ରହଣ ଉତ୍ସବକୁ ନିମନ୍ତ୍ରଣ କରିବା ନିଶ୍ଚିତ ଏକ ଭଲ କଥା। ଏହା ରାଜନୀତିକ ଶିଷ୍ଟାଚାରର ପରିଚୟ ଦିଏ। ଓଡ଼ିଶାରେ ଦୁଇଜଣ ଉପମୁଖ୍ୟମନ୍ତ୍ରୀ ହେବା ପ୍ରଥମ ନୁହେଁ। କଂଗ୍ରେସ ଶାସନ କାଳରେ ମୁଖ୍ୟମନ୍ତ୍ରୀ ଜାନକୀ ବାବୁ ହେମାନନ୍ଦ ବିଶ୍ୱାଳ ଓ ବସନ୍ତ ବିଶ୍ୱାଳଙ୍କୁ ଉପମୁଖ୍ୟମନ୍ତ୍ରୀ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପଦର ସାଂବିଧାନିକ ବିଶେଷତ୍ୱ ନଥିଲେ ମଧ୍ୟ ଏହା ଏକ ଭାରସାମ୍ୟ ରକ୍ଷାକାରୀ ରାଜନୀତିକ ପ୍ରୟାସ। ଏହା ମାଧ୍ୟମରେ ଆଞ୍ଚଳିକ ଓ ଜାତିଗତ ଭାରସାମ୍ୟକୁ ରକ୍ଷା କରିବାକୁ ଉଦ୍ୟମ କରାଯାଇଥାଏ। ବିଜେପିର ପ୍ରସନ୍ନ କୁମାର ପଟ୍ଟନାୟକ ୧୯୮୫ରେ ଏକମାତ୍ର ବିଧାୟକ ଭାବେ ପ୍ରଥମ କରି ବିଧାନସଭାକୁ ନିର୍ବାଚିତ ହେବା ପରେ କେହି ଭାବି ନଥିଲେ ଯେ ସେହି ଦଳ ଦିନେ ଓଡ଼ିଶାରେ ଏକକ ଶାସନ କ୍ଷମତା ହାସଲ କରିବ। ବିଜେଡି ସହିତ ମିଶି ବିଜେପି ୨୦୦୦ ରୁ ୨୦୦୯ ଯାଏ ରାଜ୍ୟରେ କ୍ଷମତାରେ ରହିବା ସହିତ ସମାନ୍ତରାଳ ଭାବେ ନିଜର ତୃଣମୂଳସ୍ତରର ସଂଗଠନକୁ ବଢ଼ାଇ ଚାଲିଥିଲା। ଦଳର ନେତା ଓ କର୍ମୀଙ୍କ ଅକ୍ଳାନ୍ତ ପରିଶ୍ରମର ଫଳ ଆଜି ବିଜେପିକୁ ମିଳିଛି।

ଆମେ ବିଜେପିକୁ ଏହି ଅବସରରେ ଅଭିନନ୍ଦନ ଜଣାଇବାବେଳେ ଗୋଟେ କଥା ମନେ ପକାଇ ଦେଉଛୁ ଯେ ଓଡ଼ିଶା ଦେଶର ଅନ୍ୟ ରାଜ୍ୟଠାରୁ ନିଆରା ଏବଂ ଏଠାରେ ଭୋଟରଙ୍କ ଆଚରଣ ସ୍ୱତନ୍ତ୍ର। ଓଡ଼ିଶା ରାଜନୀତିରେ ଜାତିଆଣବାଦ କିମ୍ବା ଆଞ୍ଚଳିକବାଦ ନଥାଏ। ଏଠାରେ ଓବିସି ସବୁଠୁ ବଡ଼ ଗୋଷ୍ଠୀ, ଯାହାଙ୍କ ସଂଖ୍ୟା ଜନସଂଖ୍ୟାର ୪୦ ଶତାଂଶରୁ ଅଧିକ। ଏହାଛଡ଼ା ଉଚ୍ଚବର୍ଗର ଲୋକ ସଂଖ୍ୟା ୧୫ ଭାଗରୁ ବେଶୀ। ଅନଗ୍ରସର ଶ୍ରେଣୀ ଜନସାଧାରଣଙ୍କୁ କ୍ଷମତା ରାଜନୀତିରେ ଅଂଶଗ୍ରହଣ ପ୍ରୟୋଗ ନିଶ୍ଚିତ ସ୍ୱାଗତଯୋଗ୍ୟ, ତେବେ ସବୁ ଜାତି ଓ ବର୍ଗର ଲୋକଙ୍କ କଲ୍ୟାଣ, ଅନ୍ନବସ୍ତ୍ର ଓ ମୌଳିକ ସୁଖ ସୁବିଧାକୁ ମଧ୍ୟ ଅଗ୍ରାଧିକାର ଦେବାକୁ ପଡ଼ିବ। ଆମର ଆଶା କେନ୍ଦ୍ରୀୟ କର୍ତ୍ତୃପକ୍ଷ ଓ ପ୍ରଧାନମନ୍ତ୍ରୀଙ୍କ ଦିଗଦର୍ଶନ ଓ ଦଳର ଉଚିତ ପରାମର୍ଶରେ ମୋହନ ବାବୁ ଓଡ଼ିଶାକୁ ଏକ ନିର୍ମଳ, ପ୍ରଗତିଶୀଳ ଓ ଉତ୍ତମ ଶାସନ ଦେବାରେ ସକ୍ଷମ ହେବେ। ଆମେ ତାଙ୍କୁ ପୁଣିଥରେ ଅଭିନନ୍ଦନ ଜଣାଇବା ସହ ତାଙ୍କର ଉତ୍ତରୋତ୍ତର ସଫଳତା କାମନା କରୁଛୁ। ବନ୍ଦେ ଉତ୍କଳ ଜନନୀ - ଜୟ ହିନ୍ଦ୍!

# ଶିଶୁ ସୁରକ୍ଷା ଆମ ଦାୟିତ୍ୱ



ଡଃ ସମୀର କୁମାର ନନ୍ଦ
ଦେବଗଡ, ମୋ: ୯୪୩୭୨୧୮୯୧୭

ମୋତେ ଜଣେ ବନ୍ଧୁ ଦିନେ ଫୋନ୍ କରି କହିଲେ, ଭାଇ, ଜିଲ୍ଲାରେ ବହୁତ ଶିଶୁ ଶ୍ରମିକ ହୋଇଗଲେଣି, ତୁମ ବିଭାଗ କରୁଛି କ'ଣ ? ମୁଁ ପଚାରିଲି ଆପଣ କେଉଁଠି ଶିଶୁ ଶ୍ରମିକ ଦେଖିଲେ? ସେ କହିଲେ ସବୁଦିନେ ଖରାବେଳେ ଛୋଟ ଛୋଟ ପିଲାମାନେ ପିତାମାତାଙ୍କ ସହିତ ଜଙ୍ଗଲରୁ ଜାଳେଣି କାଠ ମୁଣ୍ଡରେ ବୋହି ଆଣି ବଜାରରେ ବିକ୍ରି କରୁଛନ୍ତି। ଏହାର ଅର୍ଥ ମୋର ବନ୍ଧୁ, ଶିଶୁ ଶ୍ରମିକ ଆଇନତଃ କାହାକୁ କୁହାଯାଏ, ତାହା ଭଲକରି ବୁଝି ନାହାଁନ୍ତି। ପ୍ରକୃତରେ ଶିଶୁ ଶ୍ରମିକର ଅସଲ ସଂଜ୍ଞା ଆମେ ସମସ୍ତେ ଜାଣିବା ନିହାତି ଆବଶ୍ୟକ ରହିଛି। ସମ୍ବିଧାନର ଧାରା -୨୪ ଅନୁଯାୟୀ ଚଉଦ ବର୍ଷରୁ କମ ବୟସର କୌଣସି ଶିଶୁକୁ କାରଖାନା, ଖଣି କିମ୍ବା କୌଣସି ବିପଦସଙ୍କୁଳ କାର୍ଯ୍ୟରେ ନିୟୋଜିତ କରାଯାଇ ପାରିବ ନାହିଁ। ଶିଶୁ ଓ କିଶୋର ଶ୍ରମିକ (ନିଷିଦ୍ଧ ଓ ନିୟନ୍ତ୍ରଣ) ଆଇନ, ୧୯୮୬ ଅନୁସାରେ ୧୪ ବର୍ଷ ପୂର୍ଣ୍ଣ କରିନଥିବା ବ୍ୟକ୍ତିକୁ ଶିଶୁ ଓ ୧୪ ବର୍ଷ ପୂର୍ଣ୍ଣ କରି ୧୮ ବର୍ଷ ପୂର୍ଣ୍ଣ କରିନଥିବା ବ୍ୟକ୍ତିକୁ କିଶୋର ବୋଲି ବିବେଚିତ କରାଯିବ। ସେଥିପାଇଁ ଗୋଟିଏ ଶିଶୁକୁ ଯେକୌଣସି କାମରେ ଓ କିଶୋରକୁ କେବଳ ବିପଦସଙ୍କୁଳ କାମରେ ନିୟୋଜିତ କରିବା ଆଇନତଃ ଅପରାଧ ଅଟେ। କିନ୍ତୁ ପରିବାରର ପିତା, ମାତା, ଭାଇ, ଭଉଣୀ, କାକା, ପିଉସୀ, ମାମୁଁ ଓ ମାଉସୀ ଆଦିଙ୍କ ଦ୍ୱାରା ପରିଚାଳିତ ଅଣବିପଦସଙ୍କୁଳ କାର୍ଯ୍ୟକ୍ଷେତ୍ରରେ, ବିଦ୍ୟାଳୟ ସମୟ ବାହାରେ ଏବଂ ଛୁଟି ଦିନରେ ଶିଶୁ ଓ କିଶୋର କାମ କରିବା ଆଇନର ଉଲଂଘନ ନୁହେଁ। ଆମେ ନିତି ପ୍ରତିଦିନ ବଡ଼ବଡ଼ ସହରର ଟ୍ରାଫିକ୍ ଲାଇଟ୍ ତଳେ, ବସଷ୍ଟାଣ୍ଡ, ରେଳ ଷ୍ଟେସନରେ ଓ ଚଳନ୍ତା ରେଳଗାଡ଼ି ଭିତରେ ଶହଶହ ଶିଶୁ କିଛି ମହିଳାଙ୍କ ସହିତ ବିଭିନ୍ନ ସାମଗ୍ରୀ ବିକ୍ରିକରିବା, ଭିକ୍ଷା ମାଗିବା, ଠାକୁର ଠାକୁରାଣୀଙ୍କ ଫଟୋ ଧରି ନୃତ୍ୟ ଗୀତ କରି ପଇସା ମାଗିବା କାମରେ ନିୟୋଜିତ ହୋଇଥିବାର ଦେଖୁଛେ। କିଛି ଅସାଧୁ ବ୍ୟକ୍ତି ଶିଶୁମାନଙ୍କୁ ଭିକ୍ଷାବୃତ୍ତିରେ ନିୟୋଜିତ କରି ଠକେଇଭଳି ଅପରାଧ କରୁଛନ୍ତି। ଶିଶୁମାନଙ୍କୁ ଭିକ୍ଷାବୃତ୍ତି ଭଳି ଘୃଣ୍ୟ କାମର ପ୍ରଶିକ୍ଷଣ ଦେବାର ମଧ୍ୟ ଜଣାପଡ଼ିଛି। କିଛି ଲୋକଙ୍କ ସ୍ୱାର୍ଥ ପାଇଁ ଏହି ଶିଶୁମାନଙ୍କ ଶୈଶବ ଓ ଶିକ୍ଷା ଆଜି ବିପଦସଂକୁଳ ଓ ଅବହେଳିତ। ଉତ୍କଟ ଦାରିଦ୍ର୍ୟତା, କ୍ଷୁଧା ଏବଂ ଖରାପ ବ୍ୟବହାର ପାଇଁ ଘରୁ ବାହାରି ଆସି ଟ୍ରାଫିକ ଲାଇଟ ତଳେ ଗାଡି ସଫା କରିବା, ଜିନିଷ ବିକ୍ରୟ କରିବା, ଭିକ୍ଷା ମାଗିବା ଆଦି କାର୍ଯ୍ୟ କରି ଶିଶୁମାନେ ଜୀବିକା ନିର୍ବାହ କରୁଛନ୍ତି। ଏହି ଶିଶୁମାନେ ସାଧାରଣତଃ ପିତୃମାତୃହୀନ ପରିବାର, ନିଶାଗ୍ରସ୍ତ ଓ ଘରୋଇ ହିଂସାଗ୍ରସ୍ତ ପରିବାରରୁ ଆସିଥାଆନ୍ତି।

ଶିଶୁ ଶ୍ରମିକମାନଙ୍କ ସର୍ବନିମ୍ନ ବୟସ ସୀମା ନିର୍ଦ୍ଧାରଣ ପାଇଁ ଆୟୋଜିତ ଅନ୍ତର୍ଜାତୀୟ ଶ୍ରମ ସଂଗଠନର ୧୩୮ ତମ ସମ୍ମେଳନ ଓ ଶିଶୁ ଶ୍ରମ ପ୍ରଥାକୁ ବାରଣ କରି ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରିବା ପାଇଁ ଆୟୋଜିତ ୧୮୨ତମ ସମ୍ମେଳନକୁ ସମର୍ଥନ କରି ଏହି ଘୃଣ୍ୟ ପ୍ରଥାକୁ ନିର୍ମୂଳ କରିବା ଓ ସେଥିପାଇଁ ଜନ ସଚେତନତା ସୃଷ୍ଟି କରିବା ନିମନ୍ତେ ଆନ୍ତର୍ଜାତୀୟ ଶ୍ରମ ସଂଗଠନ ଦ୍ୱାରା ୨୦୦୨ ମସିହାଠାରୁ ପ୍ରତ୍ୟେକ ବର୍ଷ ଜୁନ୍ ୧୨ ତାରିଖ ଦିନ ସମଗ୍ର ବିଶ୍ୱରେ "ଅନ୍ତର୍ଜାତୀୟ ଶିଶୁ ଶ୍ରମ ନିରୋଧ ଦିବସ" ପାଳନ କରାଯାଉଛି। କିନ୍ତୁ ଦେଶରେ ଆଜି ଶିଶୁ ଶ୍ରମିକଙ୍କ ସଂଖ୍ୟା କେତେ ତା'ର କିଛି ପ୍ରକୃତ ତଥ୍ୟ ନାହିଁ। କାରଣ ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶରେ ଗତ ୧୯୯୭ ମସିହାରେ ସମଗ୍ର ଦେଶରେ ଶିଶୁ ଶ୍ରମିକମାନଙ୍କର ଏକ ସର୍ଭେ ହୋଇଥିଲା। ସେହି ସର୍ଭେ ତଥ୍ୟ ଅନୁଯାୟୀ ଓଡ଼ିଶାରେ ସେତେବେଳେ ୨୧୫୨୨୨ ଶିଶୁ ଶ୍ରମିକ ଚିହ୍ନଟ ହୋଇଥିଲେ। ସେହପରି ୨୦୧୧ ମସିହା ଜନଗଣନା ଅନୁଯାୟୀ ରାଜ୍ୟରେ ୯୨୦୮୭ ଓ ପଶ୍ଚିମ ଓଡ଼ିଶାରେ ୭୫୪୪୦ ସମେତ ଦେଶରେ ୪୩,୫୩,୨୪୭ ଜଣ ଶିଶୁ ଶ୍ରମିକ ଚିହ୍ନଟ ହୋଇଥିଲେ। ତା'ପରେ କିନ୍ତୁ ସରକାରଙ୍କ ପକ୍ଷରୁ କୌଣସି ସର୍ଭେ କାର୍ଯ୍ୟ କରାଯାଇନାହିଁ। ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଦ୍ୱାରା ପ୍ରତ୍ୟେକ ୩ ବର୍ଷରେ ଥରେ ଜିଲ୍ଲା ସ୍ତରରେ ଘରଘର ବୁଲି ସର୍ଭେ କରାଯାଉଥିଲା, କିନ୍ତୁ ଉକ୍ତ ପ୍ରକଳ୍ପକୁ ସରକାର ୨୦୨୧ ମସିହାଠାରୁ ବନ୍ଦ କରିଦେବା ପରଠାରୁ ଆଜି ଦେଶରେ ଶିଶୁ ଶ୍ରମିକ ସଂପର୍କରେ ସରକାରୀ ସ୍ତରରେ ସଠିକ ସୂଚନା ପାଇବା ମୁସ୍କିଲ।




ଶିଶୁ ଶ୍ରମିକ ପ୍ରଥା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଆଜି ଦିନଟି ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଶିଶୁ ଶ୍ରମ ନିରୋଧ ଦିବସ ଭାବରେ ପାଳନ ହେଉଛି। ଆମ ଦେଶରେ ମଧ୍ୟ ଏହି ଦିବସ ବିଶେଷ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ ହେଉଛି। ଏଥିପାଇଁ ସରକାର ଓ ଅନେକ ଅନୁଷ୍ଠାନ ବହୁତ ଅର୍ଥ ଖର୍ଚ୍ଚକରି ଅନେକ କାର୍ଯ୍ୟକ୍ରମର ଆୟୋଜନ କରୁଛନ୍ତି। କିନ୍ତୁ ଯେଉଁମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ତୃଣମୂଳ ସ୍ତରରେ ଆବଶ୍ୟକ, ସେମାନେ କେତେ ମାତ୍ରାରେ ଉପକୃତ ହେଉଛନ୍ତି, ସେଇଟା ତର୍ଜମା କରିବାର ଆବଶ୍ୟକତା ରହିଛି। ନିକଟରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଭୁବନେଶ୍ୱରର ହୋଟେଲ, ୱେଲଡିଂ ଦୋକାନ ଓ ରେଳ ଷ୍ଟେସନରେ କାମ କରୁଥିବା ତିନି ଶିଶୁ ଶ୍ରମିକ ପାସ୍ କରିଛନ୍ତି ବୋଲି ସମ୍ବାଦ ମିଳିଛି। ଅତୀତରେ ମଧ୍ୟ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ବିଦ୍ୟାଳୟ ମାଧ୍ୟମରେ ଥଇଥାନ ହୋଇ ଅନେକ ପୂର୍ବତନ ଶିଶୁ ଶ୍ରମିକ, ଛାତ୍ରଛାତ୍ରୀ ଭାବରେ ସାରା ରାଜ୍ୟରେ ଉଚ୍ଚ ଶିକ୍ଷା ଲାଭ କରି ଆଜି ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟରତ।

ବାଳଶ୍ରମିକ ସମସ୍ୟା ଓ ଶିକ୍ଷା ଭିତରେ ଥିବା ସମ୍ପର୍କ ସମ୍ବନ୍ଧରେ ସମସ୍ତେ ପରିଚିତ ହେବା ଦରକାର। ଯଦି ପିଲାମାନେ ବିଦ୍ୟାଳୟକୁ ଯିବେ ନାହିଁ ତାହେଲେ କେଉଁଠିକି ଯିବେ ? ଉତ୍ତର ହେବ କାର୍ଯ୍ୟକ୍ଷେତ୍ରକୁ। ଆମ ଦେଶରେ ଆଇନ ଅନୁସାରେ ପିଲାମାନଙ୍କୁ ସହରରେ ଥିବା କଳକାରଖାନାକୁ ଯିବା ପାଇଁ ସିନା ବାରଣ କରାଯାଉଛି, ହେଲେ ଗାଁ ଗହଳିରେ କ୍ଷେତରେ କାମ କରିବା ପାଇଁ କେହି ବାରଣ କରୁ ନାହାନ୍ତି। ଭାରତରେ ପିଲାମାନେ ବିଦ୍ୟାଳୟକୁ ନ ଗଲେ କେହି ମାନସିକ ଆଘାତ ପାଏ ନାହିଁ।

ନିକଟରେ ଲଣ୍ଡନ ସ୍ଥିତ ଆଇପ୍ରୋବୋନୋ ନାମକ ଏକ ସଂସ୍ଥାର ତଥ୍ୟରୁ ଜଣାପଡିଛି ଯେ, ୨୦୧୬ ଜାନୁଆରି ପହିଲାରୁ ୨୦୨୧ ଡିସେମ୍ବର ୩୧ ତାରିଖ ଛଅ ବର୍ଷ ମଧ୍ୟରେ ଭାରତର ୫୭୦ଟି ଜିଲ୍ଲା ଓ ୫୦ପ୍ରତିଶତ ଅନୁଷ୍ଠାନରୁ ମିଳିଥିବା ତଥ୍ୟ ଆଧାରରେ ଭାରତୀୟ ଜେଲଗୁଡିକରେ ପ୍ରାୟ ୯୬୮୧ ଜଣ ୧୮ ବର୍ଷରୁ କମ ବୟସର ଶିଶୁଙ୍କୁ ଭୁଲ ପ୍ରକ୍ରିୟାରେ ବୟସ୍କମାନଙ୍କ ଜେଲରେ ରଖାଯାଇଥିଲା ବୋଲି ଜଣାପଡ଼ିଛି। କିଶୋର ନ୍ୟାୟ ବୋର୍ଡକୁ ଡାଲ କରି ଅପରାଧୀମାନେ ବିଭିନ୍ନ ଅପରାଧ ଗୁଡିକରେ ଶିଶୁମାନଙ୍କୁ ନିୟୋଜିତ କରି ଅପରାଧ ଘଟାଉଥିବାର ମଧ୍ୟ ଦେଖାଯାଉଛି। ନିକଟରେ ଜଣେ ଅଙ୍ଗନବାଡ଼ି କର୍ମୀଙ୍କ ସମେତ ଏକ ପାଞ୍ଚଜଣିଆ ଆନ୍ତଃରାଜ୍ୟ ଶିଶୁ ଚୋରି ଘଟଣାର ପର୍ଦ୍ଦାଫାସ୍ କରି ମାତ୍ର ନଅ ମାସର କୋମଳ ଶିଶୁକୁ ପୋଲିସ ଉଦ୍ଧାର କରିବା ବିଷୟ ଅତ୍ୟନ୍ତ ଚିନ୍ତାଜନକ ହୋଇଛି। ଏଥିରେ ରକ୍ଷକ ଭକ୍ଷକ ସାଜିବାର ପ୍ରମାଣିତ ହୋଇଛି। ୟୁନିସେଫ୍ ଦ୍ୱାରା ୨୦୨୩ ମସିହାରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଭାରତରେ ଶିଶୁମାନଙ୍କ ସଂଖ୍ୟା ୪୩୧ ନିୟୁତ, ଯାହା କି ସମଗ୍ର ବିଶ୍ୱରେ ସବୁଠାରୁ ଅଧିକ। ଏତେ ଗୁଡ଼ିଏ ଶିଶୁମାନଙ୍କ ସୁରକ୍ଷା ଆମ ଦେଶ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ। ସମସ୍ତ ଶିଶୁ ମାନଙ୍କୁ ସ୍ୱାସ୍ଥ୍ୟ, ଶିକ୍ଷା ଓ ସୁରକ୍ଷା ପ୍ରଦାନ କରିବା ପ୍ରତ୍ୟେକ ନାଗରିକ ଓ ସରକାରଙ୍କ ଦାୟିତ୍ୱ। ମୋବାଇଲ ଓ ଇଣ୍ଟରନେଟ୍‌ର ଅପବ୍ୟବହାର, ଶିଶୁ ଶ୍ରମିକ ପ୍ରଥା, ଭିକ୍ଷାବୃତ୍ତି, ମାଦକ ଦ୍ରବ୍ୟ ଚାଲାଣ, ବାଲ୍ୟ ବିବାହ, ଶିଶୁ ଅପହରଣ, ନିଷ୍ଠୁର ବ୍ୟବହାର ଓ ଯୌନ ଶୋଷଣ ପରି ନିର୍ଯାତନାରୁ ଶିଶୁମାନଙ୍କୁ ସୁରକ୍ଷା ଦେବା ଅପରିହାର୍ଯ୍ୟ ହୋଇ ପଡିଛି। ଶିଶୁମାନେ କିଭଳି ସ୍ୱସ୍ଥ ଓ ସ୍ୱାଧୀନ ତଥା ଗରିମାମୟ ବାତାବରଣରେ ବଞ୍ଚିବେ ଓ ନିଜ ଭବିଷ୍ୟତକୁ ଗଢ଼ିବେ, ସେଥିପାଇଁ ସୁବିଧା-ସୁଯୋଗ ଯୋଗାଇଦେବାକୁ ଆମ ସମ୍ବିଧାନ ମଧ୍ୟ ନିର୍ଦ୍ଦେଶ ଦେଇଛି। ତାକୁ ପାଳନ କରିବା ଆମର କର୍ତ୍ତବ୍ୟ। ଏହି ନିର୍ଦ୍ଦେଶକୁ ଅଧିକରୁ ଅଧିକ ମାର୍ଜିତ ତଥା ଆବଶ୍ୟକତା ଦୃଷ୍ଟିରୁ ପରିବର୍ତ୍ତନ କରିବା ବିଧେୟ।

# ଦିବ୍ୟ ପ୍ରକୃତି ଓ ଆଧ୍ୟାତ୍ମିକତାର ସମନ୍ୱୟ : ନିମ୍ବବୃକ୍ଷ



ଡକ୍ଟର ସୁନ୍ଦର ନାରାୟଣ ପାତ୍ର
ଭୁବନେଶ୍ୱର, ମୋ: ୯୪୩୭୨୧୦୪୨୦

କଶ୍ୟପ ମୁନିଙ୍କ ରଚିତ 'ଶିଳ୍ପ ଶାସ୍ତ୍ର' ରେ ଉଲ୍ଲେଖ ଅଛି, ଠାକୁର ମୂର୍ତ୍ତି ଗଢ଼ା ହେବା ପାଇଁ ସର୍ବଶ୍ରେଷ୍ଠ ଉପାଦାନ ହେଉଛି କାଷ୍ଠ ବା ଦାରୁ। ଭବିଷ୍ୟ ପୁରାଣରେ ଦିଅଁ ଗଢ଼ିବା ପାଇଁ ଦାରୁର ବ୍ୟବହାର ବିଷୟରେ ଗୁରୁତ୍ୱ ଦିଆଯାଇଛି ଏବଂ ନିମ, ଅଶ୍ୱସ୍ତ, ମହୁଲ, ଦେବଦାରୁ, ସେଡ଼ାର, ଚନ୍ଦନ, ବେଲ, ଖଇର, ଗମ୍ଭାରୀ, ପଣସ, ଅର୍ଜୁନ, ରକ୍ତ ଚନ୍ଦନ ଆଦି ଗଛର କାଠ ଏଥି ପାଇଁ ଉପଯୁକ୍ତ ବୋଲି ଉଲ୍ଲେଖ ଅଛି। ପ୍ରଭୁ ଶ୍ରୀଜଗନ୍ନାଥ, ଅଗ୍ରଜ ବଳଭଦ୍ର, ଭଗିନୀ ସୁଭଦ୍ରା ଏବଂ ସୁଦର୍ଶନଙ୍କ ବିଗ୍ରହ ନିମ ଦାରୁରେ ହିଁ ଗଢ଼ିବା ପାଇଁ ଧାର୍ଯ୍ୟ କରାଯାଇଛି। ଭବିଷ୍ୟ ପୁରାଣ ଅନୁସାରେ ନିମ କାଠ ସବୁ ସମ୍ପ୍ରଦାୟର ଭକ୍ତଙ୍କ ପାଇଁ ସମ ଭାବରେ ଗ୍ରହଣ ଯୋଗ୍ୟ ଅଟେ। 'ପ୍ରତିମା ଲକ୍ଷଣ ସୈଧାଗମ' ପୁରାଣ ଏହାକୁ ସମର୍ଥନ କରେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ସବୁ ବର୍ଗର ଲୋକମାନେ, ଯଥା ବିଦ୍ୟାପତି, କ୍ଷତ୍ରିୟ ରାଜା ଗଜପତି ମହାରାଜା ଏବଂ ଶବର ରାଜା ବିଶ୍ୱାବସୁଙ୍କ ବଂଶଧରମାନେ ବିଭିନ୍ନ ପ୍ରକାର ପୂଜା ଅର୍ଚ୍ଚନାରେ ସଂପୃକ୍ତ ରହନ୍ତି। ସମସ୍ତଙ୍କୁ ସମ ଭାବରେ ସୁଯୋଗ ପ୍ରଦାନ କରିବା ପାଇଁ ନିମ ଦାରୁରେ ଚତୁର୍ଦ୍ଧାମୂର୍ତ୍ତି ବିଗ୍ରହ ନିର୍ମାଣ ହୋଇଥାଏ। ତେଣୁ ଆବହମାନ କାଳରୁ ନିମ ଗଛର ଗଣ୍ଡିରୁ ହିଁ ସମସ୍ତ ଠାକୁର ଗଢ଼ା ହୁଅନ୍ତି।

ପୁରାତନ ହିନ୍ଦୁ ଶାସ୍ତ୍ର ଅନୁସାରେ ନିମ ଚାରା ରୋପଣ କଲେ ସ୍ୱର୍ଗ ପ୍ରାପ୍ତି ହୁଏ। ନିମ ଗଛ ଲଗାଇବା ଦ୍ୱାରା ପ୍ରଭୁ ହନୁମାନଙ୍କ ଆଶିର୍ବାଦ ମଧ୍ୟ ମିଳିଥାଏ। ଦକ୍ଷିଣ ଭାରତରେ ନିମ ବୃକ୍ଷ ମାରିଆମ୍ମା ଦେବୀ ରୂପେ ପୂଜା ପାଆନ୍ତି। କେହି କେହି ମା' ଦୁର୍ଗା, ପାର୍ବତୀ, ନିମାରୀ ଦେବୀ ନାମରେ ପୂଜା କରନ୍ତି।

ପୁରାଣରେ ବର୍ଣ୍ଣନା କରାଯାଇଛି ଯେ ସମୁଦ୍ର ମନ୍ଥନ ପରେ ଦେବତାମାନେ ସ୍ୱର୍ଗପୁରକୁ ଅମୃତ କଳସ ନେଇ ଯାଉଥିବା ସମୟରେ ସେଥିରୁ କିଛି ଟୋପା ଅମୃତ ନିମ ବୃକ୍ଷ ଉପରେ ପଡ଼ିଥିଲା। ଏହି ଅମୃତ ଆଶୀର୍ବାଦ ହେତୁ ନିମର ଅନେକ ଔଷଧୀୟ ଗୁଣ ରହିଛି। ତେଣୁ ବେଦରେ ନିମକୁ 'ସର୍ବ ରୋଗ ନିବାରିଣୀ' ବୋଲି ବର୍ଣ୍ଣନା କରାଯାଇଛି।

ହାଡ଼ଫୁଟି ବା ପାଣି ବସନ୍ତ, ବସନ୍ତ ଓ ମିଳିମିଳା ଆଦି ରୋଗ ପାଇଁ ନିମର ବ୍ୟବହାର ଏକ ବହୁ ପୁରାତନ ଚିକିତ୍ସା ପଦ୍ଧତି। ଉତ୍ତର ଭାରତରେ ଏକ ବିଶ୍ୱାସ ରହିଆସିଛି ଯେ ଶୀତଳା ମାଁ, ଯାହାଙ୍କୁ ବସନ୍ତ ରୋଗର ପ୍ରତୀକ ମାନାଯାଏ, ନିମ ବୃକ୍ଷରେ ବାସ କରନ୍ତି। ଶ୍ରୀକ୍ଷେତ୍ରରେ ଜଗନ୍ନାଥ ମନ୍ଦିରର ଉତ୍ତର ଦ୍ୱାର ପଟରେ ମାତା ଶୀତଳା ଅବସ୍ଥାପିତ ଅଟନ୍ତି। ଯାହାଙ୍କ ଘରେ କେହି ଯେବେ ବସନ୍ତ ରୋଗରେ ପୀଡ଼ିତ ହୁଅନ୍ତି , ସେଥିରୁ ଉଦ୍ଧାର ପାଇବା ପାଇଁ ଶୀତଳା ମାଁଙ୍କ ନିକଟରେ ଭୋଗ ଲଗାଇ ଦୀପ, ତେଲ, ହଳଦୀ ଦେଇ ପୂଜାର୍ଚ୍ଚନା କରାଯାଏ। ମ୍ୟାଲେରିଆ ରୋଗ ଚିକିତ୍ସା ପାଇଁ ନିମର ବ୍ୟବହାର ବିଷୟରେ ଖ୍ରୀଷ୍ଟପୂର୍ବ ପ୍ରାୟ ଦୁଇ ହଜାରରେ ଆୟୁର୍ବେଦ ଆଚାର୍ଯ୍ୟ ଚରକ ଏବଂ ସୁଶ୍ରୁତ ସଂହିତାରେ ବର୍ଣ୍ଣିତ ଅଛି। ଡେଙ୍ଗୁ ରୋଗ ପାଇଁ ଏହା ମହୌଷଧି ବୋଲି ମଧ୍ୟ ବିବେଚନା କରାଯାଏ। ରକ୍ତରେ ଶର୍କରା, ରକ୍ତଚାପ, କୁଷ୍ଠରୋଗ, କର୍କଟ ଭଳି ବହୁ କଷ୍ଟସାଧ୍ୟ ରୋଗ ଚିକିତ୍ସା ନିମନ୍ତେ ନିମ ଅତି ଉପାଦେୟ ଅଟେ। ନୀମ ଜନ୍ମ ନିୟନ୍ତ୍ରଣ ପାଇଁ ମଧ୍ୟ ବ୍ୟବହାର କରାଯାଇଥାଏ। ଏବେକାର ଯୁଗରେ ନିମରୁ ଅନେକ ଏଲୋପାଥିକ ଏବଂ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ କରାହେଉଛି। ନିମ ଡାଙ୍ଗକୁ ଦାନ୍ତକାଠି ଭାବରେ ଗ୍ରାମାଞ୍ଚଳରେ ବ୍ୟବହାର କରାଯାଉଥିବା କିଛି ନୁଆ କଥା ନୁହେଁ। ଦାନ୍ତ ମାଢ଼ି ତଥା ଦାନ୍ତର ବିଭିନ୍ନ ପ୍ରକାରର ରୋଗ ଉପଶମ ପାଇଁ ନିମ ଉତ୍କୃଷ୍ଟ ଅଟେ। ଅନେକ ପ୍ରକାରର ବ୍ୟାକ୍ଟେରିଆ, ଭୂତାଣୁ ଏବଂ ଅଣୁ ଜୀବ ଜନିତ ରୋଗ ବ୍ୟାଧି ଚିକିତ୍ସା ପାଇଁ ମଧ୍ୟ ନିମ ଉପକାରୀ ଅଟେ। ନିମ ଡାଳ ଗରିବ ଲୋକଙ୍କ ପାଇଁ ଜାଳେଣି କାଠ ଏବଂ କାଠ ଅଙ୍ଗାର ପାଇଁ ଉପଯୁକ୍ତ ଅଟେ। ଏହା ହେଲା ନିମ ବୃକ୍ଷର ମାନବ ସମାଜକୁ ପ୍ରତ୍ୟକ୍ଷ ଅବଦାନ।



ବୈଜ୍ଞାନିକ ଦୃଷ୍ଟିକୋଣରୁ ନିମର ପ୍ରାସଙ୍ଗିକତାକୁ ବିଚାର କରିବା ଉଚିତ ମନେ ହେଉଛି। ନିମ ଏକ ବହୁ ଉପକାରୀ ଗୁଣ ବିଶିଷ୍ଟ ଉଦ୍ଭିଦ ଅଟେ। ନିମ ଗଛ ଭାରତବର୍ଷର ଦେଶଜ ବୃକ୍ଷ। ଭାରତ ସମେତ ମିଆମାର, ଚୀନ୍, ଥାଇଲାଣ୍ଡ, ଇଣ୍ଡୋନେସିଆ ପ୍ରଭୃତି ଦକ୍ଷିଣ ପୂର୍ବ ଏସୀୟ ଦେଶଗୁଡ଼ିକରେ ନିମ ଗଛ ପ୍ରାକୃତିକ ଭାବରେ ଦେଖାଯାଏ। ଏହା ଏକ ଚିର ସବୁଜ ଜୈବିକ ପତ୍ରଧାରୀ ମଧ୍ୟମରୁ ଉଚ୍ଚ ବର୍ଗର ବୃକ୍ଷ ଅଟେ। ନିମ ବୃକ୍ଷ ପ୍ରାୟ ୨୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହେ। ସମୁଦ୍ର ପତ୍ତନଠାରୁ ଆରମ୍ଭ କରି ୧୫୦୦ ମିଟର ଉଚ୍ଚତା ବିଶିଷ୍ଟ ଭୂଅଞ୍ଚଳରେ ଯେକୌଣସି ସ୍ଥାନରେ ସ୍ୱଚ୍ଛନ୍ଦରେ ନିମ ବୃକ୍ଷ ବଢ଼ିଥାଏ। ୪୦୦ ରୁ ୧୨୦୦ ମିଲିମିଟର ବୃଷ୍ଟିପାତ, ବାୟୁ ମଣ୍ଡଳର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ହେଉଥିବା ଯେ କୌଣସି ଜଳବାୟୁରେ ନିମ ବୃକ୍ଷ ତିଷ୍ଠି ରହିପାରେ। ସେହିପରି ଅମ୍ଳଠାରୁ ଆରମ୍ଭ କରି କ୍ଷାରୀୟ ମୃତ୍ତିକାରେ ଯେଉଁଠି ପ୍ରଚୁର ସୂର୍ଯ୍ୟାଲୋକ ଉପଲବ୍ଧ ଥାଏ, ସେହିଠାରେ ନିମ ବୃକ୍ଷ ସାଧାରଣତଃ ଉପସ୍ଥିତ ଥାଏ। ଆପେ ମଞ୍ଜି ପଡ଼ି ନିମ ଗଛ ଯେ କୌଣସି ସ୍ଥାନରେ ବଢ଼ିଥାଏ ଏବଂ ଏହାର ବିକାଶ ପାଇଁ ବିଶେଷ କିଛି ଯତ୍ନର ଆବଶ୍ୟକ ପଡ଼େ ନାହିଁ।

ମଣିଷ ଏବଂ ପଶୁଙ୍କ ପାଇଁ ଔଷଧ, ଉଇ ଏବଂ କୀଟନାଶକ, ଜୈବିକ ସାର, ପରିବେଶୀୟ ସନ୍ତୁଳନ ଇତ୍ୟାଦି ଅନେକ କ୍ଷେତ୍ରରେ ଏହାର ଉପକାରିତା ଅତୁଳନୀୟ। ନିମ ବୃକ୍ଷ ପରୋକ୍ଷରେ ମଧ୍ୟ ବହୁ ଉପକାରୀ ଅଟେ। ଏହାର ମୂଳ ଏବଂ ଚେର ଭୂଗର୍ଭରେ ଗଭୀର ଏବଂ ସୁଦୃଢ଼ ଭାବରେ ବିସ୍ତାର କରିଥିବା ହେତୁ ବନ୍ୟା ବାତ୍ୟାକୁ ପ୍ରତିହତ କରିପାରେ। ନିମ ଗଛରେ ଯୌଗିକ ପତ୍ରର ଘନତା ହେତୁ ଏହା ଶାନ୍ତ ଶୀତଳ ଛାୟା ପ୍ରଦାନ କରିଥାଏ। ପଶୁ ପକ୍ଷୀମାନଙ୍କୁ ତଥା ଅନ୍ୟାନ୍ୟ ବୃକ୍ଷ ଲତାମାନଙ୍କୁ ଆଶ୍ରୟ ଦେଇଥାଏ। ଜଳବାୟୁ, ଜଳଚକ୍ର, ପରିସଂସ୍ଥୀୟ ସନ୍ତୁଳନ ରକ୍ଷା କରିବାରେ ମଧ୍ୟ ଏହି ଗଛ ବଳିଷ୍ଠ ଭୂମିକା ଗ୍ରହଣ କରିଥାଏ।

ନିମ ଏକ ଅଲୌକିକ ଓ ଦିବ୍ୟ ସମ୍ମାନ ଯୋଗ୍ୟ ଅସାଧାରଣ ବୃକ୍ଷ ଭାବରେ ପୁରାଣ ଯୁଗରୁ ସ୍ୱୀକୃତି ପାଇଁ ଆସିଛି। ଏହାକୁ ପବିତ୍ର କଳ୍ପବୃକ୍ଷ ସହିତ ସମ ଭାବରେ ଭକ୍ତି ପ୍ରଦର୍ଶନ କରାଯାଏ। ଯୁଗ ଯୁଗ ଧରି ନିମ ବୃକ୍ଷ ଆଧ୍ୟାତ୍ମିକ ଏବଂ ଧାର୍ମିକ କାର୍ଯ୍ୟକ୍ରମରେ, ବିଶେଷ କରି ହିନ୍ଦୁଧର୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଅଛି। ଏହା ଦିବ୍ୟ ପ୍ରକୃତି ଓ ଆଧ୍ୟାତ୍ମିକତାର ଅନନ୍ୟ ସମନ୍ୱୟ।

**ଘୋଷଣା**

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342
ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ଲେଫ୍ଟନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ନୂଆ ସେନା ମୁଖ୍ୟ



**ନୂଆଦିଲ୍ଲୀ,୧୧।୬(ଏଜେନ୍ସି):** ସେନା ଉପମୁଖ୍ୟ ଭାବେ କାର୍ଯ୍ୟରତ ଲେଫ୍ଟନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପରବର୍ତ୍ତୀ ସେନା ମୁଖ୍ୟ ହେବେ । ଏଥିନେଇ ମଙ୍ଗଳବାର ପ୍ରତିରକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଆସନ୍ତା ୩୦ ତାରିଖରେ ସେ ବର୍ତ୍ତମାନ ସେନା ମୁଖ୍ୟ ରହିଥିବା ମନୋଜ ପାଣ୍ଡେଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବେ ବୋଲି କୁହାଯାଇଛି। ରେୱା ସୈନିକ ସ୍କୁଲରୁ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିବା ଶ୍ରୀ ଦ୍ୱିବେଦୀ ୧୯୮୪ ମସିହାରେ ଜମ୍ମୁ କାଶ୍ମୀର ରାଇଫଲ୍ସ ଡିଭିଜନରେ ଯୋଗ ଦେଇ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ଭାରତୀୟ ସେନାରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ କାର୍ଯ୍ୟ କରିଥିବା ଶ୍ରୀ ଦ୍ୱିବେଦୀଙ୍କ ଦୀର୍ଘ ୩୯ ବର୍ଷର ଅଭିଜ୍ଞତା ରହିଛି। ସେ ନର୍ଦର୍ଣ୍ଣ କମାଣ୍ଡର ଭାବେ କାର୍ଯ୍ୟ କରିବା ସହିତ ଇନଫେଣ୍ଟ୍ରି ଡିଭିଜନର ଡିଜି ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି।

# ଆମେରିକା ରାଷ୍ଟ୍ରପତିଙ୍କ ପୁଅ ଦୋଷୀ



**ୱାଶିଂଟନ, ୧୧।୬ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ଝଟ୍‌କା ଲାଗିଛି। ବେଆଇନ ଭାବେ ଅସ୍ତ୍ରଶସ୍ତ୍ର କିଣିବା ଏବଂ ନିଶା ସାମଗ୍ରୀ ବ୍ୟବହାରକୁ ନେଇ ମିଛ କହିବା ସମ୍ବନ୍ଧିତ ତିନୋଟି ମାମଲାରେ କୋର୍ଟ ରାଷ୍ଟ୍ରପତିଙ୍କ ପୁଅ ହଣ୍ଟର ବାଇଡେନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଆମେରିକାରେ ପ୍ରଥମ ଥର ପାଇଁ ଏପରି ହୋଇଛି। ରାଷ୍ଟ୍ରପତିଙ୍କ ପୁଅ କୌଣସି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୧୮ରେ ଏହି ମାମଲାରେ ତାଙ୍କୁ ୨୫ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ହୋଇପାରେ। ତେବେ ଶୁଣାଣି ସମୟରେ ବାଇଡେନଙ୍କ ଓକିଲ ତାଙ୍କୁ ନିର୍ଦ୍ଦୋଷ ଦର୍ଶାଇ ଥିଲେ। ହଣ୍ଟର ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ନ ଥିଲେ ଏବଂ ନିଶା ନେଉ ନ ଥିଲେ ବୋଲି ଯୁକ୍ତି ବାଢ଼ି ଥିଲେ। ମାତ୍ର ଜୁରି ଏହାକୁ ଖାରଜ କରି ଦେଇଥିଲେ। ହଣ୍ଟର ବେଆଇନ ଭାବେ ୧୧ ଦିନ ପର୍ଯ୍ୟନ୍ତ ବନ୍ଧୁକ ବ୍ୟବହାର କରିଥିବା କହିଥିଲେ। ସେ ଏକ ଫର୍ମରେ ମିଥ୍ୟା ସୂଚନା ଦେଇ କୋଲ୍ଟ ରିଭଲଭର କିଣିଥିଲେ। ସେ ନିଶାରେ ଥିବା ସମୟରେ ପାଖରେ ବନ୍ଧୁକ ରଖିଥିଲେ ବୋଲି ଅଭିଯୋଗ ଲାଗିଥିଲା।

# ଆତଙ୍କବାଦୀ ଆକ୍ରମଣରେ ଜଣେ ମୃତ

**ଶ୍ରୀନଗର, ୧୧।୬ (ଏଜେନ୍ସି):** ଜମ୍ମୁ-କାଶ୍ମୀରରେ ପୁଣି ଆତଙ୍କବାଦୀ ଆକ୍ରମଣ ହୋଇଛି। ଅନ୍ତର୍ଜାତୀୟ ସୀମାକୁ ଲାଗିଥିବା କଠୁଆ ଜିଲ୍ଲା ହୀରାନଗରର ସୈଦା ସୋହଲ ଅଞ୍ଚଳରେ ମଙ୍ଗଳବାର ଆତଙ୍କବାଦୀ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ହତ୍ୟା କରି ଆତଙ୍କବାଦୀ ଜଙ୍ଗଲକୁ ପଳାଇଛନ୍ତି। ଏହି ସୂଚନା ମିଳିବା ପରେ ସୁରକ୍ଷାବାହିନୀ ଘଟଣାସ୍ଥଳରେ ପହଞ୍ଚି ତଲାସୀ ଅଭିଯାନ ଆରମ୍ଭ କରିଛି। ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜଣେ ଆତଙ୍କବାଦୀକୁ ନିପାତ କରିଛି। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏହି ସୂଚନା ଦେଇଛନ୍ତି। ଏହା ପୂର୍ବରୁ ଦୁଇ ଦିନ ତଳେ ରିୟାସି ଜିଲ୍ଲାର ଶିବ ଖୋରି ମନ୍ଦିରକୁ ଯାଉଥିବାବେଳେ ଏକ ବସ୍ ଉପରେ ଆତଙ୍କବାଦୀ ଗୁଳିମାଡ଼ କରିଥିଲେ। ଏହା ଫଳରେ ବସ୍‌ଟି ନିୟନ୍ତ୍ରଣ ହରାଇ ଖାଇକୁ ଖସି ପଡ଼ିଥିଲା। ଏଥିରେ ୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଅନେକ ମଧ୍ୟ ଆହତ ହୋଇଥିଲେ।


# ୟୁକ୍ରେନ ସଂଘର୍ଷରେ ପ୍ରାଣ ହରାଇଲେ ୨ ଭାରତୀୟ

**ମସ୍କୋ, ୧୧।୬ (ଏଜେନ୍ସି):** ଦୀର୍ଘ ଦିନ ହେଲା ରୁଷ୍-ୟୁକ୍ରେନ ସଂଘର୍ଷ ଜାରି ରହିଛି। ଏହି ଯୁଦ୍ଧରେ ଭାରତୀୟଙ୍କୁ ଧୋକା ଦେଇ ସାମିଲ କରାଯାଉଛି। ଏବେ ଏଥିରେ ସାମିଲ ଆଉ ଦୁଇ ଜଣ ଭାରତୀୟ ପ୍ରାଣ ହରାଇଛନ୍ତି। ଉଭୟେ ରୁଷ୍ ସେନାରେ ସାମିଲ ହୋଇ ୟୁକ୍ରେନରେ ଯୁଦ୍ଧ ଲଢୁଥିଲେ। ଉଭୟଙ୍କ ମୃତଦେହ ଭାରତ ଆଣିବା ପାଇଁ ପ୍ରୟାସ କରାଯାଉଛି। ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ମନ୍ତ୍ରାଳୟ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ ବୈଦେଶିକ ମନ୍ତ୍ରାଳୟ ଏବଂ ମସ୍କୋ ସ୍ଥିତ ଭାରତୀୟ ଦୂତାବାସ ଏହି ପ୍ରସଙ୍ଗକୁ ନୂଆଦିଲ୍ଲୀ ସ୍ଥିତ ରୁଷ୍ ଆମ୍ବାସାଡର ଓ ରୁଷ୍ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ତାର ସହ ଉଠାଇଛି। ରୁଷ୍ ସେନାରେ ଭାରତୀୟଙ୍କ ନିଯୁକ୍ତିକୁ ତୁରନ୍ତ ବନ୍ଦ କରିବା ପାଇଁ କୁହାଯାଇଛି। ଏହା ସହିତ ପୂର୍ବରୁ ସେନାରେ ସାମିଲ ଭାରତୀୟଙ୍କୁ ଫେରିବା ପାଇଁ ତୁରନ୍ତ ଅନୁମତି ଦେବାକୁ ଦାବି କରାଯାଇଛି। ଏଭଳି କାର୍ଯ୍ୟକଳାପ ଦୁଇ ଦେଶର ସମ୍ବନ୍ଧ ପାଇଁ ଅନୁରୂପ ନୁହେଁ ବୋଲି କୁହାଯାଇଛି। ସେହିପରି ରୁଷ୍‌ରେ ଚାକିରି ପାଇଁ ଯିବା ପୂର୍ବରୁ ସତର୍କ ରହିବାକୁ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ନାଗରିକମାନଙ୍କୁ ପରାମର୍ଶ ଦିଆଯାଇଛି।

# ଇସ୍ରାଏଲ ଆକ୍ରମଣ କଲେ ବନ୍ଦୀଙ୍କୁ ମାରିବ ହମାସ

**ତେଲ ଆଭିଭ, ୧୧।୬ (ଏଜେନ୍ସି):** ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ) ଆକ୍ରମଣ କଲେ ବନ୍ଦୀଙ୍କୁ ହତ୍ୟା କରିବା ପାଇଁ ଆତଙ୍କବାଦୀ ସଂଗଠନ ହମାସ ନିଜ ସଦସ୍ୟଙ୍କୁ ନିର୍ଦ୍ଦେଶ ଦେଇଛି। ଆମେରିକା ଗଣମାଧ୍ୟମ ପକ୍ଷରୁ ଏହି ସୂଚନା ଦିଆଯାଇଛି। ନୁସିରତ କ୍ୟାମ୍ପରୁ ବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଇସ୍ରାଏଲ ଚଳାଇଥିବା ଅଭିଯାନ ପରେ ଆତଙ୍କବାଦୀ ସଂଗଠନ ଏହି ନିଷ୍ପତ୍ତି ନେଇଛି। ଗତ ୮ ତାରିଖରେ ହମାସ କବଳରେ ଥିବା ନିଜର ୪ ନାଗରିକଙ୍କୁ ଇସ୍ରାଏଲ ମୁକ୍ତ କରିଥିଲା। ଏହି ଅଭିଯାନ ସମୟରେ ୨୭୦ ପାଲେଷ୍ଟିନୀୟଙ୍କ ମୃତ୍ୟୁ ହୋଇଥିଲା।

# ୩୦୦ ଟଙ୍କାର ଅଳଙ୍କାରକୁ ୬ କୋଟିରେ କିଣିଲେ ଆମେରିକୀୟ ନାଗରିକ



**ଜୟପୁର,୧୧।୬(ଏଜେନ୍ସି):** ମାତ୍ର ୩୦୦ ଟଙ୍କା ମୂଲ୍ୟର ନକଲି ସୁନା ଅଳଙ୍କାରକୁ ଜଣେ ଆମେରିକୀୟ ନାଗରିକ ୬ କୋଟି ଟଙ୍କାରେ କିଣି ଫସିଯାଇଛନ୍ତି। ଏହି ଅଳଙ୍କାର ନକଲି ବୋଲି ଜାଣିବା ପରେ ସଂପୃକ୍ତ ବ୍ୟକ୍ତି ଜଣକ ପୁଣି ଆମେରିକାରୁ ଭାରତ ଫେରି ଅଭିଯୋଗ ଆଣିବା ପରେ ଏବେ ଏହି ଘଟଣାକୁ ନେଇ ତନାଘନା ଆରମ୍ଭ ହୋଇଛି। ମିଳିଥିବା ସୂଚନା ଅନୁସାରେ ଆମେରିକାର ଚେରିସ୍ ନାମକ ଜଣେ ନାଗରିକ ଜୟପୁରର ଜୋହରି ବଜାରରୁ ଏକ ସୁନା ଅଳଙ୍କାର ୬ କୋଟି ଟଙ୍କାରେ କ୍ରୟ କରିଥିଲେ। ଏହା ସୁନା ଏବଂ ହୀରା ଖଚିତ ବୋଲି ସଂପୃକ୍ତ ଦୋକାନ ମାଲିକ କହିଥିଲା ବେଳେ ଏଥିପାଇଁ ପ୍ରମାଣପତ୍ର ମଧ୍ୟ ଦେଇଥିଲେ। ଏହାପରେ ଚେରିସ୍ ଆମେରିକା ଫେରିଯିବା ପରେ ସେଠାରେ ଆୟୋଜିତ ଏକ ଅଳଙ୍କାର ପ୍ରଦର୍ଶନୀରେ ଏହି ଅଳଙ୍କାରକୁ ପ୍ରଦର୍ଶନ କରିଥିଲେ। କିନ୍ତୁ ଏହା ସୁନା ନୁହେଁ ବରଂ ରୁପା ଉପରେ ସୁନା ପାଣି ଦିଆଯାଇଥିବା ନକଲି ଅଳଙ୍କାର ବୋଲି ଜଣାପଡ଼ିବା ପରେ ଚେରିସ୍ ପୁଣି ଭାରତ ଫେରିଥିଲେ। ସେ ସଂପୃକ୍ତ ଦୋକାନକୁ ଯାଇ ଏ ସମ୍ପର୍କରେ ଅଭିଯୋଗ କରିଥିଲେ ହେଁ ଦୋକାନ ମାଲିକ ଏବଂ ତାଙ୍କ ପୁଅ କିଛି ଶୁଣି ନଥିଲେ। ଏହାପରେ ଚେରିସ୍ ଆମେରିକୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟର ସହାୟତା ଲୋଡିବା ପରେ ଘଟଣାର ତଦନ୍ତ ପାଇଁ ପୁଲିସ ଉପରେ ଚାପ ପଡ଼ିଥିଲା। ଜୟପୁର ପୁଲିସ ପକ୍ଷରୁ ତଦନ୍ତ କରାଯିବା ପରେ ଏହା ନକଲି ଅଳଙ୍କାର ଏବଂ ତଞ୍ଚକତା କରି ଏହାକୁ ବିକ୍ରି କରାଯାଇଥିବା ଜଣାପଡ଼ିଥିଲା। ଏହି ବିଷୟ ସାମ୍ନାକୁ ଆସିବା ପରେ ସଂପୃକ୍ତ ଅଳଙ୍କାର ଦୋକାନ ମାଲିକ ଏବଂ ତାଙ୍କ ପୁଅ ଫେରାର ହୋଇଯାଇଛନ୍ତି। ତେବେ ଏହି ଅଳଙ୍କାର ସମ୍ପର୍କରେ ପ୍ରମାଣପତ୍ର ଦେଇଥିବା ବ୍ୟକ୍ତିଙ୍କୁ ପୁଲିସ ଗିରଫ କରିଛି।

## ଅବଶିଷ୍ଟାଂଶ...

### ମୋହନ ମାଝୀ...

ଦୁଇ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ରାଜନାଥ ସିଂ ଓ ଭୂପେନ୍ଦ୍ର ଯାଦବ, ଦଳୀୟ ପଦାଧିକାରୀ ଓ ସାଂସଦମାନଙ୍କ ଉପସ୍ଥିତିରେ ବିଜେପି ରାଜ୍ୟ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଛି ବିଧାୟକ ଦଳ ବୈଠକ। ଦଳର ବରିଷ୍ଠ ନେତା କେଭି ସିଂହଦେଓ ମୁଖ୍ୟମନ୍ତ୍ରୀ ଭାବେ ମୋହନ ମାଝୀଙ୍କ ନାମ ପ୍ରସ୍ତାବ ଦେବା ପରେ ପୃଥ୍ୱୀରାଜ ହରିଚନ୍ଦନ, ସୁରମା ପାଢ଼ୀ, ଲକ୍ଷ୍ମଣ ବାଗ ଓ ରବି ନାୟକ ପ୍ରମୁଖ ପ୍ରସ୍ତାବକୁ ସମର୍ଥନ କରିଛନ୍ତି। ଏହାସହିତ ଦୁଇ ଉପମୁଖ୍ୟମନ୍ତ୍ରୀ ପଦ ପାଇଁ କେଭି ସିଂହଦେଓ ଓ ପ୍ରଭାତୀ ପରିଡ଼ାଙ୍କ ନାମ ଉପରେ ମଧ୍ୟ ସମସ୍ତେ ସହମତି ପ୍ରକାଶ କରିଛନ୍ତି।

ଆଜି ପୂର୍ବାହ୍ନରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ରାଜନାଥ ସିଂହ ଓ ଭୂପେନ୍ଦ୍ର ଯାଦବ ଭୁବନେଶ୍ୱରରେ ପହଞ୍ଚିଥିଲେ। ଉଭୟ ନେତାଙ୍କୁ ଭୁବନେଶ୍ୱରର ଏକ ତାରକା ହୋଟେଲରେ ରାଜ୍ୟ ସଭାପତି ମନମୋହନ ସାମଲ, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର, ସୁରେଶ ପୂଜାରୀ, କନକ ବର୍ଦ୍ଧନ ସିଂହଦେଓ, ଅନେକ ବିଧାୟକ ଏବଂ ସାଂସଦମାନେ ଭେଟି ବିଧାୟକ ଦଳ ନେତା ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାପରେ ଅପରାହ୍ଣରେ ଦୁଇ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦଳର ସମସ୍ତ ୭୮ଜଣ ବିଧାୟକଙ୍କ ସମେତ ଓଡ଼ିଶା ବିଜେପି ପ୍ରଭାରୀ ସୁନୀଲ ବଂଶଲ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂ ତୋମାର ଓ ସହପ୍ରଭାରୀ ଲତା ଉସେଣ୍ଡି, ଓଡ଼ିଶାର ୩ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଅଶ୍ୱିନୀ ବୈଷ୍ଣବଙ୍କ ସହ ବହୁ ସାଂସଦ ଉପସ୍ଥିତ ଥିଲେ। ସେହିପରି ସ୍ୱାଧୀନ ଭାବେ ବିଜୟ ଲାଭ କରିଥିବା ୩ ବିଧାୟକ ହିମାଂଶୁ ଭୂଷଣ ସାହୁ, ବିଜୟ ଦଳବେହେରା ଏବଂ ସାରଦା ପ୍ରଧାନ ମଧ୍ୟ ଏହି ବୈଠକରେ ଯୋଗ ଦେଇଥିଲେ।

ଅପରପକ୍ଷେ ବିଧାୟକ ଦଳ ନେତା ଚୟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଏବେ ମନ୍ତ୍ରୀମଣ୍ଡଳ ରୂପରେଖ ସ୍ଥିର କରିବା ପ୍ରକ୍ରିୟା ବାକି ରହିଛି। ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆଜି ରାତିରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ, ଦଳର ବରିଷ୍ଠ ପଦାଧିକାରୀ ଓ ନବନିର୍ବାଚିତ ବିଧାୟକ ଦଳ ନେତାଙ୍କ ବୈଠକରେ ମନ୍ତ୍ରିମଣ୍ଡଳର ସଦସ୍ୟ ଚୟନ କରାଯିବାର କାର୍ଯ୍ୟକ୍ରମ ରହିଛି।

### ସରପଞ୍ଚରୁ...

କରିଥିଲେ। ତେବେ ୨୦୦୯ରେ ତାଙ୍କୁ ସଫଳତା ମିଳି ନ ଥିଲା। ବିଜେଡି ପ୍ରାର୍ଥୀ ଶୁଭମ ନାଏକଙ୍କ ଠାରୁ ସେ ପରାଜିତ ହୋଇଥିଲେ। ସେହିପରି ୨୦୧୪ରେ ବିଜେଡି ପ୍ରାର୍ଥୀ ଅଭିରାମ ନାଏକଙ୍କଠାରୁ ୮୬୭୬ ଭୋଟରେ ପରାଜୟ ବରଣ କରିଥିଲେ। ତେବେ ୨୦୧୯ ମସିହାର ଓଡ଼ିଶା ବିଧାନସଭା ନିର୍ବାଚନରେ ମୋହନ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବରେ କେନ୍ଦୁଝର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିଥିଲେ। ଏହି ନିର୍ବାଚନରେ ସେ ବିଜୟୀ ହୋଇ ୧୬ଶ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତା'ପରେ ସେ ବିଧାନସଭାରେ ବିରୋଧୀ ଦଳର ମୁଖ୍ୟ ସଚେତକ ଭାବେ ନିଯୁକ୍ତି ପାଇଥିଲେ। ସଦ୍ୟ ସମାପ୍ତ ୨୦୨୪ ନିର୍ବାଚନରେ ସେ ପୁଣି କେନ୍ଦୁଝର ଆସନରୁ ନିର୍ବାଚିତ ହୋଇଛନ୍ତି ଓ ଦଳ ତାଙ୍କୁ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବରେ ମନୋନୀତ କରିଛି।

### ସରକାର ଗଠନ...

ସହ ଶପଥ ଗ୍ରହଣ କରିବେ। ଏହି ଅବସରରେ ବିଜେପିର ଦୁଇ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ ଓ ଭୂପେନ୍ଦ୍ର ଯାଦବ, କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର, ବିଜେପିର ବିଧାୟକ ଏବଂ ବରିଷ୍ଠ ନେତା ଉପସ୍ଥିତ ଥିଲେ।

### ଶପଥ ସମାରୋହକୁ...

ଏମାନଙ୍କ ବ୍ୟତୀତ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ୍ ଶର୍ମା ମଧ୍ୟ ଯୋଗଦେବେ। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ମଧ୍ୟ ସମାରୋହରେ ଯୋଗଦେବାର ସମ୍ଭାବନା ରହିଥିବା ନେଇ ବିଜେପି ସୂତ୍ରରୁ ଜଣାପଡ଼ିଛି। ସେହିପରି କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଭୂପେନ୍ଦ୍ର ଯାଦବଙ୍କ ସହ କେନ୍ଦ୍ର ବିଜେପିର ବହୁ ଶୀର୍ଷ ନେତୃତ୍ୱ କାର୍ଯ୍ୟକ୍ରମରେ ସମ୍ମିଳିତ ହେବେ ବୋଲି ଜଣାପଡ଼ିଛି। ଅପରପକ୍ଷେ ଦେଶରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଓଡ଼ିଆ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ବିଜେପି ପକ୍ଷରୁ ନିମନ୍ତ୍ରଣ କରାଯାଇଥିବା ଜଣାପଡ଼ିଛି।

### ଦେବଦମ୍ପତିଙ୍କ ନଗର...

ରୀତିନୀତିରେ ସମ୍ପନ୍ନ ହେବା ପରେ ବୁଧବାର ସନ୍ଧ୍ୟାରେ ଦେବଦମ୍ପତି ବିବାହ ମଣ୍ଡପରୁ ସ୍ୱ-ମନ୍ଦିର ବେଢ଼ାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ରାତିରେ ନଗର ପରିକ୍ରମାରେ ବାହାରିଥିଲେ। ଶୋଭାଯାତ୍ରାରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ କଳାକାର ସାମିଲ ଥିଲେ। ପଶ୍ଚିମ ଓଡ଼ିଶାର ଐତିହ୍ୟ, ସଂସ୍କୃତି, ପରମ୍ପରା, ଲୋକଗୀତ ଓ ଲୋକନୃତ୍ୟର ପ୍ରଚାରପ୍ରସାର ଓ ସୁରକ୍ଷା ଶୀତଳଷଷ୍ଠୀ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ରହିଛି। କୋଲକାତା, ଉଜ୍ଜୈନ, ରାୟପୁର, ଗୌହାଟୀ, କଟକ, ଭୁବନେଶ୍ୱର, ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରୁ ସାଂସ୍କୃତିକ ଦଳମାନେ ଏଥର ଶୀତଳଷଷ୍ଠୀ ଶୋଭାଯାତ୍ରାରେ ସାମିଲ ହୋଇ ଶୋଭାବର୍ଦ୍ଧନ କରିଛନ୍ତି। ଯାତ୍ରା ବାହାରୁଥିବା ବିଭିନ୍ନ ପଡ଼ାର ଛକରେ ସ୍ୱତନ୍ତ୍ର ଆତସବାଜୀର କାର୍ଯ୍ୟକ୍ରମ କରାଯାଇଥିଲା।

ଏଥର ଯାତ୍ରାରେ ଦୁଲ୍‌ଦୁଲି ବାଦ୍ୟ ସମ୍ପ୍ରଦା, ସଙ୍କୀର୍ତ୍ତନ, ଶଙ୍ଖ, ଗଉଡ଼ ବାଡ଼ି, ପାଇକ ଆଖଡ଼ା, ଘୁମୁରା, ଘୋଡ଼ାନାଚ, କରମା ନାଚ ଆଦି ପାରମ୍ପରିକ ଲୋକକଳାକାରମାନେ ଅଂଶଗ୍ରହଣ କରିଛନ୍ତି। ଚଳିତ ବର୍ଷ ନନ୍ଦପଡ଼ାର ବାଲୁଙ୍କେଶ୍ୱର ଓ ପାର୍ବତୀଙ୍କ ମେଢ଼ରେ ଦେଢ଼ କ୍ୱିଣ୍ଟାଲରେ ରୁପା ନିର୍ମିତ ପରଭା ଶୋଭା ପାଉଛି। ପୂର୍ବରୁ ୧ କିଲୋ ୧୮ ଗ୍ରାମ ବା ୧୦୦ ତୋଲା ଓଜନର ସ୍ୱର୍ଣ୍ଣଭୂଷଣ (ସୁନାର ଚାଉଁର) ତିଆରି କରାଯାଇଛି। ସେହିପରି ଦେବଦମ୍ପତି ଭଗବାନ ଶିବ ଓ ଭଗବତୀ ପାର୍ବତୀଙ୍କ ବାହନଦ୍ୱୟ ନନ୍ଦି ବୃଷଭ ଓ ସିଂହଙ୍କୁ ସାଢ଼େ ଚାରି ଲକ୍ଷ ଟଙ୍କା ବ୍ୟୟରେ ଦୁଇ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଓଜନରେ ଅଷ୍ଟଧାତୁରେ ତିଆର କରାଯାଇଛି। ଝାଡ଼ୁଆପଡ଼ାର ଯାତ୍ରାରେ ଚାନ୍ଦି ମେଢ଼ରେ ଲୋକନାଥ ଓ ପାର୍ବତୀଙ୍କ ସହିତ ଗୋପୀନାଥ, ରାଧାକୃଷ୍ଣଙ୍କ, ବୀର ହନୁମାନ ବିଗ୍ରହ ବିମାନ ରହିଥିଲେ। ମୁଦିପଡ଼ା ଶୀତଳଷଷ୍ଠୀ ଯାତ୍ରାରେ ଜାଗେଶ୍ୱର ଏବଂ ପାର୍ବତୀଙ୍କ ମେଢ଼ ସହ ଚକ୍ରନାରାୟଣ ସିଂହାସନ, ମୟୂର ସିଂହାସନରେ ବିଗ୍ରହମାନ ରହିଛନ୍ତି। ଏଥର ଦୁଇକୁଣ୍ଟାଲ ଅଷ୍ଟଧାତୁରେ ଶ୍ରୀରାମଚନ୍ଦ୍ର ଓ ସୀତାଙ୍କ ମୂର୍ତ୍ତି ଏହି ଯାତ୍ରାରେ ସ୍ୱତନ୍ତ୍ର ରଥରେ ଆସୀନ ହୋଇଛନ୍ତି। ଶୋଭାଯାତ୍ରାମାନଙ୍କରେ ପୌରାଣିକ କଥାବସ୍ତୁକୁ ନେଇ ମେଢ଼ମାନଙ୍କରେ ମୂର୍ତ୍ତି ଏବଂ ସାମୟିକ ସନ୍ଦର୍ଭ ଓ ସାମାଜିକ ବାର୍ତ୍ତା ଆଧାରିତ ପ୍ରଜ୍ଞାପନ ମେଢ଼ ସାମିଲ କରାଯାଇଛି।

### ନିଟ୍-ୟୁଜି ପରୀକ୍ଷାର...

ବିଡିଏସ୍ ଏବଂ ଆୟୁଷ ଆଦି ମେଡିକାଲ ପାଠ୍ୟକ୍ରମ ପାଇଁ ଏନଟିଏ ଦ୍ୱାରା ଗତ ମେ' ୫ ତାରିଖରେ ଜାତୀୟ ସ୍ତରରେ ପ୍ରବେଶିକା ପରୀକ୍ଷା ଆୟୋଜନ କରାଯାଇଥିଲା। ଏହି ପରୀକ୍ଷା ଫଳ ଜୁନ୍ ୧୪ ତାରିଖରେ ପ୍ରକାଶ ପାଇବ ବୋଲି ଆଶା କରାଯାଇଥିଲା ବେଳେ ଏହାର ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ଜୁନ ୪ ତାରିଖରେ ପ୍ରକାଶ କରାଯାଇଥିଲା। ଏଥିସହିତ ପରୀକ୍ଷାରେ ଅନିୟମିତତା କରାଯିବା ସହିତ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ଆସିଥିଲା। ପ୍ରାୟ ୧୫୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଗ୍ରେସ୍ ମାର୍କ ଦିଆଯାଇଥିବା ମଧ୍ୟ ଅଭିଯୋଗ ଉଠିଥିଲା। ଏହାପରେ ଏନଟିଏ ଦ୍ୱାରା ଏକ କମିଟି ଗଠନ କରାଯାଇ କେଉଁ ଭିତ୍ତିରେ ଏଭଳି ଗ୍ରେସ ମାର୍କ ଦିଆଯାଇଛି ତାହାର ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।


**LOST**

I lost my original sale deed **No.2195, Dated-10/03/1990** & Original RoR in respect of Khata **No.453/109** of **Mauza Jayadev Vihar, Bhubaneswar** on **29/05/2024** in Nayapalli area and FIR is lodged with Nayapalli PS. If anybody finds the same, please return to me **(REENA ANTONY, Contact : 9438295385)**

**SALE**

MAHINDRA 475 TRACTOR, MODEL 2018, OD-25-G-4531 in as is where is condition. Contact : M/S. Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891, within 7 days

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.

**Ph.: 9437015112**

**AFFIDAVIT**

I, Neeraj Nath Nayak, S/o, Jagadish Chandra Nayak Resident of Plot No. 333/337, Flat No. A-10, 2nd Floor, Prativa Enclave, BJB Nagar, Bhubaneswar Dist- Khorda, Odisha-751014, declare by this affidavit No.5967dated 07.06.2024 that now onwards I shall be known as **Neeraj Nayak** for all future purposes.


OFFICE OF THE EXECUTIVE ENGINEER, P.H. DIVISION, ANGUL
Ph. (06764) 296431, Email-eephangul@yahoo.in
GOVERNMENT OF ODISHA

C-

*Bid Identification No.SE PH Division Angul- 01 / 2024-25 dt.10.06.2024*

| | | | |
|---|---|---|---|
| 1. | Name of the work | : | 03 (three) nos |
| 2. | Type of Bid | : | Three nos double bid system |
| 3. | Estimated Cost | : | ₹58.65 lakhs to 183.22 lakhs |
| 4. | Period of completion | : | 03 (three) to 11 (eleven) months |
| 5. | Date & time of availability of bid document in the portal | : | From 11.00AM of 19.06.2024 to 5.00 PM of 05.07.2024 |
| 6. | Last date / time of receipt of bids in the portal | : | 5.00 PM of 05.07.2024 |
| 7. | Date & time of opening of technical bids | : | At 11.00 AM of 06.07.2024 |
| 8. | Name & address of the Officer Inviting Bid. | : | Superintending Engineer, P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | |

OIPR-13056/11/0002/2425

Er. Prasanta Behera
Superintending Engineer
P.H. Division, Angul

**OFFICE OF THE COLLECTOR & DISTRICT MAGISTRATE, RAYAGADA**
**(Social Security & Empowerment of PwDs Section)**

gg-05

**Quotation/Tender Call Notice**

Sealed Quotation/ Tender is invited from the interested reputed Travel Agencies/ Tour Operators or Private individuals for providing of vehicle on hire charges on or before **Dt.26/06/2024 by 5.00 P. M.** For specification details please visit our official website: **www.rayagada.nic.in**

Sd/-
**District Social Security Officer, Rayagada**

OIPR-24394/11/0001/2425

OHPC

**ODISHA HYDRO POWER CORPORATION LTD.**

CAD-197

OFFICE OF THE SENIOR GENERAL MANAGER (ELECTRICAL),
BALIMELA HYDRO ELECTRIC PROJECT,
AT/POST: BALIMELA, DIST. MALKANGIRI, PIN-764051(ODISHA)
PHONE Nos.- 06861 - 232581O) / 232641(R), FAX No. 06861 - 232541.
E-mail : unit.head_balimela@yahoo.com/ bhep.balimela@gmail.com

**'E'-PROCUREMENT NOTICE INVITING TENDER NO. BHEP/03/2024-25 DATED 07.06.2024**

Invites percentage rate bids in **double cover** system i.e. Cover-I (Technical Bid) & Cover-II (Price bid) for the work through e-procurement as detailed in the table below. The bids should be submitted 'online' in https://tendersodisha.gov.in by eligible **'B'** class Civil Contractors/ Constructions Firms registered with the state government and contractors of equivalent grade/class registered with central government/ railways having registration for execution of civil works can participate in the tender on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| Sl. No. | Name of Work | Estimated cost in Rs. | EMD in Rs. | Class of Contractor | Cost of bid documents in Rs. | Period of Completion |
|---|---|---|---|---|---|---|
| 01 | Development work of SGM office premises at BHEP, Balimela | 43,60,949.00 | 44,000.00 | 'B' | 6000/- + GST @ 18% = 7080/- | 120 days |

*Date & Time of availability of bid document in the portal:* **From 10:00 Hrs of 20.06.2024 to 04.07.2024 up to 17:00 Hrs**
*Last date & time of submission of bid:* **Up to 17:00 Hrs of 04.07.2024**
*The date & Time of opening of the bid:* **12:00 Hrs onwards of 05.07.2024** *(Only Technical bid)*

***Further details can be seen from the e-procurement portal** https://tendersodisha.gov.in*

OIPR-04019/11/0005/2425

Unit Head,
B.H.E.P, Balimela

GOVERNMENT OF ODISHA
**Office of the Superintending Engineer**
**U.K.Irrigation Division,Borigumma**
**Dist: Koraput (ODISHA),PIN. - 764 056**
**Email id seukidborigumma@gmail.com**

A-23

**QUOTATION CALL NOTICE NO 01/2024-25 Dated: 10.06.2024**

Sealed quotations/tenders are invited from interested reputed Travel Agencies/Tour Operators or private individuals for providing **1 (one)** nos of Diesel driven vehicle having sitting capacity not more than ten including driver, which shall conform to the Terms and conditions (Annexure - A) for official use in the office of the **Superintending Engineer, Upper Kolab Irrigation Division, Borigumma, Dist:Koraput** on monthly rent basis.

| Sl No | Type of vehicle | Minimum Average Mileage |
|---|---|---|
| 1 | Hiring of Private Vehicle (TUV300/Bolero/Sumo Gold/Ertiga) for U.K. Irrigation Sub- Division- II, Kusumi for the year 2024-25. | 10 Kmpl |

1. The vehicle must be in road worthy condition, shall not be more than **3 (Three)** years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage Permit, proof of up to date tax payment etc. which are mandatory for playing of vehicle.
2. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. A sum of **Rs 5000/-** shall be deposited by the intending bidders in shape NSC / Postal Pass Book and duly pledged in favour of the **Superintending Engineer, Upper Kolab Irrigation Division, Borigumma,** and submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge is quoted separately in the general bid information (excluding fuel and lubricants).
6. The vehicle must achieve a fuel efficiency of **10.00 kms per litre**.
7. The details of the make and year of manufacture of the vehicle, registration no, mileage (kms. Covered per litre) and name of the driver with driving license No. and period of validity should be specifically. Provided in the general bid information to be furnished with the Quotation/Tender(Annexure-A).
8. The quotation completed in all respect should reach the undersigned on or before **24.06.2024** by **13.00 Hour** and shall be opened on the same day at **15.00 Hour** in presence of the bidders or their authorized representatives.
9. The application form of quotation/tender containing General Bid Information & Terms and conditions for hiring of vehicles etc. will be available in the office of the **Superintending Engineer Upper Kolab Irrigation Division, Borigumma, Dist: Koraput** on payment of **Rs.100/- (One hundred) only from date 13.06.2024 to 24.06.2024 up to 13.00 Hour** or can be downloaded from Odisha Govt. Website www.odisha.gov.in from Date **13.06.2024 to 24.06.2024 up to 13.00 Hour.** In case the application form is downloaded from Govt. website the applicant shall furnish a demand draft for an amount Rs.100/- (Rupees one hundred) only towards the cost of application. The Demand Draft issued from any Nationalized bank payable at S.B.I., Main Branch, Jeypore, Dist: Koraput drawn in favour of the **Superintending Engineer, Upper Kolab Irrigation Division, Borigumma, Dist:Koraput (Odisha)** along with the application.
10. The authority reserves all rights to reject any or all quotations without assigning any reason thereof.

Er. Padma Charan Behera
Superintending Engineer,
U.K. Irrigation Division,
Borigumma

OIPR-32482/11/0001/2425

**TENDER DOCUMENT** MM-21

**FOR SUPPLY OF GOOD QUALITY FERTILIZER (NPK / GRANULAR INSECTICIDE/ UREA (NCU) & MoP), TO BONAI FOREST DIVISION, SUNDARGARH DIST-SUNDARGARH, ODISHA FOR THE YEAR 2024-25**

The Divisional Forest Officer, Bonai invites technical and financial bids from the manufacturers for supply of NPK / Granular Insecticide / Urea (NCU) & MoP which are required for various plantation programmes in Bonai Forest Division during 2024-25 under various schemes.

An Earnest Money Deposit (EMD) of Rs. 20,000/- (Rupees Twenty Thousand) only per each product must be accompanied in shape of demand draft of any nationalized Bank payable at Bonai in favour of Divisional Forest Officer, Bonai. The Tender paper can be downloaded from the district website at www.sundargarh.nic.in or can be received from division office latest by 5.00 PM on or before 20.06.2024.

Such tender paper as downloaded shall be accompanied with all required documents, GSTIN No. & GST clearance certificate, manufacturing license and it must be submitted /put into the tender box kept in the office of the undersigned latest by 10:30 AM on 20.06.2024. A Demand Draft drawn in favour of Divisional Forest Officer, Bonai for Rs. 1,180/- (Rupees One Thousand One Hundred Eighty) only as non-refundable amount is to be attached with tender towards cost of tender paper or else the tenders shall be rejected.

Eligibility:-

1. The invitation to participate in the Tender Document is open to Reputed Registered Dealer / Manufacturer/ Individuals.
2. The Tenderer must not have been banned or black listed by any Government organization.
3. There must not be any adverse action pending against the Tenderer.

A. Download of Tender Document : 11.06.2024 to 20.06.2024, by 5.00 PM
B. Last Date for Submission of Sealed Tender Document : 20.06.2024 by 5.00 PM
C. Opening of Technical Bid : 21.06.2024 at 11.00 AM
D. Opening of Financial Bid : 24.06.2024 at 11.00 AM

Divisional Forest Officer,
Bonai Forest Division

OIPR-08040/11/0002/2425

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଇରିପୁଟ**

**ସାମାଜିକ ସମୀକ୍ଷା**

ବିଜ୍ଞପ୍ତି ସଂଖ୍ୟା ୧୭୮୦ — ତାରିଖ ୧୧.୦୬.୨୦୨୪

ଏତଦ୍ୱାରା ଖଇରିପୁଟ ପଞ୍ଚାୟତ ସମିତି ଅନ୍ତର୍ଗତ ୧୧ ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୨୪-୨୦୨୫ ଆର୍ଥିକ ବର୍ଷରେ (ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା MGNREGA ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପ ଗୁଡିକର ଶତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ୍ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ସଂପୃକ୍ତ ଗ୍ରାମ ପଞ୍ଚାୟତ ଠାରେ ଗ୍ରାମ ସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚନ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବକାର୍ଡ ଧାରି ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବକାର୍ଡ ଧରି ନିର୍ଦ୍ଧାରିତ ତାରିଖ ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲ୍ ର ସଠିକତା ଯାଞ୍ଚ କରିବେ। ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, କନିଷ୍ଠ ଯନ୍ତ୍ରୀ, ଜି.ଆର୍.ଏସ୍, ଏଡିଇଓ ଏବଂ ପିଇଓ ଉପସ୍ଥିତ ରହିବେ। ସରପଞ୍ଚ ମାନେ ଗ୍ରାମ ସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ୍, ଢେଙ୍କୁରା, ଡାକବାହି ପତ୍ର ମାଧ୍ୟମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା।

| କ୍ର.ନଂ. | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତସ୍ତରୀୟ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| 01 | Khairput | 18.06.2024 | 24.06.2024 | 24.06.2024 | 11.09.2024 | APO |
| 02 | Kadamguda | 20.06.2024 | 26.06.2024 | 26.06.2024 | | GPEO |
| 03 | Andrahal | 21.06.2024 | 27.06.2024 | 27.06.2024 | | BLC (OLM)2 |
| 04 | Mudulipada | 28.06.2024 | 04.07.2024 | 04.07.2024 | | BLC (OLM)1 |
| 05 | Rasabeda | 29.06.2024 | 05.07.2024 | 05.07.2024 | | APO |
| 06 | Podaghata | 09.07.2024 | 15.07.2024 | 15.07.2024 | | BPM (OLM) |
| 07 | Parkanamala | 16.07.2024 | 22.07.2024 | 22.07.2024 | | WEO |
| 08 | Kudumuliuguma | 19.07.2024 | 25.07.2024 | 25.07.2024 | | APO |
| 09 | Madakapadar | 20.07.2024 | 26.07.2024 | 26.07.2024 | | BLC (OLM)2 |
| 10 | Badadural | 03.08.2024 | 09.08.2024 | 09.08.2024 | | BLC (OLM)1 |
| 11 | Gobindpali | 14.08.2024 | 20.08.2024 | 20.08.2024 | | WEO |

**ଯାଞ୍ଚ ହେବାକୁ ଥିବା-**

୧) ବ୍ୟବହୃତ ମଷ୍ଟର ରୋଲ କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ?
୨) ମଷ୍ଟର ରୋଲରେ ଶ୍ରମିକମାନଙ୍କ କାର୍ଯ୍ୟ ପତ୍ର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ ?
୩) ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ ?
୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟପତ୍ର ବିବରଣୀ ସହ ସମାନ ଅଛି କି ନାହିଁ ?
୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳଖାଉଛି କି ନାହିଁ ?
୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟପରିମାଣ ଠିକ୍ ଅଛି କି ନାହିଁ ?

ସା/- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା
କାର୍ଯ୍ୟକ୍ରମ ଅଧିକାରୀ, ଖଇରିପୁଟ



# ଭୁବନେଶ୍ୱର ସିଟି

## ଚାରାରୋପଣ ପାଇଁ ବିଏମ୍‌ସିର ପ୍ରସ୍ତୁତି

ଭୁବନେଶ୍ୱର, ୧୧।୬(ସମିସ): ମୌସୁମୀ ଆସିବା ପରେ ଭୁବନେଶ୍ୱରରେ ହେବ ବ୍ୟାପକ ଚାରା ରୋପଣ। ବିଏମ୍‌ସି ପକ୍ଷରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ସହରରେ ସାମୁହିକ ବୃକ୍ଷରୋପଣ କରିବାକୁ ବିଏମ୍‌ସି ଲକ୍ଷ୍ୟ ରଖିଛି। ଏ ନେଇ ସୋମବାର ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ବସିଥିବା ଅନ୍ତରୀଣ ବୈଠକରେ ପ୍ରକାଶ ପାଇଛି। ବିଏମସିର ସମସ୍ତ ଉପାୟୁକ୍ତ ଓ ଜୋନାଲ ଡେପୁଟି କମିସନରଙ୍କୁ ଡକାଯାଇ ଏନେଇ ଆଲୋଚନା କରାଯାଇଛି। ରାଜଧାନୀ ଭୁବନେଶ୍ୱରର ୬୭ ୱାର୍ଡରେ ଥିବା ସରକାରୀ ଖାଲି ସ୍ଥାନ, ଦପ୍ତର, ରେସିଡେନ୍ସିଆଲ୍ ୱେଲ୍ ଫେୟାର ଆସୋସିଏସନ୍ (ଆରଡବ୍ଲ୍ୟୁଏ) ସହ ଜଳାଶୟ ଗୁଡ଼ିକରେ ବୃକ୍ଷରୋପଣ କରାଯିବ। ଏହାଛଡ଼ା ରାସ୍ତାକଡ଼ରେ ମଧ୍ୟ ବୃକ୍ଷରୋପଣ କରାଯିବ। ମୌସୁମୀ ବର୍ଷା ଆରମ୍ଭ ହେଲେ ଏହି ବୃକ୍ଷରୋପଣ କାର୍ଯ୍ୟ ଆରମ୍ଭ ହେବ। ଏନେଇ ଓଡ଼ିଶା ଫରେଷ୍ଟ ଡେଭଲପମେଣ୍ଟ କର୍ପୋରେସନ୍ (ଓଏଫ୍‌ଡିସି) ସହ ବିଏମସି ଅଧିକାରୀ ଆଲୋଚନା କରିଛନ୍ତି। ବିଏମସିର ଆବଶ୍ୟକ ମୁତାବକ ଓଏଫ୍‌ଡିସି ଗଛ ଯୋଗାଇବ। ବିଏମ୍‌ସି ଅଧିକରୁ ଅଧିକ ଗଛ ଲଗାଇବାକୁ ଚେଷ୍ଟା କରିବ। ବିଶେଷକରି ଶୀଘ୍ର ବଢୁଥିବା ଗଛକୁ ପ୍ରାଥମିକତା ଦିଆଯିବା ସହ ଯାହା ଅଧିକ ଛାଇ ଯୋଗାଉଥିବ ସେହି ଗଛ ଲଗାଇବାକୁ ବିଏମ୍‌ସି ଯୋଜନା ରଖିଥିବା ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ କହିଛନ୍ତି। ବଡ଼କଥା ହେଲା ବୃକ୍ଷ କେଉଁଠି ଲଗାଯିବ, ସେହିସ୍ଥାନ ସରକାରୀ କି ଘରୋଇ, ତାର ବର୍ତ୍ତମାନର ସ୍ଥିତି କ'ଣ ଅଛି ସେସବୁର ସର୍ଭେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ଆର୍‌ଡବ୍ଲ୍ୟୁଏ ଆସୋସିଏସନଗୁଡ଼ିକ ସହ ଆଲୋଚନା କରି ତାଙ୍କ ଆପର୍ଟମେଣ୍ଟ ତଥା କଲୋନୀ ପରିସରରେ କିପରି ଅଧିକରୁ ଅଧିକ ଗଛ ଲଗାଯିବ ଓ ତାର ରକ୍ଷଣାବେକ୍ଷଣ କରାଯିବ ସେନେଇ ଆଲୋଚନା କରିବାକୁ କୁହାଯାଇଛି।

## ପଠାଣି ସାମନ୍ତଙ୍କ ୧୨୦ତମ ପୁଣ୍ୟତିଥି

ଭୁବନେଶ୍ୱର, ୧୧।୬(ସମିସ): ଜ୍ୟୋତିର୍ବିଜ୍ଞାନୀ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ସାମନ୍ତ



ମହାପାତ୍ର (ପଠାଣି ସାମନ୍ତ)ଙ୍କ ୧୨୦ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପଠାଣିସାମନ୍ତ ପ୍ଲାନେଟୋରିୟମ୍ ପରିସରସ୍ଥ ପ୍ରତିମୂର୍ତ୍ତିସ୍ଥଳରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଗୋପବନ୍ଧୁ ପ୍ରେମୀ ସଞ୍ଜୟ କୁମାର ପରିଡ଼ା, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ନିଜ ବକ୍ତବ୍ୟରେ ରୋଗାକ୍ରାନ୍ତ ଅବସ୍ଥାରେ ପଠାଣିସାମନ୍ତ ରାତିରାତି ଅନିଦ୍ରା ହୋଇ ଗ୍ରହ ଓ ନକ୍ଷତ୍ରର ତିଥିକୁ ନିରୀକ୍ଷଣ କରି ତାହାର ନିର୍ଯ୍ୟାସ ଆଧାରରେ ସିଦ୍ଧାନ୍ତ ଦର୍ପଣ ରଚନା କରିଥିଲେ। ଏହି ସିଦ୍ଧାନ୍ତ ଦର୍ପଣକୁ ଆଧାର କରି ଜ୍ୟୋତିଷମାନେ ପାଞ୍ଜି ପ୍ରସ୍ତୁତ କରିଆସୁଛନ୍ତି। ଦୁଇଖଣ୍ଡ ନଳୀ ସାହାଯ୍ୟରେ ସେ ଦୂରରେ ଥିବା ପାହାଡ଼, ପର୍ବତର ଆୟତନ ସଠିକ୍ ଭାବରେ ମାପ କରିପାରୁଥିଲେ। ବିଶ୍ୱର ଜ୍ୟୋତିଷବିଦ୍ୟା ବିକାଶରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।







## ଶୋଭାଯାତ୍ରାରେ ମନ୍ଦିର ଫେରିଲେ ନବଦମ୍ପତି

ଭୁବନେଶ୍ୱର, ୧୧।୬(ସମିସ):

ପାରମ୍ପରିକ ବାଜା ସାଙ୍ଗକୁ ଘଣ୍ଟ ମାଡ଼ରେ ଦୁଲିକିଲା ଏକାମ୍ରକ୍ଷେତ୍ର। ପୁରୁଣା ଭୁବନେଶ୍ୱରରେ ମହା ଆଡ଼ମ୍ବର ସହକାରେ ପାଳିତ ହୋଇଛି ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଶୀତଳଷଷ୍ଠୀ ଯାତ୍ରା। ଏଥିପାଇଁ ଉତ୍ସବ ମୁଖର ହୋଇ ଉଠିଥିଲା ପୁରୁଣା ଭୁବନେଶ୍ୱର। ରଙ୍ଗୀନ ଆଲୋକ ମାଳା ସାଙ୍ଗକୁ ଶିବ ଭଜନରେ ପ୍ରକମ୍ପିତ ହୋଇଥିଲା ଏକାମ୍ରକ୍ଷେତ୍ର। ପାରମ୍ପରିକ ବିଧି ଅନୁଯାୟୀ ଦେଉଳରେ ନିତିଦିନ ପରି ସମସ୍ତ ନିତିକାନ୍ତି ଅନୁଷ୍ଠିତ ହୋଇଥିଲା।

ଲିଙ୍ଗରାଜ ମନ୍ଦିରରେ ସଞ୍ଜଧୂପ ସରିବା ପରେ କେଦାଗୌରୀ ମନ୍ଦିରରୁ ପାଲିଙ୍କିରେ ବିରାଜମାନ ହୋଇ ଶୋଭାଯାତ୍ରାରେ ଲିଙ୍ଗରାଜ ମନ୍ଦିର ଅଭିମୁଖେ ବାହାରିଥିଲେ ନବଦମ୍ପତି। ପ୍ରାୟ ରାତି ୧୧ଟା ବେଳକୁ ଏକାମ୍ରକ୍ଷେତ୍ରରେ ଆରମ୍ଭ ହୋଇଥିଲା ଶୀତଳଷଷ୍ଠୀ ଶୋଭାଯାତ୍ରା। କେଦାରଗୌରୀ ମନ୍ଦିରରୁ ଶୀତଳଷଷ୍ଠୀ ରାସ୍ତା ଦେଇ ତିନିମୁଣ୍ଡିଆ ଛକ, ବଡ଼େଇବାଙ୍କ ଛକ ଦେଇ ମନ୍ଦିର ଅଭିମୁଖେ ବାହାରିଥିଲେ ମହାପ୍ରଭୁ ଲିଙ୍ଗରାଜ। ଏକାମ୍ରରଜାଙ୍କ ଏହି ଶୀତଳଷଷ୍ଠୀ ଯାତ୍ରାରେ ବିଭିନ୍ନ ବାଦ୍ୟର ସମ୍ଭାର ଦେଖିବାକୁ ମିଳିଥିଲା।

ସମ୍ବଲପୁରୀ, ଦୁଲଦୁଲି, ମାଦଳ, ପରି ପାରମ୍ପରିକ ବାଦ୍ୟ ସାଙ୍ଗକୁ ପଞ୍ଜାବୀ ଢୋଲ, ଆଦିବାସୀ ବାଜା, ଜୁନାଗଡ଼ ବ୍ୟାଣ୍ଡ ପାର୍ଟି, ର ତାଳେ ତାଳେ ଝୁମିଥିଲେ ଭୁବନେଶ୍ୱର ବାସି। ଏହା ସାଙ୍ଗକୁ କଣ୍ଢେଇ ନାଚ, ଘୋଡ଼ା ନାଚ, ନାଗା ନାଚ ମଧ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ଶୋଭାଯାତ୍ରାର ଶେଷରେ ରହିଥିଲେ ନବ ବିବାହିତ ଦେବ ଦମ୍ପତି। ଘଣ୍ଟମାଡ଼ ସାଙ୍ଗକୁ ମହାପ୍ରଭୁଙ୍କ ବିଜେ କାହାଳୀ ଏକାମ୍ରକ୍ଷେତ୍ରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ବର୍ଷକୁ ଥରେ ଦେବ ଦେବ ମହାଦେବଙ୍କ ଏହି ମାନବୀୟ ଲୀଳା ଦେଖିବାକୁ ପୁରୁଣା ଭୁବନେଶ୍ୱର ଲୋକାରଣ୍ୟ ହୋଇ ଉଠିଥିଲା। ରାତିସାରା ବାଜା ବାଣରେ କମ୍ପୁଥିଲା ଏକାମ୍ରକ୍ଷେତ୍ର। ଶୋଭାଯାତ୍ରାରେ ପ୍ରମୁଖ ୩ ନିଯୋଗର ସମସ୍ତ ସେବାୟତମାନେ ସାମିଲ ହେବା ସହ ନିଯୋଗ ସମ୍ପାଦକମାନେ ମଧ୍ୟ ଉପସ୍ଥିତ ଥିଲେ।

ଭିଡ଼କୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ, ଶୀତଳଷଷ୍ଠୀ କମିଟି, ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ, ବଡୁ ନିଯୋଗ ତରଫରୁ ନବଦମ୍ପତିଙ୍କୁ ସ୍ୱାଗତ କରାଯିବା ସହ ଏହି ପ୍ରମୁଖ ୩ ନିଯୋଗରୁ ଭୋଗ ଖାଇ ମା ପାର୍ବତୀ ଓ କ୍ଷେତ୍ରାଧିପତି ବାସୁଦେବଙ୍କୁ ସାଙ୍ଗରେ ନେଇ ଭୋରୁ ଭୋରୁ ଦେଉଳ ପ୍ରତ୍ୟାବର୍ତ୍ତନ କରିଥିଲେ ମହାପ୍ରଭୁ ଲିଙ୍ଗରାଜ।



ଶୀତଳ ଷଷ୍ଠୀ

### ଶ୍ରୀବାଣେଶ୍ୱର ଦେବଙ୍କ ବିବାହ ଉତ୍ସବ

ବାଲିଅନ୍ତା, ୧୧।୬(ସମିସ): ଶ୍ରୀଶ୍ରୀ ବାଣେଶ୍ୱର ଦେବଙ୍କ ବିବାହ ଓ ଶୀତଳଷଷ୍ଠୀ ପରେ ଗ୍ରାମ ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ପ୍ରଭୁ ଶ୍ରୀବାଣେଶ୍ୱର ଓ ମା' ପାର୍ବତୀଙ୍କ ମଧ୍ୟରେ ବିଧି ମୁତାବକ ବିବାହ ଉତ୍ସବ ସମ୍ପନ୍ନ ପରେ ମଙ୍ଗଳବାର ସନ୍ଧ୍ୟା ସମୟରେ ଦେବଦମ୍ପତି ଗ୍ରାମ ପରିକ୍ରମା କରିଥିଲେ। ମନ୍ଦିର ବୋର୍ଡ ପରିଚାଳନା ଅଧିକାରୀ ଶୁଭ ନାରାୟଣ ଦାଶ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ବରପିତା ଭାବେ ଯଜ୍ଞେଶ୍ୱର ଦାଶ ଓ କନ୍ୟାପିତା ଭାବେ ଅକ୍ଷୟ କୁମାର ଦାଶ ରୀତିନୀତି ଅନୁଯାୟୀ ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସକାଳ ୬ଟା ୩୦ରେ ମଙ୍ଗଳ ଆଳତି, ଅବକାଶ, ୬ଟାରୁ ୯ଟା ୩୦ ମଧ୍ୟରେ ସାହାଣମେଳା ଦର୍ଶନ, ସକାଳ ୭ଟାରେ କୋଠରୋଷ ଧୋ ପଖାଳ ଏବଂ ହୋମ ଓ ପାକକାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୦ଟାରେ ମହାସ୍ନାନ, ୧୦ଟା ରୁ ୧୧ଟା ମଧ୍ୟରେ ବେଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ଠାକୁରାଣୀ ବଲ୍ଲଭ, ୧୨ଟା ୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ସାହାଣମେଳା



ଦର୍ଶନ, ୩ଟାରୁ ୫ଟା ପର୍ଯ୍ୟନ୍ତ ବଲ୍ଲଭ, ଦ୍ୱିପ୍ରହର ଧୂପ, ସନ୍ଧ୍ୟା ୫ଟାରୁ ୬ଟା ପହୁଡ଼, ୬ଟାରୁ ୬ଟା ୩୦ ସନ୍ଧ୍ୟା ଆଳତି ଓ ଟେରାଫିଟା ନୀତି, ୬ଟା ୩୦ରୁ ରାତି ୮ଟା ବେଶ, ସନ୍ଧ୍ୟାଧୂପ ପରେ ବିଁଅ ବିଜେ ନୀତି ହୋଇଥିଲା। ଏଥିସହ ଶ୍ରୀ ବାଣେଶ୍ୱର ଓ ମା' ପାର୍ବତୀ ସୁସଜ୍ଜିତ ବିମାନରେ ବିରାଜମାନ ହୋଇ ବାଜା ବାଣ, ଘୋଡ଼ା ନାଚ ଆଦି ରୋଷଣୀରେ ଯାଇ ଭୋଗଖିଆ ନୀତି ସମ୍ପନ୍ନ ହୋଇଥିଲା। ପୂର୍ଣ୍ଣଚନ୍ଦ୍ର ଦାଶ ଓ ହରିଶ୍ଚନ୍ଦ୍ର ଦାଶଙ୍କ ପକ୍ଷରୁ ଗ୍ରାମବାସୀଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ସମସ୍ତ ପୂଜାନୀତି ବେଣ୍ଟପୁର ଶାସନ ଗ୍ରାମର ପୁରୋହିତ ବେଣୁଧର ଦାଶ, ଭୀମସେନ ପଣ୍ଡା, ନିରଞ୍ଜନ ପଣ୍ଡା ଓ ବାଳକୃଷ୍ଣ ଦାଶ ତୁଲାଇଥିଲେ।

■ ଏ.ଜି. ଅଫିସ ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବି

## 'ପିଏଓଙ୍କ ଜରିଆରେ ପେନ୍‌ସନ୍ ଦିଅ'

ଭୁବନେଶ୍ୱର, ୧୧।୬(ସମିସ): କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଆକାଉଟାଣ୍ଟ ଜେନେରାଲଙ୍କ କାର୍ଯ୍ୟାଳୟରୁ ଅବସର ନେଇଥିବା କର୍ମଚାରୀମାନେ ପେ' ଆଣ୍ଡ ଆକାଉଟାଣ୍ଟ ଅଫିସ୍ (ପିଏଓ) ଜରିଆରେ ପେନ୍‌ସନ ଓ ପାରିବାରିକ ପେନ୍‌ସନ୍ ଦେବା ପାଇଁ ପୁନର୍ବାର ଦାବି କରୁଛନ୍ତି। ପ୍ରକାଶ ଥାଉ କି ଓଡ଼ିଶା ଏଜି. ଅଫିସ୍ ମଧ୍ୟସ୍ଥ ପିଏଓ ଏକ ଧମକପୂର୍ଣ୍ଣ ନୋଟିସ୍ ତା-୦୧.୦୫.୨୦୨୪ରେ ଜଣାଇଛନ୍ତି ଯେ, ପେନ୍‌ସନ ଓ ପାରିବାରିକ ପେନ୍‌ସନଭୋଗୀ ପିଏଓଙ୍କ ଇଚ୍ଛା ମୁତାବକ ଅଣ୍ଡରଟେକିଂ ଦେଇ ତାଙ୍କ ଜରିଆରେ ପେନ୍‌ସନ ଆଉ ନ ନେବାକୁ ଦରଖାସ୍ତ ନ କଲେ ପେନ୍‌ସନ ଓ ପାରିବାରିକ ପେନ୍‌ସନ ବନ୍ଦ ହୋଇଯିବ। ଏହା ଆଇନ ବିରୋଧ ତଥା ଅବସର ନେବାବେଳେ ପେନ୍‌ସନ ଭୋଗୀ ଦେଇଥିବା ଅଣ୍ଡରଟେକିଂ ଅନୁଯାୟୀ ତଥା କେନ୍ଦ୍ର ସରକାରଙ୍କ ସିଭିଲ୍ ଆକାଉଣ୍ଟ ମାନୁଆଲ୍‌ର ପାରା ୭-୫ ନିୟମ ଅନୁଯାୟୀ ପିଏଓ ଜରିଆରେ ବ୍ୟାଙ୍କରୁ ପେନ୍‌ସନ ଓ ପାରିବାରିକ ପେନ୍‌ସନ ନେଉଛନ୍ତି। ଭବିଷ୍ୟତରେ ସେହି ଭଳି ନେବାକୁ ସଂଘ ଦୃଢ଼ ଦାବି ଜଣାଇଛନ୍ତି ସଂଘର ସାଧାରଣ ସମ୍ପାଦକ ବୃନ୍ଦାବନ ସାହୁ।

'ସଂଭବ' ପକ୍ଷରୁ ପଦ୍ମଶ୍ରୀ ପ୍ରଫେସର ରାଧାମୋହନ ସ୍ମୃତି କାର୍ଯ୍ୟକ୍ରମ

## 'ସୃଷ୍ଟି ବଞ୍ଚି ରହିବାକୁ ହେଲେ ମାଟିର ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର, ୧୧।୬(ସମିସ): ସମାଜସେବୀ ତଥା ପ୍ରସିଦ୍ଧ ପରିବେଶବିତ୍ ପ୍ରଫେସର୍ ରାଧାମୋହନଙ୍କର ତୃତୀୟ ଶ୍ରାଦ୍ଧ ଦିବସ ଅବସରରେ 'ସଂଭବ' ଅନୁଷ୍ଠାନ ପକ୍ଷରୁ 'ପଦ୍ମଶ୍ରୀ ପ୍ରଫେସର୍ ରାଧାମୋହନ ସ୍ମୃତି' କାର୍ଯ୍ୟକ୍ରମ ଆଜି ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାମିଲନାଡୁର ଯୋଜନା ବୋର୍ଡର ସଭ୍ୟ ତଥା ପରିବେଶବିତ ଡ. ସୁଲତାନ ଅହମଦ ଇସ୍ମାଇଲ୍ ମୁଖ୍ୟବକ୍ତା ଭାବେ ଯୋଗଦେଇ 'ମିଟି କି କାହାନୀ, ମିଟି କି ଜୁବାନୀ' ବିଷୟ ଉପରେ ଆଲୋଚନା କରି ସୃଷ୍ଟି ବଞ୍ଚି ରହିବାକୁ ମାଟିର ଭୂମିକା ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ଦେବା ସହ ମାଟିର ପ୍ରକାରଭେଦ ଓ ସୁରକ୍ଷା ସମ୍ବନ୍ଧରେ ବୁଝାଇଥିଲେ।

କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର୍ ବିନାୟକ ମିଶ୍ର 'ପାଣିର କାହାଣୀ' ବିଷୟରେ କହିଲେ, ଜଳ ହିଁ ଜୀବନ। ଜଳ ବିହୁଳେ ସୃଷ୍ଟି ନାଶ ଓ ଜଳ ବହୁଳେ ସୃଷ୍ଟି ନାଶ। ତେଣୁ ଜଳକୁ ସୁରକ୍ଷା ଦେବା ଓ ସଂରକ୍ଷଣ କରିବା ଦିଗରେ ସମସ୍ତେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ ଯେ, ଜଳବାୟୁ ପରିବର୍ତ୍ତନର ପ୍ରତ୍ୟକ୍ଷ ପ୍ରଭାବ ଏବେ ଜୀବ ଜଗତ ଉପରେ ପଡୁଛି। ଗତ ଦୁଇ ଦଶନ୍ଧି ଭିତରେ ବଲାଙ୍ଗୀର ସହରର ତାପମାତ୍ରା ୮ ଡିଗ୍ରୀ ବୃଦ୍ଧି ପାଇଛି। ସେହି ତୁଳନାରେ ବୃଷ୍ଟିପାତ



ଜଳବାୟୁ ପରିବର୍ତ୍ତନର ପ୍ରତ୍ୟକ୍ଷ ପ୍ରଭାବ ଏବେ ଜୀବ ଜଗତ ଉପରେ ପଡୁଛି: ବିନାୟକ

ହ୍ରାସ ପାଇଛି। ପୂର୍ବରୁ ସେଠାରେ ୭୭ଦିନ ବୃଷ୍ଟିପାତ ହେଉଥିବାବେଳେ ଏବେ ତାହା ୫୯ଦିନକୁ ଖସି ଆସିଛି। ଏହା କେବଳ ବଲାଙ୍ଗୀରର ଅସୁବିଧା ନୁହେଁ, ସମଗ୍ର ଓଡ଼ିଶାରେ ଏବେ ଏଭଳି ସମସ୍ୟାର ସାମ୍ନା କରିବାକୁ ପଡୁଛି। ଏହାସହ ରାଜଧାନୀ ଅବବାହିକାରେ ବହି ଯାଇଥିବା ଗଙ୍ଗୁଆ ନଦୀର ପୁନରୁଦ୍ଧାର ପାଇଁ ସେ ଆହ୍ୱାନ ଦେଇଥିଲେ। ସେହିଭଳି ପ୍ରଫେସର ରାଧାମୋହନଙ୍କ ସହ ବିତାଇଥିବା ସମୟ ଓ ସେତେବେଳେ ପରିବେଶ ପ୍ରତି କରିଥିବା କାର୍ଯ୍ୟ ସମ୍ପର୍କରେ ନିଜର ଅନୁଭୂତି ବଖାଣିଥିଲେ। ଅନ୍ୟତମ ଅତିଥି 'ସମଦୃଷ୍ଟି' ପତ୍ରିକାର ସମ୍ପାଦକ ସୁଧୀର ପଟ୍ଟନାୟକ ସ୍ୱର୍ଗତ ରାଧାମୋହନଙ୍କ ପୁସ୍ତକ 'କିଏ କହିବ, କ'ଣ କହିବ'ର ସମୀକ୍ଷା କରିଥିଲେ। ପୁସ୍ତକରେ ପରିବେଶ ସମ୍ପର୍କିତ ଲେଖା ଗୁଡ଼ିକର କୀୟଦଂଶ ଉଦ୍ଧାର କରି ପରିବେଶ ସଚେତନ ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପ୍ରସିଦ୍ଧ ଚିକିତ୍ସକ ତଥା ସମାଜସେବୀ ଡକ୍ଟର ଶଙ୍କର ରାମଚନ୍ଦାନୀଙ୍କୁ ତାଙ୍କ ସେବା ତଥା ପାରାକୁଏଟ ନିଷିଦ୍ଧ କରିବା ଦିଗରେ ତାଙ୍କ ଅବଦାନକୁ ସମ୍ମାନ ଜଣାଇ ତାଙ୍କୁ 'ରାଧାମୋହନ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସ୍ୱର୍ଗତ ରାଧାମୋହନଙ୍କ ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ତାଙ୍କ ଚାକିରି ଜୀବନରେ ସେ ଢେଙ୍କାନାଳ ଜିଲ୍ଲା 'ନୂଆ ଗାଁ' ୭ଶହ ଏକର ଜମିରେ ସୃଷ୍ଟି କରିଥିବା ଜଙ୍ଗଲ ବିଷୟରେ ସେଠାକାର ଲୋକଙ୍କ ମତାମତ ସମ୍ବଳିତ ଏକ ବୃତ୍ତଚିତ୍ର ପରିବେଷିତ ହୋଇଥିଲା। ତାଙ୍କ କନ୍ୟା ଡ. ବିଶ୍ୱଭାରତୀ ଏହାକୁ ପ୍ରସ୍ତୁତ କରିଥିଲେ। ଏହାସହ ଶ୍ରୀମତୀ ବିଶ୍ୱଭାରତୀ ବାପାଙ୍କ ସହ ଥିବା ସ୍ମୃତି ଅନୁଭୂତିକୁ ବଖାଣିଥିଲେ। କାର୍ଯ୍ୟକ୍ରମରେ କୁନି କଣ୍ଠଶିଳ୍ପୀ ଶୁଭାଂଶୀ, ଦିବ୍ୟାଂଶୀ, ତବଲା ଗୁରୁ କୃଷ୍ଣଚନ୍ଦ୍ର ବରାଳ ଏବଂ ଅମର୍ତ୍ତ୍ୟ କୁମାର ସଙ୍ଗୀତ ମାଧ୍ୟମରେ ସ୍ୱର୍ଗତ ରାଧାମୋହନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ସାବରମତୀ, ଅମରାବତୀ ଏବଂ ଡ. ଶ୍ରଦ୍ଧା ଶତପର୍ବା ପରିଚାଳନା କରିଥିଲେ। ଶେଷରେ ଡ. ମହମ୍ମଦ ଇମ୍ରାନ୍ ଅଲି ଧନ୍ୟବାଦ ଦେଇଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ବାଲିଅନ୍ତା, ୧୧।୬(ସମିସ): ସରକଣା ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ୨୦୧୦ ମସିହା ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ସରକଣା ହାଟ ପଡ଼ିଆସ୍ଥିତ ସରକାରୀ କଲ୍ୟାଣ ମଣ୍ଡପ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀ ସମୂହ ଦୀର୍ଘ ୧୦ ବର୍ଷ ଜୀବନର ସ୍ମୃତି ଚାରଣ କରିଥିଲେ। ସୁଜିତ କୁମାର ବେହେରା ଏ ନେଇ ଆୟୋଜିତ ବୈଠକରେ ସଭାପତିତ୍ୱ କରିଥିଲେ। ଦୁଷ୍ମନ୍ତ କୁମାର ଖୁଣ୍ଟିଆ, ଅରବିନ୍ଦ ମୁଦୁଲି, ଦିଲୀପ କୁମାର ବେହେରା, ବିଦ୍ୟାପତି ନାୟକ, ସୁଶାନ୍ତ କୁମାର ଜେନା, ପୂର୍ଣ୍ଣଚନ୍ଦ୍ର ଭୋଇ, ତପନ କୁମାର ଜେନା, ଶିବାନୀ ଶଙ୍କର ସାହୁ, ଯଶୋଦା ଲେଙ୍କା, କାଦମ୍ବିନୀ ସେଠୀ ପ୍ରମୁଖ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ।

## ରାଜଧାନୀରେ ଝାରସୁଗୁଡ଼ା ଜାମୁକୋଳି

ଭୁବନେଶ୍ୱର, ୧୧।୬(ସମିସ):

ରାଜଧାନୀ ରାସ୍ତାକଡ଼ରେ ଖୋଲିଛି ଏବେ ଜାମୁ କୋଳିର ପସରା। ସହରର ବିଭିନ୍ନ ଛକଗୁଡ଼ିକରେ ବିକ୍ରି ହେଉଛି ପାଚିଲା ଜାମୁକୋଳି। ବିଶେଷକରି ଜୟଦେବ ବିହାରଛକରୁ ଆରମ୍ଭ କରି ଜାଭିୟର୍ ଛକ, ନାଲ୍‌କୋ ଛକ, କଳିଙ୍ଗ ହସ୍ପିଟାଲ ଛକ, ଓମ୍‌ଫେଡ଼ ଛକ, ଫର୍ଚ୍ୟୁନ୍ ଟାୱାର୍ ଛକ ଏବଂ ପଟିଆ ଛକ ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ଜାମୁ କୋଳି ବିକୁଛନ୍ତି ୫୦ରୁ ଅଧିକ ବ୍ୟବସାୟୀ। ଏହି କୋଳିର କିଲୋପ୍ରତି ଦାମ୍ ୨୦୦ରୁ ୨୫୦ ଟଙ୍କା ରହିଛି। ପୂର୍ବରୁ ରାଜଧାନୀ ରାସ୍ତାକଡ଼ରେ ଥିବା ଜାମୁକୋଳି ଗଛରୁ ଲୋକେ ତୋଳି ବିକ୍ରି କରୁଥିବା ବେଳେ ଏବେ କିଛିବର୍ଷ ଧରି ସହରବାସୀଙ୍କ ଚାହିଦାକୁ ଦେଖି ବେପାରୀ ଝାରସୁଗୁଡ଼ା, କଳାହାଣ୍ଡିର ଜୁନାଗଡ଼ ଓ କେନ୍ଦୁଝରରୁ ଜାମୁ କୋଳି ଆଣି ଏଠାରେ ବିକ୍ରି କରୁଛନ୍ତି ବୋଲି କହିଛନ୍ତି ଓମ୍‌ଫେଡ ଛକ ରାସ୍ତାପାର୍ଶ୍ୱରେ ଜାମୁକୋଳି ବିକ୍ରି କରୁଥିବା ନିରୂପମା ନାୟକ। ନିରୂପମାଙ୍କ ଘର ହେଉଛି ପୁରୀ ଜିଲ୍ଲା ଡେଲାଙ୍ଗରେ। ନିରୂପମା ୧୦ରୁ ୧୫ ବର୍ଷ ହେଲା ରାସ୍ତା ପାର୍ଶ୍ୱରେ ଜାମୁ କୋଳି ବିକ୍ରି କରି ଆସୁଛନ୍ତି। ତାଙ୍କ କହିବାନୁଯାୟୀ ଏହି କୋଳିର ମୂଲ୍ୟ ଅଧିକ ହେଲେ ମଧ୍ୟ ଲୋକମାନେ ଏହାର ଚାହିଦା ମଧ୍ୟ ବେଶ୍



କଳାହାଣ୍ଡି, କେନ୍ଦୁଝରରୁ ବି ଆସୁଛି କୋଳି

ଦର ଅଧିକ; ତଥାପି ଚାହିଦା କମିନି

ରହିଛି। ଜାମୁ କୋଳି ମଧ୍ୟ ଏକ ସ୍ୱାସ୍ଥ୍ୟ ଉପକାରୀ ଫଳ ଭାବରେ ପରିଚିତ। ଏଥିରେ ଭିଟାମିନ୍-ସି, ଆଇରନ୍ ଭରପୂର ହୋଇଅଛି। ଏହି ଫଳ ଏହାର ପୃଷ୍ଟିକର ଗୁଣ ପାଇଁ ଅତ୍ୟଧିକ ମୂଲ୍ୟବାନ। ଏହା ମଧ୍ୟ ମଧୁମେୟ ରୋଗୀମାନଙ୍କ ପାଇଁ ବେଶ ଉପାଦେୟ ଅଟେ। ଏହା ସହ ଏହା ଚର୍ମ ଏବଂ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବା ସହ ରକ୍ତଚାପ ହ୍ରାସ କରିବାରେ ସହାୟକ ହୋଇଥାଏ। ଏହି ଜାମୁକୋଳି ସାଧାରଣତଃ ଜୁନ୍ ମାସ ମଧ୍ୟଭାଗରୁ ଜୁଲାଇ ମାସ ଶେଷ ପର୍ଯ୍ୟନ୍ତ ଉପଲବ୍ଧ ହୋଇଥାଏ। ଜାମୁ କୋଳି କିଣିବାକୁ ଆସିଥିବା ଜଣେ ବ୍ୟକ୍ତି କହିଛନ୍ତି, ଜାମୁକୋଳିର ମୂଲ୍ୟ ଭୁବନେଶ୍ୱରରେ କିଲୋ ପିଛା ଏବେ ୨୪୦ଟଙ୍କା ହେଇଥିବାବେଳେ ପିଲାବେଳେ ଗାଁରେ ଆମେ ଏହି କୋଳିକୁ ବହୁ ପରିମାଣରେ ଗଛରୁ ତୋଳି ଖାଇଥାଉ। ଏବେ ଏହା ମୂଲ୍ୟ ବହୁତ ଅଧିକ ହୋଇଛି। କେବଳ ଜାମୁକୋଳି ନୂଆ ହେବା ପାଇଁ ଘରକୁ ୨୫୦ ଗ୍ରାମର ୬୦ ଟଙ୍କାରେ ନେଉଛି। ସ୍ମିତା ପାଣିଗ୍ରାହୀ ନାମ୍ନୀ ଜଣେ ଗ୍ରାହକ କହିଛନ୍ତି, ଆମେ ପ୍ରତି ବର୍ଷ ଜାମୁ କୋଳି ଖାଇବାକୁ ଏହି ସମୟକୁ ଅପେକ୍ଷା କରିଥାଉ। ଆମେ ସହରରେ ପିଲାବେଳୁ ବଢ଼ିଥିବାରୁ ଏହି କୋଳି ଗଛ କେବେ ସହରରେ ଆଖିରେ ଦେଖିନାହୁଁ କିନ୍ତୁ ପ୍ରତିବର୍ଷ ଏହା ବଜାରକୁ ଆସିଲେ କିଣି ଖାଇଥାଉ ବୋଲି ସେ କହିଛନ୍ତି।

## ଡେଙ୍ଗୁ ନିୟନ୍ତ୍ରଣ ପାଇଁ ବିଏମ୍‌ସିର ରଣନୀତି

ଭୁବନେଶ୍ୱର, ୧୧।୬(ସମିସ): ବିଏମ୍‌ସି ଓ ସିଟି ହେଲ୍‌ଥ ସୋସାଇଟି ପକ୍ଷରୁ ମଙ୍ଗଳବାର ଡେଙ୍ଗୁ ନିୟନ୍ତ୍ରଣ ପ୍ରଶିକ୍ଷଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କମିସନର ରାଜେଶ ପ୍ରଭାକର ପାଟିଲ୍, ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ (ସ୍ୱାସ୍ଥ୍ୟ ଓ ପରିମଳ) ବିରଞ୍ଚି ନାରାୟଣ ମହାସୂପକାର ଓ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ (ୱାର୍କସ୍) ଅମରେଶ ଜେନା, ଅତିରିକ୍ତ କମିସନର ଘାସିରାମ ମୁର୍ମୁ, ଡେପୁଟି କମିସନର ପରିମଳ ଡକ୍ଟର ମନୋରଞ୍ଜନ ସାହୁ, ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନୀଳମଣି ସେନାପତି ଏବଂ ବିଏମ୍‌ସି ଉତ୍ତର ମଣ୍ଡଳ ଅଧିକାରୀ ଶଶୀଭୂଷଣ ମହାପାତ୍ର ଓ ଦକ୍ଷିଣପୂର୍ବ ଅଧିକାରୀ ରାଜଲକ୍ଷ୍ମୀ ନାୟକ ଉପସ୍ଥିତ ଥିଲେ। ନାଗରିକମାନଙ୍କୁ ସଚେତନ କରାଇବା ସହ ସେମାନଙ୍କୁ ଡେଙ୍ଗୁ ପ୍ରତିରୋଧୀ ଉପାୟ ଆପଣେଇବା ନିମନ୍ତେ ଏହି ଶିବିରର ଆୟୋଜନ କରାଯାଇଥିଲା। ଭୁବନେଶ୍ୱରର ଘରେ ଘରେ ଯେପରି ଏହି ବାର୍ତ୍ତା ପହଞ୍ଚିବ ଏବଂ ଡେଙ୍ଗୁ ପ୍ରତିରୋଧୀ ଉପାୟମାନ ଲୋକେ ମାନି ଚଳିବେ, ସେଥିପାଇଁ ପ୍ରସ୍ତୁତ ହୋଇଛନ୍ତି ପ୍ରାୟ ୮୦୦ କର୍ମୀ। ଭୁବନେଶ୍ୱରର ପ୍ରତ୍ୟେକ ୱାର୍ଡରେ ଥିବା ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ସ୍ୱଚ୍ଛସାଥୀଙ୍କୁ ନେଇ କରାଯାଇଛି ଗୋଷ୍ଠୀ ସଂଯୋଗ ରଣନୀତି। ତେଣୁ ତିନୋଟି ପ୍ରଶିକ୍ଷଣ ଶିବିରର ଆୟୋଜନ କରି ସମସ୍ତ ଜୋନ୍‌ର ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ସ୍ୱଚ୍ଛସାଥୀଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଉଛି। ଭୁବନେଶ୍ୱରର ବିବିଧ ଅଞ୍ଚଳକୁ ନେଇ ସମୁଦାୟ ୧୩ହଜାର ଲେନ୍‌ରେ ବିଭକ୍ତ କରାଯାଇଛି। ଏଥିପାଇଁ ବିଏମ୍‌ସି ତରଫରୁ 'ସଫା ଆପ୍'ର ପ୍ରୟୋଗକରି ଏହି କର୍ମୀମାନେ ସମ୍ବେଦନଶୀଳ ଘରକୁ ଯାଇ ରୋଗ ନୀରିକ୍ଷଣ ସର୍ଭେ କରିବେ। ସମୁଦାୟ ଚାରିଗୋଟି ଫେଜ୍‌ରେ ଏହି ସର୍ଭେ କରିବେ ତୃଣମୂଳ କର୍ମୀଗଣ। ପ୍ରତ୍ୟେକ କର୍ମୀ ୩୫୦ ରୁ ୪୦୦ ଘରର ସର୍ଭେ କରିବେ। ଘର ଚାରିପାଖ, ଘର ଭିତର, ଘର ଉପର ଇତ୍ୟାଦିକୁ ଦେଖିବେ ଏବଂ ପଚାରିବେ। ଏଠାରେ ବିଭିନ୍ନ ପ୍ରକାରର ପାଣି ଜମିବା ସ୍ଥାନ/ପାତ୍ର, ଟାୟାର, ଇତ୍ୟାଦି ଦେଖିବେ ଏବଂ ରହିଥିବା ମଶା ଲାର୍ଭାକୁ ନଷ୍ଟ କରିବେ। ଚଳିତ ମାସ ୧୮ ତାରିଖରୁ ଆରମ୍ଭ ହେବାକୁଥିବା ଉକ୍ତ ଗୋଷ୍ଠୀ ସଂଯୋଗ କାର୍ଯ୍ୟକ୍ରମରେ ଚାରିଗୋଟି ଫେଜ୍‌ରେ ଜଣେକର୍ମୀ ୩୫୦ ରୁ ୪୦୦ଟି ଘରର ସର୍ଭେ କରିବେ। ନାଗରିକଙ୍କ ସହଯୋଗ ନେଇ ଆମେ ଡେଙ୍ଗୁ ଦମନ କରିବାକୁ ହେବ। ମଶାବଂଶ ବୃଦ୍ଧିକୁ ଆମେ ବନ୍ଦ କରିବା (ବ୍ରେକିଂ ଅଫ୍ ମସ୍କ୍ୟୁଟୋ ସାଇକଲ୍) ଏହାରି ଉପରେ ଧ୍ୟାନ ଦେବାକୁ କହିଛନ୍ତି ମେୟର। ଆଜି ଉତ୍ତର ଜୋନ୍ ଏବଂ ଦକ୍ଷିଣ ପୂର୍ବ ଜୋନ୍‌ର ଦୁଇଟି ସ୍ୱତନ୍ତ୍ର ପ୍ରଶିକ୍ଷଣରେ ପ୍ରାୟ ୬୦୦ ଅଂଶଗ୍ରହଣକାରୀଙ୍କ ସମେତ କମ୍ୟୁନିଟି ଅର୍ଗାନାଇଜର୍, ହେଲ୍‌ଥ ୱାର୍କର, ୱାର୍ଡ ଅଫିସର୍, ସାନିଟାରୀ ଇନ୍ସପେକ୍ଟର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ସିଟି ହେଲ୍‌ଥ ସୋସାଇଟି ମ୍ୟାନେଜର୍ ନେହା ରାଜ୍‌ପୁତ୍।

## ଭୁବନେଶ୍ୱର ସିଟି



# ସୁଧୁରୁନି ମୁଖାର୍ଜୀ ପାର୍କର ପାର୍କିଂ ସମସ୍ୟା

**ପାର୍କ ଆଗରେ ଅସାମାଜିକଙ୍କ ଆଡ୍ଡା ● କୃତ୍ରିମ ଜଳାଶୟ ପାଲଟିଛି ଆବର୍ଜନା କୁଣ୍ଡ**

ଭୁବନେଶ୍ୱର, ୧୧।୬(ସମିସ):



ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ନିର୍ମିତ ଏବଂ ପରିଚାଳିତ ଶ୍ୟାମା ପ୍ରସାଦ ମୁଖାର୍ଜୀ ପାର୍କର ଅସଜଡ଼ା ପାର୍କିଂ ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଲୋକେ ବାରମ୍ବାର ପ୍ରଶ୍ନ ଉଠାଇବାରେ ଲାଗିଛନ୍ତି। ପାର୍କିଂସ୍ଥଳକୁ ଅଧିକାଂଶ ଫଳ ଦୋକାନୀ କବ୍ଜା କରି ନେଇଛନ୍ତି। ପାର୍କିଂ ବେଳେ ସିକ୍ୟୁରିଟି ଗାର୍ଡଙ୍କ ଦେଖା ମିଳୁନାହିଁ। ଗାଡ଼ିଗୁଡ଼ିକ ଅସଜଡ଼ା ହୋଇ ଫାଟକ ସାମ୍ନାରେ ରଖାଯାଉଛି। ଫଳରେ ପାର୍କ ଭିତରକୁ ପ୍ରବେଶ କରିବା କଷ୍ଟକର ହୋଇପଡୁଛି। ଏଭଳି ସମସ୍ୟା ବର୍ଷ ବର୍ଷ ଧରି ଦେଖାଯାଉଛି।

ସେହିପରି ପାର୍କର ରକ୍ଷଣାବେକ୍ଷଣକୁ ନେଇ ମଧ୍ୟ ଏବେ ପ୍ରଶ୍ନ ଉଠିବାରେ ଲାଗିଛି। ପାର୍କର ପାଚେରି ଭାଙ୍ଗି ପଡ଼ିଲାଣି। ଦୀର୍ଘଦିନ ହେଲା ଏହାକୁ ମରାମତି କରାଯାଉ ନାହିଁ। ପାର୍କର ବିଭିନ୍ନ ସ୍ଥାନରେ ବର୍ଷା ପାଣି ରହି ଦୁର୍ଗନ୍ଧ କଲାଣି। ଏହାସହ ପାର୍କରେ ଯେଉଁ ଆଡ଼େ ଆନାଇବ ଶୃଙ୍ଖଳା ବର୍ଜ୍ୟରେ ଭର୍ତ୍ତି ହୋଇଗଲାଣି। ନାମଫଳକ ବି ଲିଭିଗଲାଣି। ସୌନ୍ଦର୍ଯ୍ୟବୃଦ୍ଧି ଲାଗି ତିଆରି କରାଯାଇଥିବା କୃତ୍ରିମ ଜଳାଶୟ ଏବେ ଆବର୍ଜନା କୁଣ୍ଡ ପାଲଟି ଯାଇଛି। ଏହାର ପାଣି ନିୟମିତ ବ୍ୟବଧାନରେ ସଫା କରାଯାଉ ନ ଥିବା ଅଭିଯୋଗ ହେଉଛି। ୨୦୧୯ ମସିହାରେ ପାର୍କରେ ଓପନ୍‌ଜିମ୍ ସ୍ଥାପନ ହେବାଦ୍ୱାରା ଆଖପାଖ ଲୋକଙ୍କ ସମାଗମ ଲାଗି ରହୁଛି। ହେଲେ ଶୌଚାଳୟ କାରଣରୁ ଭ୍ରମଣରେ ଆସୁଥିବା ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧିପାଉଛି। ତେଣୁ ସର୍ବନିମ୍ନ ମୌଳିକ ଆବଶ୍ୟକତା ଶୌଚାଳୟ ଓ ପାନୀୟ ଜଳର ମୌଳିକ ସୁବିଧା ନାହିଁ ବୋଲି ଅଭିଯୋଗ ହେଉଛି। ବିଡିଏ ପକ୍ଷରୁ ଗାଇଡ୍‌ଲାଇନ କରାଯାଇଛି ଯେ, ପ୍ଲାଷ୍ଟିକ ଜିନିଷ ଏବଂ କୌଣସି ମାଦକ ଜିନିଷ ପାର୍କ ମଧ୍ୟକୁ ପ୍ରବେଶ କରିବ ନାହିଁ। କିନ୍ତୁ ଏଠି ପ୍ଲାଷ୍ଟିକ ଆବର୍ଜନା ସାଙ୍ଗକୁ ମଦ ବୋତଲ ପଡ଼ିରହୁଛି।

ସେପଟେ ପାର୍କ ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି। ସନ୍ଧ୍ୟା ହେବା ମାତ୍ରେ ଅସାମାଜିକ ଯୁବକ ଏଠାରେ ଡେରା ପକାଉଛନ୍ତି। ହାତରେ ମଦବୋତଲ ସାଙ୍ଗକୁ ବିଡି ସିଗାରେଟର ଧୂଆଁରେ ପାର୍କ ପାଖ ପ୍ରଦୂଷିତ ହେଉଛି। ନିଶାରେ ଏମାନେ ଅସଭ୍ୟ ଗାଳିଗୁଲଜ କରୁଥିବା ଶୁଣାଯାଉଛି। ଏଥିପାଇଁ ସନ୍ଧ୍ୟା ହେଲେ ପିଲାମାନଙ୍କୁ ଧରି ପାର୍କକୁ ଯିବା ପାଇଁ ଲୋକେ ନିଜକୁ ସୁରକ୍ଷିତ ମଣୁନାହାନ୍ତି।



## ‘ଶପଥ ଗ୍ରହଣ ସମାରୋହରେ ଗାନହେଉ ବନ୍ଦେ ଉତ୍କଳ ଜନନୀ’

ଭୁବନେଶ୍ୱର, ୧୧।୬(ସମିସ): ଭାରତୀୟ ଜନତା ପାର୍ଟି ନେତୃତ୍ୱରେ ରାଜ୍ୟରେ ଗଠନ ହେବ ନୂଆ ସରକାର। ଜନତା ମୈଦାନରେ ବୁଧବାର ଶପଥ ପାଠ କରିବେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ମନ୍ତ୍ରୀ। ଏହି ମଞ୍ଚରେ ଓଡ଼ିଆ ଅସ୍ମିତାର ପ୍ରତୀକ ‘ବନ୍ଦେ ଉତ୍କଳ ଜନନୀ’ ଗାନ କରିବାକୁ ଓଡ଼ିଆ ଭାଷା ଆନ୍ଦୋଳନର ସଦସ୍ୟମାନେ ନିବେଦନ କରିଛନ୍ତି। ଏହା ହେଲେ ଓଡ଼ିଆ ଭାଷା ଓ ଅସ୍ମିତା ପ୍ରତି ଯଥୋଚିତ ସମ୍ମାନ ଏବଂ ଉତ୍କଳ ଜନନୀ ପ୍ରତି ମହାର୍ଘ୍ୟ ଅର୍ପଣ ହେବ ବୋଲି ସେମାନେ କହିଛନ୍ତି।

ଭାଷା ଆନ୍ଦୋଳନ ଓଡ଼ିଶା ପକ୍ଷରୁ ଶପଥପାଠ ଉତ୍ସବରେ ‘ବନ୍ଦେ ଉତ୍କଳ ଜନନୀ’ ଗାନ ନିମନ୍ତେ ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିକଟରେ ପ୍ରବକ୍ତା ସର୍ଜନ ଶର୍ମାଙ୍କ ମାଧ୍ୟମରେ ପ୍ରସ୍ତାବ ରଖାଯାଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା, ଗଞ୍ଜାମ ଜିଲ୍ଲା ସଭାପତି ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ, ବରିଷ୍ଠ ସ୍ତମ୍ଭକାର ଜାନକୀଶ ବଡପଣ୍ଡା, ସଭାପତି ପ୍ରଦ୍ୟୁମ୍ନ ଶତପଥୀ, ଅଧ୍ୟକ୍ଷ ଚକ୍ରଧର ମହନ୍ତ, ନବ କିଶୋର ପ୍ରଧାନ, ସାଗର ଶତପଥୀ, ଗିରିଜା ଶଙ୍କର ଶର୍ମାଙ୍କ ସମେତ ପ୍ରମୁଖ କର୍ମକର୍ତ୍ତାମାନେ ପସ୍ତାବ ରଖିଛନ୍ତି।

## ଫେଶନ୍ ଭିଲ୍ଲା ପକ୍ଷରୁ ‘ଓଡ଼ିଶା ସୁପର୍ ମଡେଲ୍’

ଭୁବନେଶ୍ୱର, ୧୧।୬(ସମିସ): ଓଡ଼ିଶା ଫେଶନ ଭିଲ୍ଲା ପକ୍ଷରୁ ଓଡ଼ିଶା ସୁପର ମଡେଲର ୯ମ ସଂସ୍କରଣ ଭୁବନେଶ୍ୱରରେ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଭିନ୍ନ ସ୍ଥାନରୁ ୩୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥିମଧ୍ୟରୁ ୫ ଜଣ ଶ୍ରେଷ୍ଠ ମଡେଲ୍‌ଙ୍କୁ ଚୟନ କରାଯାଇଥିଲା।



ଯେଉଁଥିରେ ଚଳିତ ବର୍ଷ କଟକର ଆୟୁଷ ପ୍ରୟଦର୍ଶିନୀ ୨୦୨୪ ବର୍ଷ ପାଇଁ ‘ବେଷ୍ଟ ମଡେଲ୍ ଆୱାର୍ଡ’ ଜିତିଛନ୍ତି। ଅନ୍ୟ ବିଜେତାମାନଙ୍କ ମଧ୍ୟରେ ବ୍ରହ୍ମପୁରର ମହାପ୍ରସାଦ, ନିମାପଡ଼ାର ଜେନ୍ ଖାନ୍, ପିପିଲିରୁ ଅଗସ୍ତ୍ୟ ସୁନ୍ଦୁରା, ଇଚ୍ଛାପୁରରୁ ସନ୍ତୋଷ ରାଉଳ, କଟକରୁ ସୌରଭ ପୁରସ୍କୃତ ହୋଇଛନ୍ତି। ଏହି ଶୋ’ଟି ଅଭିଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଫେଶନ ଭିଲ୍ଲା ଦ୍ୱାରା ଆୟୋଜିତ ହୋଇଥିଲା।

## ଗ୍ରୀଷ୍ମକାଳୀନ ଶିଶୁ ପ୍ରତିଭା ଶିବିର

ବାଲିପାଟଣା, ୧୧।୬ (ସମିସ): ଜାତୀୟ ଯୁବ ପ୍ରକଳ୍ପ ତରଫରୁ ସରିପୁର୍ ଗ୍ରାମରେ ୭ ଦିନିଆ ଶିଶୁ ପ୍ରତିଭା ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ଏହି ଅଞ୍ଚଳର ଶିଶୁମାନେ ଯୋଗଦେଇ ନିଜ ଭିତରେ ଥିବା ପ୍ରତିଭାର ଅଭ୍ୟାସ ଓ ପ୍ରଦର୍ଶନ କରିଥିଲେ। ଶିବିରରେ ଚିତ୍ରାଙ୍କନ, ଗଳ୍ପ କଥନ, ସଙ୍ଗୀତ, କ୍ରୀଡ଼ା ଇତ୍ୟାଦି ପ୍ରତିଯୋଗିତା କରାଯାଇଥିଲା। ଏଥିରେ ଅନୁଷ୍ଠାନର ଡ୍ ମହମ୍ମଦ ଇମ୍ରାନ ଅଲ୍ଲୀ, ଅରୂପା ଗୌଡ଼, ପୂଜା ଡାକୁଆ ପ୍ରମୁଖ ଯୋଗ ଦେଇଥିଲେ। ଶିବିରକୁ ପ୍ରଭାସିନୀ ଭୋଳ, ସ୍ୱାଗତିକା ଭୋଳ ପରିଚାଳନା କରିଥିଲେ। ଉଦ୍‌ଯାପନ କାର୍ଯ୍ୟକ୍ରମରେ ପ୍ରେସ କ୍ଲବ୍ ସଭାପତି ଦିଲ୍ଲୀପ କୁମାର ଓଝା ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଧକ୍ଷ ଘନଶ୍ୟାମ ଭୋଳ ଅତିଥି ଭାବରେ ଯୋଗ ଦେଇଥିଲେ। ଶେଷରେ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ‘ଓଡ଼ିଶୀରେ ନୂଆଧାରା ଆରମ୍ଭ କରିଥିଲେ ଗୁରୁ ପଙ୍କଜ’

ଭୁବନେଶ୍ୱର, ୧୧।୬(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶୀ ନୃତ୍ୟଗୁରୁ ଆଦିଗୁରୁ ପଙ୍କଜ ଚରଣ ଦାସଙ୍କ ୨୧ତମ ପୁଣ୍ୟତିଥି ମଙ୍ଗଳବାର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧକ୍ଷ ଡ. ବିଜୟ କୁମାର ଜେନା, ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀ, ପ୍ରଫେସର (ଡ.) ରଙ୍ଗାଧର ସାହୁ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ସମାଜସେବୀ ସଞ୍ଜୟ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୁରୁ ପଙ୍କଜଚରଣ ଦାସଙ୍କ ଓଡ଼ିଶୀ ନୃତ୍ୟର ବିକାଶ କ୍ଷେତ୍ରରେ



ଅତୁଳନୀୟ ଅବଦାନ ରହିଛି। ସେ ପ୍ରଥମେ ଓଡ଼ିଶୀ ନୃତ୍ୟକୁ ନୂତନ ଢାଞ୍ଚାରେ ପରିବେଷଣ କରିବା ସହ ବହୁ ଛାତ୍ରଛାତ୍ରୀଙ୍କୁ ନୃତ୍ୟ ଶିକ୍ଷା ଦେଇ ସମାଜରେ ସୁପ୍ରତିଷ୍ଠିତ କରିପାରିଛନ୍ତି ବୋଲି ଅତିଥିମାନେ ମତଦେଇଥିଲେ।

## ରଜ ମହୋତ୍ସବର ଆକର୍ଷଣ ସାଜିବ ପାଇକ ଆଖଡ଼ା

ଭୁବନେଶ୍ୱର, ୧୧।୬(ସମିସ): ଚଳିତବର୍ଷ ନୂଆଗାଁ ଗ୍ରାମୀଣ ବିକାଶ ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ରଜ ମହୋତ୍ସବ ତିନିଦିନ ବ୍ୟାପୀ ନୂଆଗାଁ ରଜ ମହୋତ୍ସବ ପଡ଼ିଆରେ ପାଳନ କରାଯିବ। ଏଥିରେ ରାଜ୍ୟ ଓ ରାଜ୍ୟ ବାହାରର କଣ୍ଠଶିଳ୍ପୀ, ନୃତ୍ୟଶିଳ୍ପୀ, ହାସ୍ୟ ଅଭିନେତା ଓ ଅନ୍ୟାନ୍ୟ ପ୍ରତିଭାଧାରୀ ଯୋଗଦେଇ ସେମାନଙ୍କର କଳାନୈପୁଣ୍ୟ ପ୍ରଦର୍ଶନ କରିବେ ବୋଲି ନୂଆ ଗାଁ ଗ୍ରାମୀଣ ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

## ଜେଇଇ ଆଡ୍‌ଭାନ୍ସଡ୍‌ରେ କିଟ୍‌ର ସଫଳତା

ଭୁବନେଶ୍ୱର, ୧୧।୬(ସମିସ): ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଜେଇଇ ଆଡଭାନସଡ୍-୨୦୨୪ରେ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲର ପିଲାମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ଛାତ୍ର ଅନିଷ ଦାରିକା ସର୍ବଭାରତୀୟ ସ୍ତରରେ ୧୦୯ ରାଙ୍କ ହାସଲ କରିଥିବା ବେଳେ ଶୈଳେଶ କୁମାର ସାହୁ ୧୮୪୯ ର୍‌ୟାଙ୍କରେ ରହିଛନ୍ତି। ସେହିପରି ଶୁଭଙ୍କର ଦାଶ ୨୬୩୮, ଆଦିତ୍ୟ ପ୍ରଧାନ ୨୮୮୭, ଆଶୁତୋଷ ମହାରଣା ୩୦୮୦ ଓ ଆଦିତ୍ୟ ପ୍ରଧାନ(ଖ) ସର୍ବଭାରତୀୟ ର୍‌ୟାଙ୍କ ୧୫୮୮୯ ହାସଲ କରିଛନ୍ତି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କୃତୀ ଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପାଠପଢ଼ାରେ ସେମାନଙ୍କ ନିଷ୍ଠା ଏବଂ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନ ଏହି ସଫଳତା ଆଣିଦେଇଥିବା ସେ କହିଛନ୍ତି। କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲର ଗୁଣାତ୍ମକ ଶିକ୍ଷା ଫଳରେ ପ୍ରତିବର୍ଷ ବିଭିନ୍ନ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ବହୁ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେଉଛନ୍ତି।

## ପ୍ରଭାତୀଙ୍କୁ ପରିଚୟ ଦେଇଛି ମାଣ୍ଡିଆ

ଭୁବନେଶ୍ୱର, ୧୧।୬(ସମିସ): ଦିନକୁ ଦିନ ବଢ଼ି ଚାଲିଛି ମାଣ୍ଡିଆର ଆଦର। ସ୍ୱାସ୍ଥ୍ୟ ପ୍ରତି ଲାଭଦାୟକ ହୋଇଥିବାରୁ ଗତ କିଛିବର୍ଷ ମଧ୍ୟରେ ଏହାକୁ ଲୋକେ ନିଜ ପସନ୍ଦର ଖାଦ୍ୟ ରୂପେ ବାଛିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଲିଙ୍ଗରାଜ ମନ୍ଦିର ନିକଟ ଗଙ୍ଗା ଯମୁନା ରାସ୍ତାରେ ପ୍ରଭାତୀ ରାଉତ ମାଣ୍ଡିଆରେ ପ୍ରସ୍ତୁତ ଲସି, ଜୁସ୍ ଏବଂ ଛାଞ୍ଚ୍ ବିକ୍ରି କରୁଛନ୍ତି। ଏ ସମ୍ପର୍କରେ ସେ କୁହନ୍ତି ମିଶନଶକ୍ତି, ମିଲେଟ ମିଶନ୍ ମାଧ୍ୟମରେ ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ ତଥା ମିଲେଟ୍ ଫୁଡ୍‌ର ପ୍ରଚାର ପ୍ରସାର ଫଳରେ ଏବେ ତାହାର ଉପକାରିତା ଲୋକେ ବୁଝିଲେଣି। ଫଳରେ ମାଣ୍ଡିଆ ପ୍ରସ୍ତୁତ ସାମଗ୍ରୀର ଚାହିଦା ବଢ଼ିବାରେ ଲାଗିଛି।

**ମାଣ୍ଡିଆ ପ୍ରସ୍ତୁତ ପାନୀୟର ଆଦର ବଢୁଛି**





ଏସ୍‌ଏଚ୍‌ଜି ମହିଳାମାନଙ୍କ ସହ ମିଶି ସେ ମଧ୍ୟ କିଛି ସ୍ଥାନରେ ଏପରି ଷ୍ଟଲ୍‌ରେ ସହଯୋଗ କରନ୍ତି। ପରେ ସେ ମାଣ୍ଡିଆ ସାହାଯ୍ୟରେ ନିଜକୁ ସ୍ୱାବଲମ୍ବୀ କରିବାକୁ ଆଗ୍ରହୀ ହେଲେ। ସେହି ଲକ୍ଷ୍ୟ ରଖି ମାଣ୍ଡିଆ ପ୍ରସ୍ତୁତ ସାମଗ୍ରୀର ବ୍ୟବସାୟ ଆରମ୍ଭ କରିଛନ୍ତି। ସେ ବିକ୍ରି କରୁଥିବା ଲସିର ମୂଲ୍ୟ ୩୦ ଟଙ୍କା ହୋଇଥିଲାବେଳେ ଜୁସ୍‌ର ଦାମ୍ ୨୦ ଓ ଛାଞ୍ଚ୍‌ର ଦାମ ମଧ୍ୟ ୨୦ ଟଙ୍କା ରହିଛି। ମାଣ୍ଡିଆ ଲସିରେ ଦହି ଓ ରାବିଡ଼ିର ସ୍ୱାଦ ଲୋକଙ୍କୁ ଅଧିକ ପସନ୍ଦ ଆସୁଛି ବୋଲି ସେ କହିଥିଲେ। ସେହିପରି ଡାଇବେଟିସ୍ ଲୋକଙ୍କ ପାଇଁ ମଧ୍ୟ ସେଠାରେ ବିନା ମିଠା ମାଣ୍ଡିଆ ଜାଉ ଓ ଆମ୍ବ ପୋଦିନା ମିଶ୍ରିତ ମାଣ୍ଡିଆର ଛାଞ୍ଚ୍ ମିଳୁଛି। ପ୍ରତ୍ୟେକଦିନ ସକାଳ ୮ ରୁ ୧୧ଟା ଯାଏଁ ତାଙ୍କ ଦୋକାନ ଖୋଲିଥାଏ, ଯେଉଁଥିରେ ଦିନକୁ ପାଖାପାଖି ହଜାରେ ରୁ ୧୨ ଶହ ଟଙ୍କା ଲାଭ ମିଳିଥାଏ ବୋଲି ସେ କହିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

ବାଲିଅନ୍ତା, ୧୧।୬(ସମିସ): ବାଲିଅନ୍ତା ବ୍ଲକ ପ୍ରତାପରୁଦ୍ରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବାବୁଲି ନନ୍ଦଙ୍କର ୭୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ୧୫ ଦିନ ତଳେ ଶ୍ରୀ ନନ୍ଦ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପରିବାର ଲୋକ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସୋମବାର ରାତି ୮ଟା ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମଙ୍ଗଳବାର ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ପଞ୍ଚାୟତ ପରିକ୍ରମା କରାଯାଇଥିଲା। ଉଲ୍ଲେଖଯୋଗ୍ୟ ବାବୁଲି ୧୯୮୫ ମସିହାରୁ ଲଗାତାର ତିନିଥର ପ୍ରତାପରୁଦ୍ରପୁର ପଞ୍ଚାୟତର ସରପଞ୍ଚ ଥିଲେ। ସେହିପରି ବିଭିନ୍ନ ସମୟରେ ୪ ଥର ପ୍ରତାପରୁଦ୍ରପୁର ସେବା ସମବାୟ ସମିତି ସଭାପତି ନିର୍ବାଚିତ ହୋଇଥିଲେ। ବାବୁଲିଙ୍କ ମୃତଦେହ ପଞ୍ଚାୟତ ଏବଂ ସେବା ସମବାୟ ସମିତି ପରିସରରେ ପହଞ୍ଚିବା ପରେ ସେବା ସମବାୟ ସମ୍ପାଦକ ବିଶ୍ୱନାଥ ପଣ୍ଡା, ବିଧାୟକ ନବ କିଶୋର ମଲ୍ଲିକ, ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣି ଏବଂ ସମିତି ସଭ୍ୟ ଉମାରାଣୀ ମହାନ୍ତି ପ୍ରମୁଖ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ଶାସ୍ତ୍ରୀୟ ନୃତ୍ୟ ଉତ୍ସବ ‘ମାର୍ଗି’ ଉଦ୍‌ଯାପିତ

ଭୁବନେଶ୍ୱର, ୧୧।୬(ସମିସ): ନୃତ୍ୟଶାଳା ଓ ମାସିକ ସାଂସ୍କୃତିକ ପତ୍ରିକା କଳାକୃତିର ମିଳିତ ସହଯୋଗରେ ରବୀନ୍ଦ୍ରମଣ୍ଡପରେ ୧୪ତମ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ ‘ମାର୍ଗି’ ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ଅତିଥିଭାବେ ପୂର୍ବତନ ପ୍ରଶାସନିକ ଅଧିକାରୀ ଓ ସେଲ୍‌ଫର ସ୍ୱାଧୀନ ନିର୍ଦ୍ଦେଶକ ଅଶୋକ କୁମାର ତ୍ରିପାଠୀ, ଗୁରୁ ଦୁର୍ଗାଚରଣ ରଣବୀର, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ସଦାଶିବ ପ୍ରଧାନ, ଗୁରୁ ରତିକାନ୍ତ ମହାପାତ୍ର, ଗୁରୁ ଅଶୋକ କୁମାର ଘୋଷାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜୀବନବ୍ୟାପୀ ଓଡ଼ିଶୀ ନୃତ୍ୟ ସାଧନା ପାଇଁ ଗୁରୁ ଡ. ସ୍ନେହପ୍ରଭା ସାମନ୍ତରାୟଙ୍କୁ ‘ମାର୍ଗି ଜୀବନବ୍ୟାପୀ ସମ୍ମାନ-୨୦୨୪’ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ନୃତ୍ୟଶିଳ୍ପୀ ତଥା ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ସିକତା ଦାସ ନୃତ୍ୟ ପରିବେଷଣ



କରିଥିଲେ। ରାଗ-ବାଗେଶ୍ୱରୀ, ତାଳ-ଯତିରେ ନିବଦ୍ଧ ଏହି ନୃତ୍ୟକୁ ସିକତା ଦାସ ନିଜେ ସଂଯୋଜନା କରିଥିଲେ। ପରେ ସେ ଅଭିନୟ ପ୍ରସ୍ତୁତିରେ ଗୀତ ଗୋବିନ୍ଦର ଶେଷ ପଦବଳୀ ‘କୁରୁପଦୁ ନନ୍ଦନ ଚନ୍ଦନ ଶିଶିର...’ ଶ୍ଲୋକରେ ନୃତ୍ୟ ପରିବେଷଣ କରିଥିଲେ। ଏହାର ନୃତ୍ୟ ସଂରଚନା କରିଥିଲେ ପଦ୍ମବିଭୂଷଣ ଗୁରୁ କେଳୁଚରଣ ମହାପାତ୍ର ଏବଂ ସଙ୍ଗୀତ ସଂଯୋଜନା କରିଥିଲେ ପଣ୍ଡିତ ଭୁବନେଶ୍ୱରୀ ମିଶ୍ର। ଦ୍ୱିତୀୟ ପ୍ରସ୍ତୁତିରେ ଚରଣରେ ଯୁଗ୍ମ ନୃତ୍ୟରେ ସୂର୍ଯ୍ୟାଷ୍ଟକମ୍ ପରିବେଷଣ କରାଯାଇଥିଲା। ସାତଟି ଘୋଡ଼ାରେ ନିର୍ମିତ କୋଣାର୍କ ମନ୍ଦିର ମହିମା ଗାଥାକୁ ଶିଳ୍ପୀମାନେ ପରିବେଷଣ କରିଥିଲେ। ରାଗ-ବୈରାଗୀ ଓ ତାଳ-ଯତିରେ ନିବଦ୍ଧ ଏହି ସଙ୍ଗୀତକୁ ଗୁରୁ ରାମହରି ଦାସ ସଂଯୋଜନା କରିଥିବା ବେଳେ ନୃତ୍ୟ ସଂଯୋଜନା କରିଥିଲେ ଗୁରୁ ଦୁର୍ଗାଚରଣ ରଣବୀର। ଶେଷରେ ନୃତ୍ୟଶାଳା ଅନୁଷ୍ଠାନ ଶିଳ୍ପୀମାନେ ନୃତ୍ୟନାଟିକା ‘ଶକୁନି’ ପରିବେଷଣ କରିଥିଲେ। ଏହି ପୌରାଣିକ ବିଷୟକୁ ରଚନା ଓ ନୃତ୍ୟ ସଂଯୋଜନା ଗୁରୁ ଅଶୋକ କୁମାର ଘୋଷାଲ କରିଥିବା ବେଳେ ସଙ୍ଗୀତ ସଂଯୋଜନା କରିଥିଲେ ହିମାଂଶୁ ଶେଖର ସ୍ୱାଇଁ। କାର୍ଯ୍ୟକ୍ରମକୁ ଡ. ଶ୍ରୀନିବାସ ଘଟୁଆରୀ ସଂଯୋଜନା କରିଥିଲେ।

**ଶିଶୁ ଶ୍ରମିକ ନିରୋଧ ଦିବସ ଆଜି**

# କାମ କରୁଛନ୍ତି ହୋଟେଲ୍‌ରେ; ନାଁ ଗଡୁଛି ସ୍କୁଲ୍‌ରେ



ଭୁବନେଶ୍ୱର, ୧୧।୬(ସମିସ):

ଗରିବ ପିଲାମାନଙ୍କୁ ଶିକ୍ଷିତ କରିବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସରକାର ଅନେକ ଯୋଜନା କରିଛନ୍ତି। ଏମିତିକି ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ସରକାରୀ ବିଦ୍ୟାଳୟ ଗୁଡ଼ିକରେ ମାଗଣାରେ ୟୁନିଫର୍ମ, ପାଠ୍ୟ ଉପକରଣ ସାଙ୍ଗକୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ପୁଷ୍ଟିକର ଖାଦ୍ୟ ମଧ୍ୟ ଯୋଗାଇ ଦେଉଛନ୍ତି। କିନ୍ତୁ ଏସବୁ ପରେ ମଧ୍ୟ ପାଠ ପଢ଼ିବା ବଦଳରେ ବିଭିନ୍ନ କ୍ଷେତ୍ରରେ ଶ୍ରମିକ ପାଲଟୁଛନ୍ତି ହଜାର ହଜାର ଶିଶୁ। ବିଦ୍ୟାଳୟରେ ନାଁ ଗଡୁଥିବାବେଳେ ଇଟାଭାଟି ଠାରୁ ଆରମ୍ଭ କରି ଖଣିଖାଦାନ, ହୋଟେଲ, ବଡ଼ବଡ଼ିଆଙ୍କ ଘରେ କାମ କରୁଛନ୍ତି ଶିଶୁ। ଶିଶୁର ବଞ୍ଚିବାର ଅଧିକାର, ଶିକ୍ଷା ଅଧିକାର ଓ ନିଜର ମତାମତ ପ୍ରକାଶ କରିବାର ଅଧିକାର, ନିରାପତ୍ତା ଅଧିକାର ଉପରେ ଗୁରୁତ୍ୱ ଦେବା ସହ ତାକୁ ଏକ ଉତ୍ତମ ନାଗରିକ ରୂପେ ଗଢ଼ି ତୋଳିବା, ଶିଶୁ ଶ୍ରମିକଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ଜୁନ୍ ୧୨ତାରିଖକୁ ଆନ୍ତର୍ଜାତିକ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ଥିମ୍ ‘ଆସନ୍ତୁ ଆମର ପ୍ରତିବଦ୍ଧତା ଉପରେ କାର୍ଯ୍ୟ କରିବା: ଶିଶୁ ଶ୍ରମ ଶେଷ’ ରହିଛି।

୨୦୧୧ ପରେ ଜନଗଣନା ହୋଇନଥିବା ବେଳେ ଜାତିସଂଘ ସର୍ଭେ ଅନୁସାରେ ସମଗ୍ର ବିଶ୍ୱରେ ୧୫.୨ କୋଟି ଶିଶୁ ଶ୍ରମିକଙ୍କ ମଧ୍ୟରୁ ୭.୨ କୋଟି ଅତି କଠିନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଭାରତ ବର୍ଷରେ ପ୍ରାୟ ୧୨ ନିୟୁତ ଶିଶୁ ଶ୍ରମିକ ବିଭିନ୍ନ ସ୍ଥାନରେ କାମ କରୁଥିବାବେଳେ ଓଡ଼ିଶା ମଧ୍ୟ ପଛରେ ପଡ଼ିନି। ୨୦୦୭ରେ ଶ୍ରମ ବିଭାଗ ପକ୍ଷରୁ

**ବର୍ଷକରେ ୩ ଜିଲ୍ଲାରୁ ୧୫୦ ଶିଶୁ ଶ୍ରମିକ ଉଦ୍ଧାର**

**କଡ଼ାକଡ଼ି ହେଉନି ଶିଶୁ ଶ୍ରମିକ ନିରୋଧ ଆଇନ**

୧୮ ଜିଲ୍ଲାରେ ୪ ଲକ୍ଷ ୩୯ ୯ ଶିଶୁ ଶ୍ରମିକ ଚିହ୍ନଟ କରାଯାଇଥିବା ବେଳେ ୨୦୦୭ ରୁ ୨୦୧୩ ମଧ୍ୟରେ ରାଜ୍ୟରେ ମାତ୍ର ୮୩୫ ଶିଶୁ ଶ୍ରମିକଙ୍କୁ କାର୍ଯ୍ୟକ୍ଷେତ୍ରରୁ ଉଦ୍ଧାର କରାଯାଇଥିଲା। ୨୦୧୪ରେ ୧୫୭ ଓ ୨୦୧୫ ଅକ୍ଟୋବର ସୁଦ୍ଧା ୨୧୯ଜଣଙ୍କୁ କାର୍ଯ୍ୟକ୍ଷେତ୍ରରୁ ଉଦ୍ଧାର କରାଯାଇଛି। କୃଷି କ୍ଷେତ୍ର ହେଉ ଅବା ହୋଟେଲ, ମାଛ ଚାଷ, ଢାବା ଆଦିରେ ହଜାର ହଜାର ଶିଶୁ ଶ୍ରମିକ ଭାବେ କାମ କରୁଛନ୍ତି। କିନ୍ତୁ ଏମାନଙ୍କ ନାଁ କେବଳ ସ୍କୁଲ ଉପସ୍ଥାନରେ ରହିଥିବାବେଳେ ଏମାନେ ଶ୍ରମିକ ଭାବେ ବିଭିନ୍ନ କ୍ଷେତ୍ରରେ କାମ କରୁଛନ୍ତି। ୨୦୨୩-୨୪ ବର୍ଷରେ ଖୋର୍ଦ୍ଧା, ପୁରୀ ଏବଂ ନୟାଗଡ଼ ଜିଲ୍ଲାରୁ ଏଭଳି ପ୍ରାୟ ୧୫୦ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କଯାଇଛି। ଚାଇଲ୍ଡ ଟ୍ରାଫିକିଂ ଆଇନ ଅନୁଯାୟୀ ୩୭୦ ଧାରା ମଧ୍ୟ ଲାଗୁ କରାଯାଇଛି। ଏ ନେଇ ଚାଇଲ୍‌ଡ ଲାଇନ୍‌ର ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି ଯେ, ଚାଇଲ୍ଡ ଲେବର ପ୍ରୋହିବିସନ୍ ଆକ୍ଟ-୨୦୧୬ କଡ଼ାକଡ଼ି ଭାବେ ଲାଗୁ କରାଯାଉନାହିଁ। ଫଳରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସେହିପରି ଶିଶୁ ଚାଲାଣ କ୍ଷେତ୍ରରେ ମଧ୍ୟ ୩୭୦ ଧାରାରେ କେସ୍ କରାଯାଇପାରିବ। ଉକ୍ତ କେସ୍ ଗୁଡ଼ିକ ତଦାରଖ କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରତି ଜିଲ୍ଲାରେ ଆଣ୍ଟି ହ୍ୟୁମାନ୍ ଟ୍ରାଫିକିଂ ସେଲ୍‌ଫ ଗଠନ ହୋଇଛି। ସରକାର ବିଧିବଦ୍ଧ ଭାବେ ସମସ୍ତ କାର୍ଯ୍ୟ କରିଥିଲେ ମଧ୍ୟ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ତେଣୁ ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲାସ୍ତରରୁ ପ୍ରତି ଶିଶୁଙ୍କ ସଂଖ୍ୟା ଗଣନା କରାଯିବା ସହ ସେମାନେ ପାଠ ପଢୁଥିବା ଉକ୍ତ ବିଦ୍ୟାଳୟରୁ ସୂଚନା ସଂଗ୍ରହ କରାଯିବା ଉଚିତ୍। ବିଭିନ୍ନ ଗୋଷ୍ଠୀ ଗୁଡ଼ିକ ବିଭିନ୍ନ ସ୍ଥାନରୁ ଶିଶୁମାନଙ୍କୁ ଚାଲାଣ କରି ମେଳା ମହୋତ୍ସବରେ ଶ୍ରମ କ୍ଷେତ୍ର ଏବଂ ଅପରାଧ କ୍ଷେତ୍ରରେ ନିୟୋଜିତ କରାଉଛନ୍ତି। ଏ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବା ଉଚିତ୍। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରମ ବିଭାଗ, ଚାଇଲ୍ଡ ପ୍ରୋଟେକ୍ସନ୍ ସିଷ୍ଟମ୍, ଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ରହି କାର୍ଯ୍ୟାନୁଷ୍ଠାନ ନିଆଗଲେ ଆମ ଦେଶରୁ ଶିଶୁ ଶ୍ରମିକ ଏବଂ ଶିଶୁ ଚାଲାଣ ରୋକାଯାଇ ପାରିବ। କେବଳ ଭୁବନେଶ୍ୱରରେ ଶହଶହ ହୋଟେଲ ଓ ଢାବା ସମେତ ବିଭିନ୍ନ ଲୋକଙ୍କ ଘରେ ଶିଶୁ ଶ୍ରମିକମାନେ କାମ କରୁଛନ୍ତି। ଏ କ୍ଷେତ୍ରରେ ଲୋକମାନଙ୍କ ମାନସିକତା ପରିବର୍ତ୍ତନ ହେବା ଉଚିତ୍। ଶିଶୁମାନଙ୍କୁ ବିଦ୍ୟାଳୟକୁ ପଠାଇବା ସମସ୍ତଙ୍କ ଦାୟିତ୍ୱ ହେବା ଉଚିତ୍ ବୋଲି ଶ୍ରୀ ସେନାପତି କହିଛନ୍ତି।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୫୯ • ପାଉଣ୍ଡ ୧୦୬.୨୩
- ୟୁରୋ ୮୯.୮୫ • ୟେନ୍ ୦.୫୩

## ସୁନା, ରୁପା ଦର



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୫,୩୫୦ (ଭୁବନେଶ୍ୱର)
- ରୁପା : ୯୭,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୬,୪୫୬.୦୦
- ନିଫ୍ଟି ୨୩,୨୬୪.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



ଦରଦାମ୍ ବୃଦ୍ଧିରେ ଖାଉଟି ନୟାନ୍ତ

# ବର୍ଷକରେ ଆଳୁ, ପିଆଜ, ଟମାଟୋ ଦର ୮୧% ବଢ଼ିଛି

**ନୂଆଦିଲ୍ଲୀ,୧୧।୬(ସମିସ)**

ସମ୍ପ୍ରତି ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଉଚ୍ଚ ଦରରେ ସାଧାରଣ ଖାଉଟି ନୟାନ୍ତ। ସରକାରୀ ତଥ୍ୟ ଅନୁଯାୟୀ, ଏପ୍ରିଲ ମାସରେ ଦେଶର ଖୁଚୁରା ମୁଦ୍ରାସ୍ଫୀତି ୫ ପ୍ରତିଶତରୁ କମ୍ ରହିଥିଲା। ହେଲେ ଖାଦ୍ୟ ମୁଦ୍ରାସ୍ଫୀତିରେ କୌଣସି ହ୍ରାସ ଘଟିନାହିଁ। ଗତ ଏକ ବର୍ଷ ମଧ୍ୟରେ ଖୁଚୁରା ବଜାରରେ ଆଳୁ, ପିଆଜ ଏବଂ ଟମାଟୋର ମୂଲ୍ୟ ବୃଦ୍ଧିକୁ ଦେଖି ଏହାର ଆକଳନ କରାଯାଇପାରିବ। ନିକଟରେ କିଛି ଦିନ ପୂର୍ବରୁ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁଯାୟୀ, ଦେଶରେ ଭେଜ ଥାଳିର ମୂଲ୍ୟ ବୃଦ୍ଧି ପାଇଛି। ସର୍ବଶେଷ ଖବର ହେଉଛି ଗତ ୧୫ ଦିନ ମଧ୍ୟରେ ପିଆଜର ପାଇକାରୀ ମୂଲ୍ୟରେ ୫୦ ପ୍ରତିଶତ ବୃଦ୍ଧି ଘଟିଛି। ଯଦି ଆମେ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟର ୱେବସାଇଟରୁ ତଥ୍ୟକୁ ଦେଖିବା, ତେବେ ଗତ ଏକ ବର୍ଷ ମଧ୍ୟରେ ଆଳୁ, ପିଆଜ ଏବଂ ଟମାଟୋ ମୂଲ୍ୟରେ ୮୧ ପ୍ରତିଶତ ବୃଦ୍ଧି ଘଟିଛି। ସାରା ଦେଶରେ ଏହି ତିନୋଟି ପନିପରିବାର ହାରାହାରି ମୂଲ୍ୟରେ ଅହେତୁକ ବୃଦ୍ଧି ଘଟିଛି।



ଗତ ଏକ ବର୍ଷ ମଧ୍ୟରେ ଆଳୁର ମୂଲ୍ୟରେ ବହୁତ ବୃଦ୍ଧି ଘଟିଛି। କେନ୍ଦ୍ର ଗ୍ରାହକ ବ୍ୟାପାର ମନ୍ତ୍ରଣାଳୟର ୱେବସାଇଟ୍ ଅନୁଯାୟୀ, ୨୦୨୩ ଏପ୍ରିଲ୍ ୩୦ ରେ ବଜାରରେ ଆଳୁର ହାରାହାରି ମୂଲ୍ୟ ୧୮.୮୮ ଟଙ୍କା ରହିଥିଲା। ଯାହା ଚଳିତବର୍ଷ ଜୁନ୍ ୧୦ ସୁଦ୍ଧା କେଜି ପିଛା ୩୦.୫୭ ଟଙ୍କାରେ ପହଞ୍ଚିଛି। ଏହାର ଅର୍ଥ ହେଉଛି ଆଳୁ ମୂଲ୍ୟରେ କିଲୋଗ୍ରାମ ପିଛା ୧୧.୬୯ ଟଙ୍କା ବୃଦ୍ଧି ଘଟିଛି। ଏଥିରୁ ଜଣାପଡୁଛି ଯେ, ଗତ ଏକ ବର୍ଷରେ ବଜାରରେ ଆଳୁ ଦର ୬୨ ପ୍ରତିଶତ ବୃଦ୍ଧି ପାଇଛି। ଯଦି ତଥ୍ୟକୁ ବିଶ୍ୱାସ କରାଯାଏ, ତେବେ ଜୁନ୍ ମାସରେ ଆଳୁର ହାରାହାରି ମୂଲ୍ୟ କିଲୋଗ୍ରାମ ପିଛା ପ୍ରାୟ ଏକ ଟଙ୍କା ବୃଦ୍ଧି ପାଇଛି। ସେହିପରି ଗତ ଏକ ବର୍ଷ ମଧ୍ୟରେ ପିଆଜ ମୂଲ୍ୟରେ ୧୩ ଟଙ୍କା ୫୦ ପଇସାରୁ ରୁ ଅଧିକ ବୃଦ୍ଧି ଘଟିଛି। ମନ୍ତ୍ରଣାଳୟର ୱେବସାଇଟ୍ ଅନୁଯାୟୀ, ୨୦୨୩ ଏପ୍ରିଲ୍ ୩୦ରେ ପିଆଜର ହାରାହାରି ମୂଲ୍ୟ କିଲୋଗ୍ରାମ ପିଛା ୨୦ ଟଙ୍କା ୪୧ ପଇସା ରହିଥିଲା,ଯାହା ଜୁନ୍ ୧୦ରେ ୩୩ ଟଙ୍କା ୯୮ ପଇସାକୁ ବୃଦ୍ଧି ପାଇଛି। ଏହାର ଅର୍ଥ ହେଉଛି ଗତ ଏକ ବର୍ଷ ମଧ୍ୟରେ ପିଆଜ ଦର ୬୬ ପ୍ରତିଶତ ବୃଦ୍ଧି ପାଇଛି, କିଲୋଗ୍ରାମ ପ୍ରତି ଏହା ୧୩ ଟଙ୍କା ୫୭ ପଇସା ବଢ଼ିଥିବା ଜଣାପଡିଛି। ଯଦି ଆମେ କେବଳ ଜୁନ୍ ମାସ ବିଷୟରେ କଥା ହେବା, ତେବେ ପିଆଜର ହାରାହାରି ମୂଲ୍ୟ କିଲୋଗ୍ରାମ ପ୍ରତି ୧ଟଙ୍କା ୮୬ ପଇସା ବୃଦ୍ଧି ଘଟିଛି। ରାଜଧାନୀ ଦିଲ୍ଲୀରେ ପିଆଜ ମୂଲ୍ୟରେ ୧୨ ଟଙ୍କା ବୃଦ୍ଧି ଦେଖିବାକୁ ମିଳିଛି।

ଏସବୁବାଦ୍ ଦେଶରେ ଟମାଟୋର ମୂଲ୍ୟ ଏକ ବର୍ଷରେ 60 ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି | ଆଳୁ ଏବଂ ପିଆଜ ତୁଳନାରେ ଟମାଟୋ ମୂଲ୍ୟରେ ସର୍ବାଧିକ ବୃଦ୍ଧି ଘଟିଛି| ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟର ୱେବସାଇଟ୍ ଅନୁଯାୟୀ, ୨୦୨୩ ଏପ୍ରିଲ୍ ୩୦ରେ ଟମାଟୋର ଖୁଚୁରା ମୂଲ୍ୟ ୨୦ ଟଙ୍କା ୫୫ ପଇସା ରହିଥିଲା। ଚଳିତବର୍ଷ ଜୁନ୍ ୧୦ରେ ଟମାଟୋର ମୂଲ୍ୟ ୩୭ ଟଙ୍କା ୧୧ ପଇସାକୁ ଖସି ଆସିଛି। ଏହାର ଅର୍ଥ ହେଉଛି ଗତ ଏକ ବର୍ଷ ମଧ୍ୟରେ ଟମାଟୋ ମୂଲ୍ୟରେ ୮୧ ପ୍ରତିଶତ ବୃଦ୍ଧି ଘଟିଛି ଅର୍ଥାତ୍ କିଲୋଗ୍ରାମ ପିଛା ଏହା ୧୬ ଟଙ୍କା ୫୬ ପଇସା କମିଥିବା ଜଣାପଡିଛି। ଅନ୍‌ଲାଇନ୍ ପ୍ଲାଟଫର୍ମ ବିଷୟରେ କହିବାକୁ ଗଲେ ବିଗ୍ ବାସ୍କେଟରେ ଦିଲ୍ଲୀରେ ଏକ କିଲୋଗ୍ରାମ ହାଇବ୍ରିଡ୍ ଟମାଟୋର ମୂଲ୍ୟ ୨୧ ଟଙ୍କା, ଯେଉଁଠାରେ ଆଳୁ କିଲୋ ୪୧ ଟଙ୍କା ଏବଂ ଟମାଟୋ କିଲୋଗ୍ରାମ ପିଛା ୩୮ ଟଙ୍କା ରହିଛି।

# ଡଲାର ତୁଳନାରେ ଟଙ୍କା ମୂଲ୍ୟରେ ରେକର୍ଡ ହ୍ରାସ

**ମୁମ୍ବଇ,୧୧।୬(ଏଜେନ୍ସି):** ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଧାରା ଜାରି ରହିଛି। ଗତ ୧୦ ବର୍ଷ ମଧ୍ୟରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ପାଖାପାଖି ୨୧ ଟଙ୍କାରୁ ଅଧିକ ହ୍ରାସ ପାଇଛି। ମଙ୍ଗଳବାର ଭାରତୀୟ ମୁଦ୍ରା ମୂଲ୍ୟରେ ସାମାନ୍ୟ ହ୍ରାସ ହେବା ସହ ରେକର୍ଡ ନିମ୍ନସ୍ତରକୁ ଖସିଯାଇଛି। ଅନ୍ୟ ଏସିଆ ମୁଦ୍ରା ଦୁର୍ବଳ ହେବା ଚାପରେ ଭାରତୀୟ ମୁଦ୍ରା ହ୍ରାସ ପାଇଛି।



କେନ୍ଦ୍ରୀୟ ବ୍ୟାଙ୍କର ଲେଟ୍ ଟ୍ରେଡିଂରେ ମଝିରେ ମଝିରେ ଡଲାରର ପ୍ରଚୁର ବିକ୍ରି ସତ୍ତ୍ୱେ ବି ଏଭଳି ହୋଇଥାଏ। ତେବେ ଡଲାର ବିକ୍ରି ଯୋଗୁ କାରବାର ଶେଷରେ ଟଙ୍କାର ନିମ୍ନଗତିକୁ ରୋକିବାର ସଫଳ ହୋଇଥିଲା ବୋଲି କାରବାରକାରୀ କହିଛନ୍ତି। ମଙ୍ଗଳବାର କାରବାର ଶେଷ ସୁଦ୍ଧା ଭାରତୀୟ ମୁଦ୍ରା ଆମେରିକୀୟ ଡଲାର ତୁଳନାରେ ୮୩.୫୬ ଟଙ୍କାରେ ବନ୍ଦ ହୋଇଥିଲା। ଯାହା ଗତ କାରବାରରେ ୮୩.୫୦ଟଙ୍କାରୁ ୧ ପ୍ରତିଶତ କମ୍। ଏହା ପୂର୍ବରୁ ଏପ୍ରିଲରେ ଭାରତୀୟ ମୁଦ୍ରା ସର୍ବକାଳନୀ ନିମ୍ନସ୍ତରକୁ ୮୩.୫୭ ଟଙ୍କାକୁ ଖସିଯାଇଥିଲା। ବର୍ତ୍ତମାନ ଭାରତୀୟ ମୁଦ୍ରାର ସ୍ଥିତି ଏପ୍ରିଲ ମାସ ଭଳି ହେବାକୁ ଯାଉଥିବାବେଳେ ଭାରତ ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ଯୋଗୁ ହ୍ରାସକୁ ରୋକି ହେଉଥିବା କାରବାରକାରୀମାନେ କହିଛନ୍ତି। ମଙ୍ଗଳବାର ଏକାଧିକ ଏସୀୟ ରାଷ୍ଟ୍ରର ମୁଦ୍ରାଗୁଡିକର ମୂଲ୍ୟରେ ହ୍ରାସ ହୋଇଥିଲା। କୋରିଆର ମୁଦ୍ରା ଓନ୍‌ରେ ୦୨ ପ୍ରତିଶତ ହାସ ପରିଲକ୍ଷିତ ହୋଇଥିଲା।

# ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ପ୍ୟାର୍ କା ଗଠବନ୍ଧନ




**ଭୁବନେଶ୍ୱର,୧୧।୬(ସମିସ):** ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ହେଉଛି ଭାରତର ୨ୟ ସର୍ବବୃହତ୍ ବିଶ୍ୱସନୀୟ ବ୍ରାଣ୍ଡ। ଏହି ଜୁଏଲାରୀ ବ୍ରାଣ୍ଡ ପକ୍ଷରୁ ଆଜି ଏହାର ନୂତନ 'ପ୍ୟାର୍ କା ଗଠବନ୍ଧନ ୨୦୨୪ ବ୍ରାଇଡାଲ ଜୁଏଲାର କଲେକ୍ସନ୍'ର ଶୁଭାରମ୍ଭ କରାଯାଇଛି। ଯେଉଁଠାରେ ପ୍ରତ୍ୟେକ ଅଳଙ୍କାରର ଡିଜାଇନ କେବେ ଶେଷ ହେଉନଥିବା ଓ ଚିରକାଳ ଏକାଠି ରହୁଥିବା ଚିରନ୍ତର ପ୍ରେମ କାହାଣୀର ସେଲିବ୍ରେଶନର ମନ୍ତ୍ର ନିସୃତ କରୁଛି। ଗ୍ରାହକମାନେ https://sencogoldanddiamonds.com/ରେ ଏହି ସ୍ୱତନ୍ତ୍ର ଗଠବନ୍ଧନ କଲେକ୍ସନକୁ ଦେଖିପାରିବେ। ଗଠବନ୍ଧନ କେବଳ ଏକ ଗୁରୁତ୍ୱପୂର୍ଣ୍ଣ ବିବାହ ପରମ୍ପରା ନୁହେଁ। ଏହା ହେଉଛି ପ୍ରେମର ଏକ ସେଲିବ୍ରେଶନ ଯାହା ନିଜର ଏକ ପ୍ରକୃତ ଘର ପାଇଛି। ପ୍ୟାର୍ କା ଗଠବନ୍ଧନ ବ୍ରାଇଡାଲ ଜୁଏଲାର କଲେକ୍ସନର ଶୁଭାରମ୍ଭ ସମ୍ପର୍କରେ ଜୋଇତା ସେନ୍ (ସେନ୍କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ମାର୍କେଟିଂ ଓ ଡିଜାଇନ ବିଭାଗର ନିର୍ଦ୍ଦେଶକ ଓ ମୁଖ୍ୟ) କହିଛନ୍ତି, "ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ଏହାକୁ ନିଜର ସୁନ୍ଦର ଭାବେ ହାତରେ ନିର୍ମିତ,ସର୍ବଭାରତୀୟ ସ୍ତରର ବ୍ରାଇଡାଲ ଜୁଏଲାର କଲେକ୍ସନ ସହ ସେଲିବ୍ରେଟ୍ କରୁଛି, ଯାହାକୁ ଭାରତର ପ୍ରତ୍ୟେକ ଭାଗର ବଧୂମାନଙ୍କ ପସନ୍ଦ ଓ ସ୍ୱତନ୍ତ୍ର ପରମ୍ପରାଗୁଡିକୁ ଦୃଷ୍ଟିରେ ରଖି ଡିଜାଇନ କରାଯାଇଛି। ଗଠବନ୍ଧନ ବ୍ରାଇଡାଲ ଜୁଏଲାରୀ କଲେକ୍ସନ ହେଉଛି ଆଜୀବନ ପ୍ରେମର ପ୍ରତିଜ୍ଞା ପ୍ରତି ସେନ୍‌କୋର ଏକ କବିତା ସଦୃଶ ଭାବନା। ଗ୍ରାହକମାନେ ଏବେ ଗଠବନ୍ଧନର ବିସ୍ତୃତ ଶୃଙ୍ଖଳାକୁ ଅନ୍ୱେଷଣ କରିପାରିବେ ଯେଉଁଥିରେ ପୋଲ୍କି, କୁନ୍ଦନ, ଆଣ୍ଟିକ୍, ହୀରା ଓ ସୁନାର ବ୍ରାଇଡାଲ ଜୁଏଲାର ଅନ୍ତର୍ଭୁକ୍ତ ଥିବା ସ୍ୱତନ୍ତ୍ର କଲେକ୍ସନ ରହିଛି। ଗ୍ରାହକମାନେ ସେନ୍କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ଷ୍ଟୋର୍ ଓ ୱେବ୍ସାଇଟଗୁଡିକରେ ସୂକ୍ଷ୍ମ କାରିଗରୀଗୁଡିକରେ ନିମଜ୍ଜିତ ହୋଇପାରିବେ। ସମସ୍ତଙ୍କ ବଜେଟ ଓ ପସନ୍ଦ ସହ ମେଳ ଖାଇବା ପାଇଁ ଏହି କଲେକ୍ସନ ପାଇଁ ସର୍ବନିମ୍ନ ପ୍ରାରମ୍ଭିକ ମୂଲ୍ୟ ୨୫୦,୦୦୦ ଟଙ୍କା ରହିଛି।

# ଅର୍ଥନ୍ ଫାଇନାନ୍ସ ପକ୍ଷରୁ ସିରିଜ୍ ଫଣ୍ଡିଂରେ ୫୦ କୋଟି ସଂଗ୍ରହ

**ମୁମ୍ବଇ,୧୧।୬(ଏଜେନ୍ସି):**ଆତ୍ମନିଯୁକ୍ତଅତିକ୍ଷୁଦ୍ର(ନାନୋ) ଏବଂଅଣୁ(ମାଇକ୍ରୋ) ଉଦ୍ୟୋଗୀଙ୍କ ନିମନ୍ତେ ଋଣ ଯୋଗାଣରେ ସ୍ୱତନ୍ତ୍ର ସେବା ଉପଲବ୍ଧ କରାଉଥିବା ଏକ ନୂତନ ଯୁଗର ଲେଣ୍ଡିଂ ଟେକ୍ ଅଣ-ବ୍ୟାଙ୍କିଙ୍ଗ ଫାଇନାନ୍‌ସିଆଲ କମ୍ପାନୀ (ଏନବିଏଫ୍‌ସି) ଅର୍ଥନ୍ ଫାଇନାନ୍ସ, ଇନ୍‌କୋଫିନ୍ ଇଣ୍ଡିଆ ପ୍ରୋଗେସ ଫଣ୍ଡ ଏବଂ ମାଇକେଲ ଆଣ୍ଡ ସୁସାନ୍ ଡେଲ୍ ଫାଉଣ୍ଡେସନ ଭଳି ପ୍ରମୁଖ ନିବେଶକଙ୍କ ନିକଟରୁ ୫୦ କୋଟି ଟଙ୍କା ସଂଗ୍ରହ କରିଛି। ଏହି ସାନି ପାଣ୍ଠିକୁ କମ୍ପାନୀର ସମ୍ପ୍ରସାରଣ ଏବଂ ପ୍ରଯୁକ୍ତିଗତ ପ୍ରଗତି ପ୍ରକ୍ରିୟା ଆଗେଇନେବା ନିମନ୍ତେ ବିନିଯୋଗ କରାଯିବ। ଏହି ପାଣ୍ଠି ଯୋଗାଣ ପର୍ଯ୍ୟାୟ ଅର୍ଥନ୍ ଫାଇନାନ୍ସକୁ ତାହାର ଆସେଟ୍ ଅଣ୍ଡର ମ୍ୟାନେଜମେଣ୍ଟ (ଏୟୁଏମ୍)ରେ ଅଭିବୃଦ୍ଧି ଘଟାଇବା, ତାହାର ଭୌଗୋଳିକ ଉପସ୍ଥିତି ପରିବ୍ୟାପ୍ତ କରିବା ଏବଂ ଅଗ୍ରଣୀ ଏଆଇ ଓ ଏମଏଲ-ଭିତ୍ତିକ ଅଣ୍ଡରରାଇଟିଂ ସିଷ୍ଟମ୍‌ରେ ନିବେଶ କ୍ଷେତ୍ରରେ ବିନିଯୋଗ କରିବାରେ ସହାୟକ ହେବ। ଏହି ପ୍ରଯୁକ୍ତିଗତ ଉନ୍ନତ କମ୍ପାନୀର କ୍ରେଡିଟ ଆପଦ ଆକଳନ କରିବାର ସାମର୍ଥ୍ୟ ଏବଂ ଅସଂଗଠିତ କ୍ଷେତ୍ର ନିମନ୍ତେ ଆର୍ଥିକ ସମାଧାନ ପ୍ରସ୍ତୁତି, କାର୍ଯ୍ୟ ପରିଚାଳନାକୁ ଅଧିକ ଶାଣିତ କରିବା ଏବଂ ଗ୍ରାହକଙ୍କ ଅନୁଭୂତିକୁ ପରିବର୍ଦ୍ଧିତ କରିବା ସାମର୍ଥ୍ୟ ବୃଦ୍ଧି କରିବ। ଆଜି ପର୍ଯ୍ୟନ୍ତ ଅର୍ଥନ୍ ଫାଇନାନ୍ସ ପ୍ରାୟ ୮୩ କୋଟି ଟଙ୍କା ସଂଗ୍ରହ କରିସାରିଛି। ପୂର୍ବର ପାଣ୍ଠି ଯୋଗାଡ ପର୍ଯ୍ୟାୟରେ ପ୍ରତିଷ୍ଠାତାସମୂହ, ଆଞ୍ଜେଲ ନିବେଶକ ସମୂହ ଏବଂ ମାଇକେଲ ଆଣ୍ଡ ସୁସାନ୍ ଡେଲ ଫାଉଣ୍ଡେସନ ଆଦିର ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଅର୍ଥନ୍ ଫାଇନାନ୍ସର ଫାଉଣ୍ଡର୍ ଆଣ୍ଡ ଡାଇରେକ୍ଟର କୁନାଲ ମେହଟ୍ଟା କହିଛନ୍ତି, ଏହି ପାଣ୍ଠି ସଂଗ୍ରହ ଆମର ପରବର୍ତ୍ତୀ ପର୍ଯ୍ୟାୟ ଅଭିବୃଦ୍ଧି ନିମନ୍ତେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମେ ଆମର ଯୁକ୍ତିଗତ ସାମର୍ଥ୍ୟରେ ବୃଦ୍ଧି ଘଟାଇବା ଏବଂ ଉପଯୁକ୍ତ ସେବାରୁ ବଞ୍ଚିତ ଅଞ୍ଚଳରେ ଅଧିକରୁଅଧିକ ଅଣୁ ଓ ଲଘୁ ଉଦ୍ୟୋଗୀଙ୍କୁ ସେବା ଯୋଗାଇବା ନିମନ୍ତେ ଆମର ପହଞ୍ଚକୁ ପରିବ୍ୟାପ୍ତ କରିବାକୁ ପ୍ରତିବଦ୍ଧ ରହିଛୁ।

ଆଗକୁ ଆହୁରି ହେବ ଦର ବୃଦ୍ଧି

# ମେ'ରେ ଖୁଚୁରା ମୁଦ୍ରାସ୍ଫୀତି ୫ ମାସର ସର୍ବୋଚ୍ଚ ସ୍ତର ଛୁଇଁପାରେ

**ନୂଆଦିଲ୍ଲୀ,୧୧।୬(ଏଜେନ୍ସି)**

ଖାଦ୍ୟ ସାମଗ୍ରୀର ମୂଲ୍ୟ ଏବଂ ବିଶେଷ ଭାବରେ ଫଳ ଏବଂ ପନିପରିବା ମୂଲ୍ୟରେ ବୃଦ୍ଧି ହେତୁ ଚଳିତବର୍ଷ ମେ'ରେ ଖୁଚୁରା ମୁଦ୍ରାସ୍ଫୀତି ପୁଣି ଥରେ ୫.୧୪ ପ୍ରତିଶତକୁ ବୃଦ୍ଧି ପାଇପାରେ। ଯଦି ଏହା ହୁଏ ତେବେ ୨୦୨୩ ଡିସେମ୍ବର ପରଠାରୁ ମୁଦ୍ରାସ୍ଫୀତିର ଏହା ଗତ ପାଞ୍ଚ ମାସର ଉଚ୍ଚ ସ୍ତର ହେବ। ୫ ମାସ ତଳେ ସେତେବେଳେ ଖୁଚୁରା ମୁଦ୍ରାସ୍ଫୀତି ୫.୬୯ ପ୍ରତିଶତରହି ଥିଲା। ଏପ୍ରିଲରେ ଏହା ୧୧ ମାସର ସର୍ବନିମ୍ନ ସ୍ତର ୪.୮୩ ପ୍ରତିଶତକୁ ଖସିଆସିଛି।

ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍ଆଇଇ) ଅନୁଯାୟୀ ଦେଶର ଅନେକ ସ୍ଥାନରେ ତାପମାତ୍ରା ବୃଦ୍ଧି ପନିପରିବା ଏବଂ ଫସଲ ଅମଳ ଉପରେ ପ୍ରଭାବ ପକାଇଛି।




ଏହି କାରଣରୁ, ଖାଦ୍ୟ ମୁଦ୍ରାସ୍ଫୀତି ମେ' ମାସରେ ୯.୧ ପ୍ରତିଶତ ସ୍ତରକୁ ବୃଦ୍ଧି ପାଇପାରେ, ଯାହା ଏପ୍ରିଲରେ ୮.୭ ପ୍ରତିଶତ ରହିଥିଲା। ସାମଗ୍ରୀକ ମୁଦ୍ରାସ୍ଫୀତି ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ବୁଧବାର କେନ୍ଦ୍ର ସରକାର ଖୁଚୁରା ମୁଦ୍ରାସ୍ଫୀତିର ସ୍ଥିତି ଆକଳନ କରିପାରନ୍ତି। ମୂଳ ମୁଦ୍ରାସ୍ଫୀତି (ଖାଦ୍ୟ ଏବଂ ଶକ୍ତି ବ୍ୟତୀତ) ମଧ୍ୟ ମେ' ମାସରେ ୩.୩ରୁ ୩.୫ ପ୍ରତିଶତକୁ ବୃଦ୍ଧି ପାଇପାରେ। ସିଏମ୍ଆଇଇ ଅନୁଯାୟୀ, ଫଳ ଏବଂ ପନିପରିବା କ୍ଷେତ୍ରରେ ମୁଦ୍ରାସ୍ଫୀତି ହାରରେ ପ୍ରାୟ ଦୁଇ ପ୍ରତିଶତ ବୃଦ୍ଧି ଘଟିଛି। ପନିପରିବାର ମୁଦ୍ରାସ୍ଫୀତି ମଧ୍ୟ ମେ ମାସରେ ପ୍ରାୟ ୩୦ ପ୍ରତିଶତକୁ ବୃଦ୍ଧି ପାଇପାରେ, ଯାହା ଏପ୍ରିଲରେ ୨୭.୭ ପ୍ରତିଶତ ରହିଥିଲା। ଗତ ମାସରେ ପନିପରିବା ଦର ମାସିକ ଆଧାରରେ ୫.୨ ପ୍ରତିଶତ ବୃଦ୍ଧି ପାଇଥିଲା।

# ଓସନ୍ ୱାର୍ଲ୍ଡ ୱାଟର ପାର୍କରେ 'ରଜ କାର୍ଣ୍ଣିଭାଲ୍'



**ଭୁବନେଶ୍ୱର, ୧୧।୬ (ଏଜେନ୍ସି):** ଫୁଲନଖରାସ୍ଥିତ ଓସନ୍ ୱାର୍ଲ୍ଡ ୱାଟର ପାର୍କ ପକ୍ଷରୁ 'ରଜ କାର୍ଣ୍ଣିଭାଲ୍' ଘୋଷଣା କରାଯାଇଛି। ଚଳିତମାସ ୧୪ରୁ ୧୬ ତାରିଖ ତିନି ଦିନ ଧରି 'ରଜ କାର୍ଣ୍ଣିଭାଲ୍' ଅନୁଷ୍ଠିତ ହେବ। ସାଂସ୍କୃତିକ କାର୍ଯ୍ୟକ୍ରମ, ଆକର୍ଷଣୀୟ ପ୍ରତିଯୋଗିତା ଏବଂ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯିବ ଯାହା ପରିବାର ଏବଂ ବନ୍ଧୁମାନଙ୍କ ପାଇଁ ଏକ ଉତ୍ତମ ସ୍ଥଳ ହେବ। ମାତ୍ର ୭୯୯ ଟଙ୍କାରେ ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ସମେତ ସ୍ୱତନ୍ତ୍ର ରଜ ପାରମ୍ପରିକ ଖାଦ୍ୟ (ବଫେଟ୍) ଅଫର ଭାବେ ପାଇପାରିବେ। ମ୍ୟୁଜିକ୍ ପରଫରମାନ୍ସରେ ଗାୟକ ତାରିକ୍ ଅଜିଜ୍ ଏବଂ ବଲିଉଡ୍ ଗାୟିକା ପ୍ରିୟା ସିଂହ ସଙ୍ଗୀତ ପରିବେଷଣ କରିବେ ବୋଲି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଆୟୋଜକ ରବି କୁମାର କହିଛନ୍ତି। ଏଥିରେ ଶ୍ରେଷ୍ଠ ଦମ୍ପତି, ନୃତ୍ୟଶିଳ୍ପୀ, ସବୁଠାରୁ ସୁନ୍ଦର ରଜ ଗାର୍ଲ ଏବଂ ଶ୍ରେଷ୍ଠ କିଡ୍ ବର୍ଗରେ ୧୫ ପୁରସ୍କାର ରହିଥିବା ଶ୍ରୀ କୁମାର କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସୁମନ୍ ମହାପାତ୍ର ଏବଂ ଅଶୋକ ସ୍ୱାଇଁ ଉପସ୍ଥିତ ଥିଲେ।

କଠୋର ହେଲେ ବୀମା ନିୟାମକ

# ଦଲିଲ୍ ଅଭାବରୁ ଦାବିକୁ ପ୍ରତ୍ୟାଖ୍ୟାନ କରିପାରିବେନାହିଁ ବୀମା କମ୍ପାନୀ

**ନୂଆଦିଲ୍ଲୀ,୧୧।୬(ଏଜେନ୍ସି):** ଭାରତୀୟ ବୀମା ନିୟାମକ ଏବଂ ବିକାଶ ପ୍ରାଧିକରଣ (ଆଇଆରଡିଏଆଇ) ମଙ୍ଗଳବାର ଦିନ ବୀମା କମ୍ପାନୀଗୁଡିକୁ ଦାବି ସମ୍ପର୍କରେ କଡା ନିର୍ଦ୍ଦେଶ ଦେଇଛି। ଆଇଆରଡିଏଆଇ କହିଛି ଯେ ସାଧାରଣ ବୀମା କମ୍ପାନୀଗୁଡିକ ଏଣିକି ଡକ୍ୟୁମେଣ୍ଟ ବା ଦଲିଲ୍ ଅଭାବ ଦର୍ଶାଇ କୌଣସି ଦାବିକୁ ପ୍ରତ୍ୟାଖ୍ୟାନ କରିପାରିବେନାହିଁ। ଏହି ପରିପ୍ରେକ୍ଷୀରେ ନିୟାମକଙ୍କ ପକ୍ଷରୁ ଏକ ମାଷ୍ଟର ସର୍କୁଲାର ଜାରି କରାଯାଇଛି। କୁହାଯାଉଛି ଯେ, ଏହା ସରଳ ଏବଂ ଗ୍ରାହକ କେନ୍ଦ୍ରିକ ବୀମା ସମାଧାନ ପାଇଁ ଏକ ନୂତନ ଯୁଗ ସୃଷ୍ଟି କରିବ। ଗ୍ରାହକଙ୍କ ବ୍ୟକ୍ତିଗତ ଆବଶ୍ୟକତା ପୂରଣ କରିବା ପାଇଁ ସହଜ ବୁଝା ପଡୁଥିବା ବୀମା ଉତ୍ପାଦର ବ୍ୟବସ୍ଥା କରାଯାଇଛି। ଏହାସହିତ ଗ୍ରାହକଙ୍କୁ ପର୍ଯ୍ୟାପ୍ତ ବିକଳ୍ପ ଯୋଗାଇବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି।

ଚୀନ୍, ଆମେରିକା କାରଣରୁ ଚମକ ହରାଉଛି ରୁପା

# ଦୁଇ ସପ୍ତାହରେ ଦର ୮ ହଜାରରୁ ଅଧିକ ହ୍ରାସ


**ନୂଆଦିଲ୍ଲୀ,୧୧.୬(ଏଜେନ୍ସି):** ବିଗତ ଦୁଇ ସପ୍ତାହ ହେବ ଦେଶରେ ରୂପା ମୂଲ୍ୟରେ ଏକ ବୃହତ୍ ହ୍ରାସ ଘଟିଛି। ମେ' ୨୯ରେ ରୂପା ମୂଲ୍ୟ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଥିଲା। ସେବେଠାରୁ ରୂପା ମୂଲ୍ୟରେ କ୍ରମାଗତ ଭାବ ହ୍ରାସ ଘଟିବାରେ ଲାଗିଛି। ନୂଆଦିଲ୍ଲୀରୁ ନ୍ୟୁୟର୍କ ଯାଏ ରୂପା ମୂଲ୍ୟରେ ଏକ ବଡ ହ୍ରାସ ଦେଖିବାକୁ ମିଳୁଛି। ଯଦି ଆମେ ଭାରତ ବିଷୟରେ କହିବା,ତେବେ ଘଷରାଇ ବଜାରରେ ପ୍ରାୟ ଦୁଇ ସପ୍ତାହ ମଧ୍ୟରେ ରୂପା ମୂଲ୍ୟରେ ୮.୫୦ ପ୍ରତିଶତରୁ ଅଧିକ ହ୍ରାସ ଘଟିଛି। ବିଶେଷଜ୍ଞଙ୍କ ଅନୁଯାୟୀ ଡଲାର ସୂଚକାଙ୍କରେ ବୃଦ୍ଧି ହେତୁ ରୂପା ମୂଲ୍ୟରେ ହ୍ରାସ ଘଟିଛି। ଅନ୍ୟପକ୍ଷରେ ଚୀନ୍ ସୁନା କିଣିବା ନେଇ ଘୋଷଣା କରିବା ପରଠାରୁ ରୂପା ମୂଲ୍ୟରେ ହ୍ରାସ ଦେଖାଯାଉଛି। ମଙ୍ଗଳବାର ଦିନ ମଧ୍ୟ ରୂପା ମୂଲ୍ୟରେ ୧୮୦୦ ଟଙ୍କାରୁ ଅଧିକ ହ୍ରାସ ଘଟିଛି।

ମଙ୍ଗଳବାର ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ରୁପା ମୂଲ୍ୟରେ ଏକ ବଡ ହ୍ରାସ ଦେଖିବାକୁ ମିଳିଛି। ତଥ୍ୟ ଅନୁଯାୟୀ, ବାଣିଜ୍ୟ ଅଧିବେଶନରେ ରୂପା ମୂଲ୍ୟରେ ୧୮୬୧ ଟଙ୍କା ହ୍ରାସ ଘଟିଥିବାର ଦେଖାଯାଇଛି। ଫଳରେ ବାଣିଜ୍ୟ ଅଧିବେଶନରେ ରୁପା କିଲୋଗ୍ରାମ ପିଛା ୮୮,୧୬୧ ଟଙ୍କାରେ ପହଞ୍ଚିଛି। ତେବେ ଆଜି ରୁପା କିଲୋ ପିଛା ୮୯,୧୦୦ ଟଙ୍କାରୁ କାରବାର ଆରମ୍ଭ କରିଛି। ସୋମବାର ଦିନ ବଜାର ବନ୍ଦ ହେବାପରେ ରୂପା ମୂଲ୍ୟ କିଲୋଗ୍ରାମ ୯୦.୦୨୨ ଟଙ୍କା ରହିଥିଲା। ଦୁଇ ଯଦି ଆମେ ଦୁଇ ସପ୍ତାହ କଥା ଦେଖିବା ତେବେ ରୁପା ମୂଲ୍ୟ ୮ ପ୍ରତିଶତରୁ ଅଧିକ ହ୍ରାସ ହୋଇଛି ଜଣାପଡିବ। ବାସ୍ତବରେ, ମେ ୨୯ ରେ ମଲ୍ଟି କମୋଡିଟି ଏକ୍ସଚେଞ୍ଜରେ ରୂପା ମୂଲ୍ୟ କିଲୋଗ୍ରାମ ପିଛା ୯୬,୪୯୩ ଟଙ୍କା ସ୍ତରରେ ପହଞ୍ଚିଥିଲା। ଏହାପରେ ଆଜି ନୂଆଦିଲ୍ଲୀରେ ରୁପା କିଲୋଗ୍ରାମ ପିଛା ୮୮,୧୬୧ ଟଙ୍କାର ନିମ୍ନ ସ୍ତରକୁ ଆସିଥିଲା। ଏହାର ଅର୍ଥ ହେଉଛି ପ୍ରାୟ ଦୁଇ ସପ୍ତାହ ମଧ୍ୟରେ ରୂପା ମୂଲ୍ୟ ୮.୬୩ ପ୍ରତିଶତ ଅର୍ଥାତ୍ କିଲୋଗ୍ରାମ ପିଛା ୮୩୩୨ ଟଙ୍କା ଶସ୍ତା ହୋଇଛି। ଯଦି ବିଶେଷଜ୍ଞମାନଙ୍କ ଆକଳନକୁ ବିଶ୍ୱାସ କରାଯାଏ, ତେବେ ଆଗାମୀ ଦିନରେ ରୁପା ମୂଲ୍ୟରେ ଆହୁରି ହ୍ରାସ ଘଟିପାରେ। ମେ ୨୯ରେ ରୂପା ମୂଲ୍ୟ କିଲୋଗ୍ରାମ ପାଇଁ ୯୬,୪୯୩ ଟଙ୍କା ରହିଥିଲା। ପ୍ରାୟ ୫ ମାସ ମଧ୍ୟରେ ରୁପା ନିବେଶକମାନଙ୍କୁ ୨୬.୫୦ ପ୍ରତିଶତ ରିଟର୍ଣ୍ଣ ଦେଇଥିଲା | ଯଦି ବର୍ତ୍ତମାନର ମୂଲ୍ୟ ସହିତ ତୁଳନା କରାଯାଏ, ରୂପା ଚଳିତ ବର୍ଷ ପ୍ରାୟ ୧୬ ପ୍ରତିଶତ ରିଟର୍ଣ୍ଣ ଦେଇଛି। ଏହାର ଅର୍ଥ ହେଉଛି ରୁପା ମୂଲ୍ୟରେ ୧୧,୯୧୨ ଟଙ୍କା ବୃଦ୍ଧି ପାଇଛି।



ପାଞ୍ଚ ମାସରେ ରୁପା ନିବେଶକଙ୍କୁ ୨୬.୫୦% ରିଟର୍ଣ୍ଣ ଦେଇଛି

ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାର ହ୍ରାସ କରିବାର ସମ୍ଭାବନା ହ୍ରାସ ବଢ଼ିଯାଇଛି। ଯାହାର ପ୍ରଭାବ ଡଲାର ସୂଚକାଙ୍କରେ ଦୃଶ୍ୟମାନ ହେଉଛି। ବର୍ତ୍ତମାନ ଡଲାର ସୂଚକାଙ୍କ ୧୦୫.୨୬ ଟଙ୍କା ରେ ପହଞ୍ଚିଛି। ଚଳିତ ବର୍ଷ ଡଲାର ସୂଚକାଙ୍କରେ ପ୍ରାୟ ୪ ପ୍ରତିଶତ ବୃଦ୍ଧି ଘଟିଛି। ଚୀନ୍ ପ୍ରାୟ ୧୮ ମାସ ପରେ ସୁନା ସଂରକ୍ଷଣ ବୃଦ୍ଧି କରିବାକୁ ଘୋଷଣା କରିଛି। ଏହାର ଅର୍ଥ ହେଉଛି ଚୀନ୍ ଆଉ ଆକ୍ରମଣାତ୍ମକ ଭାବରେ ସୁନା କିଣିବ ନାହିଁ। ଯେଉଁ କାରଣରୁ ଚାହିଦା ପ୍ରଭାବ ଦେଖାଯିବ ଏବଂ ମୂଲ୍ୟ ହ୍ରାସ ପାଇବ। ଗତ ତିନି ଦିନ ଧରି ସୁନା ଦର କ୍ରମାଗତ ଭାବେ ହ୍ରାସ ପାଉଛି। ଯାହାର ପ୍ରଭାବ ରୂପୁ ମୂଲ୍ୟରେ ମଧ୍ୟ ଦେଖାଯାଇଛି।



# ଶାହିଦ୍‌ଙ୍କ ଫିଲ୍ମରେ ରାଣାଙ୍କ ଏଣ୍ଟ୍ରି



ବଲିଉଡ୍ ଅଭିନେତା ଶାହିଦ୍ କପୁର ଏବେ ତାଙ୍କର ଆଗାମୀ ଫିଲ୍ମଗୁଡ଼ିକୁ ନେଇ ବେଶ୍ ଚର୍ଚ୍ଚାରେ । ଶାହିଦ୍ କପୁର ଏବେ ଦୁଇଟି ବଡ଼ ପ୍ରୋଜେକ୍ଟରେ କାମ କରୁଛନ୍ତି । ଶାହିଦ୍ ଶେଷ ଥର ପାଇଁ 'ତେରି ବାତୋଁ ମେଁ ଏସା ଉଲଝା ଜିଆ' ଫିଲ୍ମରେ ଦେଖାଯାଇଥିଲେ । ଏଥିରେ ଶାହିଦ୍‌ଙ୍କ ସହ କ୍ରିତି ସାନନ୍ ନଜର ଆସିଥିଲେ । ଏହି ଫିଲ୍ମକୁ ଦର୍ଶକୀୟ ଆଦୃତି ମିଳିଥିଲା । ଏବେ ଶାହିଦ୍ ଯେଉଁ ଦୁଇଟି ଫିଲ୍ମକୁ ନେଇ ଖବରରେ ରହିଛନ୍ତି ତାହା ହେଉଛି-'ଅଶ୍ୱତ୍ଥାମା : ଦ ସାଗା କଣ୍ଟିନ୍ୟୁଜ୍' ଓ 'ଛତ୍ରପତି ଶିବାଜୀ ମହାରାଜ' । ଅମିତ୍ ରାୟଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଛତ୍ରପତି ଶିବାଜୀ ମହାରାଜ'ରେ ସେ ମହାନ୍ ଯୋଦ୍ଧା ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମିକାରେ ନଜର ଆସିବେ । ଏବେ ଏହି ଫିଲ୍ମରେ ସାଉଥ୍‌ର ଲୋକପ୍ରିୟ ରାଣା ଦଗ୍ଗୁବତିଙ୍କ ଏଣ୍ଟ୍ରି ହୋଇଛି । ଔରଙ୍ଗଜେବ୍ ଭୂମିକାରେ ରାଣାଙ୍କୁ ନେବା ପାଇଁ ଫିଲ୍ମ ନିର୍ମାତା ବିଚାର କରୁଛନ୍ତି । କାରଣ ଔରଙ୍ଗଜେବ ଭୂମିକା ପାଇଁ ଅମିତଙ୍କ ପ୍ରଥମ ପସନ୍ଦ ସାଜିଛନ୍ତି ରାଣା । ରାଣା ଏହାପୂର୍ବରୁ 'ବାହୁବଳୀ' ଚଳଚ୍ଚିତ୍ରରେ ଭଲ୍ଲାଳଦେବ ଭୂମିକାରେ ଚମତ୍କାର ଅଭିନୟ କରିଥିଲେ । ଏବେ 'ଛତ୍ରପତି ଶିବାଜୀ ମହାରାଜ'ର ପ୍ରିପ୍ରଡକ୍ସନ କାମ ଚାଲିଛି । ଚଳିତବର୍ଷ ଡିସେମ୍ବରରେ ଏହାର ସୁଟିଂ ଆରମ୍ଭ ହେବ ବୋଲି ଜଣାପଡ଼ିଛି ।

## ଆଜିର ଇତିହାସ

- ୧୩୮୧: ଇଂଲଣ୍ଡରେ ଚାଷୀମାନଙ୍କ ବିଦ୍ରୋହ ।
- ୧୯୨୬: ବ୍ରାଜିଲ ଲିଗ୍ ଅଫ୍ ନେସନରୁ ଓହରିବା ପାଇଁ ନିଷ୍ପତ୍ତି ନେଲା ।
- ୧୯୬୪: ଦକ୍ଷିଣ ଆଫ୍ରିକାରେ ବର୍ଣ୍ଣବୈଷମ୍ୟ ବିରୋଧରେ ଆନ୍ଦୋଳନ କରୁଥିବା ନେତା ନେଲସନ ମଣ୍ଡେଲାଙ୍କୁ ଆଜୀବନ କାରାଦଣ୍ଡ ।
- ୧୯୯୮- ଭାରତ ଓ ପାକିସ୍ତାନ ପରମାଣୁ ପରୀକ୍ଷା କରିଥିବାରୁ ଜି-୮ ଦେଶଗୁଡ଼ିକ ଉଭୟ ଦେଶକୁ ଋଣ ନ ଦେବା ପାଇଁ ନିଷ୍ପତ୍ତି ନେଲେ ।
- ୨୦୦୧- ସୀମା ପ୍ରସଙ୍ଗରେ ଭାରତ-ବାଂଲାଦେଶ କଥାବାର୍ତ୍ତା ଆରମ୍ଭ କଲେ ।
- ୨୦୦୨- ବାଳ ଶ୍ରମ ନିଷେଧ ଦିବସ ପାଳନ ଆରମ୍ଭ ।

# ପେମେଣ୍ଟ ସହ ଏକାଧିକ କାମ କରୁଛି ହାତର ମାଇକ୍ରୋଚିପ୍

ସମ୍ପ୍ରତି ବିଜ୍ଞାନର ଯୁଗ । ଦୈନନ୍ଦିନ ଜୀବନରେ ମନୁଷ୍ୟ ସହ ବିଜ୍ଞାନ ଓତପ୍ରୋତ ଭାବେ ଜଡ଼ିତ ହୋଇଯାଇଛି । ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ସୌରମଣ୍ଡଳ ସବୁଠି ବିଜ୍ଞାନର ଚମତ୍କାରିତା ଦେଖିବାକୁ ମିଳିଥାଏ । କେବଳ ସେତିକି ନୁହେଁ, ସମ୍ପ୍ରତି ଛୋଟ ଛୋଟ ମାଇକ୍ରୋଚିପ୍ ମଧ୍ୟ ମନୁଷ୍ୟର ଅନେକ କାମକୁ ସହଜ ଓ ସରଳ କରିଦେଖାଉଛି । ଯଦିଓ ପୂର୍ବରୁ କେବଳ ଚଳଚ୍ଚିତ୍ରରେ ମଣିଷ ଦେହରେ ଚିପ୍ ଖଞ୍ଜାଯାଇ ତାଙ୍କୁ ଟ୍ରେସ୍ କରାଯାଉଥିବା ଦେଖିବାକୁ ମିଳୁଥିଲା, ହେଲେ ଏବେ ଲୋକେ ଏହି ମାଇକ୍ରୋଚିପ୍‌କୁ ନିଜ ଶରୀରରେ ରଖି ଅନେକ କାମକୁ ସମ୍ଭବ କରିପାରୁଛନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ନିକଟରେ ଜଣେ ଯୁବକଙ୍କଠାରେ ଦେଖିବାକୁ ମିଳିଛି । ସାମାଜିକ ଗଣମାଧ୍ୟମରେ ଯୁବକଙ୍କ ନିଆରା ବୁଦ୍ଧି ସମସ୍ତଙ୍କୁ ଚକିତ କରିଛି । କାରଣ ଯୁବକ ଜଣକ ଏକ ଛୁଞ୍ଚି ସାହାଯ୍ୟରେ ଗୋଟିଏ ଚିପ୍‌କୁ ନିଜର ହାତ ମଧ୍ୟରେ ପ୍ରବେଶ କରାଇ କିପରି ସେହି ହାତକୁ ସ୍କାନର ଭାବେ ବ୍ୟବହାର କରୁଛନ୍ତି ତାହା ଦେଖିବାକୁ ମିଳିଛି । ଯୁବକ ଜଣକ ସେହି ହାତ ମାଧ୍ୟମରେ ସ୍କାନ୍ କରି କାର୍ ଖୋଲିବା ସହ କ୍ୟାସଲେସ୍ ପେମେଣ୍ଟ ମଧ୍ୟ କରୁଛନ୍ତି ।



ଇନ୍‌ଷ୍ଟାଗ୍ରାମରେ ଶେୟାର କରାଯାଇଥିବା ଏହି ଭିଡିଓର କ୍ୟାପସନ୍ ଲେଖାଯାଇଛି , ଇଲେକ୍ଟ୍ରୋନିକ ଡିଜିଟାଲ ଚିପ୍ ପ୍ରତ୍ୟାରୋପିତ କରିଥିବା ପ୍ରଥମ ମିଶରବାସୀ । ଭାଇରାଲ ହୋଇଥିବା ଭିଡିଓରେ ଦେଖାଯାଇଛି, ବ୍ୟକ୍ତି ଜଣକ ଇଞ୍ଜେକସନ୍ ପରି ଛୁଞ୍ଚି ଜରିଆରେ ଏକ ଛୋଟ ଟ୍ୟୁବ୍‌ଯୁକ୍ତ ମାଇକ୍ରୋଚିପକୁ ହାତ ଭିତରେ ରଖୁଛନ୍ତି । ଏହାପରେ ହାତର ଏକ୍ସ୍‌ରେରେ ପତଳା ମାଇକ୍ରୋଚିପ୍ ନଜର ଆସୁଛି । ପରେ ପରେ ଯୁବକ ଜଣକ ନିଜର ହାତକୁ ସ୍କାନ କରି କାର୍ଡ ପେମେଣ୍ଟ କରୁଥିବାର ଦେଖାଯାଇଥିଲା । ସେ ହାତକୁ ସ୍କାନ କରି ନିଜ କାରକୁ ଖୋଲିବାରେ ମଧ୍ୟ ସଫଳ ହୋଇଥିଲେ । ଯୁବକଙ୍କର ଏହି ଭିଡିଓଟି ଇନ୍‌ଷ୍ଟାଗ୍ରାମ୍ ଟିଡି.ଡଲ୍‌ଫ ନାମକ ଆକାଉଣ୍ଟରେ ସେୟାର କରାଯାଇଥିଲା । କେହି କେହି ଯୁବକଙ୍କ ଏହି କାମକୁ ପ୍ରଶଂସା କରିଥିବାବେଳେ ଅନେକ ଏଥିରେ ନକାରାତ୍ମକ ମତ ରଖିଥିଲେ । ସବୁଠୁ ମଜାଦାର କଥା ହେଉଛି, ଅଧିକାଂଶ ମହିଳା ନିଜ ସ୍ୱାମୀଙ୍କ ଉପରେ ନଜର ରଖିବାକୁ ଏହାର ବ୍ୟବହାର ଲାଭପ୍ରଦ ବୋଲି ମତ ରଖିଥିଲେ ।

# ସ୍ମାର୍ଟ ବେଡ୍



ସାଧାରଣତଃ ସମୟ ଅନୁଯାୟୀ ଲୋକଙ୍କ ବେଶପୋଷାକ, ଖାଦ୍ୟରୁଚି ଆଦିରେ ବହୁ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ସେହିପରି ବଦଳୁଥିବା ସମୟକୁ ଦୃଷ୍ଟିରେ ରଖି ସ୍ମାର୍ଟଫୋନ୍, ସ୍ମାର୍ଟଟିଭି, ସ୍ମାର୍ଟ ଏସି ଭଳି ଉପକରଣ ପ୍ରସ୍ତୁତ କରାଯାଉଛି । ଲୋକେ କାଠ ନିର୍ମିତ ବେଡ୍ ବିଷୟରେ ଅବଗତ । ଏବେ କିନ୍ତୁ ସ୍ମାର୍ଟ ବେଡ୍‌କୁ ନେଇ ଚର୍ଚ୍ଚା । 'ଦ ସ୍ଲିପ୍' ନାମକ କମ୍ପାନୀ 'ମେଟାଲ ଇଲଭ୍- ୮ ସ୍ମାର୍ଟ ରିକ୍ଲିନର୍' ନାମକ ବେଡ୍‌କୁ ପରିଚିତ କରାଇଛି । ଏହା ନାସା ଟେକ୍ନୋଲଜି ଆଧାରରେ କାମ କରିଥାଏ ବୋଲି ଏହାକୁ ନିର୍ମାଣ କରିଥିବା କମ୍ପାନି ପକ୍ଷରୁ କୁହାଯାଇଛି । ଏହି ବେଡ୍‌ରେ ଶୋଉଥିବା ଲୋକେ ରିଲାକ୍ସ ହେବା ପାଇଁ ସମସ୍ତ ସୁବିଧା ରହିଛି । ଏଥିରେ ଗ୍ରାଭିଟି ସ୍ଲିପ୍ ମୋଡ୍ ଫିଚର୍ ଅଛି, ଯାହାକି ଶରୀର ଅନୁସାରେ ବଡ଼ ଛୋଟ ହୋଇଥାଏ । ଏହାସହ ଏଥିରେ ମସାଜ୍ ସୁବିଧା ମଧ୍ୟ ରହିଛି । ବେଡ୍‌ରେ ଜଣେ ଶୋଇବା ମାତ୍ରେ ଏଥିରେ ଅଟୋମେଟିକ୍ ମସାଜ୍ ସୁବିଧା ରହିଛି । ଏହାବାଦ୍ ଏଥିରେ ଟିଭି ମୋଡ୍, ରିଡିଙ୍ଗ୍ ମୋଡ୍ ସହ ବିଭିନ୍ନ ପ୍ରକାର ସୁବିଧା ରହିଛି । ଆରାମ କରିବା ସମୟରେ ଏହାକୁ ବ୍ୟବହାର କରିପାରିବେ । ତେବେ ଏହି କିଙ୍ଗ୍ ସାଇଜ ସ୍ମାର୍ଟ ବେଡ୍‌ର ମୂଲ୍ୟ ୧ ଲକ୍ଷ ଟଙ୍କା ରହିଥିବାବେଳେ, କ୍ୱିନ୍ ସାଇଜର ମୂଲ୍ୟ ୯୫,୯୫୦ ଟଙ୍କା ରହିଛି । ସେହିପରି ଏହି ସ୍ମାର୍ଟ ବେଡ୍‌ର ଥିବା ଫିଚରଗୁଡ଼ିକୁ ବହୁ ସହଜରେ ନିୟନ୍ତ୍ରଣ କରାଯାଇପାରେ । ଏହି ବେଡ୍ ସହ ଏକ ରିମୋଟ୍ ରହିଥାଏ, ଯାହା ବେଡ୍‌ଟିକୁ ପରିଚାଳନା କରିବାରେ ସହାୟକ ହୋଇଥାଏ ।

# ର୍ୟାମ୍ପରେ ଛେଳି



ଫ୍ୟାଶନ୍ ଶୋଗୁଡ଼ିକରେ ସାଧାରଣତଃ ପୁରୁଷ ଓ ମହିଳାମାନେ ର୍ୟାମ୍ପ୍ ୱାକ୍ କରିଥାନ୍ତି । କିନ୍ତୁ ନିକଟରେ ମଧ୍ୟ ପ୍ରଦେଶ ଭୋପାଳରେ ଏକ ନିଆରା ରାମ୍ପୱାକ୍ ଦେଖିବାକୁ ମିଳିଛି । ଯେଉଁଠି ମଣିଷ ପରିବର୍ତ୍ତେ ଛେଳିମାନେ ର୍ୟାମ୍ପୱାକ୍ କରୁଥିବାର ଦେଖାଯାଇଛି । ଭୋପାଳର ଲାମ୍ବାଖେଡାରେ ଥିବା ଡ୍ରିମ୍ ଗାର୍ଡେନ୍‌ରେ ଏହି ର୍ୟାମ୍ପ୍ ଶୋ'ର ଆୟୋଜନ କରାଯାଇଥିଲା । ଯେଉଁଥିରେ ଭୋପାଳର ୨୫ଟି ଛେଳି ଭାଗ ନେଇ ରାମ୍ପୱାକ୍ କରିଥିଲେ । ରଙ୍ଗବେରଙ୍ଗର ଆଲୋକ ସାଙ୍ଗକୁ ସଙ୍ଗୀତର ତାଳେ ତାଳେ, ଛେଳିମାନେ ନିଜ ମାଲିକମାନଙ୍କ ସହିତ ର୍ୟାମ୍ପୱାକ୍ କରିଥିଲେ । ଏଭଳି ଏକ ନିଆରା ର୍ୟାମ୍ପୱାକ୍ ଦେଖିବାକୁ ବହୁ ସଂଖ୍ୟକ ଲୋକଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା । ଏହି ର୍ୟାମ୍ପ୍‌ୱାକ୍‌ରେ କିଙ୍ଗ୍ ନାମକ ଛେଳି ଶୋ'ର ମୁଖ୍ୟ ଆକର୍ଷଣ ପାଲଟିଥିଲା । ଇବ୍ରାହିମ୍ ଗୋଟ ଫାର୍ମର ମାଲିକ ସୋହେଲ ଅହମ୍ମଦଙ୍କ ୧୭୭ କେଜି ଓଜନର ଛେଳି କିଙ୍ଗ୍ ଏହି ଶୋ'ର ବିଜେତା ହୋଇଥିଲା । କେବଳ ସେତିକି ନୁହେଁ, କିଙ୍ଗ୍ ଶୋ'ର ସବୁଠୁ ବଡ଼ ଓ ମହଙ୍ଗା ଛେଳି ଥିଲା । କିଙ୍ଗ୍ ବିଷୟରେ ଉଲ୍ଲେଖନୀୟ କଥାଟି ହେଲା କାଜୁ, ଆଲମଣ୍ଡ, ପିସ୍ତା, ଅଞ୍ଜିର ଓ ଖଜୁରି ଆଦି ସେ ଖାଇଥାଏ । ସେହିପରି କିଙ୍ଗ୍ ଅଧିକ ଗରମ ସହି ପାରୁନଥିବାରୁ ତାକୁ ସର୍ବଦା କୁଲରରେ ରଖାଯାଇଥାଏ । ବିଭିନ୍ନ ସଂକ୍ରମଣରୁ ରକ୍ଷା କରିବା ପାଇଁ କିଙ୍ଗ୍‌ର ଟିକାକରଣ ମଧ୍ୟ କରାଯାଇଛି । ଏହି ଛେଳିଟି ଅଧିକ ବଳଶାଳୀ ହୋଇଥିବାରୁ ଏହାକୁ ଜଣେ ଏକାକୀ ସମ୍ଭାଳିବା ସହଜ ନୁହେଁ । ମୁମ୍ବାଇରୁ ଆସିଥିବା ବ୍ୟବସାୟୀ ଓଭର କାଗେଜି କିଙ୍ଗ୍‌କୁ ୨୧ ଲକ୍ଷ ଟଙ୍କା ଦେଇ କିଣିଥିଲେ ।

## ଅବଜ ଦଣ୍ଡ

# ଟ୍ରେଡ୍‌ମିଲ୍‌ରେ ଦୌଡ଼ିଲା ଚୋର

ଅନେକ ସମୟରେ ଚୋରଟିଏ ଧରାପଡ଼ିଲେ ଲୋକେ ଚୋରକୁ ଅତି ନିର୍ମମ ଭାବେ ମାଡ଼ ମାରୁଥିବାର ଦେଖିବାକୁ ମିଳିଥାଏ । ଏବେ ମଧ୍ୟପ୍ରଦେଶର ଦତିୟା ସହରରେ ଜଣେ ଚୋରକୁ ଦିଆଯାଇଥିବା ଦଣ୍ଡ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏପରିକି ଏହାର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରାଯାଇଛି । କୋତବାଲି ଥାନା ଅଞ୍ଚଳରେ ଥିବା ଗୋଟିଏ ଜିମ୍‌କୁ ରାତିଅଧରେ ଜଣେ ନାବାଳକ ଚୋରି କରିବା ପାଇଁ ଆସିଥିଲା । ତେବେ ଏହି ସମୟରେ ମାଲିକ ମୋବାଇଲରେ ସିସିଟିଭି କ୍ୟାମେରା ଦେଖିବାରୁ କେହି ଜଣେ ଜିମ୍‌ରେ ଥିବାର ସେ ଜାଣିଲେ । ସେଇଠୁ ସେ ସିଧା ନିଜ ଜିମ୍‌ରେ ଆସି ପହଞ୍ଚିଲେ । ଯଦିଓ ସମ୍ପୃକ୍ତ ମାଲିକ ଏଥିରେ ବହୁତ ରାଗି ଯାଇଥିଲେ ତଥାପି ଚୋରକୁ ସେ ଉଚିତ ଶିକ୍ଷା ଦେବା ପାଇଁ ଯାହା କଲେ, ତାହା ଚର୍ଚ୍ଚାର ପ୍ରସଙ୍ଗ ହୋଇଛି । ଜିମ୍ ମାଲିକ ଜଣକ ମାଡପିଟ୍ ନ କରି ଭିନ୍ନ ତରିକାରେ ଦଣ୍ଡ ଦେଇଛନ୍ତି । ଚୋରକୁ ସଜା ପୂର୍ବକ ସେ ଟ୍ରେଡ୍‌ମିଲରେ ଦୌଡ଼ାଇଛନ୍ତି । ଅବଶ୍ୟ ଟ୍ରେଡ୍‌ମିଲ୍‌ର ସ୍ପିଡକୁ ଦ୍ରୁତ ବେଗରେ ସେ ସେଟ୍ କରିଥିଲେ । ଏହାପରେ ଚୋରକୁ ସେଥିରେ ଦୌଡ଼ିବା ପାଇଁ କହିଥିଲେ । ଏପରିକି ଚୋର ଦୀର୍ଘ ସମୟ ପର୍ଯ୍ୟନ୍ତ ଟ୍ରେଡ୍‌ମିଲ୍‌ରେ ଦୌଡ଼ି ଥକ୍କି ପଡ଼ିବା ପରେ ସମ୍ପୃକ୍ତ ଜିମ୍ ମାଲିକ ପୁଲିସ୍‌କୁ ଡାକିଥିଲେ । ଅନ୍ୟପକ୍ଷରେ ଏ ନେଇ ଜିମ୍ ମାଲିକ ଜଣକ କୌଣସି ମାମଲା ରୁଜୁ କରି ନାହାନ୍ତି ।




# ଅଧିକ ସମୟ ଉଜାଗର ରହୁଥିଲେ...

**ଆଜିକାଲି ଲୋକେ ଆଉ ଜଲ୍‌ଦି ଶୋଉ ନାହାନ୍ତି । ରାତି ଅଧ ପର୍ଯ୍ୟନ୍ତ ମୋବାଇଲ୍ ଦେଖୁଛନ୍ତି । ତେବେ ଏହା ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଉଥିବାର ଦେଖାଯାଉଛି । ନିୟମିତ ବିଳମ୍ବିତ ରାତି ଯାଏ ଉଜାଗର ରହିବା ଯୋଗୁ ଧୀରେ ଧୀରେ ଅନେକ ରୋଗ ମାଡ଼ିବସେ । ସୁସ୍ଥ ରହିବା ପାଇଁ ଜଣେ ଅତିକମ୍‌ରେ ୭ରୁ ୮ ଘଣ୍ଟା ଶୋଇବା ନିହାତି ଜରୁରୀ । ଏହାଠାରୁ କମ୍ ସମୟ ଶୋଉଥିବା ଲୋକଙ୍କୁ ଅକାଳରେ ଅନେକ ରୋଗ ମାଡ଼ିବସେ । ତେବେ ୮ ଘଣ୍ଟା ଶୋଇବା ପାଇଁ ସକାଳେ ଅଧିକ ସମୟ ଶୋଇ ରହିବା ମଧ୍ୟ ଠିକ୍ ନୁହେଁ । ଏଥିଯୋଗୁ ମଧ୍ୟ ସ୍ୱାସ୍ଥ୍ୟ ବିଗିଡ଼ିପାରେ ।**

- ଯେପରି ରାତିରେ ଅଧିକ ସମୟ ଉଜାଗର ରହିଲେ ମେଟାବଲିଜିମ୍ ସ୍ଲୋ ହୋଇଯାଏ, ସେହିଭଳି ସକାଳେ ଅଧିକ ସମୟ ଶୋଇ ରହିଲେ ଏହି ସମସ୍ୟା ଦେଖାଯାଇଥାଏ । କେବଳ ସେତିକି ନୁହେଁ ରାତିରେ ଅଧିକ ସମୟ ଚେଇଁଲେ ଜଣେ ମେଦବୃଦ୍ଧିରେ ଆକ୍ରାନ୍ତ ହୋଇପାରନ୍ତି । କାରଣ ରାତିରେ ଜଣେ ଅଧିକ ସମୟ ଚେଇଁଲେ ସକାଳୁ ସେ ଉଠି ପାରନ୍ତି ନାହିଁ । ଫଳରେ ସକାଳେ ବ୍ୟାୟାମ କରନ୍ତି ନାହିଁ କି ଜଳଖିଆ ମଧ୍ୟ ଖାଇପାରନ୍ତି ନାହିଁ । ଏଥିଯୋଗୁଁ ମେଦବୃଦ୍ଧି ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ ।
- ରାତିରେ ଅଧିକ ସମୟ ଅନିଦ୍ରା ରହୁଥିବା ଲୋକେ ସକାଳେ ଶୋଇ ରହିଥାନ୍ତି । ଫଳରେ ଏହାର ପ୍ରଭାବ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ପଡ଼ିଥାଏ । ଏଥିଯୋଗୁଁ ଜଣେ ଚିଡ଼୍‌ଚିଡ଼ା ହେବା ସହ କଥା କଥାରେ ରାଗିଯାନ୍ତି । ଏଥିଯୋଗୁ କାମ ମଧ୍ୟ ପ୍ରଭାବିତ ହୋଇଥାଏ ।
- ସେହିଭଳି ରାତିରେ ଅଧିକ ସମୟ ଉଜାଗର ରହିବାରୁ ପାଚନ ସମ୍ପର୍କୀୟ ସମସ୍ୟା ଦେଖାଯାଇଥାଏ । ଏଥିଯୋଗୁ ଏସିଡିଟି, ବଦହଜମୀ, ଅର୍ଶ ଆଦି ସମସ୍ୟା ଦେଖାଯାଇଥାଏ ।



# ଭାସମାନ ମଣ୍ଡପ



ବିବାହକୁ ସ୍ମରଣୀୟ କରିବା ପାଇଁ ଆଜିକାଲି ଲୋକେ ଅନେକ କିଛି କରୁଛନ୍ତି । ସେହିପରି ବିବାହକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରୁଛି ବିବାହ ମଣ୍ଡପର ସାଜସଜ୍ଜା । ତେବେ ଏବେ ଚିରାଚରିତ ମଣ୍ଡପର ସ୍ଥାନ ନେଇଛି ଭାସମାନ ବିବାହ ମଣ୍ଡପ । ବେଙ୍ଗାଲୁରୁରେ ନିର୍ମାଣ କରାଯାଇଛି ଭାରତର ପ୍ରଥମ ଭାସମାନ ବିବାହ ମଣ୍ଡପ । ଏହାକୁ ପରିଚିତ କରାଇଛି ଅରା । ନେଫରଟିଟି ୱେଡିଂ ସହ ମିଶି ଏଭଳି ଏକ ନିଆରା ପରିକଳ୍ପନା କରିଛି ଅରା । ଭାରତର ସମୃଦ୍ଧ ତଥା ଉନ୍ନତ ଐତିହ୍ୟ ଏବଂ ପ୍ରକୃତିର ସୌନ୍ଦର୍ଯ୍ୟରେ ଅନୁପ୍ରାଣିତ ହୋଇ ଏଭଳି ଏକ ମଣ୍ଡପର ପରିକଳ୍ପନା କରାଯାଇଛି । ଯାହାକି ଲୋକଙ୍କୁ ପ୍ରକୃତିର ମନୋରମ ପରିବେଶ ମଧ୍ୟରେ ବିବାହର ଏହି ସୁନ୍ଦର ମୁହୂର୍ତ୍ତକୁ ଉପଭୋଗ କରିବାର ସୁଯୋଗ ଦେଉଛି । ତେବେ ହ୍ରଦକୂଳବର୍ତ୍ତୀ ଏହି ସ୍ଥାନ କେବଳ ବରକନିଆଙ୍କୁ ନୁହେଁ, ବରଂ ଅତିଥିଙ୍କୁ ମଧ୍ୟ ବିବାହର ନିଆରା ଅନୁଭୂତି ପ୍ରଦାନ କରୁଛି । ତେବେ ଏହି ଭାସମାନ ମଣ୍ଡପକୁ ନୌକାରେ ପହଞ୍ଚିବାକୁ ହୋଇଥାଏ । ଏହା ସହ ପାଣି ଭିତରେ ହିଁ ବର କନିଆ ବରଣମାଳ ଦିଆନିଆ ହୁଅନ୍ତି । କେବଳ ସେତିକି ନୁହେଁ, ଏହି ମଣ୍ଡପର ସାଜସଜ୍ଜା ମଧ୍ୟ ବେଶ୍ ମନୋରମ । ପ୍ରକୃତିର ଏଭଳି ଏକ ସୁନ୍ଦର ପରିବେଶରେ ବିବାହ ନିହାତି ସ୍ମରଣୀୟ ରହିବ, ଏଥିରେ କୌଣସି ସନ୍ଦେହ ନାହିଁ ।

## ଆଜିର ରାଶିଫଳ

**ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ । ସାମାଜିକ ପଦ ପ୍ରତିଷ୍ଠା ବଢ଼ିବ । କମ୍ ପରିଶ୍ରମରୁ ସଫଳତା ହାସଲ କରିବେ । ସମ୍ପର୍କୀୟଙ୍କ ସହଯୋଗରୁ ଚାକିରି ମିଳିବ ।

**ବୃଷ:** କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିବ । ଆଜି ଧନପ୍ରାପ୍ତି ଯୋଗ ରହିଛି । କଠିନ ପରିସ୍ଥିତିରେ ନିଜକୁ ସମ୍ଭାଳିବା ଶିଖନ୍ତୁ । ଭାଇ, ଭଉଣୀ ଆର୍ଥିକ ସହଯୋଗ ଆଶା କରିବେ । ଆଶାରୁ ଅଧିକ ସଫଳତା ଲାଭ କରିବେ ।

**ମିଥୁନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଅଟକି ରହିଥିବା କାର୍ଯ୍ୟ ପୁଣି ଥରେ ଆରମ୍ଭ କରିବେ ।

**କର୍କଟ:** ତରବରିଆ ଭାବେ ନିବେଶ କରନ୍ତୁ ନାହିଁ । ନିଜ ଲୋକ ଶତ୍ରୁ ସାଜିପାରନ୍ତି । କୋର୍ଟ-କଚେରୀ ମାମଲାର ଶୁଣାଣି ହେବ । ଜୀବନସାଥୀଙ୍କଠାରୁ ଭଲ ଖବର ପାଇବେ ।

**ସିଂହ:** ପରିସ୍ଥିତିକୁ ସାମନା କରିବାକୁ ଅସୀମ ଶକ୍ତି ମିଳିବ । ଆୟ ଅନୁସାରେ ବ୍ୟୟ ହେବ । ମାନସମ୍ମାନ ବୃଦ୍ଧି ପାଇବ । ଦୁଃଖ ତଥା ଚିନ୍ତା ଦୂର ହେବ । ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ ।

**କନ୍ୟା:** ଯେକୌଣସି କାମ ପାଇଁ ସମୟ ଅନୁକୂଳ । ନୂତନ ଦାୟିତ୍ୱ ମିଳିପାରେ । ପ୍ରେମ ସମ୍ବନ୍ଧରେ ସଫଳ ହେବେ । ବନ୍ଧୁଙ୍କ ଦ୍ୱାରା ଆୟର ମାର୍ଗ ଉନ୍ମୁକ୍ତ ହେବ । ନିଜ ପାଇଁ ସମୟ ବାହାର କରିବେ ।

**ତୁଳା:** ପଡୋଶୀଙ୍କଠାରୁ ବିବାଦରୁ ଦୂରେଇ ରୁହନ୍ତୁ । ଭାଇ,ଭଉଣୀଙ୍କ ସହଯୋଗ ମିଳିବ । ନିବେଶରୁ ଲାଭ ମିଳିବ । ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ । ବିବାହକୁ ନେଇ ଶୁଭ ଖବର ମିଳିବ । ବିଳମ୍ବରେ କାର୍ଯ୍ୟ ଆରମ୍ଭ କରିବେ । ଜୀବନସାଥୀଙ୍କ ମନଦୁଃଖ ହେବ । ଅପେକ୍ଷାର ଅନ୍ତ ଘଟିବ ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ । ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ । ଶାରୀରିକ ପୀଡ଼ା ଅନୁଭବ କରିବେ । ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ । ଅବିବାହିତାଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ । ସ୍ୱଭାବରେ ପରିବର୍ତ୍ତନ ଆସିବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ ବୁଝାମଣା ବୃଦ୍ଧି ପାଇବ । ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ ।

**କୁମ୍ଭ:** କର୍ମଚଞ୍ଚଳ ହେବେ । ନୂତନ ଯାନବାହନ କିଣି ପାରନ୍ତି । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି । ପଡୋଶୀଙ୍କ ସହ ମନୋମାଳିନ୍ୟ ହେବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ ।

**ମୀନ:** ରାଜନୀତିରେ ଯୋଗ ଦେବେ । ଜୀବନସାଥୀଙ୍କୁ ମନକଥା କହିବେ । ଇଚ୍ଛା ପୂରଣ ହେବ । ନୂଆ ଚାକିରି ମିଳିବ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ରହିବେ ।




ସକାଳ
THE SAKALA
www.sakalaepaper.com

ପ୍ୟାରିସ୍ ଅଲିମ୍ପିକ୍ସ
ଟେନିସ୍

# ବୋପାନ୍ନା, ନାଗଲଙ୍କୁ ଯୋଗ୍ୟତା

ନୂଆଦିଲ୍ଲୀ,୧୧।୬(ଏଜେନ୍ସି)

ଭାରତର ଦୁଇ ଅଗ୍ରଣୀ ଟେନିସ ତାରକା ସୁମିତ ନାଗଲ ଓ ରୋହନ ବୋପାନ୍ନା ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ପାଇଁ କୋଟା ଅର୍ଥାତ ଯୋଗ୍ୟତା ହାସଲ କରିଛନ୍ତି। ନାଗଲ ଏକକ ଓ ବୋପାନ୍ନା ଯୁଗଳ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଆସୋସିଏସନ ଅଫ୍ ଟେନିସ ପ୍ରଫେସନାଲ (ଏଟିପି) ମାନ୍ୟତାକୁ ଭିତ୍ତି କରି ଏହି ଦୁଇ ଭାରତୀୟ ତାରକା ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିଛନ୍ତି। ସୋମବାର ହିଁ ଅଲିମ୍ପିକ୍ସ ପାଇଁ କ୍ୱାଲିଫିକେସନ ୱିଣ୍ଡୋ ଶେଷ ହୋଇଥିଲା। ବିଶ୍ୱ ମାନ୍ୟତାର ୪ ନଂ ସ୍ଥାନରେ ରହିଥିବା ବୋପାନ୍ନା ଅତି ସହଜରେ ଯୋଗ୍ୟତା ଅର୍ଜନ କରିଥିଲେ। ସେ ଗତ ବର୍ଷ ନଭେମ୍ବରଠାରୁ ଯୁଗଳ ମାନ୍ୟତାର ଶ୍ରେଷ୍ଠ-୧୦ରେ କ୍ରମାଗତ ଭାବେ ରହିଆସିଛନ୍ତି। ନାଗଲ ପୂର୍ବରୁ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଗତ ଜାନୁଆରୀରେ ସେ ୧୩୮ତମ ସ୍ଥାନରେ ରହିଥିଲେ। ଚେନ୍ନାଇ ଓପନ୍ ଟାଇଟଲ ଜିତିବା ପରେ ସେ ଶ୍ରେଷ୍ଠ-୧୦୦ରେ ପ୍ରବେଶ କରିଥିଲେ। ଅଲିମ୍ପିକ୍ସରେ ବୋପାନ୍ନା ବିଶ୍ୱ ମାନ୍ୟତାର ୬୭ତମ ସ୍ଥାନରେ ରହିଥିବା ନିଜ ଦେଶର ଶ୍ରୀରାମ ବାଲାଜୀଙ୍କୁ ସାଥି କରି ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

ଅନ୍ୟପଟେ ନାଗଲ ଏଟିପି ଏକକ ମାନ୍ୟତାରେ ୧୮ଟି ସ୍ଥାନ ଉପରକୁ ଉଠି ଲମ୍ବ ଡିଆଁ ମାରିଥିବାରୁ କୋଟା ହାସଲ କରିଛନ୍ତି। ଜର୍ମାନୀର ହେଇଲବ୍ରୋନ୍ ନେକାରକପ୍‌ରେ ଅନୁଷ୍ଠିତ ଏଟିପି ଚ୍ୟାଲେଞ୍ଜର ଟାଇଟଲ ହାସଲ କରିବା ପରେ ସେ ଏଟିପି ମାନ୍ୟତାରେ ୯୫ ସ୍ଥାନରୁ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୭୭ତମ ସ୍ଥାନ ଅଧିକାର କରିଥିଲେ। ପ୍ୟାରିସ୍ ଅଲିମ୍ପିକ୍ସର ଟେନିସ ପ୍ରତିଯୋଗିତାରେ ପୁରୁଷ ଓ ମହିଳା ଇଭେଣ୍ଟରେ ୬୪ଜଣ ଲେଖାଏ ଖେଳାଳି ଅଂଶଗ୍ରହଣ କରିବେ। ଏଟିପି ମାନ୍ୟତାର ଶ୍ରେଷ୍ଠ ୫୬ ଖେଳାଳି କୋଟା ସ୍ଥାନ ହାସଲ କରିଛନ୍ତି। ପ୍ରତ୍ୟେକ ଦେଶ ଅତିବେଶୀରେ ୪ଟି କୋଟା ସ୍ଥାନ ହାସଲ କରିବେ। ସେହିପରି ଅଲିମ୍ପିକ୍ସର ଯୁଗଳ ପ୍ରତିଯୋଗିତାରେ ପୁରୁଷ ଓ ମହିଳା ଇଭେଣ୍ଟରେ ୩୨ଟି ଲେଖାଏ ଦଳ ବା ଯୋଡି ଅଂଶଗ୍ରହଣ କରିବେ। ଦେଶ ପିଛି ଅତିବେଶୀରେ ଦୁଇଟି ଦଳ ଭାଗ ନେବେ।



## ହେଇଲବ୍ରୋନର ନୋକାରକପ୍ ଚ୍ୟାଲେଞ୍ଜର ଜିତିଲେ ନାଗଲ

ଭାରତର ଶ୍ରେଷ୍ଠ ଏକକ ଖେଳାଳି ସୁମିତ ନାଗଲ ଜର୍ମାନୀର ହେଇଲବ୍ରୋନର ନୋକରକପ୍ ଏଟିପି ଚ୍ୟାଲେଞ୍ଜର ଟାଇଟଲ ହାସଲ କରିଛନ୍ତି। ତୃତୀୟ ସିଡ୍ ମାନ୍ୟତା ପାଇଥିବା ନାଗଲ ଏକକ ଫାଇନାଲରେ ୬-୧, ୭-୬, ୬-୩ ସେଟ୍‌ରେ ସ୍ୱିଜରଲାଣ୍ଡର ଆଲେକଜାଣ୍ଡର ରିଟ୍ସଚାର୍ଡଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ଏହି ବିଜୟ ସହ ଏଟିପି ମାନ୍ୟତାରେ ଉନ୍ନତୀ କରିଛନ୍ତି।

# ଦୁଇଟି ଇଭେଣ୍ଟରେ ମନୁ ଭାକର ସାମିଲ



ପ୍ୟାରିସ୍ ଅଲିମ୍ପିକ୍ସ
ସୁଟିଂ

## ୧୫ ଜଣିଆ ରାଇଫଲ, ପିସ୍ତଲ ଦଳ ଘୋଷିତ

ନୂଆଦିଲ୍ଲୀ,୧୧।୬(ଏଜେନ୍ସି)

ଆଗାମୀ ପ୍ୟାରିସ ଅଲିମ୍ପିକ୍ସ ଲାଗି ନ୍ୟାସନାଲ ରାଇଫଲ ଆସୋସିଏସନ ଅଫ୍ ଇଣ୍ଡିଆ (ଏନ୍ଆରଏଆଇ) ଏକ ୧୫ ଜଣିଆ ରାଇଫଲ ଓ ପିସ୍ତଲ ଦଳ ଘୋଷଣା କରିଛି। ମଙ୍ଗଳବାର ଘୋଷିତ ଏହି ଦଳରେ ଦୁଇଥର ଅଲିମ୍ପିଆନ ତଥା ମହିଳା ସୁଟର ମନୁ ଭାକର ଏକମାତ୍ର ସୁଟର ଭାବେ ଏକାଧିକ ବ୍ୟକ୍ତିଗତ ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ସାମିଲ ହୋଇଛନ୍ତି। ଦଳରେ ୮ଜଣ ରାଇଫଲ ଓ ୭ଜଣ ପିସ୍ତଲ ସୁଟର ସମେତ ପ୍ରଶିକ୍ଷକ ଓ ସପୋର୍ଟ ଷ୍ଟାଫ୍ ମଧ୍ୟ ସ୍ଥାନ ପାଇଛନ୍ତି। ଏନ୍ଆରଏଆଇର ବରିଷ୍ଠ ଉପ- ସଭାପତି କଲିକେଶ ନାରାୟଣ ସିଂଦେଓ ଏ ନେଇ ସୂଚନା ଦେଇଛନ୍ତି।

ଭାରତ ପ୍ୟାରିସ ଅଲିମ୍ପିକ୍ସ ପାଇଁ ସୁଟିଂରେ ୨୧ଟି କୋଟା ପ୍ଲେସ୍ ହାସଲ କରିଛି। ଅଲିମ୍ପିକ୍ସରେ ୫ଟି ମିଶ୍ରିତ ଦଳ ମଧ୍ୟ ଅଂଶଗ୍ରହଣ କରିବ। ରାଇଫଲ ଓ ପିସ୍ତଲରୁ ଦୁଇଟି ଲେଖାଏ ଓ ଗୋଟିଏ ମିଶ୍ରିତ ଦଳ ଶଟ୍‌ଗନ୍‌ରେ ଅଂଶଗ୍ରହଣ କରିବ। ଲୋନାଟୋ ଅନ୍ତର୍ଜାତୀୟ ସୁଟିଂ ସ୍ପୋର୍ଟ ଫେଡେରେସନ (ଆଇଏସ୍ଏସ୍ଏଫ୍) ବିଶ୍ୱକପ୍ ଶେଷ ହେବା ପରେ ଖୁବ୍‌ଶୀଘ୍ର ଭାରତୀୟ ଶଟ୍‌ଗନ୍ ଦଳ ଘୋଷଣା କରାଯିବ ବୋଲି ଏନ୍ଆରଏଆଇ ତରଫରୁ କୁହାଯାଇଛି।

**ରାଇଫଲ ଦଳ:** ସନ୍ଦୀପ ସିଂ ଓ ଅର୍ଜୁନ ବାବୁଟା (ପୁରୁଷ ୧୦ମି ଏୟାର ରାଇଫଲ), ଏଲାଭେନିଲ ଭାଲାରିଭାନ ଓ ରମିତା (ମହିଳା ୧୦ମି ଏୟାର ରାଇଫଲ, ସିଫ୍ଟ କୌର ସମରା ଓ ଅଞ୍ଜୁମ ମୋଉଦ୍‌ଗିଲ୍ (ମହିଳା ୫୦ ମିଟର ରାଇଫଲ ୩ ପୋଜିସନ), ଐଶ୍ୱରୀ ତୋମାର ଓ ସ୍ୱପ୍ନୀଲ କୁସେଲ (ପୁରୁଷ ୫୦ମି ରାଇଫଲ ୩ ପୋଜିସନ)।

**ପିସ୍ତଲ ଦଳ:** ସରବଜୋତ ସିଂ ଓ ଅର୍ଜୁନ ଚିମା (ପୁରୁଷ ୧୦ମି ଏୟାର ପିସ୍ତଲ), ମନୁ ଭାକର ଓ ରିଥମ ସାଙ୍ଗୱାନ (ମହିଳା ୧୦ମି ଏୟାର ପିସ୍ତଲ), ଅନିଶ ଭାନୱାଲ ଓ ବିଜୟବୀର ସିଦ୍ଧୁ (ପୁରୁଷ ୨୫ ମି ଆରଏଫ୍‌ପି), ମନୁ ଭାକର ଓ ଈଶା ସିଂ (ମହିଳା ୨୫ମି ପିସ୍ତଲ)।

# ଭାରତରେ ୨୦୨୫ କନିଷ୍ଠ ପୁରୁଷ ହକି ବିଶ୍ୱକପ୍

**କନିଷ୍ଠ ବିଶ୍ୱକପ୍**
- ଜର୍ମାନୀ ସର୍ବାଧିକ ୭ଥର ବିଜେତା
- ଭାରତ ୨୦୦୧ ଓ ୨୦୧୬ରେ ଚାମ୍ପିଅନ

**ଲାଉସେନ, ୧୧।୬ (ଏଜେନ୍ସି):** ଏଫ୍‌ଆଇଏଚ୍ କନିଷ୍ଠ ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଅଧିକାର ଭାରତକୁ ମିଳିଛି। ଏହା ୨୦୨୫ ଡିସେମ୍ବରରେ ଖେଳାଯିବ। ଏଥିରେ ୨୪ ଗୋଟି ଦଳ ଅଂଶଗ୍ରହଣ କରିବେ। ତେବେ ଭାରତର କେଉଁ ସହରରେ ଏହି ବିଶ୍ୱକପ୍ ଖେଳାଯିବ ତାହା ଖୁବ ଶୀଘ୍ର ଚୂଡ଼ାନ୍ତ ହେବ ବୋଲି ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ଇତିହାସରେ ପ୍ରଥମଥର ଲାଗି ୨୪ ଗୋଟି ଦଳ ଟାଇଟଲ୍ ପାଇଁ ଲଢ଼େଇ କରିବେ। ଭାରତ ୪ର୍ଥଥର ଲାଗି ପୁରୁଷ କନିଷ୍ଠ ହକି ବିଶ୍ୱକପ୍ ଆୟୋଜନ ଅଧିକାର ହାସଲ କରିଛି। ପ୍ରଥମଥର ଲାଗି ୨୦୧୩ରେ ଏହି ମେଗା ଇଭେଣ୍ଟ ନୂଆଦିଲ୍ଲୀରେ ଆୟୋଜିତ ହୋଇଥିଲା। ଏହାପରେ ଲକ୍ଷ୍ନୌ ଓ ଭୁବନେଶ୍ୱରରେ ଯଥାକ୍ରମେ ୨୦୧୬ ଓ ୨୦୨୧ରେ କନିଷ୍ଠ ବିଶ୍ୱକପ୍ ଖେଳାଯାଇଥିଲା। ସେହିଭଳି ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ କହିଛନ୍ତି, 'ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟ ଅନ୍ତର୍ଜାତୀୟ ହକିରେ ଭାରତର ବଢୁଥିବା ଗୁରୁତ୍ୱକୁ ଆଲୋକିତ କରେ ଏବଂ ଭବିଷ୍ୟତ ପିଢ଼ି ପାଇଁ ଖେଳର ବିକାଶ ଲାଗି ଆମର ଉତ୍ସର୍ଗୀକୃତତାକୁ ଦର୍ଶାଏ।'

'ଜାଣି ବହୁତ ଖୁସି ଯେ ଭାରତ ଡିସେମ୍ବର ୨୦୨୫ରେ ଏଫ୍‌ଆଇଏଚ୍ କନିଷ୍ଠ ପୁରୁଷ ହକି ବିଶ୍ୱକପ୍ ଆୟୋଜନ କରିବ। ଯେହେତୁ ଦେଶକୁ ଆଉ ଏକ ହକି ମେଗା ଇଭେଣ୍ଟ ଆସୁଛି ତେଣୁ ମୁଁ ନିଶ୍ଚିତ ଦର୍ଶକ ଓ ହକି ପ୍ରଶଂସକମାନେ ସର୍ବୋତ୍ତମ ହକି ଅନୁଭବ କରିବେ' ବୋଲି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ ଏହା କହିଛନ୍ତି।



# ଓଡ଼ିଶା ଏଫ୍‌ସି ସହ ରୋହିତ୍‌ଙ୍କ ୨ ବର୍ଷୀୟା ଚୁକ୍ତି



**ଭୁବନେଶ୍ୱର, ୧୧।୬ (ସମିସ):** ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍ଏଲ୍) ଦଳ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ସହ ମଧ୍ୟଭାଗ ଖେଳାଳି ରୋହିତ କୁମାର ଚୁକ୍ତି କରିଛନ୍ତି। ଆଗାମୀ ୨ ବର୍ଷ ପର୍ଯ୍ୟନ୍ତ ସେ ଭୁବନେଶ୍ୱରଭିତ୍ତିକ କ୍ଲବ ଓଡ଼ିଶା ଏଫ୍‌ସି ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଦିଲ୍ଲୀରେ ଜନ୍ମିତ ୨୭ ବର୍ଷୀୟ ରୋହିତ୍ ବେଙ୍ଗାଲୁରୁ ଏଫ୍‌ସିରୁ ଆସି ଓଡ଼ିଶା ଏଫ୍‌ସିରେ ଯୋଗଦେଇଛନ୍ତି। ଆଇଏସ୍ଏଲ୍‌ରେ ସେ ୮୦ ଓ ଦେଶ ପକ୍ଷରୁ ୯ଟି ମ୍ୟାଚ୍ ଖେଳିଛନ୍ତି। ଡିଏସ୍‌କେ ଶିବାଜିଆନ୍ କ୍ଲବ ପକ୍ଷରୁ କ୍ୟାରିୟର ଆରମ୍ଭ କରିଥିବା ରୋହିତ୍ କ୍ୟାରିୟରରେ କ୍ଲବ ଓ ଦେଶ ପକ୍ଷରୁ ଖେଳି ଡୁରାଣ୍ଡ କପ୍, ସାଫ୍ ଚାମ୍ପିଅନସିପ୍, ତ୍ରି-ରାଷ୍ଟ୍ରୀୟ ସିରିଜ ଓ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ପ୍ରମୁଖ ଜିତିଛନ୍ତି। ତାଙ୍କ ଯୋଗଦାନ ଆଗାମୀ ସିଜନରେ ଦଳକୁ ଆହୁରି ସୁଦୃଢ଼ କରିବ ବୋଲି ଓଡ଼ିଶା ଏଫ୍‌ସି ମୁଖ୍ୟ ପ୍ରଶିକ୍ଷକ ସର୍ଗିଓ ଲୋବେରା କହିଛନ୍ତି।

# ଜାତୀୟ ବରିଷ୍ଠ ପେନଚାକ୍ ସିଲାଟ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୧୧।୬ (ସମିସ): ଜାତୀୟ ବରିଷ୍ଠ ପେନଚାକ୍ ସିଲାଟ୍ ଚାମ୍ପିଅନସିପ୍‌ର ଦ୍ୱାଦଶ ସଂସ୍କରଣ କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଟାଇଛି। ଓଡ଼ିଶା ପେନଚାକ୍ ସିଲାଟ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଦୁଇଦିନ ଧରି ଚାଲିବାକୁ ଥିବାବେଳେ ଏଥିରେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୦୦ରୁ ଉର୍ଦ୍ଧ୍ୱ ଖେଳାଳି ଓ ଅଫିସିଆଲ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ପୁରୁଷ ୪୫-୫୦ କିଗ୍ରା ବିଭାଗରେ ଉତ୍ତରପ୍ରଦେଶକୁ ଘରୋଇ ଓଡ଼ିଶା ହରାଇଦେଇଛି। ସେହିଭଳି ଏହି ଓଜନବର୍ଗର ମହିଳା ବିଭାଗରେ ମଧ୍ୟ ରାଜସ୍ଥାନକୁ ପରାସ୍ତ କରି ଓଡ଼ିଶା ଅଭିଯାନ କରିଛି। ୬୫-୭୦ କିଗ୍ରା ବର୍ଗର ପୁରୁଷ ବିଭାଗରେ ଦୁଇଟି ମ୍ୟାଚ୍ ଖେଳାଯାଇଥିବାବେଳେ ଏଥିରେ ଜାମ୍ମୁ ଓ କାଶ୍ମୀର ଏବଂ କର୍ଣ୍ଣାଟକ ବିଜୟୀ ହୋଇଛି।

ଉଦ୍‌ଘାଟନୀ ଉତ୍ସବରେ ଅଭିଷେକ ଦେବୀଦତ୍ତ ସାମଲ ମୁଖ୍ୟ ଅତିଥି, ଭାରତୀୟ ପେନଚାକ ସିଲାଟ୍ ମହାସଂଘର ସଭାପତି କିଶୋର ୟାୱଲେ, ଚେୟାରମ୍ୟାନ ମହମ୍ମଦ ଇକବାଲ, ସାଧାରଣ ସମ୍ପାଦକ ତାରିକ ଅହମ୍ମଦ ଝାଗର, ଓଡ଼ିଶା ସଂଘର ସାଧାରଣ ସମ୍ପାଦକ ପ୍ରେମ ସିଂ ଥାପ୍ପା, କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଖୋର୍ଦ୍ଧା ଜିଲ୍ଲା ପେନଚାକ୍ ସିଲାମ ସଂଘର ଚେୟାରମ୍ୟାନ ସଚିନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣକାରୀ ସମସ୍ତ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



● ୨୦୧୪ରେ କୋହଲିଙ୍କୁ ପ୍ରପୋଜ କରି ଥିଲେ ଚର୍ଚ୍ଚାରେ

# ଇଂଲଣ୍ଡ ମହିଳା କ୍ରିକେଟର୍ ୱାଟ୍‌ଙ୍କ ସମଲିଙ୍ଗୀ ବିବାହ

**ଲଣ୍ଡନ, ୧୧।୬ (ଏଜେନ୍ସି):** ଅନ୍ତର୍ଜାତୀୟ ମହିଳା କ୍ରିକେଟର୍‌ଙ୍କ ସମଲିଙ୍ଗୀ ବିବାହ ଧାରା ଜାରି ରହିଛି। ଏହିକ୍ରମରେ ସଦସ୍ୟତମ ଖେଳାଳି ଭାବେ ଇଂଲଣ୍ଡର ଅଭିଜ୍ଞ ଅଲ୍‌ରାଉଣ୍ଡର ଡାନିଏଲ୍ ୱାଟ୍ ସୋମବାର ତାଙ୍କ ବହୁଦିନର ମହିଳା ବାନ୍ଧବୀ ଜର୍ଜି ହଡ୍‌ଗେଙ୍କୁ ବିବାହ କରିଛନ୍ତି। ପେସାରେ ହଡ୍‌ଗେ ଜଣେ ଫୁଟ୍‌ବଲ ମ୍ୟାନେଜର। ଉଭୟ ୱାଟ୍ ଓ ହଡ୍‌ଗେଙ୍କ ମଧ୍ୟରେ ୨୦୨୩ ମାର୍ଚ୍ଚରେ ନିର୍ବନ୍ଧ ହୋଇଥିଲା। ସାମାଜିକ ଗଣମାଧ୍ୟରେ ବିବାହ ସମୟର କିଛି ଫଟୋ ସେୟାର କରି ୩୧ ବର୍ଷୀୟା ୱାଟ୍ ଏହି ଖୁସି ଖବର ତାଙ୍କ ପ୍ରଶଂସକଙ୍କୁ ଜଣାଇଛନ୍ତି। ଏହି ଅବସରରେ ବିଶ୍ୱର ଅନେକ ତାରକା ମହିଳା କ୍ରିକେଟର୍ ଭାରତର ଶେଫାଳି ବର୍ମା, ଶ୍ରୀଲଙ୍କାର ଚାକାରି ଆଟାପାଟୁ, ପ୍ରମୁଖ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ, ଡାନିଏଲ୍ ୨୦୧୪ରେ ତାରକା ଭାରତୀୟ କ୍ରିକେଟର୍ ବିରାଟ କୋହଲିଙ୍କୁ ସାମାଜିକ ଗଣମାଧ୍ୟମରେ ବିବାହ ପ୍ରସ୍ତାବ ଦେଇ ଖୁବ୍ ଚର୍ଚ୍ଚାରେ ରହିଥିଲେ। ଡାନିଏଲ୍ ଇଂଲଣ୍ଡ ପାଇଁ ୨ ଟେଷ୍ଟ, ୧୧୦ ଏକଦିବସୀୟ ଓ ୧୫୬ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୧୨୯, ୧୯୦୭ ଓ ୨୭୨୬ ରନ କରିଛନ୍ତି। ସେହିଭଳି ଏକଦିବସୀୟ ଓ ଟି-୨୦ରେ ତାଙ୍କ ନାମରେ ୨୭ ଓ ୪୬ ୱିକେଟ୍ ଲିପିବଦ୍ଧ ରହିଛି। ପୂର୍ବରୁ ମାରିଜନେ କାପ୍ପ, ମେଗାନ ସ୍କଟ୍, ଆମି ସେଥରୱେଟ୍, ଲି ତାହୁହୁ, ଲିଜ୍ ପେରୀ, ନାଟାଲି ସ୍କିଭର, କାଥେରିନ ବ୍ରଣ୍ଟଙ୍କ ଭଳି ଡଜନେରୁ ଉର୍ଦ୍ଧ୍ୱ ମହିଳା କ୍ରିକେଟର୍ ସମଲିଙ୍ଗୀ ବିବାହ କରି ଚର୍ଚ୍ଚାରେ ରହିଥିଲେ।






# ରାଜ୍ୟ ମହିଳା ଚେସ୍ ଆରମ୍ଭ

**ଭୁବନେଶ୍ୱର, ୧୧।୬ (ସମିସ):** ଅଲ ଓଡ଼ିଶା ଚେସ୍ ସଂଘ ଆନୁକୂଲ୍ୟରେ ରାଜ୍ୟ ମହିଳା ଚେସ ଚାମ୍ପିଅନସିପ୍ ମଙ୍ଗଳବାର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଅତିରିକ୍ତ ଶାସନ ସଚିବ ଶୁଭ୍ରାଂଶୁ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ଅନ୍ୟତମ ଆଇଏମ୍ ସ୍ୱୟଂଶୁ ସତ୍ୟପ୍ରାଜ୍ଞ ଓ ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଆଇଏ ଭବେଶ ମହାନ୍ତି, ଆଇଏ ସନ୍ତୋଷ ମହାପାତ୍ର ଖେଳ ପରିଚାଳନା କରୁଛନ୍ତି। ଏହି ପ୍ରତିଯୋଗିତାରେ ସମଗ୍ର ରାଜ୍ୟରୁ ୯୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ଭୁବନେଶ୍ୱରର ଯଶିତା ରାଉତ ଟପ୍ ସିଡ ରହିଛନ୍ତି। କିନ୍ତୁ ରାଜ୍ୟର ପ୍ରତିଷ୍ଠିତ ମହିଳା ଖେଳାଳିମାନେ ଏହି ପ୍ରତିଯୋଗିତାରେ ଭାଗ ନେଉନାହାନ୍ତି। ଅଲ୍ ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ସମସ୍ତ ପ୍ରତିଯୋଗୀଙ୍କ ଶୁଭକାମନା କରିଛନ୍ତି।

କଳାହାଣ୍ଡି କପ୍ ସୁପର ଲିଗ୍: ଦୃଢ଼ ସ୍ଥିତିରେ ଭୁବନେଶ୍ୱର-ଏ'

# କାର୍ତ୍ତିକ, ସନ୍ଦୀପଙ୍କ ଶତକ

କଟକ,୧୧।୬(ସମିସ)


କାର୍ତ୍ତିକ ବିଶ୍ୱାଳ


ଶୁଭମ ନାୟକ

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ ସୁପର ଲିଗ୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଭୁବନେଶ୍ୱର-ଏ ଦଳ ଲଢୁଆ ବ୍ୟାଟିଂ ପ୍ରଦର୍ଶନ କରିଛି। ଅବଶିଷ୍ଟ ଓଡ଼ିଶା-ଡି ବିପକ୍ଷରେ ଏହି ମ୍ୟାଚ୍ ସନସାଇନ ଗ୍ରାଉଣ୍ଡରେ ଖେଳାଯାଉଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭୁବନେଶ୍ୱର-ଏ ମଙ୍ଗଳବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୪ ୱିକେଟ ବିନିମୟରେ ୪୧୩ ରନ ସଂଗ୍ରହ କରିଛି। କାର୍ତ୍ତିକ ବିଶ୍ୱାଳ ୧୫୫ ରନର ଅପରାଜିତ ଶତକୀୟ ପାଳି ଖେଳିଥିବାବେଳେ ସନ୍ଦୀପ ପଟ୍ଟନାୟକ ୧୩୯ ରନ କରିଛନ୍ତି। ଅବଶିଷ୍ଟ ଓଡ଼ିଶା-ଡି ପକ୍ଷରୁ ପପୁ ରାୟ ୨ଟି ଏବଂ ସ୍ୱସ୍ତିକ ସାମଲଙ୍କୁ ଗୋଟିଏ ୱିକେଟ ମିଳିଛି।

ଡ୍ରିମସ ଗ୍ରାଉଣ୍ଡରେ ଅବଶିଷ୍ଟ ଓଡ଼ିଶା-ସି ଦଳ ଏବଂ ପୂର୍ବତଟ ରେଳବାଇ ମଧ୍ୟରେ ମ୍ୟାଚ୍ ଖେଳାଯାଉଛି। ପ୍ରଥମେ ବ୍ୟାଟିଂ କରିଥିବା ରେଳବାଇ ଦଳର ପାଳି ୨୧୦ ରନ୍‌ରେ ସୀମିତ ରହିଥିଲା। ସତ୍ୟେନ ମହାନ୍ତି ଦଳ ପକ୍ଷରୁ ସର୍ବାଧିକ ୮୧ ରନ କରିଥିଲେ। ଅବଶିଷ୍ଟ ଓଡ଼ିଶା-ସି ପକ୍ଷରୁ ଦେବବ୍ରତ ପ୍ରଧାନ ଏବଂ ମିଲନ ସାମଲ ୩ଟି ଲେଖାଏ ୱିକେଟ ସଂଗ୍ରହ କରିଥିଲେ। ଜବାବରେ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଅବଶିଷ୍ଟ ଓଡ଼ିଶା-ସି ଦୁଇ ୱିକେଟ ବିନିମୟରେ ୭୭ ରନ ସଂଗ୍ରହ କରିଛି। ହାତରେ ୮ ୱିକେଟ ବଳକା ଥିବାବେଳେ ଦଳ ବିଜୟଠାରୁ ୧୩୩ ରନ ପଛରେ ରହିଛି। ବାରବାଟୀ ଷ୍ଟାଡିୟମରେ ଅବଶିଷ୍ଟ ଓଡ଼ିଶା-ଏ ଏବଂ କଟକ-ଏ ମୁହାଁମୁହିଁ ହୋଇଛନ୍ତି। ଅନୁରାଗ ଷଡଙ୍ଗୀଙ୍କ ୮୮ ରନ ସହାୟତାରେ ଅବଶିଷ୍ଟ ଓଡ଼ିଶା-ଏ ସମସ୍ତ ୱିକେଟ ହରାଇ ୨୩୫ ରନ କରିଥିଲା। କଟକ-ଏ'ର ଶୁଭମ ନାୟକ ୭ଟି ୱିକେଟ ଦଖଲ କରିଥିଲେ। ପ୍ରାରମ୍ଭରୁ ଦୁଇ ୱିକେଟ ହରାଇ କଟକ-ଏ ୪୯ ରନ ସଂଗ୍ରହ କରିଥିବାବେଳେ ପ୍ରଥମ ଦିବସର ଖେଳ ଶେଷ ହୋଇଛି। ରେଭେନ୍ସା ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ବାଲେଶ୍ୱର ବିପକ୍ଷ ମ୍ୟାଚ୍‌ରେ ଅବଶିଷ୍ଟ ଓଡ଼ିଶା-ବି ଦଳ ପାଇଁ ବିଜୟସୁଯୋଗ ରହିଛି। ବାଲେଶ୍ୱର ୨୧୨ରନ୍‌ରେ ଅଲଆଉଟ ହୋଇଥିଲା। ଓମ ଟି ମୁଣ୍ଡେଙ୍କ ଅପରାଜିତ ୬୪ରନ ଏବଂ ଗିରିଜା ବାରିକଙ୍କ ଅପରାଜିତ ୫୮ରନ ସହାୟତାରେ ଓଡ଼ିଶା-ବି ଗୋଟିଏ ୱିକେଟ ହରାଇ ୧୫୨ ରନ ସଂଗ୍ରହ କରିଛି।


୧୯ ବର୍ଷରୁ କମ୍ କ୍ରିକେଟ୍

# ରାଜାଙ୍କୁ ୫ ୱିକେଟ; ଯାଜପୁର ବିଜୟୀ


ଏମଏଚ୍ ରାଜା


ଦିବ୍ୟ ରଞ୍ଜନ ଦାସ

**କଟକ,୧୧।୬(ସମିସ):** ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ୩ଟି ମ୍ୟାଚ ଖେଳାଯାଇଥିଲା। ନିମପୁର ଗ୍ରାଉଣ୍ଡରେ ଯାଜପୁର ୪୩ ରନ୍‌ରେ ବଲାଙ୍ଗିରକୁ ହରାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଯାଜପୁର ୧୮୯ ରନ୍‌ରେ ଅଲଆଉଟ ହୋଇଥିଲା। ଶାମଲା ରେଡ୍ଡୀ ସର୍ବାଧିକ ୬୧ ରନ କରିଥିଲେ। ବଲାଙ୍ଗିରର ଯୋଗେଶ୍ୱର ବାଗଙ୍କୁ ୪ଟି ୱିକେଟ ମିଳିଥିଲା। ୧୯୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି ବଲାଙ୍ଗିର ୧୪୬ ରନରେ ଅଲଆଉଟ ହୋଇଥିଲା। ସମର୍ପିତ ପଟେଲ ଦଳ ନିମନ୍ତେ ସର୍ବାଧିକ ୬୮ ରନ କରିଥିଲେ। ଯାଜପୁର ପକ୍ଷରୁ ଏମଏଚ୍ ରାଜା ୨୭ରନ ବିନିମୟରେ ୫ଟି ୱିକେଟ ଦଖଲ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବିଡାନାସୀ ଗ୍ରାଉଣ୍ଡରେ ଗଞ୍ଜାମ ୭୧ ରନରେ ମାଲକାନଗିରିକୁ ହରାଇଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍‌ରେ ଗଜପତି ୧୨୯ ରନ୍‌ରେ କଳାହାଣ୍ଡିକୁ ପରାସ୍ତ କରିଛି। ଗଜପତିର ଦିବ୍ୟରଞ୍ଜନ ଦାସ ୮୮ ରନ୍ କରିଛନ୍ତି।






# ଗୁଗଲ୍‌ର ଏଆଇ ପାଠ୍ୟକ୍ରମ

**ଲୋକମାନେ ଏବେ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତା)ର ବହୁଳ ବ୍ୟବହାର କରୁଛନ୍ତି। ସେହିପରି ସ୍କୁଲ କଲେଜରେ ମଧ୍ୟ ଏଆଇ ପଢ଼ା ଉପରେ ଗୁରୁତ୍ୱ ଦିଆଯାଉଛି। କେବଳ ସେତିକି ନୁହେଁ, ପିଲାଙ୍କୁ ଏଆଇ ଶିଖାଇବା ପାଇଁ ଅନେକ କୋର୍ସ ମଧ୍ୟ ଆରମ୍ଭ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଗୁଗଲ ମାଗଣାରେ ଏଆଇ କୋର୍ସ ଆରମ୍ଭ କରିଛି। ଯାହାକୁ ୮-୧୦ ଘଣ୍ଟାରେ ପୂରା କରିବା ସମ୍ଭବ।**

ଗୁଗଲ୍ ଏଆଇ କୋର୍ସ ମାଗଣାରେ ଆଣିଛି। ଏହାର ଆଡଭାନ୍ସ ଲେବଲ ପାଇଁ ଟଙ୍କା ଦେବାକୁ ପଡ଼ିବ, କିନ୍ତୁ ପ୍ରାରମ୍ଭିକ କୋର୍ସ ପାଇଁ କୌଣସି ଦେୟ ନାହିଁ। ଗୁଗଲ୍ ଏଆଇ କୋର୍ସକୁ ୮-୧୦ ଘଣ୍ଟାରେ ଶେଷ କରାଯାଇପାରିବ। ଏହା ପରେ ଏହାର ସାର୍ଟିଫିକେଟ୍ ଡାଉନଲୋଡ୍ କରିପାରିବେ। ଏହି ସାର୍ଟିଫିକେଟ୍ କ୍ୟାରିୟର ଉନ୍ନତି ଦିଗରେ ସାହାଯ୍ୟ କରିବ।

**ବିଶେଷତ୍ୱ:** ଗୁଗଲ ଫ୍ରି କୋର୍ସରେ ୫ଟି ମଡ୍ୟୁଲ ଅଛି। ଏହାକୁ coursera ସହ ଲିଙ୍କ୍ କରାଯାଇଛି। ଏହି କୋର୍ସର ବିଶେଷତ୍ୱ ହେଉଛି ଗୁଗଲ୍ ଏ ଲାଗି ସାର୍ଟିଫିକେଟ୍ ମଧ୍ୟ ପ୍ରଦାନ କରିବ। ଅନ୍ୟପଟେ ଏ ଲାଗି କୌଣସି ଡିଗ୍ରୀର ଆବଶ୍ୟକତା ନାହିଁ। ତା'ସହ ନିଜ ସମୟ ଅନୁସାରେ ଏହାକୁ ପୂରା କରିବା ସମ୍ଭବ।

**କ'ଣ ଶିଖିବେ :**

- ଗୁଗଲ ଜେନରେଟିଭ୍ ଏଆଇ ଟୁଲ୍‌ରୁ ଆଇଡିଆ ଏବଂ କଣ୍ଟେଣ୍ଟ ଡେଭ୍‌ଲପ୍ କରିବାରେ ସାହାଯ୍ୟ ମିଳେ। ଭଲ ନିର୍ଣ୍ଣୟ ନେବା ସହ ନିତିଦିନ କାମର ସ୍ପିଡ୍‌କୁ ବଢ଼ାଇପାରିବେ।
- ଏହି କୋର୍ସରେ ଏଆଇ ସ୍ପଷ୍ଟ ନିର୍ଦ୍ଦେଶ ଲେଖିବା ଶିଖା ଯିବ। ଏହାଦ୍ୱାରା ସମରି ଲେଖି ଶିଖିବା ଏବଂ ଟ୍ୟାଗ୍ ଲାଇନ୍ ମଧ୍ୟ ତିଆରି କରିପାରିବେ।
- ଏଆଇର କ'ଣ କୁପ୍ରଭାବ ରହିଛି, ସେନେଇ ଏହି କୋର୍ସ ସିଲାବସ୍‌ରେ ସାମିଲ ଅଛି।
- ଏଆଇ କ୍ଷେତ୍ରରେ କ୍ରମାଗତ ପରିବର୍ତ୍ତନ ହେଉଛି। ସେଥିପାଇଁ ଏହା ସହିତ ଅପ୍ ଟୁ ଡେଟ୍ ରହିବା ପାଇଁ ଷ୍ଟ୍ରାଟେଜି ପ୍ରସ୍ତୁତି ପ୍ରଣାଳି ମଧ୍ୟ ଶିକ୍ଷା ଦିଆଯିବ।
- ଏଆଇ ନୀତି ସମ୍ପର୍କରେ ଶିଖା ଦିଆଯିବ।

# ଖୁସି ଦେଉଛି 'ୟଗ୍‌ଲି-କ୍ୟୁଟ୍' କ୍ଲେ ଫିଲ୍‌ଟର

ସାମାଜିକ ଗଣମାଧ୍ୟମରେ ଦିନକୁ ଦିନ ନୂଆ ନୂଆ ଟ୍ରେଣ୍ଡ ଭାଇରାଲ ହେଉଛି। ଏହି କ୍ରମରେ ଏବେ ଏକ ଟ୍ରେଣ୍ଡ ଭାଇରାଲ ହେଉଛି। ଯାହାର ନାଁ ୟଗ୍‌ଲି-କ୍ୟୁଟ୍ କ୍ଲେ ଫିଲଟର୍। ଏହା ଏମିତି ଏକ ଫିଚର୍, ଯାହାକି ଫଟୋକୁ ଅସୁନ୍ଦର ଏବଂ କ୍ୟୁଟ୍ କ୍ଲେ ଇମେଜ୍‌ରେ ପରିବର୍ତ୍ତନ କରିଥାଏ। ଏହି ଫିଲଟର୍‌କୁ ଲଞ୍ଚ୍ କରିଛି ଫଟୋ ଏଡିଟିଂ ଆପ୍ ରେମିନି। ଟ୍ରାଭେଲ ବ୍ଲଗ୍‌ରେ ଏହି ଫିଚର୍‌କୁ ଅଧିକ ବ୍ୟବହାର କରାଯାଉଛି। ଯାତ୍ରାକାଳୀନ ଫଟୋକୁ ପୋଷ୍ଟ କରିବା ଲାଗି ବ୍ୟବହାରକାରୀ ଏହି ଫିଲଟର୍‌କୁ ଅଧିକ ବ୍ୟବହାର କରୁଛନ୍ତି।

ସେହିପରି ଗୋଟିଏ କ୍ଲେ ଷ୍ଟାଇଲ୍ ଟ୍ରାଭଲ ବ୍ଲଗ୍‌କୁ ଚୀନ୍‌ର ଜିୟାହୋଙ୍ଗସୁରେ ୧୩ ହଜାର ଲାଇକ୍ ମିଳିଛି। ତେବେ ଜିୟା ହୋଙ୍ଗସୁ ହେଉଛି ଇନଷ୍ଟାଗ୍ରାମ୍ ସଦୃଶ ଆପ୍। ମନୋବିଜ୍ଞାନୀଙ୍କ ଅନୁସାରେ, ଲୋକମାନେ ସାଧାରଣ ଜିନିଷକୁ ପସନ୍ଦ କରୁଛନ୍ତି। ଏବେ ଲୋକେ ଥଟ୍ଟାମଜା ଫିଲଟର୍ ବ୍ୟବହାର କରି ଖୁସି ସାଉଁଟିବାକୁ ଚାହୁଁଛନ୍ତି। ଏ ଦୃଷ୍ଟିରୁ ଫିଲଟର୍‌ର ମେଡିକାଲ ପ୍ରଭାବ ମଧ୍ୟ ଅଛି। ଏହି କ୍ଲେ ଫିଲ୍‌ଟର୍‌ରୁ ଖୁସି ମିଳୁଥିବା ଲୋକେ କହୁଛନ୍ତି। ଅନ୍ୟପକ୍ଷରେ ଏହି ଫିଲଟର୍ ଶାନ୍ତ ଭାବନାକୁ ପ୍ରତିଫଳିତ କରୁଛି।





# କିଭଳି ପଢ଼ିବେ...

**ପ୍ରତ୍ୟେକ ପିଲାଙ୍କର ପଢ଼ିବା ଶୈଳୀ ଭିନ୍ନ ଭିନ୍ନ। ଅନେକ ସମୟରେ ରାତି ଅନିଦ୍ରା ହୋଇ ଅଧିକାଂଶ ଛାତ୍ରଛାତ୍ରୀ ପଢ଼ିଥାନ୍ତି। ତେବେ ରାତିରେ ପଢ଼ିବା ସମୟରେ ଅନେକ ଖଟରେ ଶୋଇକି ପଢ଼ିବାକୁ ଭଲପାଆନ୍ତି। ଏହି ସମୟରେ କିଭଳି ଭାବେ ପଢ଼ିବା ଦରକାର, ସେ ସମ୍ପର୍କରେ ଜାଣିବା।**

- ରାତିଯାକ ପଢୁଥିଲେ, ଦିନରେ ଆବଶ୍ୟକତା ଅନୁସାରେ ବିଶ୍ରାମ ନିହାତି ନିଅନ୍ତୁ।
- ପଢ଼ିବା ସମୟରେ ନିଦ ଲାଗୁଥିଲେ, ଚା' ଓ କଫି ପିଇପାରିବେ।
- ଷ୍ଟଡି ଲ୍ୟାମ୍ପ ସହ ଘରର ଲାଇଟ୍ ଲଗାଇ ପଢ଼ିବା ଭଲ। କାରଣ ଘରେ ଆଲୋକ ଠିକ୍ ଭାବେ ହେଲେ ଆଳସ୍ୟ ଲାଗି ନ ଥାଏ।
- ବିଳମ୍ବିତ ରାତ୍ରିରେ ପଢୁଥିଲେ ଶୋଇରହି ପଢ଼ିବା ଭଲ ନୁହେଁ।
- ଟେବୁଲ, ଚେୟାର୍‌ରେ ବସି ପଢ଼ିବା ଉତ୍ତମ।

# ୟୁପିଏସ୍‌ସି ପରୀକ୍ଷା ପ୍ରସ୍ତୁତିର ନିୟମ

**ୟୁପିଏସି ପରୀକ୍ଷାରେ ସଫଳତା ଲାଭ କରିବା ଏତେ ସହଜ କଥା ନୁହେଁ। ସେଥିପାଇଁ ବିଦ୍ୟାର୍ଥୀଙ୍କୁ ବହୁ ଦିନରୁ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ତେବେ ଅନେକଙ୍କର ଏହି ପରୀକ୍ଷା ପ୍ରସ୍ତୁତି ସମୟରେ ଧୈର୍ଯ୍ୟ ଭଙ୍ଗ ହୋଇଥାଏ। ଫଳରେ ସେମାନେ ପରୀକ୍ଷାରେ ଆଶାନୁରୂପ ଫଳ ପାଇପାରି ନ ଥାନ୍ତି। ଏଣୁ ଏହି ପରୀକ୍ଷା ପ୍ରସ୍ତୁତି ସମୟରେ ଧ୍ୟାନ କେନ୍ଦ୍ରିତ କରିବା ଉପରେ ଗୁରୁତ୍ୱ ଦେବା ଜରୁରି।**



**ନା କହିବା ଶିଖନ୍ତୁ:** ଅଧିକାଂଶ ଆଶାୟୀଙ୍କ ପାଖରେ 'ନା' କହିବା ଗୁଣ ନ ଥାଏ। ଏହି କାରଣ ଯୋଗୁଁ ସେମାନେ ପଢ଼ାରେ ଧ୍ୟାନ କେନ୍ଦ୍ରିତ କରିପାରି ନ ଥାନ୍ତି। ଏଭଳି କ୍ଷେତ୍ରରେ ସେମାନଙ୍କୁ 'ନା' କହିବା ଶିଖିବା ଦରକାର। କାରଣ କେହି ଜଣେ କୌଣସି କାର୍ଯ୍ୟକ୍ରମରେ ସାମିଲ ହେବାକୁ କହିଲେ, ବିନମ୍ରତାର ସହ 'ନା' କହିବା ସହଜ ହୁଏ। ପ୍ରତିଦିନ ପଢ଼ା ପାଇଁ ୮-୧୦ ଘଣ୍ଟା ସମୟ ଦେବା ଉଚିତ।

**ଅଲଗା ଭାଗରେ ବାଣ୍ଟନ୍ତୁ ପାଠ୍ୟକ୍ରମ:** ପାଠ୍ୟକ୍ରମର ବିଶାଳତାକୁ ଦେଖି ଅନେକ ବିଦ୍ୟାର୍ଥୀ ପଛଘୁଞ୍ଚା ଦେବା ସହ ହତୋତ୍ସାହ ହୋଇଥାନ୍ତି। ଫଳରେ ପଢ଼ାରେ ଧ୍ୟାନ କେନ୍ଦ୍ରିତ ହୋଇ ନ ଥାଏ। ଏଭଳି କ୍ଷେତ୍ରରେ ପାଠ୍ୟକ୍ରମକୁ ଅଲଗା ଅଲଗା ଭାଗରେ ବାଣ୍ଟନ୍ତୁ। ଏହାଦ୍ୱାରା ନିର୍ଦ୍ଧାରିତ ସମୟରେ ପଢ଼ା ଶେଷ କରି ହୁଏ।

**ବ୍ରେକ୍ ନିଅନ୍ତୁ:** ପଢ଼ା ସମୟରେ ବିଶେଷକରି ଦୀର୍ଘ ସମୟ ବସିରହି ପଢ଼ିବା ପରିବର୍ତ୍ତେ ମଝିରେ ମଝିରେ ବ୍ରେକ୍ ନିଅନ୍ତୁ। ଏହି ସମୟରେ ବଗିଚାରେ ବୁଲିବା, ଯୋଗ ଆଦି କରିବା ଭଲ। ଏପରି କରିବା ଦ୍ୱାରା ପଢ଼ାରେ ଧ୍ୟାନ ଭଙ୍ଗ ହୁଏ ନାହିଁ।

# ନକରାତ୍ମକ ପ୍ରତିକ୍ରିୟାରୁ ଶିକ୍ଷା

**ସବୁ କାମର ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରତିକ୍ରିୟା ଅଛି। ବିଶେଷକରି କାର୍ଯ୍ୟକ୍ଷେତ୍ରରେ କେତେକଙ୍କୁ ନକରାତ୍ମକ ପ୍ରତିକ୍ରିୟା ବା ନେଗେଟିଭ୍ ଫିଡ୍‌ବ୍ୟାକ୍‌କୁ ସାମ୍ନା କରିବାକୁ ପଡ଼ିଥାଏ। ଯାହା ଦ୍ୱାରା ମାନସିକ ଚାପ ବୃଦ୍ଧିପାଏ ଓ ତାର ପ୍ରଭାବ ସିଧାସଳଖ କାମ ଉପରେ ପଡ଼ିଥାଏ। ତେବେ ଏହି ନକାରାତ୍ମକ ପ୍ରତିକ୍ରିୟାରେ ଭାଙ୍ଗି ପଡ଼ିବା ଉଚିତ ନୁହେଁ।**



- ପ୍ରତ୍ୟେକ ପରିସ୍ଥିତିରୁ ମଣିଷ କିଛି ନା କିଛି ଶିଖିଥାଏ। କ'ଣ ପାଇଁ ଏଭଳି ଫିଡ୍‌ବ୍ୟାକ୍ ମିଳିଲା ସେ ସମ୍ପର୍କରେ ପ୍ରଥମେ ଜାଣିବାକୁ ଚେଷ୍ଟା କରନ୍ତୁ। ସେହି ପ୍ରତିକ୍ରିୟା କ'ଣ ଶିକ୍ଷା ଦେଲା, ତାହା ବି ବୁଝନ୍ତୁ। ସେଥିପାଇଁ ଭାଙ୍ଗି ନ ପଡ଼ି ମନୋବଳ ଦୃଢ଼ କରନ୍ତୁ।
- ନକାରାତ୍ମକ ପ୍ରତିକ୍ରିୟା ଦେଉଥିବା ବ୍ୟକ୍ତିଙ୍କ ସହ ସମସ୍ୟାର ସମାଧାନ କରିପାରିବେ। ଏହା ଦ୍ୱାରା ଏଭଳି ପରିସ୍ଥିତିକୁ ହୁଏତ ଭବିଷ୍ୟତରେ ସାମ୍ନା କରିବାକୁ ନ ପଡ଼ିପାରେ।
- କୌଣସି ଏକ ଭୁଲ୍ ପାଇଁ ନକାରାତ୍ମକ ପ୍ରତିକ୍ରିୟା ମିଳିଥିଲେ, ତାହାକୁ ଧୈର୍ଯ୍ୟର ସହ ସ୍ୱୀକାର କରନ୍ତୁ। ଏହା ସହ ଭବିଷ୍ୟତରେ ସେହି ଭୁଲ୍ କରିବାରୁ ଦୂରେଇ ରୁହନ୍ତୁ।
- କମ୍ପାନିରେ ଏଭଳି ସମସ୍ୟା ବାରମ୍ବାର ଉପୁଜୁ ଥିଲେ ଦକ୍ଷ ପିଆର୍ ପ୍ରତିନିଧିଙ୍କୁ ନିଯୁକ୍ତ କରାନ୍ତୁ। ଏହାଦ୍ୱାରା ଅନେକଗୁଡ଼ିଏ ନକରାତ୍ମକ ପରିସ୍ଥିତିକୁ ଏଡ଼ାଇ ଦିଆଯାଇପାରିବ।


# ଅଫିସ୍ ଅବସାଦ କମ୍ କରିବ ଟିଙ୍ଗ୍ ଜି ଜିୟୋ ଲୁ



**ଏବର ସମୟରେ କର୍ପୋରେଟ୍‌ରେ କାମ କରୁଥିବା କର୍ମଚାରୀଙ୍କ କାର୍ଯ୍ୟଚାପ ଖୁବ୍ ବେଶି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ଓ ଅବସାଦ ବୃଦ୍ଧି ପାଉଛି। ଫଳରେ କର୍ମଚାରୀଙ୍କ କାର୍ଯ୍ୟ କ୍ଷମତା ପ୍ରଭାବିତ ହେଉଛି। ତେବେ କର୍ମଚାରୀଙ୍କ କାର୍ଯ୍ୟଚାପକୁ ହ୍ରାସ କରିବା ପାଇଁ ଚୀନ୍ ଏକ ନୂଆ ଉପାୟ ବାହାର କରିଛି। ଯାହାକି 'ଟିଙ୍ଗ୍ ଜି ଜିୟୋ ଲୁ' ନାଁରେ ପରିଚିତ। ଏହାର ଅର୍ଥ ହେଉଛି କର୍ମଚାରୀଙ୍କ ଉଦ୍‌ବେଗ୍‌ରେ ପୂର୍ଣ୍ଣଛେଦ ପକାଇବା।**

ଚୀନ୍‌ର ଅନେକ କମ୍ପାନି ଏହି ଉପାୟ ମାଧ୍ୟମରେ କର୍ମଚାରୀଙ୍କ ଅବସାଦ ହ୍ରାସ କରୁଛି। ଏହି ପ୍ରକ୍ରିୟା ମାଧ୍ୟମରେ କର୍ମଚାରୀଙ୍କୁ କଦଳୀ କାନ୍ଦି ଦିଆଯାଏ। ଏହାକୁ କର୍ମଚାରୀ ନିଜ ଡେସ୍କର ଏକ କୁଣ୍ଡରେ ରଖି ସେଥିରେ ନିତିଦିନ ପାଣି ଦିଅନ୍ତି। କଦଳୀ ନ ପାଚିବା ପର୍ଯ୍ୟନ୍ତ ସେମାନେ ଏହି କାମ ସେମିତି ଜାରି ରଖନ୍ତି। ବିଶେଷଜ୍ଞଙ୍କ ଅନୁସାରେ, ଏହା ଦ୍ୱାରା କର୍ମଚାରୀଙ୍କ ଧ୍ୟାନ କଦଳୀ ଉପରେ ରହିବା ଦ୍ୱାରା ସେମାନଙ୍କ ଅବସାଦ ହ୍ରାସ ପାଏ। ଏହିପରି ଭାବେ ସେମାନଙ୍କ କାର୍ଯ୍ୟ କ୍ଷମତା ବୃଦ୍ଧି ପାଇଥାଏ। ସେହିପରି ଏହି ଉପାୟ ଦ୍ୱାରା କେବଳ ଲୋକଙ୍କ କାର୍ଯ୍ୟଚାପ କମୁଛି ତାହା ନୁହେଁ, ବରଂ ସହକର୍ମୀଙ୍କ ସମ୍ପର୍କକୁ ସୁଦୃଢ଼ କରୁଛି। କଦଳୀ ପାଚିବା ପରେ ସେମାନେ ଏହାକୁ ପରସ୍ପର ମଧ୍ୟରେ ବାଣ୍ଟିକି ଖାଉଛନ୍ତି। ଏହି ପ୍ରକ୍ରିୟାକୁ ଲୋକେ ଆପଣାଇବାରୁ ଚୀନ୍‌ରେ କଦଳୀ କାନ୍ଦି ଅଧିକ ବିକ୍ରି ହେଉଛି। ଅନ୍ୟପଟେ ଚୀନ୍‌ରେ ଲୋକେ ୪୯ ରୁ ଅଧିକ ଘଣ୍ଟା କାମ କରନ୍ତି। ଏହା ଯୋଗୁଁ ସେମାନଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରଭାବିତ ହୋଇଥାଏ।


# ସଫଳତା ପାଇଁ ଆତ୍ମ ସଚେତନତା



**କୌଣସି ଏକ କାମକୁ ସଫଳତାପୂର୍ବକ କରିବା ପାଇଁ ନିଜର କ୍ଷମତା ବିଷୟରେ ସଚେତନ ହେବା ଜରୁରୀ। ବେଳେ ବେଳେ ଆତ୍ମ ସଚେତନତା ଅଭାବ ଯୋଗୁଁ ସରଳ କାମ ମଧ୍ୟ କଷ୍ଟକର ମନେ ହୁଏ। ସେଥିପାଇଁ ପଢ଼ା ହେଉ କି ଚାକିରି, ସଫଳ ହେବା ପାଇଁ ଆତ୍ମ ସଚେତନତା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।**

- ନିଜେ ନିଷ୍ପତ୍ତି ନେବାକୁ ଚେଷ୍ଟା କରନ୍ତୁ। ବିଶେଷକରି ନିଷ୍ପତ୍ତି ନେବା ସମୟରେ ଅନ୍ୟ ଉପରେ ନିର୍ଭର କରନ୍ତୁ ନାହିଁ। ଏହା ଦ୍ୱାରା ନିର୍ଣ୍ଣୟ ନେବାର କ୍ଷମତା ଜଣା ପଡ଼ି ନ ଥାଏ।
- ସେହିପରି ଯେକୌଣସି କାମ ହେଉ ନା କାହିଁ, ନିଜେ କ'ଣ ଚାହୁଁଛନ୍ତି ତା' ଉପରେ ଗୁରୁତ୍ୱ ଦିଅନ୍ତୁ।
- ନିଜର କ୍ଷମତା ଓ ଦୁର୍ବଳତା ବାବଦରେ ଜାଣିବା ଉଚିତ। ଏହା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- କାମ ସାରି ଘରକୁ ଫେରିବା ପରେ ଦିନଟି କିଭଳି ବିତିଲା ସେ ସମ୍ପର୍କରେ ଅନୁଶୀଳନ କରନ୍ତୁ। ଏହା ଦ୍ୱାରା ନିଜ ଭିତରର ସକାରାତ୍ମକ ଭାବନାକୁ ଜାଣିପାରିବେ।
- ସବୁବେଳେ ନିଜକୁ ଉତ୍ସାହିତ କରନ୍ତୁ। ଭଲ ତଥା ସକ୍ରିୟ ଲୋକଙ୍କ ସହ କିଛି ସମୟ ଅତିବାହିତ କରନ୍ତୁ।

# କ୍ରସ୍ ୱାର୍ଡ ପଜଲ୍ ଅଭ୍ୟାସ



# ବେକେରି କର୍ମୀଙ୍କ ଝିଅ ନିଟ୍ ଟପ୍ପର

**ନିକଟରେ ନିଟ୍ ୟୁଜି ୨୦୨୪ର ଫଳାଫଳ ଘୋଷଣା ହୋଇଛି। ଏହି ପରୀକ୍ଷାରେ ମହାରାଷ୍ଟ୍ରର ୭ ଜଣ ସଫଳତା ଲାଭ କରିଛନ୍ତି। ସେଥିରୁ ଅନ୍ୟତମ ମୁମ୍ବାଇର ଅମିନା ଆରିଫ୍। ସେ ୭୨୦ ମାର୍କରୁ ପୂରା ୭୨୦ ମାର୍କ ରଖିଛନ୍ତି।**



ସେ ମୁମ୍ବାଇର ଜାଗେଶ୍ୱରୀରେ ରହନ୍ତି। ତାଙ୍କ ବାପା ଏଠାକାର ଏକ ବେକେରିରେ କାମ କରନ୍ତି। ଅମିନାଙ୍କର ପ୍ରଥମେ ଏହି ପରୀକ୍ଷା ଦେବା ପାଇଁ କୌଣସି ଯୋଜନା ନ ଥିଲା। ତେବେ ସେ ଲକ୍‌ଡାଉନ୍ ସମୟରେ ଏହି ପରୀକ୍ଷା ପାଇଁ ପ୍ରୟାସ କରି ଭଲ ନମ୍ବର ହାସଲ କରିପାରି ନ ଥିଲେ। ସେ ତାଙ୍କ ଶିକ୍ଷକଙ୍କ ସହ ପରାମର୍ଶ କରି ଘରୋଇ ଟ୍ୟୁସନ୍‌ରେ ଯୋଗ ଦେଇଥିଲେ। ଏହାପରେ ପରୀକ୍ଷା ପାଇଁ କଠିନ ପରିଶ୍ରମ କରିଥିଲେ। ଶେଷରେ ନିଟ୍ ୟୁଜି ୨୦୨୪ରେ ୭୨୦ରୁ ୭୨୦ ମାର୍କ ରଖିବାରେ ସଫଳ ହୋଇଥିବା କହିଛନ୍ତି। ସେହିପରି ନିଜର ଏହି ବିରଳ ସଫଳତାକୁ ନେଇ ସେ ଅମିନା ବେଶ୍ ଖୁସି ଅଛନ୍ତି।

ଏବେ ସେ ଦିଲ୍ଲୀ ଏମ୍ସରେ ମେଡିକାଲ ପରୀକ୍ଷା ପାଇଁ ଆଗ୍ରହୀ ଥିବା କହିଛନ୍ତି। ପ୍ରତି ସପ୍ତାହରେ ସେ ଦୁଇଟି ଟେଷ୍ଟ ଦିଅନ୍ତି। ସେହିପରି ମକ୍ ଟେଷ୍ଟ ସମୟରେ ସେ ୭୦୦ରୁ ୭୨୦ ରଖୁଥିଲେ। ଏହାକୁ ଦେଖି ସେ ଏହି ପରୀକ୍ଷାରେ ଭଲ କରିବା ଆଶା ରଖିଥିଲେ। କାରଣ ତାଙ୍କ ପରୀକ୍ଷା ପ୍ରସ୍ତୁତି ସେ ଠିକ୍ ଭାବେ କରୁଥିବା ଜାଣିପାରିଥିଲେ। ଅନ୍ୟପକ୍ଷରେ ସେ ଦଶମରେ ୯୩.୨୦ ପ୍ରତିଶତ ମାର୍କ ରଖିଥିବା ବେଳେ ଯୁକ୍ତ ଦୁଇରେ ୯୫ ପ୍ରତିଶତ ମାର୍କ ରଖିଥିଲେ।

ଟି-୨୦ ବିଶ୍ୱକପ୍: ଲକ୍ଷ୍ୟ ସୁପର-୮

# ଆଜି ଆମେରିକା-ଭାରତ ମୁକାବିଲା

ନ୍ୟୁୟର୍କ,୧୧।୬(ଏଜେନ୍ସି)

ଚଳିତ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣରେ ଭାରତ ବୁଧବାର ତା'ର ତୃତୀୟ ମ୍ୟାଚ୍‌ରେ ସହ- ଆୟୋଜକ ଆମେରିକାକୁ ଭେଟିବ। ସ୍ଥାନୀୟ ନାସାଉ ଷ୍ଟାଡିୟମରେ ଗ୍ରୁପ୍-ଏ'ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଜିତି ଭାରତ ସୁପର-୮ ପର୍ଯ୍ୟାୟରେ ତା'ର ଅଭିଯାନ ଆହୁରି ଦୃଢ କରିବାକୁ ପ୍ରୟାସ କରିବ। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୪୬ଟି ବଲ୍ ବାକିଥାଇ ୮ ୱିକେଟରେ ପରାସ୍ତ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ରୋମାଞ୍ଚକ ଢଙ୍ଗରେ ୬ ରନରେ ପରାସ୍ତ କରିଥିଲା। ଭାରତ ୪ ପଏଣ୍ଟ ପାଇ ଗ୍ରୁପ୍ ଏ' ଶୀର୍ଷରେ ରହିଛି। ସେହିପରି ଆମେରିକା ମଧ୍ୟ ଦୁଇଟି ମ୍ୟାଚ୍ ଖେଳି ଦୁଇଟିରେ ବିଜୟୀ ହୋଇ ୪ ପଏଣ୍ଟ ପାଇଥିଲେ ମଧ୍ୟ ନେଟ ରନରେଟ୍‌ରେ ପଛରେ ରହି ଦ୍ୱିତୀୟ ସ୍ଥାନରେ ରହିଛି।

ନାସାଉର ପିଚ୍‌ରେ ଅସାମାନ୍ୟ ବାଉନ୍ସ ହେଉଥିବାରୁ ବ୍ୟାଟରମାନେ ଏଠାରେ ସଂଘର୍ଷ କରୁଛନ୍ତି। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ବ୍ୟାଟରମାନେ ସଂଘର୍ଷ କରିଥିଲେ ଓ ଭାରତ ବଡ଼ ସ୍କୋର ହାସଲ କରିପାରି ନଥିଲା। ଭାରତୀୟ ବୋଲିଂ ଉଚ୍ଚକୋଟୀର ହୋଇଥିବା ବେଳେ ବ୍ୟାଟିଂ ଆଶାନୁରୂପ ହୋଇପାରିନାହିଁ। ତେଣୁ ଭାରତ ଆମେରିକା ବିପକ୍ଷରେ ବ୍ୟାଟିଂରେ ସୁଧାର ଆଣିବାକୁ ପ୍ରୟାସ କରିବ। ଟି-୨୦ ଫର୍ମାଟ୍‌ରେ ଭାରତ ପ୍ରଥମଥର ପାଇଁ ଆମେରିକାକୁ ଭେଟିବ। ଆମେରିକା ଅନଭିଜ୍ଞ ଦଳ ହୋଇଥିବାରୁ ଭାରତ ଏହି ମ୍ୟାଚ୍‌ରେ ଫେବରାଇଟ୍ ବିବେଚିତ ହେଉଛି। ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ଭାରତୀୟ ବୋଲରମାନେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଖାସ୍ କରି ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଜବରଦସ୍ତ ଫର୍ମରେ ରହିଛନ୍ତି। ତାଙ୍କ ଉପରେ ସମସ୍ତଙ୍କ ନଜର ରହିଛି।



ଆମେରିକା ଦଳରେ ଅଧିକାଂଶ ଖେଳାଳି ଭାରତୀୟ କିମ୍ବା ଭାରତୀୟ ବଂଶୋଦ୍ଭବ ହୋଇଥିବାରୁ ଏହି ମ୍ୟାଚ୍‌ର ରୋମାଞ୍ଚ ଆହୁରି ବୃଦ୍ଧି ପାଇବ। ଆମେରିକା ଅଧିନାୟକ ମୋନାଙ୍କ ପଟେଲ ଓ ଦ୍ରୁତ ବୋଲର ସୌରଭ ନେତ୍ରାଭାଲକର, ହରମିତ ସିଂଙ୍କ କିଭଳି ପ୍ରଦର୍ଶନ କରିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ପୂର୍ବତନ ଚାମ୍ପିଅନ ପାକିସ୍ତାନକୁ ସୁପର ଓଭରରେ ହରାଇ ଆମେରିକା ବିପର୍ଯ୍ୟୟ ଘଟାଇ ନିଜ ଦକ୍ଷତା ପ୍ରମାଣିତ କରିଛି। ତେଣୁ ଆମେରିକାକୁ ଭାରତ ଆଦୌ ହାଲ୍‌କା ଭାବେ ନେବ ନାହିଁ ବୋଲି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ହୃଦୟଙ୍ଗମ କରିଥିବ। ବୁମ୍‌ରା, ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ୱିକେଟରକ୍ଷକ ବ୍ୟାଟର ଋଷଭ ପନ୍ତ ପୁଣିଥରେ ମ୍ୟାଚ୍ ବିଜୟୀ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ବୁଧବାର ନ୍ୟୁୟର୍କ ପାଗ ସଫା ରହିବ ଓ ବର୍ଷା ହେବାର ଆଶଙ୍କା କମ୍ ରହିଛି। ଟସ୍ ବିଜୟୀ ଦଳ ପ୍ରଥମେ ବୋଲିଂ କରିବାକୁ ପସନ୍ଦ କରିବ। ଏହି ମ୍ୟାଚ୍‌ରେ ଶିବମ ଦୁବେଙ୍କୁ ଭାରତ ଖେଳାଇବା କି ନା ସେ ନେଇ ଚର୍ଚ୍ଚା ଚାଲିଛି। ଯଶସ୍ୱୀ ଜୟସ୍ୱାଲଙ୍କ ଭଳି ଖେଳାଳି ଦଳରେ ରହିଥିବାରୁ ଦୁବେଙ୍କ ବଦଳରେ କିଏ ଖେଳିବ ତାହା ଦେଖିବାକୁ ବାକି ରହିଲା। ଏହି ମ୍ୟାଚ୍ ଦେଖିବାକୁ ନାସାଉ କ୍ରିକେଟ ଷ୍ଟାଡିୟମରେ ଆମେରିକୀୟଙ୍କ ଅପେକ୍ଷା ଭାରତୀୟ ଓ ଭାରତୀୟ ବଂଶୋଦ୍ଭବ ପ୍ରଶଂସକ ଭିଡ ଦେଖିବାକୁ ମିଳିବ। ଭାରତ ବିପକ୍ଷ ଆମେରିକା କିଭଳି ପ୍ରଦର୍ଶନ କରୁଛି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏହି ମ୍ୟାଚ୍‌ରେ ପ୍ରଶଂସକମାନେ ମଜା ଉଠାଇବେ ବୋଲି ଆଶା କରାଯାଉଛି।

**ଭାରତ:** ରୋହିତ ଶର୍ମା (ଅଧିନାୟକ), ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଋଷଭ ପନ୍ତ, ଶିବମ୍ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ଯଶପ୍ରୀତ ବୁମରା, ଅର୍ଶଦୀପ ସିଂ, ମହମ୍ମଦ ସିରାଜ, ଯଶସ୍ୱୀ ଜୟସ୍ୱାଲ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ ଓ ସଞ୍ଜୁ ସାମସନ।

**ଆମେରିକା:** ମୋନାଙ୍କ ପଟେଲ (ଅଧିନାୟକ), ଆରୋନ ଜୋନ୍ସ, ଅଲି ଖାନ୍, କୋରି ଆଣ୍ଡରସନ, ଆଣ୍ଡ୍ରିଏସ୍ ଗସ୍, ହରମିତ ସିଂ, ଯଶଦୀପ ସିଂ, ନୋସଥୁସ୍ କିନଜିଗେ, ନୀତୀଶ କୁମାର, ମିଲିନ୍ଦ କୁମାର, ସୌରଭ ନେତ୍ରାଭାଲକର, ନିସର୍ଗ ପଟେଲ, ଶାୟାନ ଜାହାଙ୍ଗୀର, ଷ୍ଟିଭେନ ଟେଲର ଓ ସାଡଲେ ଭାନ୍ ସାଲକ୍ୱିକ୍।

**ଟି-୨୦ ବିଶ୍ୱକପ୍**

**ଆଜିର ମ୍ୟାଚ୍**

**ଶ୍ରୀଲଙ୍କା-ନେପାଳ**
ସ୍ଥାନ- ଫ୍ଲୋରିଡା, ସମୟ- ସକାଳ ୫ଟା

**ଅଷ୍ଟ୍ରେଲିଆ-ନାମିବ୍ୟା**
ସ୍ଥାନ- ଆଣ୍ଟିଗୁଆ, ସମୟ- ସକାଳ ୬ଟା

**ଭାରତ-ଆମେରିକା**
ସ୍ଥାନ- ନ୍ୟୁୟର୍କ, ସମୟ- ରାତି ୮ଟା

-ପ୍ରସାରଣ-
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ହଟ୍ ଷ୍ଟାର୍

ରିଜୱାନ୍‌ଙ୍କ ଆଗରେ ଫିକା ପଡ଼ିଲା ଜନସନଙ୍କ ଅର୍ଦ୍ଧଶତକ

# ପାକିସ୍ତାନର ପ୍ରଥମ ବିଜୟ




**ନ୍ୟୁୟର୍କ, ୧୧।୬(ଏଜେନ୍ସି):** ଓପନର ଆରୋନ ଜନସନଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ ଗ୍ରୁପ-ଏ'ର କାନାଡା ବିପକ୍ଷ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ପାକିସ୍ତାନ ୭ୱିକେଟରେ ବିଜୟୀ ହୋଇଛି। ଏହା ଫଳରେ ପାକିସ୍ତାନ ତୃତୀୟ ମୁକାବିଲାରୁ ପ୍ରଥମ ବିଜୟ ହାସଲ କରିଛି। ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ର ବହୁ ଚର୍ଚ୍ଚିତ ପିଚ୍‌ରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି କାନାଡା ୭ ୱିକେଟରେ ୧୦୬ ରନ୍ କରିଥିଲା। ଦଳ ପକ୍ଷରୁ ଜନ୍‌ସନ୍ ୪୪ ବଲ୍‌ରେ ସର୍ବାଧିକ ୫୨ ରନ୍ କରିଥିଲେ। ଜବାବରେ ପାକିସ୍ତାନ ୧୭.୩ ଓଭରରେ ୩ ୱିକେଟ ହରାଇ ୧୦୭ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ୱିକେଟରକ୍ଷକ ଓପନର ମହମ୍ମଦ୍ ରିଜୱାନ ସର୍ବାଧିକ ଅପରାଜିତ ୫୩, ଅଧିନାୟକ ବାବର ଆଜମ ୩୩ ରନ୍ କରିଥିଲେ। ୨୦ ରନ୍‌ରେ ଦଳ ପ୍ରଥମ ୱିକେଟ ହରାଇବା ପରେ ରିଜୱାନ ଓ ଆଜମ ଦ୍ୱିତୀୟ ୱିକେଟ ଭାଗୀଦାରିରେ ୬୨ ବଲ୍ ଖେଳି ୬୩ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ଏହି ସମୟରେ ଆଜମ (୩୩ରନ୍, ୩୩ବଲ୍, ୧ ଚୌକା, ୧ଛକା) ଓ ପରେ ଫକର ଜମାନ ୪ ରନ୍‌ରେ ଆଉଟ ହୋଇଥିଲେ। ଏହି ମ୍ୟାଚ୍‌ରେ ଫର୍ମକୁ ଫେରିଥିବା ରିଜୱାନ ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୫୩ ବଲ୍‌ରୁ ୨ ଚୌକା ଓ ୧ଛକା ସହ ୫୩ ରନ୍‌ରେ ଅପରାଜିତ ରହିଥିଲେ। କାନାଡା ପକ୍ଷରୁ ୩୪ ବର୍ଷୀୟ ଗୁଏନା ଜନ୍ମିତ ଫାଷ୍ଟ ବୋଲର ଡିଲନ ହେଲିଗର ୨ଟି ଓ ଜେରେମି ଗର୍ଡନ ଗୋଟିଏ ୱିକେଟ ପାଇଥିଲେ। ପାକିସ୍ତାନ ପକ୍ଷରୁ ୪ ଓଭରରେ ୧୩ ରନ୍ ଦେଇ ୨ଟି ୱିକେଟ ନେଇଥିବା ବାମହାତୀ ଫାଷ୍ଟ ବୋଲର ମହମ୍ମଦ୍ ଆମୀର ଏହି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।

ଏହି ମ୍ୟାଚ୍‌ରେ ପାକିସ୍ତାନ ଟସ୍ ଜିତିବା ପରେ ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବୋଲରଙ୍କ ଲାଗି ଭୂସ୍ୱର୍ଗ ପାଲଟିଥିବା ଏହି ପିଚ୍‌ରେ ପାକିସ୍ତାନ ତୃତୀୟ ଓଭର ଶେଷରେ ବ୍ରେକ୍ ଥ୍ରୁ ପାଇଥିଲା। ନବନୀତ ସିଂ ଧାଲିୱାଲ ମାତ୍ର ୪ ରନ୍ କରି ପ୍ରଥମେ ଆଉଟ ହେବା ପରେ କାନାଡା କ୍ରମାଗତ ୱିକେଟ ହରାଇଥିଲା। ଗୋଟିଏ ପଟେ ଆରୋନ ଜନସନ ଦୃଢ଼ତାର ସହ ବ୍ୟାଟିଂ କରୁଥିଲାବେଳେ ଅନ୍ୟପଟେ ପାକିସ୍ତାନୀ ବୋଲର ଜଣଙ୍କ ପରେ ଜଣେ ବ୍ୟାଟରଙ୍କୁ ପାଭିଲିୟନ ପଠାଇଦେଇଥିଲେ। ଦଳୀୟ ସ୍କୋର ୭୩ ହୋଇଥିଲାବେଳେ ଜନସନ ୬ଷ୍ଠ ଖେଳାଳି ଭାବେ ଆଉଟ ହୋଇଥିଲେ। ସେ ୪୪ଟି ବଲ ଖେଳି ୪ ଚୌକା ଓ ୪ ଛକା ସହ ସର୍ବାଧିକ ୫୨ ରନ୍ କରିଥିଲେ। ଅନ୍ୟମାନଙ୍କ ପାକିସ୍ତାନୀ ଜନ୍ମିତ ଦୁଇ ଖେଳାଳି ଯଥା ଅଧିନାୟକ ସାଦ୍ ବିନ୍ ଜାଫର ୧୦ ଓ କଲୀମ୍ ସାନା ୧୩ ରନ୍ କରି ଦୁଇ ଅଙ୍କରେ ପହଞ୍ଚିବାକୁ ସମର୍ଥ ହୋଇଥିଲେ। ପାକିସ୍ତାନ ପକ୍ଷରୁ ଫାଷ୍ଟ ବୋଲର ଆମୀର ଓ ହାରିସ ରୌଫ୍ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ସାହିନ ଆଫ୍ରିଦୀ ଓ ନସୀମ ଶାହ ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଛନ୍ତି।

ରୋନାଲ୍ଡୋଙ୍କ ଟ୍ରେନିଂ ସେସନ

## ଟିକଟ୍‌ର ଦାମ ୭୨ ହଜାର


**ୱେଷ୍ଟଫାଲିଆ,୧୧।୬(ଏଜେନ୍ସି):** ୩୯ ବର୍ଷରେ ପଦାର୍ପଣ କରିଥିଲେ ମଧ୍ୟ ପର୍ତ୍ତୁଗାଲ ଫୁଟବଲ ସୁପରଷ୍ଟାର ତଥା ଅଧିନାୟକ କ୍ରୀଷ୍ଟିଆନୋ ରୋନାଲ୍ଡୋଙ୍କ ଲୋକପ୍ରିୟତା କମିବା ବଦଳରେ ବଢିବାରେ ଲାଗିଛି। ଜର୍ମାନୀରେ ଆୟୋଜନ ହେବାକୁ ଯାଉଥିବା ୟୁରୋକପ୍ ଫୁଟବଲ ପାଇଁ ରୋନାଲ୍ଡୋ ଓ ପର୍ତ୍ତୁଗାଲ ଦଳ ଟ୍ରେନିଂ କରୁଛନ୍ତି। ଜର୍ମାନୀର ୱେଷ୍ଟଫାଲିଆରେ ଏହି ଟ୍ରେନିଂ ସେସନ ଚାଲୁ ରହିଛି। ଟ୍ରେନିଂ କରୁଥିବା ରୋନାଲ୍ଡୋଙ୍କୁ ଦେଖିବା ପାଇଁ ପ୍ରଶଂସକଙ୍କ ମଧ୍ୟ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଛି। ଏଥିପାଇଁ ପ୍ରଶଂସକଙ୍କୁ ଚଢା ଦରରେ ଟିକଟ କ୍ରୟ କରିବାକୁ ପଡିଛି। ଗୋଟିଏ ଟିକଟର ମୂଲ୍ୟ ୮୦୦ ୟୁରୋ ବା ୮୫୮.୩୨ ଅମେରିକୀୟ ଡଲାର ଅର୍ଥାତ୍ ପାଖାପାଖି ୭୨ ହଜାର ଟଙ୍କା ରହିଛି। ଏଥର ୟୁରୋକପ୍‌ରେ ପର୍ତ୍ତୁଗାଲ ଜୁନ୍ ୧୮ରେ ଚେକ ଗଣରାଜ୍ୟକୁ ଭେଟି ଅଭିଯାନ ଆରମ୍ଭ କରିବ। ଏହାପରେ ପର୍ତ୍ତୁଗାଲ ତୁର୍କୀ ଓ ଜର୍ଜିଆକୁ ଭେଟିବ। ଉଲ୍ଲେଖଥାଉ କି, ରେନାଲ୍ଡୋ ୨୦୦୪ରେ ୟୁରୋକପ୍‌ରେ ପଦାର୍ପଣ କରିଥିଲେ ଓ ପର୍ତ୍ତୁଗାଲ ଏହି ସଂସ୍କରଣରେ ଫାଇନାଲରେ ପ୍ରବେଶ କରିଥିଲା ।

# କାନାଡା ଦଳରେ ପଞ୍ଜାବୀ ଖେଳାଳିଙ୍କ ପ୍ରାଧାନ୍ୟ

ନ୍ୟୁୟର୍କ, ୧୧।୬(ଏଜେନ୍ସି)

ଭାରତରେ କ୍ରିକେଟ ଖେଳିବା ଓ ଜାତୀୟ ଦଳରେ ସ୍ଥାନ ପାଇବା ସବୁଠାରୁ କଷ୍ଟକର। ଏଭଳି ସ୍ଥିତିରେ ଆମେରିକା ଓ ମଧ୍ୟପ୍ରାଚ୍ୟରେ ଭାରତୀୟ କ୍ରିକେଟ ଖେଳାଳି ସେମାନଙ୍କ କ୍ୟାରିୟର ସଜାଡିବାକୁ ଯୋଜନା କରିଥାନ୍ତି। ଆମେରିକା ଓ କାନାଡାରେ ଜନ୍ମିତ ଅନେକ ଭାରତୀୟ ବଂଶୋଦ୍ଭବ ଖେଳାଳି ଏବେ ସେମାନଙ୍କ ଜାତୀୟ ଦଳରେ ସ୍ଥାନ ପାଇଲେଣି। ତଥାପି ଭାରତରୁ ବିଭିନ୍ନ କାମ ଲାଗି ଯାଉଥିବା ଭାରତୀୟ କ୍ରିକେଟରମାନେ ଏହି ଦୁଇ ଦେଶ କ୍ରିକେଟ ଖେଳ ଲାଗି ଉନ୍ନତି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ବିଶେଷକରି ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ରେ ଭାରତୀୟ ବଂଶୋଦ୍ଭବ ଖେଳାଳିଙ୍କ ପ୍ରାଧାନ୍ୟ ଏହି ଦୁଇ ଦଳରେ ରହିଛି। ଭାରତୀୟ ବଂଶୋଦ୍ଭବ ୮ଜଣ ଖେଳାଳିଙ୍କୁ ନେଇ ଗଠିତ ଆମେରିକୀୟ ଦଳ ଶକ୍ତିଶାଳୀ ପାକିସ୍ତାନକୁ ହରାଇ ଏହି ପ୍ରତିଯୋଗିତାରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ଏବେ କାନାଡା ଦଳରେ ମଧ୍ୟ ଅନେକ ଭାରତୀୟ ଓ ଅଧିନାୟକଙ୍କ ସମେତ ପାକିସ୍ତାନୀ ବଂଶୋଦ୍ଭବ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରେ ପଞ୍ଜାବୀ ଖେଳାଳିଙ୍କୁ ଅଧିକ ପ୍ରାଧାନ୍ୟ ରହିଛି। ବର୍ତ୍ତମାନ କାନାଡା ଦଳକୁ ପଞ୍ଜାବର 'ବି' ଦଳ କହିଲେ ଅତ୍ୟୁକ୍ତି ହେବ ନାହିଁ।



କାନାଡା ଦଳରେ ନିୟମ ରହିଛି କେହି ନିଜ ମାତୃଭାଷାରେ କଥାବାର୍ତ୍ତା ହେବେ ନାହିଁ। କିନ୍ତୁ କାନାଡା ଦଳରେ ସ୍ଥାନ ପାଇଥିବା ଅଧା ଖେଳାଳି ଇଂରାଜୀରେ କଥା କହିପାରିବେ ନାହିଁ। ସୁଯୋଗ ମିଳିଲେ ଏମାନେ ମାତୃଭାଷାରେ କଥା କହିବାକୁ ପଛାନ୍ତି ନାହିଁ। ନିଜ ମନର କଥା ପ୍ରକାଶ କରିବାକୁ ମାତୃଭାଷା ହିଁ ସବୁଠାରୁ ଉପଯୁକ୍ତ ମାଧ୍ୟମ। ଏବେ କାନାଡା ଦଳରେ ଅନେକ ପଞ୍ଜାବୀ ଓ ପଞ୍ଜାବର ଖେଳାଳି। ଓପନର ନବନିତ ଧାଲିୱାଲ, ନଂ-୩ ବ୍ୟାଟର ପରଗତ ସିଂ, କଲୀମ ସାନା ଓ ଅଧିନାୟକ ସାଦ୍ ବିନ୍ ଜାଫର ହେଉଛନ୍ତି ପଞ୍ଜାବୀ। ଏମାନଙ୍କ ବ୍ୟତୀତ ରବିନ୍ଦର ପାଲ ସିଂ, ଦିଲପ୍ରୀତ୍ ବାଜୱା, କୁଏତ ଜନ୍ମିତ ନିଖିଳ ଦତ୍ତାଙ୍କ ଭଳି ପଞ୍ଜାବୀ ଖେଳାଳି ଅଛନ୍ତି। ଏମାନଙ୍କ ବ୍ୟତୀତ କାନାଡା ଜନ୍ମିତ ରିଷିଭ ରାଘବ ଯୋଶୀ, ଶ୍ରେୟାସ ମୋଭା, ପାକିସ୍ତାନୀ ବଂଶୋଦ୍ଭବ ଜୁନୈଦ ସିଦ୍ଦିକ ଓ ର୍‌ୟାନ୍ ପଠାନ ମଧ୍ୟ ଖେଳୁଛନ୍ତି। ପ୍ରକୃତରେ ଦେଖିବାକୁ ଗଲେ ଯୋଶୀ ଓ ପଠାନ କାନାଡାର ଖେଳାଳି। ଏହି ଦେଶରେ ସେମାନଙ୍କର ଜନ୍ମ ଓ ସେମାନେ କାନାଡାର ବାସିନ୍ଦା।

କିନ୍ତୁ କାନାଡା ମୁଖ୍ୟ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ନବନିତ, ପରଗତ ଓ କଲିମ। ଧାଲିୱାଲଙ୍କୁ ଯେତେବେଳେ ୨୨ ବର୍ଷ, ତାଙ୍କ ବାପା କାନାଡାରେ ଏକ ଗ୍ୟାସ ଷ୍ଟେସନ କିଣିଥିଲେ। ଅନିଚ୍ଛା ସତ୍ତ୍ୱେସେ କାନାଡା ଯାଇ ପିତାଙ୍କ ବ୍ୟବସାୟ ସମ୍ଭାଳିଥିଲେ ଓ କ୍ରିକେଟ ଖେଳି ଏବେ କାନାଡା ଦଳର ଓପନର। ପରଗତ ଓ କଲୀମ ଜୀବନରେ ଅନେକ ସଂଘର୍ଷ କରିଛନ୍ତି। ପଞ୍ଜାବର ଜଣେ ନିର୍ଭର ଯୋଗ୍ୟ ଓପନର ଭାବେ ପରଗତ ଖେଳୁଥିଲେ। ୨୦୦୯ରୁ ୧୫ ଯାଏ ସେ ପଞ୍ଜାବ ପକ୍ଷରୁ ୨୨ଟି ମ୍ୟାଚ୍ ଖେଳିଛନ୍ତି। ୨୦୧୩ ଓ ୧୪ ସିଜନରେ ତାଙ୍କୁ ଖେଳିବାକୁ ବିଶେଷ ସୁଯୋଗ ନ ମିଳିବା ପରେ ସେ ଏକ ପ୍ରକାର କ୍ରିକେଟ ଛାଡିଦେଇଥିଲେ। ତାଙ୍କ ବଡ଼ଭାଇ କାନାଡାରେ କାମ କରୁଥିବାରୁ ସେଠାକୁ ସେ ଚାଲିଯାଇଥିଲେ। ସେଠାରେ ସେ ଟ୍ୟାକ୍ସି ଚଳାଇବା ସହ ସପ୍ତାହାନ୍ତରେ କ୍ରିକେଟ ଖେଳୁଥିଲେ। ହଠାତ୍ ଦିନେ ତାଙ୍କୁ ଟୁର୍ଣ୍ଣାମେଣ୍ଟ ଖେଳିବାର ସୁଯୋଗ ମିଳିଥିଲା ଓ ଏଥିରେ ସେ ଟପ୍ ସ୍କୋରର ହୋଇ ଜାତୀୟ ଦଳରେ ସାମିଲ ହୋଇଥିଲେ। ଅନ୍ୟପକ୍ଷରୁ ରାୱଲପିଣ୍ଡିରେ ଜନ୍ମଗ୍ରହଣ କରିଥିବା ପାକିସ୍ତାନୀ ପଞ୍ଜାବୀ। ଜଣେ ଫାଷ୍ଟ ବୋଲରଭାବେ ତାଙ୍କ ଖ୍ୟାତି ଥିଲା ଓ ସେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ମଧ୍ୟ ଖେଳିଥିଲେ। ଏହା ପରେ ପିଠିରେ ଆଘାତ ଯୋଗୁ ହ୍ୱିଲଚେୟାରରେ ୨ବର୍ଷ ଜୀବନ ବିତାଇବାକୁ ପଡ଼ିଲା। ଏହା ପରେ ଖେଳିଥିଲେ ମଧ୍ୟ ତାଙ୍କ ବୋଲିଂ ସ୍ପିଡ୍ ଅନେକ ପରିମାଣରେ କମିଯାଇଥିଲା। ପୁଣିଥରେ ଆଘାତ ସମସ୍ୟା ସୃଷ୍ଟି ହେବ ବୋଲି ସେ ମଧ୍ୟ ଆଉ ଜୋରରେ ବୋଲିଂ କରି ନ ଥିଲେ। ଦିନେ ମହମ୍ମଦ୍ ଇର୍ଫାନଙ୍କଠାରୁ ଫୋନ କଲ୍ ପାଇବା ପରେ ତାଙ୍କ ଖେଳ ଜୀବନରେ ପରିବର୍ତ୍ତନ ଆସିଥିଲା। ସେ ପୁଣିଥରେ କ୍ରିକେଟ ଖେଳିଥିଲେ ମଧ୍ୟ ତାଙ୍କୁ କୌଣସି ଦଳରେ ସ୍ଥାନ ମିଳି ନ ଥିଲା। ଫଳରେ କାନାଡାରେ କର୍ମସଂସ୍ଥାନ ଲାଗି ଆସିଥିଲେ। ପରଗତ ସିଂଙ୍କ ସଂସ୍ପର୍ଶରେ ଆସି କାନାଡା ପକ୍ଷରୁ ଖେଳିବାକୁ ସମର୍ଥ ହୋଇଥିଲେ।

ସାଦ୍ ବିନ୍ ଜାଫରଙ୍କ ଜନ୍ମ ପାକିସ୍ତାନର ପଞ୍ଜାବ ରାଜ୍ୟ ଅନ୍ତର୍ଗତ ଗୁଜରନୱାଲାରେ। ଅନ୍ୟମାନଙ୍କ ଭଳି ଏହି ୩୭ ବର୍ଷୀୟ ଅଧିନାୟକ କର୍ମସଂସ୍ଥାନ ଅନ୍ୱେଷଣରେ ଆସି କାନାଡାରେ ବସବାସ କରିବା ପରେ କ୍ରିକେଟ ଖେଳିଥିଲେ। ଏବେ ସେ ଦଳର ନେତୃତ୍ୱ ନେଉଛନ୍ତି। ସେ ଓ ଗୁଏନା ଜନ୍ମିତ ୩୭ ବର୍ଷୀୟ ଫାଷ୍ଟ ବୋଲର ଜେରେମି ଗର୍ଡନ ଦଳର ବୟୋଜ୍ୟେଷ୍ଠ ଖେଳାଳି। ଏବେ ଏମାନଙ୍କ ସ୍ଥାନ ପୂରଣ କରିବାକୁ ଅନେକ ଯୁବ ଖେଳାଳି ବାହାରିଲେଣି। କ୍ରିକେଟକୁ ପେସା କରିବା ପରେ କାନାଡା ଅଧିକ ସଫଳତା ପାଇବ ବୋଲି ଆଶା କରାଯାଉଛି।

ଫିଫା ବିଶ୍ୱକପ୍ କ୍ୱାଲିଫାୟର

## କତାରଠୁ ହାରି ବାଦ୍ ପଡ଼ିଲା ଭାରତ

ଦୋହା,୧୧।୬(ଏଜେନ୍ସି): ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ଗ୍ରୁପ୍ ଏ'ରେ ତା'ର ଅନ୍ତିମ ମୁକାବିଲାରେ ଘରୋଇ କତାରଠାରୁ ୧-୨ ଗୋଲରେ ପରାସ୍ତ ହୋଇଛି। ଏହି ପରାଜୟ ଭାରତ ପାଇଁ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛି। ଭାରତ ପରବର୍ତ୍ତୀ ପର୍ଯ୍ୟାୟକୁ ଉଠିବାରେ ବିଫଳ ହୋଇଛି ଓ ଯୋଗ୍ୟତା ପର୍ଯ୍ୟାୟରୁ ବାଦ୍ ପଡିଛି। ଗ୍ରୁପ୍ ଏ'ରେ ଭାରତ ୬ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ୨ ଡ୍ର ଓ ୩ ପରାଜୟ ସହ ୫ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହି ସୁଯୋଗ ହାତଛଡ଼ା କରିଛି। ଅନ୍ୟପଟେ କତାର ପ୍ରଥମ ଓ କୁଏତ୍ ଦ୍ୱିତୀୟ ସ୍ଥାନରେ ରହି ଯୋଗ୍ୟତା ପର୍ଯ୍ୟାୟର ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି।

କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଲାଲିଆନଜୁଆଲା ଚାଙ୍ଗଟେ ୩୭ ମିନିଟ୍‌ରେ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। କିନ୍ତୁ ଭାରତର ଏହି ଅଗ୍ରଣୀ ବେଶି ସମୟ ତିଷ୍ଠି ନଥିଲା। ୭୩ତମ ମିନିଟ୍‌ରେ କତାର ୟୁସେଫ ଏମେନ ଗୋଲ ଦେଇ ମ୍ୟାଚ୍‌କୁ ୧-୧ ଗୋଲ ବରାବର ସ୍ଥିତିକୁ ଆଣିଥିଲେ। ଏହାପରେ ୮୫ତମ ମିନିଟ୍‌ରେ ଅହମ୍ମଦ ଅଲ- ରାୱି ଗୋଲ ଦେଇ ଘରୋଇ ଦଳକୁ ଅଗ୍ରଣୀ କରାଇଥିଲେ। ଭାରତ ଗୋଲ ପରିଶୋଧ କରିବାକୁ ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇ ନଥିଲା। ଶେଷରେ କାତାର ବିଜୟୀ ହୋଇଥିଲା। କାତାର ମୋଟ ଉପରେ ୬ଟି ମ୍ୟାଚ୍ ଖେଳି ୫ ବିଜୟ ଓ ଗୋଟିଏ ଡ୍ର ସହ ଅପରାଜେୟ ରହି ୧୬ ପଏଣ୍ଟ ପାଇ ଶୀର୍ଷରେ ରହିଛି। ସବୁ ବିଭାଗରେ କତାର ପ୍ରଭାବ ବିସ୍ତାର କରି ଖେଳିଥିଲା। ଅବଶ୍ୟ ମ୍ୟାଚ୍‌ର ଅଧାରୁ ଉର୍ଦ୍ଧ୍ୱ ସମୟ ଭାରତର ନିୟନ୍ତ୍ରଣରେ ରହିଥିଲା। ରକ୍ଷଣଭାଗରେ ତ୍ରୁଟି କାରଣରୁ ଭାରତ ମ୍ୟାଚ୍ ହାତଛଡ଼ା କରିଥିଲା। ମଙ୍ଗଳବାର ଖେଳାଯାଇଥିବା ଅନ୍ୟଏକ ମ୍ୟାଚ୍‌ରେ କୁଏତ୍ ୧-୦ ଗୋଲରେ ଆଫଗାନିସ୍ତାନକୁ ପରାସ୍ତ କରି ଦ୍ୱିତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

# ଦ୍ୱିତୀୟ ଦିନରେ ମନ୍ନତା, ସୃଷ୍ଟିଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୧।୬ (ସମିସ)

ଓଡ଼ିଶା ଜାତୀୟ ର୍‌ୟାଙ୍କିଙ୍ଗ୍ ସନ୍ତରଣ ଚାମ୍ପିଅନସିପ୍

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ଚାଲିଥିବା ଦ୍ୱିତୀୟ ଓଡ଼ିଶା ଜାତୀୟ ର୍‌ୟାଙ୍କିଙ୍ଗ୍ ସନ୍ତରଣ ଚାମ୍ପିଅନସିପ୍‌ର ୨ୟ ଦିବସ ଖେଳ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଓଡ଼ିଶା ସନ୍ତରଣକାରୀ ମୋଟ୍ ୬ଟି ପଦକ ବିଜୟୀ ହୋଇଛନ୍ତି। ଏଥିରେ ଦୁଇଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ପଦକ ରହିଛି। ସ୍ୱର୍ଣ୍ଣ ପଦକ ଜିତିଥିବା ଦୁଇ ସନ୍ତରଣକାରୀ ହେଲେ ମନ୍ନତା ମିଶ୍ର ଓ ସୃଷ୍ଟି ଉପାଧ୍ୟାୟ।

ମହିଳା ୧୦୦ ମିଟର ବ୍ରେଷ୍ଟ ଷ୍ଟୋକ୍‌ରେ ମନ୍ନତା ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହି ଦୂରତାକୁ ସେ ଏକ ମିନିଟ୍ ୧୪.୫ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ଏହି ବିଭାଗରେ ଦିବ୍ୟାଙ୍କା ପ୍ରଧାନ (୧ ମିନିଟ୍ ୧୬.୧ ସେକେଣ୍ଡ) ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲେ। ସେହିଭଳି ମହିଳା ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟକୁ ଏକ ମିନିଟ୍ ୦୩.୪ ସେକେଣ୍ଡରେ ଶେଷ କରି ସୃଷ୍ଟି ସ୍ୱର୍ଣ୍ଣ ପଦକ ହାତେଇ ନେଇଥିଲେ। ଏହା ତାଙ୍କର ୨ୟ ସ୍ୱର୍ଣ୍ଣ ପଦକ ଥିଲା। ପୂର୍ବରୁ ସେ ପ୍ରଥମ ଦିବସରେ ୨୦୦ ମିଟର ବଟରଫ୍ଲାଏରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ୧୦୦ ମିଟର ବଟରଫ୍ଲାଏରେ ଦିବ୍ୟାଙ୍କା କାଂସ୍ୟ ପଦକ ସହ ଦିବସରେ ୨ୟ ପଦକ ଜିତିଥିଲେ। ଅପରପକ୍ଷରେ ମହିଳା ଓ ପୁରୁଷ ୧୦୦ ମିଟର ଫ୍ରି-ଷ୍ଟାଇଲରେ ସୋନିଆ ପଟେଲ ଓ ଅଭିନବ ସିଂ ୩ୟ ସ୍ଥାନରେ ରହି କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA